
# ଉତ୍କଳ ପ୍ରସଙ୍ଗ



Vol. XLVII No. 2 UTKAL PRASANGA Regd. No. 0-05 /90
Licence No. C.R.N.P. 5-Licensed to post without Pre-payment





Printed at Orissa Govt. Press, Cuttack-753010



ଗଣକବି ବୈଷ୍ଣବ ପାଣିଙ୍କ ଜନ୍ମ ବାର୍ଷିକୀ ଉତ୍ସବରେ ସୂଚନା ଓ
ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ଶରତ କୁମାର କରଙ୍କ,
ଶ୍ରଦ୍ଧାଞ୍ଜଳି ।

# ଉତ୍କଳ ପ୍ରସଙ୍ଗ

ଆଶ୍ୱିନ ୧୯୧୨ ଶକାବ୍ଦ ୪୭ ଭାଗ ୩ୟ ସଂଖ୍ୟା ଅକ୍ଟୋବର ୧୯୯୦

## ସମ୍ପାଦନା ମଣ୍ଡଳୀ

ନିର୍ଦ୍ଦେଶକ : ଶ୍ରୀ ତ୍ରୈଲୋକ୍ୟନାଥ ମହାପାତ୍ର

ସମ୍ପାଦକ : ଶ୍ରୀ ବିଶ୍ୱଜିତ୍ ଦାସ

ସହ ସମ୍ପାଦକ : ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସମ୍ପାଦନା ସହଯୋଗୀ : ଶ୍ରୀ ଶରତଚନ୍ଦ୍ର ସାମନ୍ତରାୟ

**ମୁଖ୍ୟ ସମ୍ପାଦକ : ଶ୍ରୀ ସତୀଶ ପାତ୍ର**

ପ୍ରଚ୍ଛଦପଟ୍ଟ : ଶ୍ରୀ ସୁଶୀଲ୍ ପୁହାଣ

ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର ।

ବାର୍ଷିକ ଦେୟ : ଟ ୨୦.୦୦
ପ୍ରତି ଖଣ୍ଡ : ଟ ୨.୦୦

ମୁଦ୍ରଣ : ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

(ଫଟୋଟାଇପ୍‌ସେଟର୍ ଦ୍ୱାରା ଅକ୍ଷର ସଂଯୋଜିତ)


ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

"ଉତ୍କଳ ପ୍ରସଙ୍ଗ" ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

# ସୂଚୀ


| | | |
|---|---|---|
| ପୃଥିବୀ ବଞ୍ଚାଅ | ୧ | ଦେବଦତ୍ତ ମିଶ୍ର |
| ପ୍ରଦୂଷଣର ମନସ୍ତାତ୍ତ୍ୱିକ ଦିଗ | ୩ | ଡକ୍ଟର ଚିନ୍ତାମଣି ମିଶ୍ର |
| ଶିଶୁ ରୋଗ ଓ ଆୟୁର୍ବେଦ ଚିକିତ୍ସା | ୬ | ଶ୍ରୀ ଦୀନବନ୍ଧୁ ମହାରଣା |
| ପ୍ରଦୂଷଣ ନିୟନ୍ତ୍ରଣରେ ବୃକ୍ଷ | ୧୧ | ଅଧ୍ୟାପକ ପ୍ରଫୁଲ୍ଲ କୁମାର ମହାନ୍ତି |
| ଶ୍ରୀ ଗୀତ ଗୋବିନ୍ଦ | ୧୩ | ପ୍ରହରାଜ ସତ୍ୟନାରାୟଣ ନନ୍ଦ |
| ପ୍ରାକୃତିକ ପରିବେଶ ଓ ସର୍ଣ୍ଣକାରର କବି ଚିତ୍ତ | ୧୫ | ଅଧ୍ୟାପକ ଡକ୍ଟର ଶରତ ଚନ୍ଦ୍ର ରଥ |
| ଝିଅ କ'ଣ ସତରେ ଅଲୋଡ଼ା ? | ୧୮ | ଶ୍ରୀମତୀ ଜ୍ୟୋତ୍ସ୍ନା ଡାଲୀ |
| ପଲ୍ଲି ପରିବେଶ ପରିପ୍ରେକ୍ଷୀରେ ଗୃହ ବଧୂ | ୨୦ | ଶ୍ରୀମତୀ ଅନ୍ନପୂର୍ଣ୍ଣା ପ୍ରଧାନ |
| ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ନାରୀ | ୨୪ | ଡକ୍ଟର ନିହାର ରଞ୍ଜନ ପଟ୍ଟନାୟକ |
| ପରିବାର ଓ ପରିବେଶର ସମୃଦ୍ଧି ପାଇଁ ଜନଶିକ୍ଷା | ୨୬ | ଡଃ ଧ୍ରୁବ ଚରଣ ମିଶ୍ର |
| ଗର୍ଭଧାରିଣୀର ଯତ୍ନ | ୨୯ | କୁମାରୀ ମିନତି ନାୟକ |
| ପ୍ରେମ୍‌ଚନ୍ଦଙ୍କ ରଚନାରେ ପରିବେଶର ପ୍ରସଙ୍ଗ | ୩୨ | ଡକ୍ଟର ଦେବରାଜ ପଣ୍ଡା |
| ଅଲିଭା ଏ ସାତ୍ତ୍ୱିକ ସଳିତା | ୩୪ | ବ୍ରଜମୋହନ ସାମନ୍ତରାୟ |
| ଦାରିଦ୍ର୍ୟ ଦୂରୀକରଣ ଦିଗରେ ଅଗ୍ରଗତି | ୩୮ | ଶ୍ରୀ ଚଣ୍ଡୀ ଚରଣ ରାଉତରାୟ |
| ଦିନେ ଦିନେ | ୪୦ | ମମତା ଦାଶ |
| ଅପରାଧୀର ସାମାଜିକ ଥଇଥାନ | ୪୨ | ଭି. ଏ. ନରସିଂହମ୍<br>ଅନୁବାଦ—ଶ୍ରୀ ଗିରିଜା ଶଙ୍କର ଦାଶ |
| ପରିବେଶର ସୁରକ୍ଷା | ୪୫ | କୁମାରୀ ଶୁଭଲକ୍ଷ୍ମୀ ମହାନ୍ତି |
| ସାର୍ଥକ ସ୍ୱପ୍ନ | ୪୯ | |
| ସମ୍ବାଦ ପରିକ୍ରମା | ୫୩ | |
| ଗଣତନ୍ତ୍ର ଜୀବନ ଯାପନର ରୁଚିକର ମାର୍ଗ | ୬୪ | ଦେବକାନ୍ତ ମିଶ୍ର |
| ନବାନ୍ନର ଅନ୍ତରୀଣ ତାତ୍ପର୍ଯ୍ୟ | ୬୬ | କାଶୀନାଥ ପ୍ରଧାନ |

# ସମ୍ପାଦକୀୟ

## ॥ ପରିବେଶ ସୁରକ୍ଷା ॥

ପରିବେଶ ଜୀବନର ବହୁ ବିଭାବକୁ ପ୍ରଭାବିତ କରିଥାଏ । ସମ୍ପ୍ରତି ପରିବେଶ ସୁରକ୍ଷା ସଂସ୍କୃତି, ସଂହତି ଓ ସୁସ୍ୱାସ୍ଥ୍ୟ ନିମନ୍ତେ ଏକ ଅପରିହାର୍ଯ୍ୟ ଗଣ ଆନ୍ଦୋଳନ ରୂପେ ଜାତୀୟ କାର୍ଯ୍ୟ ସୂଚୀରେ ବିଶେଷ ଗୁରୁତ୍ୱ ଲାଭ କରିଛି । ଆମ ଦେଶରେ ଏହା ଏକ ଐତିହ୍ୟପୂର୍ଣ୍ଣ ଆନ୍ଦୋଳନ । ଏହାର ଚେର ହରପ୍ପା, ମହେଞ୍ଜୋଦାରୋରେ ଯେମିତି ଉତ୍କୀର୍ଣ୍ଣ, ଭବିଷ୍ୟ ସମ୍ଭାବନା ମହାକାଶ ଆଡ଼କୁ ସେହିପରି ବିସ୍ତାରିତ । ଆଜିର ମଣିଷ ସୁନ୍ଦର ଓ ସୁନିୟନ୍ତ୍ରିତ ପଦ୍ଧତିରେ ପ୍ରଦୂଷଣମୁକ୍ତ ପରିବେଶ ପାଇଁ ପ୍ରୟାସ କରୁଚି । ତା'ର ଲକ୍ଷ୍ୟ ଅରଣ୍ୟ, ନଦୀ, ସମୁଦ୍ର, ପ୍ରଦେଶ, ଦେଶ, ମହାଦେଶ ମଧ୍ୟରେ ସୀମିତ ନୁହେଁ । ସୁଦୂର ଗ୍ରହ, ଉପଗ୍ରହର ଗୁରୁତ୍ୱପୂର୍ଣ୍ଣ ଜୀବନ ଛନ୍ଦ ସହିତ ନିଜକୁ ସମ୍ପର୍କିତ କରିବାର ଅନନ୍ୟ ଅଙ୍ଗୀକାର ତା' ହୃଦୟରେ ଉତ୍କୀର୍ଣ୍ଣ ।

ସବୁ ପରିବର୍ତ୍ତନ କ୍ରାନ୍ତିକାରୀ ଏବଂ କ୍ରମିକ । ଗୋଟିଏ ଦିନରେ ରୋମ୍ ନିର୍ମିତ ହୁଏ ନାହିଁ । ଗୋଟିଏ ଦିନରେ ଗ୍ରାମ ନିର୍ମଳ ହୁଏ ନାହିଁ । କାର୍ଖାନାର ବିଷ ବାଷ୍ପ, ରାସାୟନିକ ପ୍ରଦୂଷଣ ନିୟନ୍ତ୍ରଣାଧୀନ ହୁଏ ନାହିଁ । ଠେକୁଆ ଦେହରେ ପରୀକ୍ଷିତ ହେବା ଔଷଧ ଏକାବେଳେକେ ମହୌଷଧିର ମହାର୍ଘ ସ୍ୱୀକୃତି ପାଏ ନାହିଁ କିମ୍ବା ପ୍ରତିଷେଧକ ରୂପେ ବ୍ୟବହୃତ ହୁଏ ନାହିଁ ।

ପରିବେଶକୁ ପ୍ରଦୂଷଣମୁକ୍ତ ରଖିବାକୁ ହେଲେ ଦୋଷାନୁଶୀଳନ ଅପରିହାର୍ଯ୍ୟ । ମନ ମଧ୍ୟରେ ଅନୁକୂଳ/ପ୍ରତିକୂଳର ବର୍ଗୀକରଣ ସ୍ୱଚ୍ଛ ନିତ୍ୟନିର୍ମଳ ବିଭାବ ଅନ୍ୱେଷଣ ପାଇଁ ପ୍ରେରଣା ସୃଷ୍ଟି କରେ । ସର୍ଜନାତ୍ମକ ପ୍ରୟାସ ସର୍ବଦା ଆଉରି ସୁନ୍ଦର, ଆଉରି ସଂସ୍କୃତିଶୀଳ, ଆଉରି ସ୍ୱାସ୍ଥ୍ୟକର ପଦକ୍ଷେପକୁ ସ୍ୱାଗତ କରେ । ମାନବ ସଭ୍ୟତାର ବିକାଶ ଧାରା ପରିବେଶ ସହିତ ଅନ୍ତରଙ୍ଗତା ରକ୍ଷା କରି ଜାତୀୟ ଲକ୍ଷ୍ୟ ସାଧନ ଓ ମଣିଷର ସାମୂହିକ କଲ୍ୟାଣ ପାଇଁ ଐତିହ୍ୟ ସୃଷ୍ଟି କରିଛି । ତେଣୁ ପରିବେଶକୁ ବିଜ୍ଞାନସମ୍ମତ ଭାବେ ପ୍ରଦୂଷଣମୁକ୍ତ କରିବାର ଅର୍ଥ ବିଜ୍ଞାନଲବ୍ଧ ଜ୍ଞାନକୁ ଜୀବନରେ ପ୍ରଯୁକ୍ତ କରିବା ।

# ।। ବିପୁଳା ଚ ପୃଥ୍ୱୀ ।।

ଶରୀରଚର୍ଯ୍ୟା ପାଇଁ ତ୍ୱକ୍‌ର ଯତ୍ନ ଯେମିତି ଆବଶ୍ୟକ ସମୁଦ୍ରବସନା ପୃଥିବୀର ସୁଶ୍ରୀ ସମ୍ପାଦନ ପାଇଁ ଭୂ-ତ୍ୱକ୍‌ର ଯତ୍ନ ଅନୁରୂପ ଭାବେ ଦରକାର । ପ୍ରାଚୀନ କବିମାନେ ପର୍ବତକୁ ମାତୃମୂର୍ତ୍ତିର ସ୍ତନମଣ୍ଡଳ ସହିତ ନଦୀ-ନିର୍ଝରକୁ କ୍ଷୀରସ୍ରାବୀ ଧାରା ସହିତ ତୁଳନା କରିଛନ୍ତି । ଏ ସବୁ ସ୍ଥଳରେ ପ୍ରକୃତିକୁ ସୌନ୍ଦର୍ଯ୍ୟ ଶୋଭିତ କରୁଥିଲେ ମଧ୍ୟ ସୂକ୍ଷ୍ମ ଚେତନାରେ ରମ୍ୟ ଆବେଗ ସୃଷ୍ଟି କରେ । 'ରମ୍ୟାଣି ବୀକ୍ଷ୍ୟ', 'ମଧୁରିବ ବନସ୍ପତି' ଆମକୁ ସହଜରେ ପରିବେଶ ସଚେତନ କରିଥାଏ ।

ତେଣୁ ପରିବେଶ କେତେକାଂଶରେ ପ୍ରକୃତି ସୃଷ୍ଟ, କେତେକାଂଶରେ ମଣିଷର ରହ ହାତେ ଯତ୍ନ ଗୁହେଁ । **Human on my faithless arm** ଯଦି ପ୍ରତ୍ୟେକର ସୁନାପୁଟରେ ସୁନ୍ଦର କରି ଗଢ଼ିବା ମଣିଷର ଆଜୀବନ କର୍ତ୍ତବ୍ୟ ।

ଏସ୍କିମୋର ବରଫ ଘର, ବର୍ମାର କାଠଘର, ତିବ୍ବତର ଧ୍ୟାନ ମନ୍ଦିର, 'ସତ୍ୟ ଦ୍ୱୀପ'ର ନଉଳୁପୀ ପ୍ରାସାଦ, ଗୌତିଆର ପୁରବନ୍ଦୀ ନିବାସ, ଗଙ୍ଗା କୂଳର କୃଷକ ବସ୍ତି, କାଠଯୋଡ଼ି କୂଳର ଶ୍ରମିକ କଲୋନୀ ଏବା ନୁହେଁ । କିନ୍ତୁ ଯତ୍ନ ନିଅନ୍ତି ପ୍ରତ୍ୟେକ ସୁସ୍ଥ ସୁନ୍ଦର ପରିବେଶ ରଖିବା ପାଇଁ ଘର ଭିତରେ ଓ ବାହାରେ ।

ପରିବେଶ ବିଜ୍ଞାନ ଅତ୍ୟାଧୁନିକ ଏବଂ ବାୟୋଗ୍ୟାସ୍, ଉନ୍ନତ ଚୁଲ୍ଲୀ, ସୌର ଶକ୍ତି ସମ୍ପ୍ରସାରଣ, ସୌର ଆଲୋକ ପଦ୍ଧତି, ଅକ୍ଷୟ ଶକ୍ତି ବିକାଶ, ଉଦ୍ଭିଦ ଓ ପ୍ରାଣୀ ସର୍ବେକ୍ଷଣ, କାରୀଗରୀ ପ୍ରଯୁକ୍ତିଗତ ଆବର୍ଜନାର ପୁନଃବ୍ୟବହାର, ପ୍ରଦୂଷଣ ନିରୂପଣ ଓ ପରିଚାଳନା, ପ୍ଲାବନଭୂମି ଗଠନ ଓ ପରିବର୍ତ୍ତନ, ଜଙ୍ଗଲ ସୁରକ୍ଷା, ସୁନ୍ଦର ନଗର ମୁଣ୍ଡିଆ ଅଞ୍ଚଳର ଖନନ, ଲୁଣା ଜଙ୍ଗଲର ପ୍ରସାର, ହେନ୍ତାଳ ବନ ସୃଷ୍ଟି, ବିହଙ୍ଗ ବିହାରର ବିକାଶ, ଘର ଭିତର ଓ ବାହାରର ବିକାଶ ନିମନ୍ତେ ଉଦ୍ଦିଷ୍ଟ ।

ତେଣୁ ଅଳ୍ପରେ କହିଲେ, ପରିବେଶ ବିକାଶର ଅନ୍ୟତମ ମାପକାଠି । ଜୀବନ ଗ୍ରାଫ୍ କାଗଜର ଏକ ଛୋଟ ବିନ୍ଦୁ ନୁହେଁ । ସତ୍ତା ତା'ର ସ୍ଥାନ, କାଳ ମଧ୍ୟରେ ନୁହେଁ । ତେଣୁ 'ରମ୍ୟାଣି ବୀକ୍ଷ୍ୟ' ଉତ୍କର୍ଷ ଧାରଣା ପ୍ରସ୍ତୁତିର ଅବ୍ୟାହତ ପ୍ରୟାସ । ରମ୍ୟତର ହେଉ ଆମର ପରିବେଶ, ରମ୍ୟତର ହେଉ ଉନ୍ନତ ପରିବେଶ ସୃଷ୍ଟିର ପ୍ରୟାସ ପ୍ରଗତିକୁ ଅଧିକ ଅର୍ଥପୂର୍ଣ୍ଣ କରିବା ପାଇଁ ।

ପ୍ରହରାଜ ସତ୍ୟନାରାୟଣ ନନ୍ଦ

# ପୃଥିବୀ ବଞ୍ଚାଅ

ଦେବଦତ୍ତ ମିଶ୍ର

ପରିବେଶ ପ୍ରଦୂଷଣ ଯୋଗୁଁ ପୃଥିବୀର ରୂପ ଲାବଣ୍ୟ ବିକୃତ ହେଉଛି । ଜୀବମଣ୍ଡଳରେ ମନୁଷ୍ୟ ତଥା ଇତର ଜୀବ ଜଗତର ଅସ୍ତିତ୍ୱ ବିପର୍ଯ୍ୟୟର ସମ୍ମୁଖୀନ । ବିଳମ୍ବରେ ହେଲେ ମଧ୍ୟ ବିଚାରବୋଧସମ୍ପନ୍ନ ମନୁଷ୍ୟ ପର୍ଯ୍ୟାପ୍ତ ଅନୁସନ୍ଧାନ ତଥା ଗବେଷଣା ଅବଲୋକନରେ ଏହି ସମସ୍ୟାର ପ୍ରତିକାର ଦିଗରେ ବିହିତ ପଦକ୍ଷେପ ଗ୍ରହଣ ପାଇଁ ଯତ୍ନବାନ ହୋଇଅଛି । ସମଗ୍ର ବିଶ୍ୱରେ ଭୌଗୋଳିକ ସୀମାରେଖା, ଭାଷା, ଜାତି, ବର୍ଣ୍ଣ ଇତ୍ୟାଦି ନେଇ ବିଦ୍ରୋହର ସୂତ୍ରପାତ ହେଉଛି । ତେବେ ପରିବେଶ ପ୍ରଦୂଷଣଜନିତ ସମସ୍ୟା ଏପରି ଉତ୍କଟ ଆକାର ଧାରଣ କଲାଣି ଯେ ସାରା ବିଶ୍ୱର ଜନସାଧାରଣ ତ୍ରାହି ତ୍ରାହି ଡାକ ଛାଡ଼ିଲେଣି । ସାରା ବିଶ୍ୱରେ ଏକ ସମୟରେ କିଛିଦିନ ପାଇଁ ଶୃଙ୍ଖଳ୍ୟ ସୃଷ୍ଟି କରିଥିଲା 'ସ୍କାଇଲାବ୍' । ତାହାପରେ ହଠାତ୍ ଏକ ଅନ୍ତର୍ଜାତୀୟ ଶୃଙ୍ଖଳ୍ୟ ସୃଷ୍ଟି କଲା 'ଏଡ୍ସ୍' ପରି ମହା ଯୌନ ବ୍ୟାଧି ଯେଉଁଥିରେ ମୃତ୍ୟୁ ଅନିବାର୍ଯ୍ୟ । ତେବେ ଅଧୁନା ବିଶ୍ୱରେ ସର୍ବତ୍ର ତଥା ଗ୍ରାହିକ ସ୍ତରରେ ଉନ୍ନତ ଟେକ୍ନୋଲୋଜି ତଥା ବିଜ୍ଞାନର ପ୍ରୟୋଗ ଦ୍ୱାରା ମନୁଷ୍ୟକୃତ ପରିବେଶର ପ୍ରଦୂଷଣ ଜନସାଧାରଣଙ୍କ ମଧ୍ୟରେ ଏକ ଗଣଚେତନା ସୃଷ୍ଟି କରିଛି । ବାୟୁ, ଜଳ, ମୃତ୍ତିକା ପ୍ରଦୂଷିତ । ତେଣୁ ସାରା ବିଶ୍ୱର ଜନସାଧାରଣ ହାତକୁ ହାତ ମିଳାଇ ଡାକରା ଦେଲେଣି 'ପୃଥିବୀ ବଞ୍ଚାଅ' । ସାରା ଜଗତରେ 'ମା ଧରିତ୍ରୀ ଦିବସ' ମାର୍ଚ୍ଚ ମାସରେ ପାଳନ କରାଯାଇଥିଲା । ପ୍ରତ୍ୟେକ ବର୍ଷ ଏପ୍ରିଲ୍ ୭ ତାରିଖରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଏ ଓ ପ୍ରତ୍ୟେକ ବର୍ଷ ଏହି ଦିବସ ପାଇଁ ଏକ ସ୍ଲୋଗାନ ଉଦ୍ଦିଷ୍ଟ ଥାଏ । ଚଳିତ ବର୍ଷ ଏହି ସ୍ଲୋଗାନଟି ଥିଲା, "OUR PLANET — OUR HEALTH" (THINK GLOBALY-ACT LOCALLY) – ଏହି ଦିବସ ଉପଲକ୍ଷେ ମୁଦ୍ରିତ ପୁସ୍ତିକାରେ ପରିବେଶ ପ୍ରଦୂଷଣ ସମ୍ବନ୍ଧରେ ଜନସାଧାରଣଙ୍କୁ ଅବଗତ କରାଇ "ପରିବେଶୀୟ ଚେତନା ଓ ଗ୍ରାହିକ ମାନବିକତା" (ECOLOGICAL CONSCIOUSNESS AND PLANETARY HUMANISM) ସମ୍ବନ୍ଧରେ ସ୍ୱାସ୍ଥ୍ୟ ଶିକ୍ଷାର ପ୍ରସାର ପାଇଁ ଡାକରା ଦିଆଯାଇଥିଲା । ପରିବେଶ ପ୍ରଦୂଷଣରୁ ପୃଥିବୀକୁ ରକ୍ଷା କରିବାକୁ ଓ ପରିବେଶ ପ୍ରଦୂଷଣଜନିତ କ୍ଷୟକ୍ଷତି ବହୁ ଗଣମାଧ୍ୟମ ଜରିଆରେ ଚର୍ଚ୍ଚିତ ହେଉଛି । ଏହା ଏ ଯୁଗରେ ଏକ ନୂଆ ପ୍ରସଙ୍ଗ ପରି ମନେ ହୁଏ । ପରିବେଶର ସୁରକ୍ଷା ଆମ ଦେଶର ଏକ ପ୍ରାଚୀନ ସଂସ୍କୃତି । ପୃଥିବୀର ବିଭିନ୍ନ ଦେଶରେ ବିଭିନ୍ନ ଭାଷାରେ ବୈଜ୍ଞାନିକ ସନ୍ଦର୍ଭ ଜରିଆରେ ପରିବେଶ ପ୍ରଦୂଷଣର ପ୍ରତିକାର ସମ୍ବନ୍ଧରେ ପୁସ୍ତକ ତଥା ଗ୍ରନ୍ଥ ରଚନା କରାଯାଇଛି । ତେବେ ଏହି ପୁସ୍ତକର ମୁଖବନ୍ଧ ପାଠ କଲେ ଏଇ ଭାରତର ପୂର୍ବ ସୂରୀ ତଥା ମନୀଷୀମାନଙ୍କ ପ୍ରତି ନତ ମସ୍ତକ ହେବାକୁ ପଡ଼େ । ଯେଉଁଥିରେ ପ୍ରାଚୀନ କାଳରେ, ଆଶ୍ରମମାନଙ୍କରେ ମୁନି ଋଷିଗଣ ପାରିପାର୍ଶ୍ୱିକ ପରିବେଶର ସୁରକ୍ଷା ସମ୍ବନ୍ଧରେ ଯତ୍ନ ନେବାର ଉଲ୍ଲେଖ କରାଯାଇଛି । ପ୍ରାଚୀନ କାଳରେ ପ୍ରତିଷ୍ଠିତ ଆଶ୍ରମମାନଙ୍କରେ ଛାତ୍ରଛାତ୍ରୀମାନେ ଗୁରୁମାନଙ୍କ ଗହଣରେ ବାସ କରୁଥିଲେ । ଉଦ୍ୟାନରେ ବୃକ୍ଷମାନଙ୍କୁ ଜଳ ଦେଇ ବଢ଼ାଇବା, ମୃତ୍ତିକା ଜଳସିକ୍ତ କରିବା, ଫଳ ପୁଷ୍ପ ଉଦ୍ୟାନର ଶୋଭାବର୍ଦ୍ଧନ କରିବା, ବ୍ୟାଘ୍ର, ହରିଣ ପ୍ରଭୃତି ଜନ୍ତୁ ତଥା ପଶୁ ପକ୍ଷୀଙ୍କୁ କେବେକେବେ ଜଳ ଓ ଖାଦ୍ୟ ଦାନ କରି ବନ୍ଧୁତ୍ୱ ସ୍ଥାପନ କରିବା ଥିଲା ମନୁଷ୍ୟର ଜୀବନାଭିମୁଖ୍ୟ । ଶିକାରୀ ଦ୍ୱାରା ଶରବିଦ୍ଧ ହୋଇ ବିହଙ୍ଗର ଅକସ୍ମାତ୍ ମୃତ୍ୟୁ ଘଟିବାର ମର୍ମନ୍ତୁଦ ଦୃଶ୍ୟ ବିରହ ଜର୍ଜରିତ ବିହଙ୍ଗୀକୁ ଦିନେ ଶୋକାଭିଭୂତ କରିଥିଲା । ସେହି ହୃଦୟ ବିଦାରକ ଦୃଶ୍ୟ ରାମାୟଣ ଭଳି ମହାକାବ୍ୟ ସୃଷ୍ଟି କରିବା ପାଇଁ ମହାକବି ବାଲ୍ମିକୀଙ୍କୁ ନିଜ ସୃଜନଶୀଳ ପ୍ରତିଭାର ବିଚକ୍ଷଣ ଉପଯୋଗ କରିବା ପାଇଁ ପ୍ରେରଣା ଯୋଗାଇଥିଲା । ବାଲ୍ମିକୀଙ୍କ ଆଶ୍ରମରେ ସୀତା ଥିବାବେଳେ ବାଲ୍ମିକୀ ସନ୍ତାନଙ୍କୁ ସ୍ତନ ଦ୍ୱାରା ବଞ୍ଚାଇବା ପୂର୍ବରୁ ନିଜର ଶକ୍ତି ମୁତାବକ କଳସୀ ଜଳ ଦ୍ୱାରା ବୃକ୍ଷ ବଞ୍ଚାଇବା ପୂର୍ବରୁ ... ଉପଦେଶ ଦେଇଥିଲେ । କେବଳ ନିଆଁରେ ଘର ବଞ୍ଚାଇବାକୁ ଉପଦେଶ ଦେଇଥିଲେ । କେବଳ ନିଆଁରେ ଶିକାର ଘଉଡ଼ାଇବା ପାଇଁ ଜଙ୍ଗଲ ପୋଡ଼ିବା ଛଡ଼ା ସେ କାଳରେ ଲୋକେ ପରିବେଶ ପ୍ରଦୂଷଣ ସମ୍ବନ୍ଧରେ କିଛି ଧାରଣା କରିପାରି ନଥିଲେ । ପରିବେଶ ସମ୍ବନ୍ଧରେ ସଚେତନ ହେବାକୁ ହେଲେ

ମନୁଷ୍ୟକୁ ସୌନ୍ଦର୍ଯ୍ୟ ଅନୁରାଗୀ ହେବାକୁ ପଡ଼ିବ । ପ୍ରକୃତିକୁ ସେ ନିରୀକ୍ଷଣ କରିବ । କାଳିଦାସ ତାଙ୍କ 'କୁମାର ସମ୍ଭବ'ର ପ୍ରଥମ ଧାଡ଼ିରେ ହିମାଳୟ ପର୍ବତକୁ 'ଦେବାତ୍ମା ହିମାଳୟ' ବୋଲି ଉଲ୍ଲେଖ କରିଛନ୍ତି । ହିମାଳୟ ପର୍ବତରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଐଶ୍ୱର୍ଯ୍ୟ ଗଭୀର ଭାବରେ ଅନୁଧ୍ୟାନ କରି ସେ ମୋହିତ ହୋଇଛନ୍ତି । ପରିବେଶ ଓ ପ୍ରକୃତିକୁ ବର୍ଣ୍ଣନା କରି କାଳିଦାସ ଉପମା ଦେଇଥିଲେ । ତେଣୁ ତାଙ୍କୁ 'ଦୀପଶିଖା କାଳିଦାସ' ବୋଲି କୁହାଯାଏ । ବଣ ପାହାଡ଼, ନଦ ନଦୀ, ସମୁଦ୍ର, ଶସ୍ୟକ୍ଷେତ୍ର ଇତ୍ୟାଦିର ବର୍ଣ୍ଣନା କାଳିଦାସଙ୍କ ଭାଷା ଓ ଅଳଙ୍କାର ପ୍ରୟୋଗ ମାଧ୍ୟମରେ ସଜୀବ ହୋଇଛି । 'ରଘୁବଂଶ'ରେ ବର୍ଣ୍ଣନା ଅଛି :

"ଅମୁଂ ପୁରଃ ପଶ୍ୟସି ଦେବଦାରୁଂ
ପୁତ୍ରୀ କୃତୋଽସୌ ବୃଷଭ ଧ୍ୱଜେନ
ଯୋ ହେମକୁମ୍ଭ ସ୍ତନ – ନିସୃତାନାଂ
ସ୍କନ୍ଦସ୍ୟ ମାତୁଃ ପୟସାଂ ରସଜ୍ଞଃ ।"

ସିଂହ ସମ୍ମୁଖରେ ଥିବା ଏକ ଦେବଦାରୁ ବୃକ୍ଷକୁ ଦେଖାଇ ରାଜାଙ୍କୁ ତା ବିଷୟରେ କହିଲା "ହେ ରାଜା ! ଏହି ଯେଉଁ ଦେବଦାରୁ ବୃକ୍ଷଟିକୁ ଦେଖୁଛ ତାହାକୁ ବିଶ୍ୱପିତା ଶିବ ପୁତ୍ରଭଳି ଜ୍ଞାନ କରନ୍ତି । ନିଜେ ଜଗତଜନନୀ ପାର୍ବତୀ ସ୍ୱର୍ଣ୍ଣ ଘଟରେ ଜଳ ଆଣି ତାକୁ ପୁଷ୍ଟ କରିଛନ୍ତି । ବିଶ୍ୱ ପିତା ମାତାଙ୍କର ବୃକ୍ଷଟି ପ୍ରତି ଅପାର କରୁଣା କି ଅନନ୍ତ ସ୍ନେହ । କବି କାଳିଦାସ ଉପମା ପ୍ରୟୋଗ କରି ନିଜର ସ୍ୱଭାବ ସୁଲଭ ଭଙ୍ଗୀରେ କହିଛନ୍ତି, ସ୍କନ୍ଦ ବା କାର୍ତ୍ତିକେୟ ହେଉଛନ୍ତି ଏହି ବୃକ୍ଷଟିର ଅଗ୍ରଜ । ସେ ଯେପରି ପାର୍ବତୀଙ୍କର ବର୍ତ୍ତୁଳ ସ୍ତନ ଯୁଗଳର ଅମୃତ ତୁଲ୍ୟ ପୟଃ (ଦୁଗ୍ଧ) ଆସ୍ୱାଦନ କରି ବଢ଼ି ପାରିଛନ୍ତି, ଏ ବୃକ୍ଷଟି ମଧ୍ୟ ସେହିପରି ପାର୍ବତୀଙ୍କ ସ୍ତନଭଳି ସୁନ୍ଦର ସ୍ୱର୍ଣ୍ଣ ଘଟରୁ ଜଳପାନ କରି ବୃଦ୍ଧି ଲାଭ କରିଛି । ପାର୍ବତୀ ହେଉଛନ୍ତି ଶ୍ରେଷ୍ଠ ଚରିତ୍ର । ସେ ପରିବେଶର ତଥା ବୃକ୍ଷ ଓ ପଶୁମାନଙ୍କର ସୁରକ୍ଷା ପାଇଁ ମାତୃ ସଦୃଶା ଥିଲେ ।

ସମ୍ଭବତଃ ମଣିଷ ଜାତିର ଇତିହାସରେ ସମ୍ରାଟ ଅଶୋକ ହେଉଛନ୍ତି ପ୍ରଥମ ବ୍ୟକ୍ତି, ଯିଏ ପଶୁ ଚିକିତ୍ସା ପାଇଁ ବ୍ୟାପକ ଆନୁଷ୍ଠାନିକ ବ୍ୟବସ୍ଥା କାର୍ଯ୍ୟକାରୀ କରିଥିଲେ । ଦେଶରେ ପଶୁମାନଙ୍କ ପାଇଁ ଉପଯୁକ୍ତ ଭେଷଜ ଗୁଣ ସମ୍ପନ୍ନ ଉଦ୍ଭିଦ ମିଳୁ ନଥିଲେ ମଧ୍ୟ ସେ ବିଦେଶରୁ ଆମଦାନୀ କରୁଥିଲେ । ପରିବେଶ ସଚେତନଶୀଳତା ଓ ବୃକ୍ଷ, ମୃତ୍ତିକା ଓ ପଶୁପକ୍ଷୀଙ୍କର ସୁରକ୍ଷା, ଏହି ଗୌରବ ବହୁ ପରମ୍ପରାର ପୁନରାଭ୍ୟୁଦୟ ଘଟିଥିଲା ମୋଗଲ ସମ୍ରାଟମାନଙ୍କ ଶାସନ କାଳରେ । ଆକବର ମାଂସ ପାଇଁ ପଶୁପକ୍ଷୀ ପାଳନ କରିବାକୁ ପରାମର୍ଶ ଦେଇଥିଲେ । ବର୍ଷକ ମଧ୍ୟରେ କେବଳ ତିନି ମାସ ପାଇଁ ସେ ମାଂସ ଭକ୍ଷଣ କରୁଥିଲେ । ଅବଶିଷ୍ଟ ନଅ ମାସ ଋଷିମାନଙ୍କ ଭଳି ନିରାମିଷ ଖାଦ୍ୟ ଖାଉଥିଲେ । ବାବର ଓ ଜାହାଙ୍ଗୀର ଉଭୟ ପ୍ରକୃତି ଉପାସକ ଭାବରେ ସୁଖ୍ୟାତି ଅର୍ଜନ କରିଥିଲେ । ବାବର ତାଙ୍କର ସୁପ୍ରସିଦ୍ଧ ଆତ୍ମଜୀବନୀରେ ପାରାମାନଙ୍କୁ ସେମାନଙ୍କ ପ୍ରକୃତି ଅନୁଯାୟୀ ପାଞ୍ଚ ଭାଗରେ ବିଭକ୍ତ କରିଥିଲେ । ବିଜ୍ଞାନସମ୍ମତ ମାର୍ଗରେ ଅନୁଶୀଳନ କରି ସେ ଆକାର ଓ ବ୍ୟବହାର ଦୃଷ୍ଟିରୁ କୋଣରୁ ରାଇନୋସରସ୍ (RHINOCERS) ଓ ଘୋଡ଼ା ମଧ୍ୟରେ ସାମଞ୍ଜସ୍ୟ ଅଛି ବୋଲି ଜାଣିଥିଲେ । ରାଇନୋସରମାନଙ୍କର ସର୍ବନାଶ ଘଟିଛି ସତ, ମାତ୍ର ଅଛି ଏହି ବିଲୁପ୍ତ ପ୍ରାଣୀମାନଙ୍କର ଜୈବିକ ବିବର୍ତ୍ତନର ପ୍ରମାଣ ପରିପ୍ରକାଶ ।

ପ୍ରାକୃତିକ ଇତିହାସ ସମ୍ବନ୍ଧୀୟ ଅଧ୍ୟୟନ ଓ ଅନୁଶୀଳନ ବ୍ୟାପାରରେ ଜାହାଙ୍ଗୀର ବିଚକ୍ଷଣ ପାରଦର୍ଶିତା ପ୍ରଦର୍ଶନ କରିଥିଲେ । ସେ ଏ ବିଷୟ ପ୍ରତି ଏତେ ସଚେତନ ଥିଲେ ଯେ ବିଦେଶରୁ ଭାରତ ଦର୍ଶନରେ ଆସୁଥିବା ପରିବ୍ରାଜକମାନେ ତାଙ୍କୁ ଦୁର୍ଲଭ ପକ୍ଷୀ ବା ପଶୁ ଭେଟି ଦେଇ ସନ୍ତୁଷ୍ଟ କରୁଥିଲେ ।

ବିଭିନ୍ନ ପ୍ରକାର ଜୀବଜନ୍ତୁ ଓ ଉଦ୍ଭିଦ ଏବଂ ସେମାନଙ୍କର ପାରିପାର୍ଶ୍ୱିକ ପରିବେଶ ମଧ୍ୟରେ ସଂସ୍ଥାପିତ ସମ୍ପର୍କ ସମ୍ବନ୍ଧରେ ଯେଉଁ ବିଜ୍ଞାନ ଜରିଆରେ ଜ୍ଞାନ ଅର୍ଜନ କରାଯାଏ ତାହାକୁ ଆମେ ସାଧାରଣ ଅର୍ଥରେ Ecology ଅର୍ଥାତ ପରିସଂସ୍ଥା ବିଜ୍ଞାନ ନାମରେ ଅଭିହିତ କରୁଅଛୁ । ମନୁଷ୍ୟ ଭଳି ପ୍ରାଣୀ ପ୍ରାକୃତିକ ପରିସଂସ୍ଥା ଉପରେ ଯେଉଁ ଆଧିପତ୍ୟ ବିସ୍ତାର କରିଛି ତା ଏହି ବିଜ୍ଞାନ ସାଧନାରେ ଅଧ୍ୟୟନ କରାଯାଉଛି । ବାୟୁ, ଜଳ ଓ ମୃତ୍ତିକା ନିଜ ନିଜ ମଧ୍ୟରେ ଏକ ସନ୍ତୁଳନ ନିୟନ୍ତ୍ରଣ କରେ । ମନୁଷ୍ୟ ହେଉଛି ଫାଇଦାବାଦୀ । ଏଣୁ ବୃକ୍ଷରୁ ଫଳ, ପୁଷ୍ପ, ଶସ୍ୟ ଗୃହୋପକରଣ ପାଇଁ କାଠ ଓ ଅନ୍ୟ ଦ୍ରବ୍ୟ ଲାଭ କରିବ; କିନ୍ତୁ ନିଜର ସ୍ୱାର୍ଥ ପାଇଁ ପରିବେଶକୁ ନଷ୍ଟ କରିବ । ଜଙ୍ଗଲ କାଟିବା, ଜଙ୍ଗଲ ପୋଡ଼ିବା, ମୃତ୍ତିକାରେ କୀଟନାଶକ ଔଷଧ ଦେଇ ଉର୍ବର ଶକ୍ତି ବଢ଼ାଇବା, କଳ କାରଖାନାର ଆବର୍ଜନା ଓ ବିଭିନ୍ନ ରାସାୟନିକ ସାର ଧୋଇଯାଇ ନଦୀରେ ମିଶିବା, କାରଖାନା ଚିମିନି ବାଟେ ଧାତବ ଗୁଣ୍ଡ ବା ପାଉଁଶ ଉଡ଼ି ଶ୍ୱାସ ମାଧ୍ୟମରେ ଶରୀରରେ ପ୍ରବେଶ କରିବା, ତାରକା ଯୁଦ୍ଧ, ନିଉକ୍ଲିୟର ମାରଣାସ୍ତ୍ର ଭେଦ କ୍ଷିପ୍ରତାର ପ୍ରଭାବ ବେଗଗାମୀ ଯାନର ବାୟୁ ସହ ସଂଘର୍ଷ ଜନିତ ଓଜୋନ୍ ଗ୍ୟାସର ହ୍ରାସ ଯୋଗୁଁ 'ଅଲଟ୍ରା ଭାଓଲେଟ୍ ରଶ୍ମି' ସିଧା ସଳଖ ମନୁଷ୍ୟ ତଥା ପ୍ରାଣୀ ଦେହରେ ପଡ଼ିବା, ଅମ୍ଳ ଓ କୋଇଲା ଖଣି ତଥା ସିମେଣ୍ଟ କାରଖାନା ଅଞ୍ଚଳରେ ଧୂଳି ଉଡ଼ିବା, ବୃକ୍ଷର ହ୍ରାସ ଓ ଜନସଂଖ୍ୟାର ବୃଦ୍ଧିଯୋଗୁଁ ନିର୍ଗତ ଅଙ୍ଗାରକାମ୍ଳ ତଥା ଉତ୍ତପ୍ତ ବାଷ୍ପ ବାୟୁମଣ୍ଡଳ ମଧ୍ୟକୁ ନଯାଇ ଭୂପୃଷ୍ଠ ଉପରେ ରହିବା, ପୃଥିବୀର ତାପମାତ୍ରା ବୃଦ୍ଧିପାଇବା ଇତ୍ୟାଦି ଦ୍ୱାରା ପରିବେଶ ଓ ସ୍ୱାସ୍ଥ୍ୟ ନଷ୍ଟ ହୋଇଥାଏ । ଜନସଂଖ୍ୟାର ଅଭିବୃଦ୍ଧି ଏହି ସମସ୍ୟାର ଅନ୍ୟତମ ମୁଖ୍ୟ କାରଣ । ତେବେ ବିଦେଶରୁ ଯେଉଁ ଟେକ୍‌ନୋଲୋଜି ଆମଦାନୀ ହେଉଛି ତାହା ଆମ ଦେଶରେ କାମ କରୁନାହିଁ । ବରଂ ଆମର ଜୀବନଯାତ୍ରାକୁ ଅଚଳ କରି ଦେଉଛି । ପରିବେଶ କିପରି ପ୍ରଦୂଷିତ ହେଉଛି ଲେଖକର ତାହା ବଖାଣିବା ଉଦ୍ଦେଶ୍ୟ ନୁହେଁ । ତେବେ ପରିବେଶର ସୁରକ୍ଷା କରିବା ଏ ଦେଶର ପ୍ରାଚୀନ ସଂସ୍କୃତି ଓ ଶିକ୍ଷା ହୋଇଥିଲେ ମଧ୍ୟ ଆଧୁନିକ ବିଜ୍ଞାନ ଓ ଟେକ୍‌ନୋଲୋଜି ଦ୍ୱାରା ପ୍ରଭାବିତ ମନୁଷ୍ୟ ନିଜର ଫାଇଦା ପାଇଁ ବା ହିତ ପାଇଁ ଏକ ବିଷାକ୍ତ ପରିବେଶ ସୃଷ୍ଟି କରୁଛି । ତେଣୁ ଜଙ୍ଗଲ ସୃଷ୍ଟି କରିବା, ବୃକ୍ଷର ଉପାଦେୟତା ସମ୍ବନ୍ଧରେ ସଚେତନ କରିବା, ବୃକ୍ଷ ପୂଜା କରିବା, ପକ୍ଷୀ ଓ ଜୀବଜନ୍ତୁଙ୍କୁ ଆଦର କରିବା, ଜନସଂଖ୍ୟା କମାଇବା, ଜଳ ଓ ମୃତ୍ତିକାକୁ ବିଶୁଦ୍ଧ ରଖିବା ସମ୍ବନ୍ଧରେ ବହୁଳ ପ୍ରଚେଷ୍ଟା ଆବଶ୍ୟକ । ସମସ୍ତ ପୃଥିବୀର ତାପମାତ୍ରା ଆଉ ତିନି ବର୍ଷ ମଧ୍ୟରେ ତିନି ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇବ । ଅତ୍ୟଧିକ ଉତ୍ତାପ ଯୋଗୁଁ ବରଫ ତରଳି ସମୁଦ୍ର ଉଚ୍ଛୁଳି ଉଠିବ । ତେଣୁ ବିଶ୍ୱର ସୁରକ୍ଷା ନିମନ୍ତେ ସେଇ ପରମାତ୍ମାଙ୍କୁ ଧ୍ୟାନ କରି ଆଧ୍ୟାତ୍ମବାଦ ମାର୍ଗରେ ଧାବିତ ହୋଇ ଆସନ୍ତୁ ନିର୍ମଳ ପରିବେଶ ସୃଷ୍ଟି କରିବା ।

ଗୌର ଚନ୍ଦ୍ର ସ୍ୱାଇଁ ଅଧିକାରୀ
ଢେଙ୍କାନାଳ ।

# ପ୍ରଦୂଷଣର ମନସ୍ତାତ୍ତ୍ୱିକ ଦିଗ

ଡକ୍ଟର ଚିନ୍ତାମଣି ମିଶ୍ର

ଆଜିକାଲି ସମସ୍ତ ଜାଣିବା ଶୁଣିବା ଲୋକଙ୍କ ମୁହଁରେ ଗୋଟିଏ କଥା – ଦୂଷିତ ହୋଇଗଲା । କେହି ଯଦି କହେ ଜଳ ଦୂଷିତ ହୋଇଗଲା, ଆଉ କିଏ କହିବ ବାୟୁ ତ ଆଉ ଜଣେ କହିବ ମାଟି ଦୂଷିତ ହୋଇଗଲା । ଜଣେ ଯଦି କହିଲାଣି ଖାଦ୍ୟ ଦୂଷିତ ହୋଇଗଲା, ଆଉ ଜଣେ କହିବ ତେଲ, ଔଷଧ, ବା ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଦୂଷିତ ହୋଇଗଲା । ଅନ୍ୟ ଭାଷାରେ କହିବାକୁ ଗଲେ ସମଗ୍ର ପୃଥିବୀ ପ୍ରଦୂଷଣର ଝଡ଼ ଝଞ୍ଜା ଭିତରେ ଅତି କ୍ଷତ ବିକ୍ଷତ ହେବାରେ ଲାଗିଛି । ପ୍ରଦୂଷଣ ରାକ୍ଷସ ଆଜି ସମସ୍ତ ପରିବେଶକୁ ଗ୍ରାସ କରିଦେଇଛି ।

ପ୍ରଦୂଷଣର ପ୍ରଭାବ ଜଳ, ବାୟୁ, ମୃତ୍ତିକା, ବୃକ୍ଷଲତା, ବନ୍ୟ ସମ୍ପଦ ଓ ଖାଦ୍ୟପେୟ ଆଦି ଭୌତିକ ଜଗତ ଉପରେ ପଡ଼ିଥାଏ ବୋଲି ଅଧିକାଂଶ ଲୋକଙ୍କର ଧାରଣା । କିନ୍ତୁ ମଣିଷର ମନ ଉପରେ ପ୍ରଦୂଷଣର ପ୍ରଭାବ ପଡ଼ି ମନ ଦୂଷିତ ହେଉଥିବା କଥା ଖୁବ୍ କମ୍ ଲୋକ ଜାଣିପାରୁଥିବେ । ଏ କଥା ସତ ଯେ ମଣିଷର ମନ ପ୍ରଦୂଷଣର ପ୍ରଭାବରେ ପ୍ରଭାବିତ ହୋଇପାରେ । ମନ ଦୂଷିତ ହେଲେ ଘର ଭିତରେ ଯେପରି ମନ ସ୍ଥିର ହୋଇ ରହେ ନାହିଁ ଘର ବାହାରେ ମଧ୍ୟ ସେହିପରି ଅସ୍ଥିରତା ବୋଧ ହୁଏ । ଜୀବନଟା ଦୁଃଖ ଲାଗେ । କେତେବେଳେ ଆତ୍ମହତ୍ୟା କରିବାକୁ ଇଚ୍ଛା ହୁଏ ତ ଅଉ କେତେବେଳେ ଅନ୍ୟ ଉପରେ ଦାଉ ସାଧି ତାକୁ ଅପମାନିତ କରିବା, ଚୋରି, ଡକାୟତି, ହତ୍ୟା ଇତ୍ୟାଦି କରିବାକୁ ଇଚ୍ଛା ହୁଏ । ଏହାକୁ ମାନସିକ ବ୍ୟାଧି ବୋଲି କୁହାଯାଇପାରେ ।

## ମାନସିକ ପ୍ରଦୂଷଣର ଲକ୍ଷଣ :

ମଣିଷ, ପଶୁ, ପକ୍ଷୀ ଆଦି ସମସ୍ତ ପ୍ରାଣୀଙ୍କର ମନ ଥିବା କଥା ବିଭିନ୍ନ ପରୀକ୍ଷା, ନିରୀକ୍ଷାରୁ ଜଣାଯାଇଛି । ମନ ଥିଲେ ତାହା ପ୍ରଦୂଷଣ ଦ୍ୱାରା ପ୍ରଭାବିତ ହେବା କଥା ପ୍ରାୟ ସତ୍ୟ । କିନ୍ତୁ ପଶୁପକ୍ଷୀଙ୍କ ମନ କଥା ଅପେକ୍ଷା ମଣିଷଙ୍କ ମନ କଥା ଜାଣିବାଟା ସହଜ । ଜଣେ ସାଧାରଣ ମଣିଷର ମନ ପ୍ରଦୂଷିତ ହୋଇପାରେ । ବାହାର ଦେଖିଲେ ଜଣାଯାଏ ଯେ ଲୋକଟି ଭଦ୍ର, ସୁନ୍ଦର ପୋଷାକ ପରିହିତ ସୁନ୍ଦର ସ୍ୱାସ୍ଥ୍ୟ, ହସ ହସ ମୁହଁ, କଥାଗୁଡ଼ିକ ଅତି ଅମାୟିକ – ଯେତେ ଯେପରି ଅତି ଆପଣାର । କିନ୍ତୁ ଲୁଚି ରହିଥିବା ମନ ଯେ ଦୂଷିତ ତାହା ଘଟଣା ପ୍ରବାହରେ ଜଣାପଡ଼େ । କିନ୍ତୁ ଯେଉଁଠାରେ ମନର ଭାରସାମ୍ୟ ରକ୍ଷା କରାଯାଏ ସେଠାରେ ମଣିଷଟି ସୁନାଗଡ଼ିବ । ଜଣେ ଉଚ୍ଚଶିକ୍ଷା ପାଇଥାଏ, କିନ୍ତୁ ଚାକିରି ପାଏ ନାହିଁ, ବିବାହ ବୟସ ହୋଇଥାଏ, କିନ୍ତୁ ବିବାହ କରିପାରେ ନାହିଁ, ବିବାହ ହେଲେ ମଧ୍ୟ ଅର୍ଥାଭାବ ଓ ସ୍ତ୍ରୀ ସ୍ୱେଚ୍ଛାଚାରିଣୀ ବା ସ୍ୱାମୀ ମଦ୍ୟପ ଓ ନଷ୍ଟ ଚରିତ୍ର ହୋଇଥାଏ । ପିତାମାତା ବୃଦ୍ଧ ଓ ରୁଗ୍ଣ ଏବଂ ଏହିପରି ଆହୁରି ଅନେକ ସମସ୍ୟା ଏକ ସମୟରେ ଆସି ପଡ଼ନ୍ତି । ସମସ୍ୟା ବହୁଳ ଚଉମୁହାଁ ବା ପଞ୍ଚମୁହାଁ ଛକରେ ଠିଆହୋଇ ଯଦି ସମସ୍ୟା ସମାଧାନ ନକରିପାରିଲା ତେବେ ତାର ମନ ଦୂଷିତ ହୋଇଯିବା ସ୍ୱାଭାବିକ । ତାପରେ ସେ ଆତ୍ମହତ୍ୟା କରିପାରେ । ବାପା, ମାଆ, ସ୍ତ୍ରୀ, ପୁଅ, ଝିଅ ବା କୌଣସି ସରକାରୀ ଚାକିରିଆ ଯିଏ ତାପାଇଁ ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି ବୋଲି ସେ ଭାବେ ତାଙ୍କୁ ହତ୍ୟା କରିପାରେ । ଘରଛାଡ଼ି ପଳାଇ ଯାଇପାରେ । ଘର ପୋଡ଼ି ଦେଇପାରେ ବା କୌଣସି ଅସତ୍ ଲୋକ ପରାମର୍ଶରେ ଘରଭଙ୍ଗାଡ଼ି ଦେଇପାରେ । ଠିକ୍ ଯେପରି ଛାତ୍ର ବା ଛାତ୍ରୀ ପରୀକ୍ଷାରେ ଫେଲ୍ ହେଲେ ବା କମ୍ ନମ୍ବର ରଖିଲେ ଯଦି ଅସତ୍ ପରାମର୍ଶରେ ପ୍ରଭାବିତ ହୋଇଯାନ୍ତି । ବିଶ୍ୱବିଦ୍ୟାଳୟ, ବୋର୍ଡ଼, ସ୍କୁଲ, କଲେଜ ଆଦି ପୋଡ଼ି ପକାନ୍ତି । ପ୍ରଶାସକ, ଅଧ୍ୟକ୍ଷ, ଅଧ୍ୟାପକ ବା ସ୍କୁଲର ଶିକ୍ଷକଙ୍କୁ ଆକ୍ରମଣ କରନ୍ତି । କେହି କେହି ଘରଛାଡ଼ି ପଳାନ୍ତି ବା ଆତ୍ମହତ୍ୟା କରନ୍ତି । ଆଜିକାଲି ଦେଖାଯାଉଛି ଯେ ଶିଶୁମାନଙ୍କ ଉପରେ କମ୍ ସମୟରେ ଅଧିକ ପାଠର ବୋଝ ଲଦି ଦେବା ପାଇଁ ବାପା ମାଆ ଓ ଶିକ୍ଷକ ଗୁହିଁବାରୁ ସେମାନେ ପାଠରୁ ତରିଯାଉଛନ୍ତି । ତା ଫଳରେ କେହି କେହି ଆତ୍ମହତ୍ୟା କରୁଛନ୍ତି ବା ଆଉ କେହି ଘର ଛାଡ଼ି ପଳାଉଛନ୍ତି ।

ବୁଦ୍ଧି ହୀନତା ମାନସିକ ପ୍ରଦୂଷଣର ଏକ ଲକ୍ଷଣ । ଏହା କେତେକ ପରିମାଣରେ ଜନ୍ମଗତ ହୋଇଥିବା ବେଳେ ଆଉ କେତେକ ପରିମାଣରେ ପରିବେଷ୍ଟନୀଗତ । ବୁଦ୍ଧିହୀନ ଶିଶୁ ପଢ଼ିବା ଲେଖିବା, ବା ଉପଯୁକ୍ତ କଥାବାର୍ତ୍ତା କରିବା ତ ଦୂରର କଥା, ନିଜ ହାତରେ ସେ ଖାଇପାରେ ନାହିଁ । ଲୁଗାପଟା ପିନ୍ଧିପାରେ ନାହିଁ । ଏପରି କି ନିଜ ବାପ ମାଆ, ଭାଇ ଭଉଣୀ ଆଦିଙ୍କୁ ଚିହ୍ନିପାରେ ନାହିଁ । ବୟସ ବଢ଼ି ବଢ଼ି ଯାଉଥାଏ । ଶାରୀରିକ ପରିପକ୍ୱତା ଆସିଯାଏ । କିନ୍ତୁ ସେହି ଅନୁପାତରେ ମାନସିକ ଅଭିବୃଦ୍ଧି ହୁଏ ନାହିଁ ।

ଅନ୍ୟ ଏକ ପ୍ରକାର ମାନସିକ ପ୍ରଦୂଷଣ ହେଲା ବ୍ୟାଧିଗ୍ରସ୍ତ ମନ । କେତେଗୁଡ଼ିଏ ମାନସିକ ବ୍ୟାଧି ହେଲା ହିଷ୍ଟେରିଆ, ଉଦ୍‌ବେଗ, ଦୁର୍ବଳତା, ବାଧ୍ୟତା, ଅଦ୍ଭୁତ ଭୟ (ଫୋବିଆ) ଇତ୍ୟାଦି । ଏ ସବୁ ରୋଗକୁ ସାଇକୋନ୍ୟୁରୋସିସ୍ ବୋଲି କୁହାଯାଏ । ଏହାର କେତେଗୁଡ଼ିଏ ଲକ୍ଷଣ ଭିତରୁ ଗୋଟିଏ ହେଲା ନିଦ୍ରାରେ ଚାଲିବା (Sleep Walking)ମଣିଷ ଅଚେତନ ଅବସ୍ଥାରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଏପରିକି ମାଇଲ ମାଇଲ ଧରି ଚାଲି ଚାଲିଯାଏ । ସେହି ଅବସ୍ଥାରେ ନିଜର ପୁଅ, ଝିଅଙ୍କୁ ହତ୍ୟା କରିପାରେ ବା ବିଭିନ୍ନ ବ୍ୟବସାୟ କରିପାରେ । ଆଉ ଗୋଟିଏ ହେଲା ସ୍ମରଣଶକ୍ତିହୀନତା ବା ସ୍ମୃତି ବିଭ୍ରାଟ । ଏହାଦ୍ୱାରା ମଣିଷ ଭୁଲିଯାଏ । ଏପରିକି ନିଜର ସ୍ୱାମୀ ବା ସ୍ତ୍ରୀ, ପୁଅଝିଅ, ବାପାମାଆ, ଘରଦ୍ୱାର ସବୁ କିଛି ଭୁଲିଯାଏ । ଏପରି ଅବସ୍ଥା କିଛି କ୍ଷଣ ପାଇଁ ରହିପାରେ ବା କେତେ ଦିନ, ମାସ, ବର୍ଷ ପାଇଁ ରହିପାରେ ।ଏହାପରେ ଅନ୍ୟ ସ୍ଥାନରେ ଘରସଂସାର କରି ରହିପାରେ । ଦୁର୍ବଳତା ଓ ବାଧ୍ୟତାର ଲକ୍ଷଣ ହେଲା ଗୋଟିଏ ଘରେ ତାଲା ପକାଇ ତାକୁ ବାରମ୍ବାର ଟାଣିବା, ବାରମ୍ବାର ସାବୁନରେ ହାତ ଧୋଇବା, ଅନ୍ୟ ଲୋକମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିବା, ନିଜକୁ ଖୁବ୍ ବଡ଼ ବୋଲି ଭାବିବା ଇତ୍ୟାଦି । ଅଦ୍ଭୁତ ପ୍ରକାର ଭୟ ବା ଫୋବିଆ ଏକ ପ୍ରକାର ମାନସିକ ରୋଗର ଲକ୍ଷଣ ହେଲା ଗଛଲତା, ପାହାଡ଼, ପର୍ବତ, ପାଣି ପବନ, ଲୋକ ଗହଳି, ଅନ୍ଧାର, ପଶୁ ପକ୍ଷୀଙ୍କୁ ଭୟ କରିବା । ଏହା ବ୍ୟତୀତ ଆଜମା, ରକ୍ତଚାପ, ହୃଦ୍‌ରୋଗ ଆଦି ମାନସିକ ପ୍ରଦୂଷଣର ପ୍ରଭାବରୁ ହୋଇଥାଏ ବୋଲି ଶରୀରତତ୍ତ୍ୱବିତ୍ ଓ ମନ ବିଶ୍ଳେଷଣକାରୀମାନେ କହନ୍ତି ।

ଆଉ କେତେକ ଗୁରୁତର ମାନସିକ ବ୍ୟାଧି ଅଛି । ସେଗୁଡ଼ିକ ଭିତରେ ହେଲା ବାତୁଳତା, ଉନ୍ମତ୍ତତା, ବିଷର୍ଣ୍ଣତା । ଏହାର ଲକ୍ଷଣ ହେଲା ଅତ୍ୟଧିକ କ୍ରୋଧ । ରୋଗୀ ଅନ୍ୟ ଉପରେ ଆକ୍ରମଣ କରେ, କାମୁଡ଼ି ପକାଏ । ନିଜକୁ ମଧ୍ୟ କାମୁଡ଼ି ପକାଏ । ନଖରେ କାମୁଡ଼ି ବିଦାରି ପକାଏ । ବେଳେ ବେଳେ ଅତ୍ୟଧିକ ବିଷର୍ଣ୍ଣତା ହେତୁ ରୋଗୀ ଆତ୍ମହତ୍ୟା କରେ ।

## ମାନସିକ ପ୍ରଦୂଷଣରେ କାରଣ ।

ମାନସିକ ପ୍ରଦୂଷଣର କାରଣ ସମ୍ପର୍କରେ ଆଲୋଚନା କଲେ ଜଣାଯାଏ ଯେ ଏହାର ଦୁଇଟି ପ୍ରଧାନ କାରଣ ଅଛି । ତାହା ହେଲା ଜନ୍ମଗତ ଓ ପରିବେଷ୍ଟନୀଗତ । ଯେଉଁ କେତେକ ବାପା ମାଆଙ୍କର ମନ ପ୍ରଦୂଷଣ ପ୍ରଭାବିତ ସେମାନଙ୍କର ପୁଅ, ଝିଅଙ୍କଠାରେ ମାନସିକ ପ୍ରଦୂଷଣ ଜନିତ ଅସ୍ୱାଭାବିକ ମନ ପରିଲକ୍ଷିତ ହୋଇଥାଏ । ଦ୍ୱିତୀୟରେ ପରିବେଶ ଭିତରେ ବାପା, ମାଆ, ଶିକ୍ଷକ, ଅନ୍ୟାନ୍ୟ ବୟୋଜ୍ୟେଷ୍ଠ ଏବଂ ସାଙ୍ଗସାଥୀ ଶିଶୁକୁ ସତ୍ ବା ଅସତ୍ ପରାମର୍ଶ ଦେଇଥାନ୍ତି । ଅସତ୍ ପରାମର୍ଶ ଫଳରେ ମାନସିକ ପ୍ରଦୂଷଣ ହେବା ସ୍ୱାଭାବିକ । ଉଦାହରଣ ସ୍ୱରୂପ ମାଆଙ୍କର ଅତ୍ୟଧିକ ଯତ୍ନ ଯେତିକି କ୍ଷତିକାରକ, ଶିଶୁ ପ୍ରତି ଅବହେଳା ମଧ୍ୟ ସେତିକି କ୍ଷତିକାରକ । ପରିବାର ଭିତରେ କଠୋର ଶୃଙ୍ଖଳା ଯେପରି ମାନସିକ ପ୍ରଦୂଷଣ ସୃଷ୍ଟି କରେ, ଶୃଙ୍ଖଳାବିହୀନ ପରିବାର ମଧ୍ୟ ସେହି ସମସ୍ୟା ସୃଷ୍ଟି କରେ । ବାପା ମାଆଙ୍କ ଭିତରେ କଳହ, ମନୋମାଳିନ୍ୟ, ଛାଡ଼ପତ୍ର, ଭାଷାଗତ ତାରତମ୍ୟ ଇତ୍ୟାଦି ମାନସିକ ବିଶୃଙ୍ଖଳାର ଗୋଟିଏ ଗୋଟିଏ କାରଣ । ଉପଯୁକ୍ତ ଶିକ୍ଷାଦାନର ଅଭାବ ଓ କୁସଙ୍ଗ ଅନେକ ପରିମାଣରେ ଶିଶୁ ମନରେ ଦୂଷିତ ପ୍ରଭାବ ପକାଇଥାଏ । କେତେକ ମାନସିକ ବିକାରଗ୍ରସ୍ତ ବୟସ୍କ ବ୍ୟକ୍ତିଙ୍କର ମନ ବିଶ୍ଳେଷଣ କରିବାରେ ଜଣାଯାଇଛି ଯେ ପ୍ରଦୂଷଣର କାରଣ ସେମାନଙ୍କର ଶୈଶବର ଘଟଣାବଳୀ ।

ଆଜିକାଲି ଟେଲିଭିଜନ ଓ ସିନେମା ମଣିଷର ମନ ପ୍ରଦୂଷଣ କରିବାରେ ଇନ୍ଧନ ଯୋଗାଉଛି । ଅବଶ୍ୟ ଟିଭି, ରେଡିଓ ଓ ସିନେମା, ଶିକ୍ଷା, ସ୍ୱାସ୍ଥ୍ୟ, ସାହିତ୍ୟ, ସଂସ୍କୃତି, କଳା ଆଦି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣୁଛି । ଦେଶ ବିଦେଶରେ ଘଟଣାବଳୀ ଉଦ୍ଭାବନ, ଆବିଷ୍କାର, ଜଳ, ସ୍ଥଳ, ଆକାଶର ତଥ୍ୟାବଳୀ ଘରେ ବସି ଜାଣିପାରୁଛେ । ଏହାଦ୍ୱାରା ମଣିଷର ଜ୍ଞାନ, ସୃଜନଶୀଳତା ବୃଦ୍ଧି ପାଉଛି । କିନ୍ତୁ କେତେକ ବ୍ୟକ୍ତିଙ୍କ କ୍ଷେତ୍ରରେ ମସ୍ତିଷ୍କର କାର୍ଯ୍ୟ କରିବା ଶକ୍ତି ଲୋପ ପାଇଯାଉଛି । ସେମାନେ ସିନେମା, ଖେଳ, ହସ କୌତୁକକୁ ଉପଭୋଗ କରିବା ସଙ୍ଗେ ସଙ୍ଗେ ସେଥିରେ ଥିବା ଚରିତ୍ର ସହିତ ନିଜକୁ ସାମିଲ କରି ଦେଉଛନ୍ତି । ଉଦାହରଣ ସ୍ୱରୂପ ସିନେମାରେ ଝିଅଟିଏ ବା ପୁଅଟିଏ ଯେପରି ହସ, ଖୁସିରେ ଜୀବନ କଟାଉଛି କେହି କେହି ଦର୍ଶକ ସେହିପରି ଜୀବନ ବିତାଇବାକୁ ଚେଷ୍ଟା କରୁଛନ୍ତି । କିନ୍ତୁ ସିନେମାର ଚରିତ୍ର ପ୍ରଦର୍ଶନ କୃତ୍ରିମ ଏବଂ ଅନେକ ପ୍ରଚେଷ୍ଟା ଫଳରେ ସେମାନେ ଏପରି ଅଭିନୟ କରୁଛନ୍ତି । ମାତ୍ର ତାହା ଦର୍ଶକ ଭୁଲିଯାଆନ୍ତି । କ୍ରିକେଟ ଖେଳ ଦେଖିବା ଓ ଖେଳିବା ଆଜି କାଲି ଶିଶୁମାନଙ୍କର ଅନ୍ୟାନ୍ୟ ସମସ୍ତ କାର୍ଯ୍ୟକ୍ରମକୁ ବାଧିତ କରିଦେଇଛି ।

ବିଂଶ ଶତାବ୍ଦୀର ଶେଷ ଦଶକରେ ଆମେମାନେ ପହଞ୍ଚିଲେଣି । ଯାହା ମନେ ହେଉଛି, ବିଂଶ ଶତାବ୍ଦୀର ଶେଷ ଓ ଏକବିଂଶ ଶତାବ୍ଦୀର ଆରମ୍ଭ ବେଳକୁ କମ୍ପ୍ୟୁଟର, ରୋବଟ, ଟିଭି, ମେସିନ୍ ଅତ୍ୟାଧୁନିକ ଇଲେକ୍‌ଟ୍ରୋନିକ ମାଧ୍ୟମ କେତେକାଂଶରେ ମଣିଷକୁ ସମ୍ପୂର୍ଣ୍ଣ ଅକାମୀ କରିଦେବ । ବର୍ତ୍ତମାନ ଦେଖାଯାଉଛି ଯେ ସ୍କୁଲ, କଲେଜର ଅନେକ ଛାତ୍ରଛାତ୍ରୀ ଅଙ୍କ କ୍ଲାସକୁ ପକେଟ କାଲକୁଲେଟର୍ ଧରି ଗଲେଣି । ସେପରି କ୍ଷେତ୍ରରେ ପଢ଼ିଛି, ଗୁଣନ ଧାରା, ଏପରିକି ମିଶାଣ, ଫେଡ଼ାଣ, ଗୁଣନ, ହରଣ, ବର୍ଗମୂଳ ଆଦିର ନିୟମାବଳୀ ମନେରଖିବାର ଆବଶ୍ୟକତା କ୍ରମେ କ୍ରମେ ଦୂରୀଭୂତ ହୋଇଯାଉଛି । ସେହିପରି ପରୀକ୍ଷାନ୍ତ, ଚିନ୍ତନ, ଲେଖାଲେଖି ଆଦି ଯଦି ମେସିନ୍ କରିବ, ତେବେ ମଣିଷ କରିବ କ'ଣ ?

# ମାନସିକ ପ୍ରଦୂଷଣ ନିରାକରଣ

ଜଳ, ବାୟୁ, ଜଙ୍ଗଲ ଇତ୍ୟାଦି ପଦାର୍ଥର ପ୍ରଦୂଷଣ ହେଲେ ତାହାକୁ ଦୂର କରିବାର ଯେପରି ଉପାୟ ଅଛି, ମାନସିକ ପ୍ରଦୂଷଣ ଦୂର କରିବାର ମଧ୍ୟ ସେହିପରି ଯଥେଷ୍ଟ ଉପାୟ ଅଛି । ଯାହା ଜନ୍ମଗତ ତାହାର ଦୂରୀକରଣ ଅସମ୍ଭବ ନହେଲେ ମଧ୍ୟ ସହଜ ନୁହେଁ । ଯାହା ପରିବେଶଗତ ତାହା ଦୂର କରିବା ସହଜସାଧ୍ୟ । ଶରୀର ଓ ମନ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଥିବାରୁ ସୁସ୍ଥ ଶରୀର ମନକୁ ସୁସ୍ଥ ରଖେ । ମାଆର କ୍ଷୀର ଶିଶୁ ପାଇଁ ଉପାଦେୟ । ତାହାଛଡ଼ା ଭିଟାମିନ-ଖାଦ୍ୟପ୍ରାଣଯୁକ୍ତ ଖାଦ୍ୟ ଦେଲେ ଉଭୟ ଶରୀର ଓ ମନ ସୁସ୍ଥ ରହେ ।

ପ୍ରଦୂଷଣମୁକ୍ତ ମନ ପାଇଁ ଉପଯୁକ୍ତ ଶିକ୍ଷା ଏକ ମହୋଷଧି । ବାପା, ମାଆ, ଶିକ୍ଷକ ଓ ଅନ୍ୟାନ୍ୟ ଗୁରୁଜନ ଶୈଶବାବସ୍ଥାରେ ଶିକ୍ଷା ଦେଇଥାଆନ୍ତି । ଅକ୍ଷର, ବର୍ଣ୍ଣମାଳା, ଭାଷା ସହିତ ନୈତିକତା, ଈଶ୍ୱର ବିଶ୍ୱାସ ଆଦି ଶିକ୍ଷାର ଅନ୍ତର୍ଭୁକ୍ତ ହୋଇଥାଏ । ସହନଶୀଳତା, ବିପଦରେ ଧୈର୍ଯ୍ୟ ଧରିବା, ବିଫଳତାର ସମ୍ମୁଖୀନ ହେବା ସର୍ବୋପରି ଜଣେ ଭଲ ମଣିଷ ହେବା ପାଇଁ ସେମାନେ ଶିକ୍ଷା ଦେଇଥାଆନ୍ତି । ବାପା, ମାଆ, ଶିକ୍ଷକ ବା ଗୁରୁ ଜଣେ ଜଣେ ଆଦର୍ଶ ମଣିଷ । ସେମାନଙ୍କୁ ଦେଖି, ତାଙ୍କ କଥା ଶୁଣି ଏବଂ ତାଙ୍କୁ ଅନୁକରଣ କରି ଅନ୍ୟମାନେ ନିଜକୁ ଗଢ଼ିଥାଆନ୍ତି । ଯଦି ସେମାନଙ୍କଠାରେ ଆଦର୍ଶଗତ ଗୁଣର ଅଭାବ ଦେଖାଦିଏ ତେବେ ସେମାନଙ୍କର ଅନୁକରଣକାରୀମାନେ ହତାଶ ହେବେ ।

ଟେଲିଭିଜନରୁ ଉଭୟ ସୁ ଓ କୁଶିକ୍ଷା ମିଳୁଥିବା କଥା ସତ । କିନ୍ତୁ କେଉଁଟା 'କୁ' ଓ କେଉଁଟା 'ସୁ' ତାହା ଠିକ୍ କରିବାର-ଦାୟିତ୍ୱ ବାପା ମାଆ ଓ ଘରର ଅନ୍ୟାନ୍ୟ ମୁରବୀଙ୍କର ଉପରେ । ଟେଲିଭିଜନ କାର୍ଯ୍ୟକ୍ରମ ଦେଖୁଥିବା ବେଳେ ପିଲାମାନଙ୍କ ପାଖରେ ବସି କେଉଁଟା ଦେଖିବା ଉଚିତ ଏବଂ କେଉଁଟା ଅନୁଚିତ ତାହା ବୁଝାଇବା ଦରକାର । ସେହିପରି ରେଡିଓ କାର୍ଯ୍ୟକ୍ରମ ଭିତରୁ କେଉଁଟା ସେମାନଙ୍କ ପାଇଁ ଦରକାରୀ ଓ ଶିକ୍ଷଣୀୟ ତାହା ବୁଝାଇଲେ ବୋଧହୁଏ ପିଲାମାନେ ବୁଝିଯାଇପାରିବେ । ସେମାନେ ସମସ୍ତ କାର୍ଯ୍ୟକ୍ରମ ବା ମନକୁ ଦୂଷିତ କଲା ଭଳି କାର୍ଯ୍ୟକ୍ରମ ଦେଖି, ଶୁଣି ବିପଥଗାମୀ ହେବେ ନାହିଁ । ଯେପରି ସୂର୍ଯ୍ୟ କିରଣରେ ସମସ୍ତ ରଙ୍ଗ ଅଛି । କିନ୍ତୁ କେଉଁ ଫୁଲ କେଉଁ ରଙ୍ଗଟି ବାଛିବ ତାହା ତାର ନିଜସ୍ୱ । ଅବଶ୍ୟ ରେଡିଓ, ଟେଲିଭିଜନ ବା ସିନେମାରୁ ଭଲ, ମନ୍ଦ ବାଛିବାର ଯୋଗ୍ୟତା ବାପା, ମାଆଙ୍କର ଥିବା ଦରକାର । ତା' ନହେଲେ ସେମାନେ ପିଲାମାନଙ୍କୁ ଶିକ୍ଷା ଦେବେ କିପରି ?

ହତାଶିଆ ପରିସ୍ଥିତି ମାନସିକ ପ୍ରଦୂଷଣ ସୃଷ୍ଟି କରେ । ପ୍ରତ୍ୟେକଙ୍କ ଜୀବନରେ ଏହିଭଳି ଏକ ପରିସ୍ଥିତି ଆସିପାରେ । ଅର୍ଥାତ୍ ଗୁଡ଼ିଏ ସମସ୍ୟା ଏକ ସମୟରେ ଆସି ପହଞ୍ଚିଯାଇପାରେ । କିନ୍ତୁ ସେଥିରେ ହତାଶ ନହୋଇ ତାର ଦୃଢ଼ ମୁକାବିଲା କରିବା ପାଇଁ ମାନସିକ ଧୈର୍ଯ୍ୟ ଆବଶ୍ୟକ । ସମସ୍ୟାର ସମାଧାନ କରିବା ପାଇଁ ଗୋଟିଏ ପରେ ଗୋଟିଏ ସମସ୍ୟାର ଆଲୋଚନା କରିବା ଦରକାର । ସେଥିପାଇଁ ଯଦି ଦରକାର ହୁଏ, କୌଣସି ବନ୍ଧୁ ବା ଶୁଭ ଚିନ୍ତକଙ୍କର ପରାମର୍ଶ ନିଆଯିବା ଆବଶ୍ୟକ । ଦ୍ୱିତୀୟରେ ସମସ୍ୟାର ଗୁରୁତ୍ୱ ଦୃଷ୍ଟିରୁ କେଉଁଟି ଆଗ ଓ କେଉଁଟି ପଛ ବିଚାର କରି ତାହାର ସମାଧାନ ପଥ ଖୋଜିବା ଉଚିତ ।

ମାନସିକ ପ୍ରଦୂଷଣ ନିରାକରଣର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଉପାୟ ହେଲା ମନ – ବିଶ୍ଳେଷଣ । ଏହି ପଦ୍ଧତି ପ୍ରତ୍ୟେକ ମାନସିକ ରୋଗୀଙ୍କ କ୍ଷେତ୍ରରେ ପ୍ରୟୋଗ କରାଯାଇଥାଏ । ଏହାର ବ୍ୟବହାର କେବଳ ମନୋବିଜ୍ଞାନୀମାନେ ଜାଣିଥାଆନ୍ତି । ଯାହାର ମାନସିକ ବିଭ୍ରମ ହୋଇଥାଏ ତାକୁ ଗୋଟିଏ ନିରୋଳା ସ୍ଥାନରେ ବା ଘରେ ବସାଇ ବିଭିନ୍ନ ପ୍ରଶ୍ନ ପଚରାଯାଏ ଓ ତା'ର ଉତ୍ତର ଲେଖାଯାଏ । ଆଜିକାଲି ଅବଶ୍ୟ ସେ କାମ ଟେଲିଭିଜନ କ୍ୟାମେରା ଓ ଭିଡିଓ କ୍ୟାସେଟ୍ ସାହାଯ୍ୟରେ ହେଲାଣି । ପ୍ରଶ୍ନପତ୍ର ବା ପରୀକ୍ଷା କରିବାର ପ୍ରଣାଳୀ ଏପରି ହୋଇଥାଏ ଯାହାଦ୍ୱାରା କି ମାନସିକ ରୋଗୀର ଅଜ୍ଞାତସାରରେ ତା'ର ମନ କଥା ଜାଣିହୁଏ । ତାପରେ ତା ଶୁଶ୍ରୂଷା କରାଯାଏ । ମନ ଚିକିତ୍ସକ ବା ସାଇକିଆଟ୍ରିଷ୍ଟମାନେ ମଧ୍ୟ ମାନସିକ ପ୍ରଦୂଷଣ ଦୂର କରିପାରନ୍ତି । ସେମାନେ ବିଭିନ୍ନ ପ୍ରକାର ନିଶା ଔଷଧ,ବୈଦ୍ୟୁତିକ ସକ୍ ଆଦି ଦେଇ ଅତ୍ୟନ୍ତ ଉଗ୍ର ମାନସିକ ରୋଗର ଚିକିତ୍ସା କରିଥାଆନ୍ତି । ତୃତୀୟ ପ୍ରକାର ଚିକିତ୍ସକ ହେଲେ ସମ୍ମୋହନକାରୀ ବା ହିପ୍ନୋଟିଷ୍ଟ । ସମ୍ମୋହନ ଦ୍ୱାରା ମନ ଗହୀରର କଥା ସେମାନେ ଜାଣିପାରିଥାଆନ୍ତି ଏବଂ ଶୁଶ୍ରୂଷା କରିଥାଆନ୍ତି ।

କଥାରେ କହନ୍ତି "ମନ ଭଲ ଥିଲେ ଦୁନିଆଁ ଭଲ", "ମନର ମୂଳେ ଏ ଜଗତ" । ଅର୍ଥାତ୍ ମନ ଯଦି ନିର୍ମଳ ସଂସାରଟା ନିର୍ମଳ । ମନ ଭିତରେ ଆବିଳତା ପଶିଲେ ମଣିଷର ସମସ୍ତ କଥା ଓ କାର୍ଯ୍ୟ ମଇଳା ହୋଇଯିବ । ଉଦାହରଣ ସ୍ୱରୂପ ସାମାଜିକ କୁସଂସ୍କାରଠାରୁ ଆରମ୍ଭ କରି ବ୍ୟକ୍ତି ସମ୍ପର୍କ, ଚୋରୀ, ଡକାୟତି, ହତ୍ୟା, ଶିଶୁ ଓ ନାରୀ ଉପରେ ଅତ୍ୟାଚାର, ଯନ୍ତ୍ରଣା । ଏପରିକି ବୋମା ନିକ୍ଷେପ, ହଣାକଟା ଓ ଯୁଦ୍ଧ ପର୍ଯ୍ୟନ୍ତ ମାନସିକ ପ୍ରଦୂଷଣର ଫଳ । ମାନସିକ ପ୍ରଦୂଷଣ ଦୂର ହେଲେ ଏବଂ ମନ ନିର୍ମଳ ହେଲେ ଏସବୁ ଦୂର ହୋଇପାରିବ ଓ ପୃଥିବୀରେ ଶାନ୍ତି ବିରାଜମାନ କରିବ ।

ପ୍ରାଧ୍ୟାପକ, ମନୋବିଜ୍ଞାନ ବିଭାଗ,
ପଞ୍ଚାୟତ କଲେଜ, ବରଗଡ଼,
ଜିଲ୍ଲା : ସମ୍ବଲପୁର–୭୬୮ ୦୨୮ ।

ଭାଷା ହିଁ ଜୀବନୀ ଶକ୍ତି ଜାତିମାନଙ୍କର,
ଯେଉଁ ଜାତି ଭାଷାହୀନ ସେ ଜାତି ବର୍ବର ।
—ବ୍ୟାସକବି ଫକୀରମୋହନ

# ଶିଶୁରୋଗ ଓ ଆୟୁର୍ବେଦ ଚିକିତ୍ସା

*ଶ୍ରୀ ଦୀନବନ୍ଧୁ ମହାରଣା*

ବେଦ ସଂହିତା, ପୁରାଣ ଓ ଇତିହାସର ପୃଷ୍ଠା ଗୋଟିଏ ପରେ ଗୋଟିଏ ଉନ୍ମୋଚନ କଲେ ଜଣାଯାଏ ଆର୍ଯ୍ୟ ଭାରତ ଭୂମିରେ ଆୟୁର୍ବେଦ ଚିକିତ୍ସାର ଆବିର୍ଭାବ ଏକ ଯୁଗାନ୍ତକାରୀ ଘଟଣା । ଏହି ଆୟୁର୍ବେଦ ଚିକିତ୍ସା ଅତି ପୁରାତନ ଓ ସର୍ବଚିକିତ୍ସାର ଜନକ ଭାବରେ ପରିଗଣିତ । ଭଗବାନ ବ୍ରହ୍ମାଙ୍କ ମୁଖରୁ ନିଃସୃତ ଚାରିଗୋଟି ବେଦ ଋକ୍, ସାମ, ଯଜୁର୍ ଓ ଅଥର୍ବ ବେଦ ମଧ୍ୟରୁ ଆୟୁର୍ବେଦ ହିଁ ଅଥର୍ବ ବେଦର ଉପବେଦ । ପ୍ରାୟ ଖ୍ରୀ: ପୂ: ୬୦୦୦ ବର୍ଷ ତଳେ ଏହା ଭାରତ ବର୍ଷରେ, ପରେ ପୃଥିବୀର ଅନ୍ୟାନ୍ୟ ଦେଶମାନଙ୍କରେ ପ୍ରସ୍ବର ଓ ପ୍ରସାର ଲାଭ କରିପାରିଥିଲା । ଏହି ଆୟୁର୍ବେଦର ଅର୍ଥ ହେଉଛି :

"ଆୟୁଷୋଃ ବେଦଃ ଆୟୁର୍ବେଦଃ" ଯେଉଁ ଶାସ୍ତ୍ରରୁ ଆମେ ଆୟୁ ସମ୍ବନ୍ଧୀୟ ଜ୍ଞାନ ଲାଭ କରୁ ତାହାକୁ ଆୟୁର୍ବେଦ କୁହାଯାଏ । ପୁଣି ମହର୍ଷି ଚରକ ଏ ସମ୍ପର୍କରେ ସ୍ପଷ୍ଟଭାବରେ କହିଛନ୍ତି :

"ହିତା ହିତଂ ସୁଖ ଦୁଃଖଂ ଆୟୁସ୍ତସ୍ୟ ହିତାହିତମ୍ ।
ମାନଂଚ ତଚ୍ଚ ଯତ୍ରୋକ୍ତଂ ଆୟୁର୍ବେଦ ସ ଉଚ୍ୟତେ" ।

(ଚ:ସୂ:P1)

ଆୟୁ ଏବଂ ଜୀବନର ହିତ, ଅହିତ, ସୁଖ, ଦୁଃଖ ଏବଂ ଆୟୁଷର ପ୍ରମାଣ ଯେଉଁଠାରେ ବର୍ଣ୍ଣନା କରାଯାଉଛି, ତାହାକୁ ଆୟୁର୍ବେଦ କହନ୍ତି । ଆୟୁ ବା ଜୀବନର କାଳ ହିତାୟୁ ଓ ସୁଖାୟୁ ହେବା ଉଚିତ । ମାତ୍ର ଯେଉଁ ଶାସ୍ତ୍ରରୁ ଆମେ ସୁଖାୟୁ ସମ୍ବନ୍ଧୀୟ ଜ୍ଞାନ ଲାଭ କରୁ ତାହାକୁ ଆୟୁର୍ବେଦ କହନ୍ତି । ଏହି ଚିକିତ୍ସାର ମୂଳ ଲକ୍ଷ୍ୟ ଏବଂ ଦ୍ରବ୍ୟ ଗୁଣ ବିଜ୍ଞାନର ପ୍ରୟୋଜନ ମାତ୍ର ଦୁଇଟି ବିଷୟ ଉପରେ ପର୍ଯ୍ୟବସିତ । ଯଥା :

"ସ୍ୱସ୍ଥସ୍ୟ ସ୍ୱାସ୍ଥ୍ୟ ରକ୍ଷଣଂ ଆତୁରସ୍ୟ ବିକାର ପ୍ରଶମନଂଚ ।

i.e. Preservation of health and eradication of deasease is the main purpose of Ayurveda.

## ଚିକିତ୍ସାର ଲକ୍ଷ୍ୟ :

ଆୟୁର୍ବେଦ ଚିକିତ୍ସାର ପ୍ରଥମ ଉଦ୍ଦେଶ୍ୟ ହେଉଛି : ସୁସ୍ଥ ବ୍ୟକ୍ତିର ସ୍ୱାସ୍ଥ୍ୟ ରକ୍ଷା କରିବା ଅର୍ଥାତ୍ ପ୍ରତିଷେଧକ ବ୍ୟବସ୍ଥା ଓ ଦ୍ୱିତୀୟଟି ହେଉଛି ରୋଗ ପ୍ରଶମନ ବ୍ୟବସ୍ଥା । ତେଣୁ ଶିଶୁର ଚିକିତ୍ସା ଓ ଯତ୍ନ ସହିତ ତା'ର କିଭଳି ପ୍ରତିଷେଧକ ବ୍ୟବସ୍ଥା କଲେ ବ୍ୟାଧି ପ୍ରତିରୋଧକ କ୍ଷମତା (Unity Power) ବୃଦ୍ଧି ପାଇବ ସେଥିପାଇଁ ଏହି ଚିକିତ୍ସାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆୟୁର୍ବେଦ ଚିକିତ୍ସାରେ ସୁସ୍ଥ କହିଲେ :

"ସମଦୋଷଃ ସମାଗ୍ନିଶ୍ଚ ସମଧାତୁ ମଳକ୍ରିୟଃ ।
ପ୍ରସନ୍ନାତ୍ମେନ୍ଦ୍ରିୟ ମନା ସ୍ୱସ୍ଥ ଇତ୍ୟଭି ଧୀୟତେ ॥"

ଯେଉଁ ବ୍ୟକ୍ତିର ଦୋଷ ଅର୍ଥାତ ବାତ, ପିତ୍ତ, କଫ ଶରୀରରେ ସମାନ ସମାନ ଅବସ୍ଥାରେ ଥାଏ, ଅଗ୍ନି, ସପ୍ତଧାତୁ ଶରୀରରେ ସମାନ ଅବସ୍ଥାରେ ଥାଇ ମଳ ମୂତ୍ର ସ୍ୱାଭାବିକ ରୂପେ ଖୁଲିଥାଏ । ତା'ର ଆତ୍ମା, ଇନ୍ଦ୍ରିୟ ଓ ମନ ପ୍ରସନ୍ନ ରହେ । ତାକୁ ସୁସ୍ଥ କୁହାଯାଏ ।

ଅତି ପୁରାକାଳରୁ ଆୟୁର୍ବେଦ ଚିକିତ୍ସା ବିଶାରଦ ମହର୍ଷି ଚରକ, ସୁଶ୍ରୁତ, ବାଗଭଟ୍ଟ ଓ କାଶ୍ୟପାଦି ମାଆ ଓ ଶିଶୁ ଉଭୟଙ୍କୁ ନିରୋଗ ରଖି ଏକ ସୁସ୍ଥ ସମାଜ ଗଠନ କରିବା ପାଇଁ ବହୁ ତଥ୍ୟ ସମ୍ବଳିତ ଉପଦେଶମାନ ଲିପିବଦ୍ଧ କରି ଯାଇଛନ୍ତି । ତେଣୁ ସୁସ୍ଥ ସମାଜ ଲାଗି ମାଆ ଓ ଶିଶୁର ଉତ୍ତମ ସ୍ୱାସ୍ଥ୍ୟ ଅତୀବ ଗୁରୁତ୍ୱପୂର୍ଣ୍ଣ । ମା ସୁସ୍ଥ ହେଲେ ପିଲା ସ୍ୱାସ୍ଥ୍ୟବାନ୍ ହେବ ଏବଂ ଆଜିର ସ୍ୱାସ୍ଥ୍ୟବାନ ପିଲା ପୁଣି ଭବିଷ୍ୟତ ପିଢ଼ୀକୁ ସ୍ୱାସ୍ଥ୍ୟବାନ କରିବ ।

ଆଜିର ଶିଶୁ କାଲିର ନାଗରିକ । ସୁସ୍ଥ ନାଗରିକ ସମାଜର ମୂଳ ପିଣ୍ଡ । ତେଣୁ ଶିଶୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଶିଶୁକୁ ସର୍ବଦା ସୁସ୍ଥ ରଖିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଉଚିତ । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (World Health Organisation)ର କାର୍ଯ୍ୟକ୍ରମରେ ୨୦୦୦ ମସିହା ସୁଦ୍ଧା ସମସ୍ତଙ୍କର ସ୍ୱାସ୍ଥ୍ୟ ସୁବିଧା ପାଇଁ ନିଷ୍ପତ୍ତି ନିଆଯାଇ ସବୁ ରାଷ୍ଟ୍ରରେ ପଦକ୍ଷେପମାନ ଗ୍ରହଣ କରାଯାଇଛି । ସେଥି ମଧ୍ୟରୁ ଶିଶୁକଲ୍ୟାଣ ଅନ୍ୟତମ । ଆମ ରାଜ୍ୟର ସହର ଓ ସହରତଳି ଅଞ୍ଚଳଗୁଡ଼ିକରେ ଏହି ଶିଶୁକଲ୍ୟାଣ କାର୍ଯ୍ୟକ୍ରମ ଅଧିକ କାର୍ଯ୍ୟକାରୀ କରାଯାଉଥିବା ସ୍ଥଳେ ଗ୍ରାମାଞ୍ଚଳ ଓ ମଫସଲ ଅଞ୍ଚଳମାନଙ୍କରେ ଏହାର ସଫଳ ରୂପାୟନ ହୋଇପାରୁ ନାହିଁ । କାରଣ ଓଡ଼ିଶାର ପ୍ରତି ୧୦୦୦ରେ ୧୩୦ଜଣ ନବଜାତ ଶିଶୁ ମୃତ୍ୟୁ ମୁଖରେ ପଡୁଥିବା ବେଳେ କେରଳରେ ମାତ୍ର ୩୦ ଜଣ ମରୁଛନ୍ତି । ତେଣୁ ଶିଶୁ ମୃତ୍ୟୁ ହାରକୁ କମାଇବା ପାଇଁ କେରଳ ଭଳି ଓଡ଼ିଶାରେ ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରତି ଅଧିକ ଗୁରୁତ୍ୱ ଦିଆଯିବା ଉଚିତ ।

ଆୟୁର୍ବେଦ ଚିକିତ୍ସା ବିଜ୍ଞାନକୁ ଆଠ ଭାଗରେ ବିଭକ୍ତ କରାଯାଇଛି । ଯଥା:

"କାୟ ବାଳ ଗ୍ରହୋର୍ଦ୍ଧାଙ୍ଗ ଶଲ୍ୟ ଦଂଷ୍ଟ୍ରା ଜରା ବୃଷାନ୍ ।
ଅଷ୍ଟାବଙ୍ଗାନି ତସ୍ୟାହୁ ଶ୍ଚିକିତ୍ସା ଯେଷୁ ସଂଶ୍ରିତା ।"
(ଅ:ହୃ:ସୂ:୧/୫)

ଅର୍ଥାତ୍ କାୟଚିକିତ୍ସା (Medicine), କୌମାରଭୃତ୍ୟ (Paediatrics), ଭୂତବିଦ୍ୟା, ଶାଲକ୍ୟ ଚିକିତ୍ସା(E. N. T.), ଶଲ୍ୟ ଚିକିତ୍ସା (Surgery), ବିଷ ଚିକିତ୍ସା (Toxicology),ରସାୟନ ଚିକିତ୍ସା (Geriatrics) ଓ ବାଜୀକରଣ ଚିକିତ୍ସା (Aphrodisiacs) ।

ଏହି ଆଠଗୋଟି ଚିକିତ୍ସା ମଧ୍ୟରୁ କୌମାରଭୃତ୍ୟ ବା ଶିଶୁରୋଗ ଚିକିତ୍ସା ଆଦ୍ୟ ଓ ଶ୍ରେଷ୍ଠ ଅଙ୍ଗ ବୋଲି ଶିଶୁ ରୋଗ ଚିକିତ୍ସାର ପ୍ରବର୍ତ୍ତକ ମହର୍ଷି କାଶ୍ୟପ ତାଙ୍କର "କଶ୍ୟପ ସଂହିତା" ନାମକ ଗ୍ରନ୍ଥରେ ବର୍ଣ୍ଣନା କରିଯାଇଛନ୍ତି । ଚିକିତ୍ସା ଶାସ୍ତ୍ରର କ୍ରମ ଦୃଷ୍ଟିରୁ ଆୟୁର୍ବେଦ ଶାସ୍ତ୍ରରେ ଶିଶୁମାନଙ୍କର ପାଳନ, ବର୍ଦ୍ଧନ, ରୋଗ ନିବାରଣ ଓ ସଂସ୍କାର ପ୍ରଭୃତିକୁ କୌମାରଭୃତ୍ୟରେ ଅନ୍ତର୍ଭୁକ୍ତ କରାଯାଇଛି । ଆହୁରି ମଧ୍ୟ ବର୍ଣ୍ଣନା ରହିଛି :

କୌମାର ଭୃତ୍ୟ ନାମ କୁମାରଭରଣ ଧାତ୍ରୀ କ୍ଷୀର ଦୋଷ
ସଂଶୋଧନାର୍ଥଂ ଦୁଷ୍ଟ ସ୍ତନ୍ୟଗ୍ରହ
ସମୁତ୍ଥାନଂ ଚ ବ୍ୟାଧିନା ମୁପଶମନାର୍ଥଂ । (ସୁ:ସୂ:୧)

ଶିଶୁ ରୋଗ ଚିକିତ୍ସାରେ ଶିଶୁ ଜନ୍ମ ହେବା ପରେ ତାର ଲାଳନ ପାଳନ, ପୋଷଣ ଓ ଚିକିତ୍ସା ଦ୍ୱାରା ସୁସ୍ଥ ସବଳ ହୋଇ ବଞ୍ଚି ରହିବା ପ୍ରଣାଳୀର ବର୍ଣ୍ଣନା ରହିଛି ।

ଶିଶୁ ଜନ୍ମ ହେବା ପରେ ମହର୍ଷି କାଶ୍ୟପ, ସଦ୍ୟଜାତ ଶିଶୁ କିପରି ଭାବେ ରୋଗବିହୀନ ହୋଇ ସୁସ୍ଥ ଜୀବନ ଯାପନ କରିବ, ସେଥିପାଇଁ ତାଙ୍କ ସଂହିତା ଗ୍ରନ୍ଥରେ କେତେକ କର୍ମମାନ ଉଲ୍ଲେଖ କରିଛନ୍ତି । ସେମାନଙ୍କ ମଧ୍ୟରେ ଜାତକର୍ମ, ପ୍ରାଣ ପ୍ରତ୍ୟାଗମନ, ନାଭି ନାଡ଼ି କର୍ତ୍ତନ, ଅବଗାହନ (ସ୍ନାନ), ରକ୍ଷାକର୍ମ, ସ୍ତନ୍ୟପାନ ପୂର୍ବରୁ ଶିଶୁର ଆହାର ବିଧାନ ଓ ନାମକରଣ ବିଧାନାଦି ବିଷୟରେ ବିଶଦ ଭାବରେ ବର୍ଣ୍ଣନା ରହିଛି ।

## ଜାତକର୍ମ :

ଶିଶୁ ଜନ୍ମ ହେବା ପରେ ଯେଉଁ ଯେଉଁ କର୍ମମାନ କରାଯାଏ, ତାହାକୁ ଜାତକର୍ମ କୁହାଯାଏ । ଆୟୁର୍ବେଦ ଚିକିତ୍ସାରେ ଜାତକର୍ମ କହିଲେ :

"ପ୍ରାଗଂ ନାଭୀ କର୍ତ୍ତନାତ୍ ପୁଂସୋ
ଜାତକର୍ମାଭିଧୀୟତେ,
ମନ୍ତ୍ରବତ୍ ପ୍ରାଶନଂ ଚାସ୍ୟ ହିରଣ୍ୟଂ ମଧୁସର୍ପିଷାସ ।"

ନାଭି ନାଡ଼ି କର୍ତ୍ତନ ପୂର୍ବରୁ ଶିଶୁକୁ ଜାତକର୍ମ କରାଇବା ଉଚିତ୍ । ଏହି ମନ୍ତ୍ର ଉଚ୍ଚାରଣ ପୂର୍ବରୁ ଶିଶୁକୁ ସୁବର୍ଣ୍ଣ ଭସ୍ମକୁ ମହୁ ଓ ଘୃତ ମିଶାଇ ଚଟାଇ ଶିଶୁକୁ ଗୃହ୍ୟୋସୂତୋକ୍ତ ମନ୍ତ୍ର ତାର ଦକ୍ଷିଣକର୍ଣ୍ଣରେ ପାଠ କରିବ । ଯଥା : ପଶ୍ୟେମ ଶରଦ ଶତମ୍, ଜୀବେମ ଶରଦ ଶତମ୍, ଶୃଣ୍ୱାମଃ ଶରଦ ଶତମ୍' । ଏହାଦ୍ୱାରା ଶିଶୁର ବ୍ୟାଧିକ୍ଷମତ୍ୱ ବଢି ଶିଶୁ ଦୀର୍ଘଜୀବୀ ହୋଇଥାଏ ।

## ପ୍ରାଣ ପ୍ରତ୍ୟାଗମନ :

କେତେଗୁଡିଏ କାରଣରୁ ଶିଶୁ ଜନ୍ମ ହେବା ମାତ୍ରେ ମାଆ ଗର୍ଭରୁ ସମ୍ମୋହିତ ଅବସ୍ଥାରେ ଜନ୍ମ ହୋଇଥାଏ । ତେଣୁ ସେହି ସମ୍ମୋହିତ ଅବସ୍ଥାରୁ ସ୍ୱାଭାବିକ ଶ୍ୱାସ ପ୍ରଶ୍ୱାସ ଫେରାଇଆଣିବା ପାଇଁ ପ୍ରାଣ ପ୍ରତ୍ୟାଗମନ (Neo–natal Asphysial Management) କରାଯାଇଥାଏ । ଏଥିପାଇଁ ମହର୍ଷି ଚରକ କହିଛନ୍ତି :

(କ) ଶିଶୁର କର୍ଣ୍ଣମୂଳରେ "ଅଶ୍ମନୋଃ ସଂଘଟନଂ କର୍ଣ୍ଣୟୋର୍ମୂଲେ," ଦୁଇଗୋଟି ପଥରଖଣ୍ଡ ବାଡେଇବା ଉଚିତ୍ । ଫଳରେ ଶ୍ରୁତି ସ୍ନାୟୁ ଉତ୍ତେଜିତ ହୋଇଥାଏ ।

(ଖ) ଶୀତୋଦକେନ ଉଷ୍ଣୋଦକେନ ବା ମୁଖ ପରିଷେକଃ ।
ଅର୍ଥାତ୍ ଶିଶୁକୁ ଶୀତଳ ବା ଉଷ୍ମ ଜଳ ସାହାଯ୍ୟରେ ମୁଖ ପରିଷେକ କରାଇବା ଉଚିତ୍ ।

(ଗ) କୃଷ୍ଣ କପାଳିକା ଶୂର୍ପେଣ ଚୈନ ମଭିନିଷ୍ପୁନୀୟୁର୍ଯ୍ୟ ଦ୍ୟଚେଷ୍ଟଃ ସ୍ୟାଦ୍ୟାବତ୍ ପ୍ରାଣନାଂ ।(ଚ: ଶା: ୮/୭୦)
ଅର୍ଥାତ୍ କୃଷ୍ଣ କପାଳିକା (ଶରପଙ୍ଖା) ବିଞ୍ଚଣାରେ ଶିଶୁକୁ ବିଞ୍ଚିବ ।

ଏହି କର୍ମ କରିବା ଦ୍ୱାରା ନେଫ ସ୍ନାୟୁ ଉତ୍ତେଜିତ ହୋଇ ଶିଶୁକୁ ଅଧିକ ଅମ୍ଳଜାନ ଯୋଗାଇଥାଏ । ପରିଚାରିକା ନିଜର ନଖ ଭଲକରି କାଟି ଏବଂ ପରିଷ୍କାର କରି ଏକ ସ୍ୱଚ୍ଛ କପଡ଼ା ନେଇ ଶିଶୁର ମୁଖ ଓ କଣ୍ଠସ୍ଥଳ ଭଲଭାବେ ପରିଷ୍କାର କରିବା ଉଚିତ । କାରଣ ଯଦି ଶ୍ଳେଷ୍ମା ରହିଥାଏ ତେବେ ଶ୍ୱାସାବରୋଧ ହେବାର ସମ୍ଭାବନା ଥାଏ ।

## ନାଭି ନାଡ଼ି ଉପକର୍ତ୍ତନ :

ମହର୍ଷି ଚରକଙ୍କ ମତରେ ଶିଶୁର ପ୍ରାଣ ପ୍ରତ୍ୟାଗମନ ହେବା ପରେ ଯେତେବେଳେ ଶ୍ୱାସକ୍ରିୟା ସ୍ୱାଭାବିକ ହୁଏ, ସେତେବେଳେ ଶିଶୁର ନାଭି ମୂଳରୁ ଆଠ ଅଙ୍ଗୁଳି ଛାଡ଼ି ଚିହ୍ନ ଦେବା ପରେ ସେହି ଚିହ୍ନର ଉଭୟ ପାର୍ଶ୍ୱକୁ ଧରି ସୁବର୍ଣ୍ଣ, ରୌପ୍ୟ ବା ଲୌହ ଧାତୁ ନିର୍ମିତ ତୀକ୍ଷ୍ଣ ଶସ୍ତ୍ରରେ ନାଭି ନାଳକୁ ଉପକର୍ତ୍ତନ କରାଯାଏ । ତା'ପରେ କଟା ହୋଇଥିବା ଭାଗ ଯାହାକି ଶିଶୁର ନାଭି ସହିତ ସଂଲଗ୍ନ ରହିଥାଏ, ତାହାର ଅଗ୍ରଭାଗକୁ ସୂତ୍ରରେ ଶିଶୁର ବେକରେ ବାନ୍ଧି ଦେବା ଉଚିତ । କାରଣ ନାଭି ନାଳଟି ଆଠ ଅଙ୍ଗୁଳ ଉପରେ କଟା ହୋଇଥିବାରୁ ତାହା ଶିଶୁର ପରିସ୍ରା ତଥା ମଳ ଲାଗି ସଂକ୍ରମିତ ହେବାର ସମ୍ଭାବନା ଥାଏ । ତେଣୁ ଏହି ସଂକ୍ରମଣ ରକ୍ଷା କରିବା ପାଇଁ ନାଭି ନାଳକୁ ଶିଶୁର ବେକରେ ବାନ୍ଧି ଦିଆଯାଇଥାଏ ।

## ଶିଶୁ ଅବଗାହନ :

ପ୍ରଥମେ ଶିଶୁକୁ ଏକ ଟ୍ରେରେ ରଖି ବଳା ତୈଳ ବା କ୍ଷୀରଘୃତ ତୈଳ ମାଲିସ କରିବ । ଏହାଦ୍ୱାରା ଶିଶୁ ଦେହରେ ଲାଗିଥିବା **Vernix Caseosa** (ବ୍ୟାପ୍ତ ଶ୍ୱେତ ଶ୍ଳେଷ୍ମା) ମୁକ୍ତ ହୋଇଥାଏ । ତା'ପରେ (୧) କ୍ଷୀରି ବୃକ୍ଷ କଷାୟ ସିଦ୍ଧ ଜଳ, (୨) ରୌପ୍ୟ ହେମ ତପ୍ତ ବାରି, (୩) ସର୍ବ ଗନ୍ଧୋଦକ, (୪) କପିତ୍ଥ ପତ୍ର କଷାୟ, (୫) ଉଷ୍ଣୋଦକାଦି ସିଦ୍ଧ ଜଳ ମଧ୍ୟରୁ ଯେ କୌଣସି ଗୋଟିକରେ ସ୍ନାନ କରାଇଲେ ଶିଶୁ ସୁନ୍ଦର ଓ ସ୍ୱାସ୍ଥ୍ୟବାନ ହୋଇଥାଏ ।

## ରକ୍ଷା କର୍ମ :

ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ରକ୍ଷା କର୍ମ କହିଲେ ନବଜାତ ଶିଶୁର ରକ୍ଷା, ମାତାର ରକ୍ଷା ଏବଂ କୁମାରାଗାରର ରକ୍ଷା କରିବାକୁ ବୁଝାଇଥାଏ । ରକ୍ଷା କର୍ମ ନିମ୍ନଲିଖିତ ପ୍ରକାରରେ କରାଯାଇଥାଏ :

(କ) ଶିଶୁକୁ କ୍ଷୌମ ବସ୍ତ୍ର (ମଠା ଆଦି) ଦ୍ୱାରା ଘୋଡ଼ାଇ ରଖିବା ଉଚିତ ।

(ଖ) ସୂତୀକା ଗୃହର ଚାରିପଟେ ତିଳ, ସର୍ଷପ ଏବଂ ଚାଉଳ ଦାନାକୁ ବୁଣିଦିଆଯାଇଥାଏ ।

(ଗ) ବଚ, କ୍ଷୌମ ବସ୍ତ୍ର, ହିଙ୍ଗୁ, ସୋରିଷ, ଅତିସ, ରସୁନ, ଚାଉଳ ଏବଂ ଅନ୍ୟାନ୍ୟ ଭୂତ ପ୍ରେତନାଶକ ଗୁଗ୍‌ଗୁଳାଦି ଔଷଧକୁ ପୁଡ଼ିଆ କରି ସୂତୀକାଗାରର ଦରଜାରେ ଟାଙ୍ଗିଦିଆଯାଏ ଓ ପ୍ରସୂତୀ ତଥା ଶିଶୁ ବେକରେ ବାନ୍ଧି ଦିଆଯାଇଥାଏ ।

## ସ୍ତନ୍ୟ ପାନ ପୂର୍ବରୁ ଆହାର ବିଧାନ :

ଶିଶୁ ଜନ୍ମ ହେବାର ପ୍ରଥମ ଦିନ ସୁବର୍ଣ୍ଣ ଭସ୍ମ, ଘୃତ, ମହୁ ଅସମାନ ପରିମାଣରେ ନେଇ ପ୍ରାୟ ୨୫୦ ଗ୍ରାମ୍ ଦିନକୁ ତିନିଥର ସିଝା ପାଣି ସହ ଦିଆଯାଏ । ଦ୍ୱିତୀୟ ଦିନ ଲକ୍ଷଣାସିଦ୍ଧ ଘୃତ ଦିନକୁ ତିନିଥର ହାରାହାରି ୫୦୦ ଗ୍ରାମ୍ ଖାଇବାକୁ ଦିଆଯାଏ । ତୃତୀୟ ଦିନ ପ୍ରଥମଥର ସ୍ତନ୍ୟ ବାହାର କରି ସାରିବା ପରେ ଥରେ ମାତ୍ର ଶିଶୁକୁ ସ୍ତନ୍ୟ ପାନ କରାଇବା ଉଚିତ ଏବଂ ଆଉ ଦୁଇଥର ଲକ୍ଷଣାସିଦ୍ଧ ଘୃତ ଦିଆଯାଇଥାଏ ।

ଚତୁର୍ଥ ଦିନଠାରୁ ଶିଶୁକୁ ସ୍ୱାଭାବିକ ରୂପେ ସ୍ତନ୍ୟ ପାନ କରାଯାଇଥାଏ ।

## ନାମକରଣ ବିଧାନ :

ଶିଶୁ ଜନ୍ମ ହେବାର ଏକାଦଶ ଦିବସରେ ମାଆ ଓ ଶିଶୁକୁ ସର୍ବ ଗନ୍ଧୋଦକ ବା ଶ୍ୱେତ ସର୍ଷପ ସିଦ୍ଧ ଜଳରେ ସ୍ନାନ କରାଇବା ଦୁହେଁଯାକ ନୂତନ ତଥା ପବିତ୍ର ବସ୍ତ୍ର ପରିଧାନ କରିବେ । ତା'ପରେ ମଙ୍ଗଳ ଦ୍ରବ୍ୟକୁ ସ୍ପର୍ଶ କରି ଯେଉଁ ନକ୍ଷତ୍ରରେ ଶିଶୁ ଜନ୍ମ ହୋଇଥିବ ସେହି ନକ୍ଷତ୍ରର ଦେବତାଙ୍କୁ ପୂଜା କରି ସ୍ୱସ୍ତି ବାଚନ ପୂର୍ବକ ଶିଶୁକୁ ପୂର୍ବ କିମ୍ବା ଉତ୍ତର ଦିଗକୁ ମୁଣ୍ଡ କରି ଶୁଆଇଦେବ । ତା'ପରେ ଶିଶୁର ପିତା ନକ୍ଷତ୍ରର ଦେବତାଙ୍କୁ ପୂଜା କରି ଶିଶୁର ନାମକୁ ପୁତ୍ର ହୋଇଥିଲେ ଦକ୍ଷିଣ କର୍ଣ୍ଣରେ ବା କନ୍ୟା ହୋଇଥିଲେ ବାମ କର୍ଣ୍ଣରେ କୁହାଯାଇଥାଏ । ଶିଶୁର ନାମକରଣ ଦୁଇ ପ୍ରକାର ହୋଇଥାଏ । ଯଥା : (୧) ନାକ୍ଷତ୍ରିକ କିମ୍ବା ଅଭିପ୍ରାୟିକ । ନାକ୍ଷତ୍ରିକ ନାମ ନକ୍ଷତ୍ରର ସଂଜ୍ଞା ଅନୁସାରେ ଦୁଇ ବା ଚାରି ଅକ୍ଷର ବିଶିଷ୍ଟ ହେବା ଆବଶ୍ୟକ ବୋଲି ମହର୍ଷି ମନୁ କହିଛନ୍ତି ।

ଅଭିପ୍ରାୟିକ ନାମର ପ୍ରଥମରେ ଘୋଷବାନ ବର୍ଣ୍ଣ । ଯଥା : ଗ, ଘ, ଜ, ଝ, ଡ, ଢ, ଦ, ଧ, ବ, ମ ଆଦି ରହି ଅନ୍ତରେ ଅନ୍ତସ୍ଥ ବର୍ଣ୍ଣ ଯଥା : ଯ, ର, ଲ, ବ, ଶ, ଷ, ସ, ହ ଇତ୍ୟାଦି ରହିବା ଉଚିତ । ଶିଶୁର ନାମ ତ୍ରିପୁରୁଷାନୁକ, ପିତା, ପିତାମହ, ପ୍ରପିତାମହ ଆଦିଙ୍କର ନାମ ସହ ସାମଞ୍ଜସ୍ୟ ରହିବା ଆବଶ୍ୟକ ।

## ଶିଶୁ କାହାକୁ କୁହାଯାଏ ?

ଶିଶୁର ଅବସ୍ଥା ବିଶେଷରେ ଏହାକୁ ସଦ୍ୟଜାତ, କ୍ଷୀରପ, କ୍ଷୀରାନ୍ନାଦ ଓ ଅନ୍ନାଦ ଭେଦରେ ବିଭକ୍ତ କରାଯାଇଛି । ଶିଶୁ ଶଯ୍ୟା ୧୪ରୁ ୧୬ ପର୍ଯ୍ୟନ୍ତ କରାଯାଇଥାଏ । ଏହି ପ୍ରତ୍ୟେକ ଅବସ୍ଥାରେ ଶିଶୁର ଶରୀରର କୌଣସି ନା କୌଣସି ପରିବର୍ତ୍ତନ ଦେଖାଯାଏ । ଯେତେବେଳେ ଶିଶୁ ପ୍ରଥମେ ଭୂମିଷ୍ଠ ହୁଏ ସେତେବେଳର ଅବସ୍ଥା କ୍ଷୀର ପାନ କରିବାର ଅବସ୍ଥାଠାରୁ ଭିନ୍ନ ଥାଏ । କ୍ଷୀର ପାନ କରିବା ଅବସ୍ଥାଠାରୁ କ୍ଷୀର ସଂଯୁକ୍ତ ଅନ୍ନ ଭକ୍ଷଣ କରିବା ଅବସ୍ଥା ଭିନ୍ନ ହୁଏ ଏବଂ କ୍ରମେ କ୍ରମେ ଶିଶୁ ବୃଦ୍ଧିଲାଭ କରି ସମ୍ପୂର୍ଣ୍ଣ ଅନ୍ନ ଉପରେ ନିର୍ଭର କରେ । ତେଣୁ ଶିଶୁର ଯେଉଁ ରୋଗ ହୁଏ ତାହା ବିଶେଷତଃ ଗୋଟିଏ ଅବସ୍ଥାରୁ ଅନ୍ୟ ଅବସ୍ଥାକୁ ଅତିକ୍ରମଣ କରିବା ସମୟରେ ଦେଖାଯାଏ । ସେଥିପାଇଁ ମହର୍ଷି ଚରକ କହିଛନ୍ତି : "ଅବସ୍ଥାନ୍ତର ନାମ ପୁନର୍ଜନ୍ମ" ।

ସଦ୍ୟଜାତ ସମୟରେ ଶିଶୁ ସମ୍ପୂର୍ଣ୍ଣ ରୂପେ ପରାଶ୍ରୟୀ ଥାଏ । ମାତାର ସ୍ତନ ଉଦ୍ଗମ ହେଉନଥିବାରୁ ଶିଶୁ ବାହ୍ୟ ଖାଦ୍ୟ ଉପରେ ଯଥା : ମଧୁ ସଂଯୁକ୍ତ ଜଳ ଉପରେ ନିର୍ଭର କରିଥାଏ । ତୃତୀୟ ଦିନ ପରେ ମାତାର କ୍ଷୀର ସ୍ରାବ ହେବା ପରେ କ୍ଷୀର ସ୍ରାବ ବୃଦ୍ଧି ଅନୁସାରେ କ୍ଷୀର ପାନ କରିବାଠାରୁ କ୍ଷୀରାଦ ଅବସ୍ଥା ପ୍ରାପ୍ତ ହୁଏ । ଏହି ସମୟରେ ଶିଶୁ ସମ୍ପୂର୍ଣ୍ଣ ରୂପେ ମାତୃ ସ୍ତନ୍ୟ ଉପରେ ନିର୍ଭର କରିଥାଏ । ମାତୃ ସ୍ତନ୍ୟ ସାହାଯ୍ୟରେ ଶରୀରର ପୋଷଣ, ଧାରଣ, ବର୍ଦ୍ଧନ ସମାହିତ ହୁଏ । ତେଣୁ ମାତୃ ସ୍ତନ୍ୟରେ ଯଦି କୌଣସି ବିକୃତି ହୁଏ ତାହା ଶିଶୁ ଦେହରେ ସଂକ୍ରମିତ ହୁଏ ଓ ଭିନ୍ନ ଭିନ୍ନ ରୋଗ ଉତ୍ପତ୍ତି କରିଥାଏ । ଏପରିକି ସ୍ତନ୍ୟ ଦାନ ବିଧାନ ମଧ୍ୟ କ୍ରମେ ଶିଶୁର ପରିପୋଷଣ ରୋଗୋତ୍ପତ୍ତିର କାରଣ ହୋଇଥାଏ ।

ଉଦର ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଅନ୍ନବହ ସ୍ରୋତ (Intestinal Canal)ର ବୃଦ୍ଧି ହୁଏ । ଏହା କଠିନ ଦ୍ରବ୍ୟ ପରିପାକ କରିବାର ସମର୍ଥ ଲାଭ କରେ । ଷଷ୍ଠ ମାସଠାରୁ ଦନ୍ତୋଦ୍ଗମ ଆରମ୍ଭ ହୁଏ । ଦନ୍ତୋଦ୍ଗମ ପ୍ରକ୍ରିୟା ଶରୀର ମଧ୍ୟରେ ପାଚନ ସଂସ୍ଥାନର ପରିପକ୍ୱତା ଦର୍ଶାଇଥାଏ । ଯେତିକି ଯେତିକି ଦାନ୍ତ ଉଠିବାକୁ ଆରମ୍ଭ କରେ ସେତିକି ସେତିକି କଠିନ ଖାଦ୍ୟ ଗ୍ରହଣ କରିବାର ଶକ୍ତି ଆହରଣ କରେ । ପ୍ରାୟ ଏକବର୍ଷ ବୟସ ବେଳକୁ ବାର ଷୋଳଗୋଟି ଦନ୍ତ ସହିତ ଦନ୍ତ ସମ୍ପୂର୍ଣ୍ଣ କ୍ରିୟାଯୁକ୍ତ ହୋଇଥାଏ । କିନ୍ତୁ ଏକବର୍ଷ ପରେ କ୍ଷୀର ବା ତରଳ ଖାଦ୍ୟ ସହ କିଛି ପରିମାଣର କଠିନ ଖାଦ୍ୟ ହଜମ କରିବାକୁ ଶିଶୁ ସମର୍ଥ ହୁଏ । ଏହି ସମୟଠାରୁ ଶିଶୁକୁ କ୍ଷୀରାନ୍ନାଦ କୁହାଯାଏ । କ୍ରମେ ଶିଶୁ ବୃଦ୍ଧିପ୍ରାପ୍ତ ହୁଏ ଓ ଦନ୍ତର ଚର୍ବଣ ସାମର୍ଥ୍ୟ ବୃଦ୍ଧି ପାଏ । କଠିନ ପଦାର୍ଥକୁ ସମ୍ୟକ ଚର୍ବଣ କରି ଅନ୍ତକୁ ପ୍ରେରଣ କରିବା କାର୍ଯ୍ୟ ସମ୍ପୂର୍ଣ୍ଣ କରିଥାଏ । ଦ୍ୱିତୀୟ ବର୍ଷ ପରଠାରୁ ଏହି କ୍ରିୟା ସମ୍ପାଦିତ ହେଉଥିବାରୁ ଏହାର ପରବର୍ତ୍ତୀ ଅବସ୍ଥାକୁ ଅନ୍ନାଦ ଅବସ୍ଥା କୁହାଯାଏ । ଶିଶୁ ତୃତୀୟ ବର୍ଷଠାରୁ ୧୪ ବର୍ଷ ପର୍ଯ୍ୟନ୍ତ ଶରୀରଂ ଯେଉଁ ଅବସ୍ଥାରେ ଗତି କରେ ତାହା କୈଶୋର ଅବସ୍ଥାଠାରୁ ଭିନ୍ନ ଓ ଶିଶୁ ଅବସ୍ଥା ସହ ସାମଞ୍ଜସ୍ୟ ଥାଏ । ଏହାର ବୃଦ୍ଧି କ୍ରମ ଶୈଶବ କ୍ରମ ଅନୁଯାୟୀ ହେଉଥିବାରୁ ୧୪ ବର୍ଷ ପର୍ଯ୍ୟନ୍ତ ଶୈଶବ ବୋଲି କୁହାଯାଏ । ଶୈଶବ ଅବସ୍ଥାରେ ଅସ୍ଥି ବୃଦ୍ଧିପ୍ରାପ୍ତ ହେଲେ ମଧ୍ୟ ପରିପକ୍ୱତା (Centre of Ossification) ଲାଭ କରିପାରେ ନାହିଁ । କିମ୍ବା ଶୁକ୍ରର ଉତ୍ପନ୍ନ ହୁଏନାହିଁ । ଯାହାକି କୈଶୋର ଅବସ୍ଥାରେ ଦେଖାଯାଏ ।

## ଶିଶୁ ରୋଗ କ'ଣ ?

ଶିଶୁ ରୋଗ କହିଲେ ଶିଶୁର ବିଭିନ୍ନ ଅବସ୍ଥାରେ ହେଉଥିବା ରୋଗକୁ ବୁଝାଏ । ଶିଶୁ ଜନ୍ମ ହେବା ପରେ କେତେଗୁଡ଼ିଏ ରୋଗ ଅଛି ଯାହାକି ମାତୃ ଗର୍ଭରୁ ଗ୍ରହଣ କରି ଭୂମିଷ୍ଠ ହୁଏ । ଏହି ପ୍ରକାର ରୋଗକୁ ଆୟୁର୍ବେଦ ଶାସ୍ତ୍ରରେ ଆଦିବଳ ପ୍ରବୃତ୍ତ ବା ବଂଶାନୁକ୍ରମିକ ବୋଲି କୁହାଯାଏ । ସାଧାରଣତଃ ଏହି ରୋଗମାନେ ଦୁଶ୍ଚିକିତ୍ସ୍ୟ ଅଟନ୍ତି ।

ଏହା ବ୍ୟତୀତ ଦୋଷଜ ରୋଗଗୁଡ଼ିକ ଚିକିତ୍ସା ମାଧ୍ୟମରେ ଆୟତ୍ତ କରାଯାଇପାରେ । ଶିଶୁ ଜନ୍ମ ହେବା ପରେ ମାତୃ ଗର୍ଭରେ ଥିବା ସମୟରେ ଆଭ୍ୟନ୍ତର ଅବୟବମାନଙ୍କର କେତେକ କ୍ଷେତ୍ରରେ ବୃଦ୍ଧି ଓ କେତେକ କ୍ଷେତ୍ରରେ ନ୍ୟୁନତା ଦେଖାଯାଏ । ଏହିପରି କେତେକ ରୋଗ ଯଥା : ଅଚ୍ଛିଦ୍ର ପାୟୁ, ଅତିବୃଦ୍ଧ ବୃହଦନ୍ତ, ଗ୍ରନ୍ଥିକା ଛିଦ୍ରଯୁକ୍ତ ହୃଦୟ ଆଦି ରୋଗ ଦେଖାଯାଏ । ଯାହାକୁ କି ଜନ୍ମବଳ ପ୍ରବୃତ୍ତ ବ୍ୟାଧି କୁହାଯାଏ । ଜନ୍ମବଳ ପ୍ରବୃତ୍ତ ବ୍ୟାଧିମାନେ ପ୍ରାୟ ଶସ୍ତ୍ରସାଧ୍ୟ । ଆମେ ଏଠାରେ କେବଳ ଶିଶୁଠାରୁ ଉତ୍ପନ୍ନ ହେଉଥିବା ଦୋଷବଳ ପ୍ରଧାନ ବ୍ୟାଧିମାନଙ୍କର କେତୋଟି ବର୍ଣ୍ଣନା କରିବୁ । ଏହି ପ୍ରକାର ଶିଶୁ ରୋଗୀମାନେ ଚିକିତ୍ସକମାନଙ୍କ ପାଖକୁ ଚିକିତ୍ସା ପାଇଁ ଆସିଥାନ୍ତି । ସଦ୍ୟଜାତ ଶିଶୁ ଜନ୍ମ ହୋଇସାରିବା ପରେ ଯଦି ତାହାର ଉଦରରୁ ନିର୍ଗଳିତ ଗର୍ଭୋଦକ (Amniotic fluid)କୁ ଉପଯୁକ୍ତ ଭାବରେ ନିଷ୍କାସିତ କରି ନଥାଏ ତେବେ ଶିଶୁ ବାରମ୍ବାର ବମନ କରେ । ବମନ ଫଳରେ ଶରୀରର ଜଳୀୟାଂଶ କ୍ଷୟ ହୋଇ ଶିଶୁ ଦୁର୍ବଳ ଓ ଶୁଷ୍କ ଦେଖାଯାଏ । ତେଣୁ ନିଗିଳିତ ଗର୍ଭୋଦକକୁ ନିଷ୍କାସନ କରିବା ପାଇଁ ଶିଶୁକୁ ମଧୁଜଳ ସହ ସୈନ୍ଧବ ଲବଣ ପାନ କରାଇବା ଉଚିତ । ଏହା ଫଳରେ ଗର୍ଭୋଦକ ନିଷ୍କାସିତ ହୋଇଥାଏ । ସଦ୍ୟଜାତ ଶିଶୁ ଜନ୍ମ ହୋଇ ସାରିବା ପରେ ମାତୃ ଶରୀରରୁ ଆସିଥିବା ରକ୍ତ ନଷ୍ଟ ହୋଇ ଶିଶୁ ଦେହରେ କାମଳା ଉତ୍ପତ୍ତି ହୁଏ । ଏହି କାମଳା ଯଦିଓ ଏକ ସ୍ୱାଭାବିକ ପ୍ରକ୍ରିୟା ତଥାପି ଅତ୍ୟଧିକ କ୍ଷୟ ଫଳରେ ଶିଶୁର ପ୍ରାଣହାନୀ ବା ଯକୃତ ବିକାର ଉତ୍ପତ୍ତି ହେବାର ସମ୍ଭାବନା ଥାଏ । ତେଣୁ ଏହି ଅବସ୍ଥାରେ ଶିଶୁକୁ ମୃଦ୍ୱଳ ଓ ଅଗ୍ନିଦିପକ ଔଷଧ ମାତ୍ରାନୁସାରେ ମାଆ କ୍ଷୀର ସହିତ ପ୍ରୟୋଗ କରିବା ଉଚିତ ।

ବାଳକକୁ ବିଭିନ୍ନ ଅବସ୍ଥାରେ ଭିନ୍ନ ଭିନ୍ନ ରୋଗମାନ ହୋଇଥାଏ । ସେମାନଙ୍କ ମଧ୍ୟରେ ତାଳୁକଣ୍ଟକ, କ୍ଷୀରାଳସକ, କୁକ୍କୁଣକ, କୃମି, ଛର୍ଦ୍ଦି, ଜ୍ୱର, ଅତିସାର, ଅଜୀର୍ଣ୍ଣ, ମୃଦୁ ଭକ୍ଷଣଜ ପାଣ୍ଡୁ, ପରିକର୍ତ୍ତିକା, ଫକ୍କ, ବାଳଶୋଷ, ଗଣ୍ଡମାଳା, ଯକୃତ ବିକୃତି ଜନ୍ୟ ବ୍ୟାଧି, ଏକାଙ୍ଗବାତ, ପକ୍ଷବଧ, ଅର୍ଦ୍ଦିତ, ମଳାବରୋଧ, ଶଯ୍ୟାମୂତ୍ର, ମାନସିକ ବିକୃତି, ଉନ୍ମାଦ, ଅପସ୍ମାର, ତାରୁଣ ପୀଡ଼ିକା ଆଦି ରୋଗ ହୋଇଥାଏ ।

## ରୋଗ ହେବାର କାରଣ :

ଶିଶୁ ଜନ୍ମ ହେବା ପରେ ମାଆ ଯଦି ଅତ୍ୟଧିକ ଦିବାସ୍ୱପ୍ନ, ଶୀତଳ ଜଳପାନ, କଫ ଦୂଷିତ, ସ୍ତନ୍ୟ ସେବନ, ମଧୁର ଅଭିଷ୍ୟନ୍ଦିକାରକ ପଦାର୍ଥ ଯଥା : ମତ୍ସ୍ୟ, ମାଂସ, ଦୁଗ୍ଧ, ଶାକ, ନବନୀତ, ସୁରା, ଆସବ, ପିଷ୍ଟକ ଓ ଅମ୍ଳକାଞ୍ଜି ଆଦି ଖାଇବା ସହିତ ଶିଶୁକୁ ଯଦି ଅପରିଷ୍କାର ଓ ଅପରିଚ୍ଛନ୍ନ ଅବସ୍ଥାରେ ରଖାଯାଏ ତେବେ ପିଲାମାନଙ୍କଠାରେ ରୋଗମାନ ଦେଖାଯାଇଥାଏ ।

## ଚିକିତ୍ସା :

ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ବିଭିନ୍ନ ରୋଗ ଅନୁସାରେ ବହୁ ଶାସ୍ତ୍ରୀୟ ଓ ପେଟେଣ୍ଟ ଔଷଧ ପ୍ରୟୋଗ ହୋଇ ଆସୁଅଛି । ମାତ୍ର ଔଷଧୀ ଚିକିତ୍ସା ପୂର୍ବରୁ ପିଲାମାନଙ୍କୁ ରୋଗ ହେବା ମାତ୍ରେ ପ୍ରଥମେ ଯେଉଁ କାରଣରୁ ଏହି ରୋଗ ସୃଷ୍ଟି ହୋଇଥାଏ ତାହାକୁ ପରିବର୍ଜନ କରିବା ଆବଶ୍ୟକ । ଅର୍ଥାତ୍ ଯଦି କ୍ଷୀର ପାନରୁ ରୋଗ ହେଉଥାଏ, ତେବେ କ୍ଷୀର ପାନ ବନ୍ଦ କରାଯାଇଥାଏ । ମାତାର ସ୍ତନ୍ୟ ଶୋଧନ ପାଇଁ ଉପଶ୍ମର ଯଥା : ବାନ୍ତି ଓ ଝାଡ଼ା କରାଯାଇଥାଏ । ବାଳକକୁ ପରିଷ୍କାର ବସ୍ତ୍ର ବ୍ୟବହାର ପାଇଁ ଦିଆଯାଏ । ଗରମ ଜଳରେ ବସ୍ତ୍ର ଧୌତ ଏବଂ ସ୍ୱେଦନ କରିବ ଏବଂ ଅପାଙ୍ଗ ପ୍ରଦେଶରେ ଜଳୌକା ଅବସ୍ଥାନ କରାଇବ । ପିଲାକୁ ସର୍ବଦା ସ୍ୱାସ୍ଥ୍ୟକର ପରିବେଶରେ ରଖିବା ଉଚିତ ।

## ସାଧାରଣ ବନୌଷଧି ଚିକିତ୍ସା :

ଶିଶୁମାନଙ୍କୁ ଏପରି କେତେକ ରୋଗ ହୁଏ, ଯାହାକି ପ୍ରଥମ ଅବସ୍ଥାରୁ ଘରର ଆଖପାଖରେ ଥିବା ନିମ୍ନଲିଖିତ ସାଧାରଣ ବନୌଷଧି ଦ୍ୱାରା ଉପଶମ କରାଇପାରେ :

(୧) ନବଜାତ ଶିଶୁ ମାତାର ସ୍ତନ୍ୟ ପାନ କରି ନପାରିଲେ ଅଁଳା ଓ ହଳଦୀ ଚୂର୍ଣ୍ଣକୁ ଘିଅ ଓ ମହୁ ସହିତ ଶିଶୁର ଜିହ୍ୱାରେ ଘଷିବ । ଏହାଦ୍ୱାରା ନବଜାତ ଶିଶୁକୁ ସ୍ତନ୍ୟାଭାବେ ଉତ୍ତମ ପୋଷଣ ଯୋଗାଇଥାଏ ।

(୨) ପିଲାମାନଙ୍କର ଦୁଧ ବାନ୍ତି ହେଲେ ପାନମହୁରୀକୁ ପାଣିରେ ବତୁରାଇ ସେହି ପାଣିକୁ ୨/୩ ଥର ପିଇବାକୁ ଦେବ ।

(୩) ପିଲାମାନଙ୍କର ପେଟ ଫାମ୍ପୁଥିଲେ ଜୀରା, ଜୁଆଣିକୁ ପାଣିରେ ଫୁଟାଇ ତା'ର ପାଣିକୁ ଛାଣି ଖାଇବାକୁ ଦିଆଯାଇଥାଏ ।

(୪) ପିଲାମାନଙ୍କର ଝାଡ଼ା ହେଉନଥିଲେ ମଳଦ୍ୱାରରେ ପାନପତ୍ରର ଶିରରେ ଜଡ଼ାତେଲ ଲଗାଇ ମଳଦ୍ୱାରରେ ଭର୍ତ୍ତିକଲେ ଝାଡ଼ା ସ୍ୱାଭାବିକ ହୋଇଥାଏ ।

(୫) ପିଲା ଦିନକୁ ଦିନ ଦୁର୍ବଳ ହୋଇ ଶୁଖିଯିବା ସହିତ ଦେହରେ ଲାଗୁନଥିଲେ (ବାଳଶୋଷ) : ଶ୍ୱେତଦୁବ ୭ଟା, ବରକୋଳି ପତ୍ର ୭ଟା, ସାରିବା ପତ୍ର ୭ଟା, ମୟୂର ଚୂଳିଆ ୭ଟା, କାକମାଚୀ ପତ୍ର ୭ଟା, ଅରୁଆ ଚାଉଳ ୭ଟା, ହଳଦୀ ୭ଟା – ଏହି ସମସ୍ତଙ୍କୁ ଏକତ୍ର ବାଟିକରି ଶନିବାର ଏବଂ ମଙ୍ଗଳବାରରେ ଶିଶୁ ପାଟିରେ ଲଗାଇ ମୁଣ୍ଡରୁ ଗୋଡ଼ ପର୍ଯ୍ୟନ୍ତ ମାଲିସ କରିବ । ଗୋଟିଏ ପଟୁ ଉପରୁ ତେଲକୁ ଏବଂ ଯେଉଁ ମଳି ବାହାରିବ ତାକୁ ନେଇ ଛକ ରାସ୍ତାରେ ପକାଇଲେ ଏହି ରୋଗ ଆରୋଗ୍ୟ ହୋଇଥାଏ ।

(୬) ପିଲାଙ୍କର ମଳଦ୍ୱାରର ଚତୁଃପାର୍ଶ୍ୱରେ ନାଲି ନାଲି ଭିଜି ଭିଜି ହୋଇ ଘା' ହୋଇ ବାରମ୍ବାର ଝାଡ଼ା ହେଉଥିଲେ ମଞ୍ଜିଷ୍ଠା ବେର (ନାଲିଚ)କୁ ଘୋରି ଦିନକୁ ୩ରୁ ୪ ଥର ଖାଇବାକୁ ଓ ଘା' ଯାଗାରେ ଲଗାଇଲେ ଏହି ରୋଗ ଆରୋଗ୍ୟ ହୋଇଥାଏ ।

(୭) ପିଲାମାନଙ୍କୁ ଯଦି ଏକ ସମୟରେ ଜ୍ୱର, ଝାଡ଼ା, କାଶ ଓ ବାନ୍ତି ହେଉଥିବ ତେବେ ମୁଥା, ପିପ୍ପଳୀ, ଅତଶୀ ଏବଂ କର୍କଟଶୃଙ୍ଗୀ ସମାନ ଭାଗରେ ନେଇ ଚୂର୍ଣ୍ଣ କରି ୫୦୦ ମି. ଗ୍ରାଃରୁ ୧ ଗ୍ରାମ୍ ମାତ୍ରାରେ ମହୁ ସହିତ ଚଟାଇବ ।

ଏହି ସବୁ ଦୃଷ୍ଟିରୁ ଶିଶୁ ରୋଗ ଓ ଆୟୁର୍ବେଦ ଚିକିତ୍ସାକୁ ବିଚାର କଲେ ଜଣାଯାଏ ଯେ, ବର୍ତ୍ତମାନ ପ୍ରଚଳିତ ମାଆ ଓ ଶିଶୁମାନଙ୍କର ଚିକିତ୍ସା ବ୍ୟବସ୍ଥା ଯାହା ସବୁ କରାଯାଉଛି, ତାହା ସହିତ ଆୟୁର୍ବେଦ ଚିକିତ୍ସା ବିଜ୍ଞାନରେ ବର୍ଣ୍ଣିତ ଥିବା ହିତ ଉପଦେଶ, ଔଷଧ ପ୍ରୟୋଗ, ସାଧାରଣ ବନୌଷଧି ଚିକିତ୍ସା ଓ ବ୍ୟାଧିକ୍ଷମତ୍ୱ ପାଇଁ ଦ୍ରବ୍ୟ ଗୁଣ ଆଦି ଶିଶୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (Child Health Programme)ରେ ସଂଯୋଗ କରାଗଲେ ସ୍ୱଳ୍ପ ମୂଲ୍ୟରେ ପ୍ରତ୍ୟେକ ସ୍ତରର ଲୋକମାନେ ଉପକୃତ ହୋଇପାରିବେ ।

---

ସଭାପତି,
ନିଖିଳ ଉତ୍କଳ ଆୟୁର୍ବେଦ ଛାତ୍ର ସଙ୍ଗଠନ,
ଗୋପବନ୍ଧୁ ଆୟୁର୍ବେଦ ଚିକିତ୍ସା ମହାବିଦ୍ୟାଳୟ,
ପୁରୀ–୭୫୨ ୦୦୨ ।

"ମୁଁ ଏଭଳି ଏକ ଭାରତ ଗଢ଼ିବାକୁ ଚାହେଁ ଯେଉଁଠି ଜନସାଧାରଣଙ୍କ ମଧ୍ୟରେ ଉଚ୍ଚ ନୀଚ ଭେଦ ଭାବ ନଥିବ ଓ ଦେଶର ସବୁ ସମ୍ପ୍ରଦାୟର ଲୋକେ ପରସ୍ପର ମଧ୍ୟରେ ଶାନ୍ତି ଓ ସଦ୍‌ଭାବ ରଖି ଜୀବନ ଯାପନ କରିବା ସଙ୍ଗେ ସଙ୍ଗେ ଦେଶର ଦରିଦ୍ରତମ ଲୋକ ମଧ୍ୟ ଉପଲବ୍ଧି କରିବ ଯେ, ଏଇ ଦେଶ ହେଉଛି ତାହାରି ଏବଂ ଏହି ଦେଶ ଗଠନରେ ତାର ବି ସକ୍ରିୟ ଅବଦାନ ରହିଛି ।"

—ଗାନ୍ଧିଜୀ

# ପ୍ରଦୂଷଣ ନିୟନ୍ତ୍ରଣରେ ବୃକ୍ଷ

ଅଧ୍ୟାପକ ପ୍ରଫୁଲ୍ଲ କୁମାର ମହାନ୍ତି

ଭୂତଳରେ ବଞ୍ଚିବା ପାଇଁ ମନୁଷ୍ୟର ପୁଷ୍ଟିକର ଖାଦ୍ୟ ଓ ଉତ୍ତମ ପରିବେଶ ଅପରିହାର୍ଯ୍ୟ। କିନ୍ତୁ ବର୍ତ୍ତମାନ ଏ ଦୁଇଟି ଉପାଦାନ ମନୁଷ୍ୟ ପାଇଁ ଅନୁପଯୋଗୀ କହିଲେ ଅତ୍ୟୁକ୍ତି ହେବ ନାହିଁ। ତାର କାରଣ ପ୍ରଦୂଷଣ। ମନୁଷ୍ୟ ସାମ୍ନାରେ ଆଜି କେତେଗୁଡ଼ିଏ ସମସ୍ୟା ରହିଛି। ସେଥି ମଧ୍ୟରୁ ପ୍ରଦୂଷଣ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ସାଧାରଣ ଲୋକମାନେ ପ୍ରଦୂଷଣ କହିଲେ ବାୟୁ ପ୍ରଦୂଷଣ ଓ ଜଳ ପ୍ରଦୂଷଣକୁ ବୁଝିଥାଆନ୍ତି; ତାର କାରଣ ବାୟୁ ଓ ଜଳ ବଞ୍ଚିବା ପାଇଁ ମୁଖ୍ୟ ଉପାଦାନ। ସେଥିପାଇଁ ସମସ୍ତେ ବାୟୁ ଓ ଜଳ ପାଇଁ ସଚେତନଶୀଳ ହୋଇଥାଆନ୍ତି। ଏ ଦୁଇଟି ବ୍ୟତୀତ ଆଉ ଗୋଟିଏ ପ୍ରକାର ପ୍ରଦୂଷଣ ଆମର ଦୈନନ୍ଦିନ ଜୀବନକୁ ପ୍ରଭାବିତ କରିଥାଏ – ଯାହାକୁ ଶବ୍ଦ ପ୍ରଦୂଷଣ ବୋଲି କୁହାଯାଇଥାଏ। ଯଦିଓ ମନୁଷ୍ୟ ପ୍ରତ୍ୟେକ ଦିନ କିଛି କିଛି ସମୟ ପାଇଁ ଏହାର ଶିକାର ହେଉଛି; ତଥାପି ନିଜେ ଏତେଟା ସଚେତନଶୀଳ ହୋଇପାରୁନାହିଁ।

ବର୍ତ୍ତମାନ ଦେଖାଯାଉ ପ୍ରଦୂଷଣ କଅଣ ? ସଂକ୍ଷେପରେ କହିବାକୁ ଗଲେ ଅପରିଷ୍କାର କରିବା ବା ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି କରିବା ଅଥବା ସାଧାରଣ ପାରିପାର୍ଶ୍ୱିକ ଅବସ୍ଥାର ଅସମତା ବା ପରିବର୍ତ୍ତନ ହିଁ ପ୍ରଦୂଷଣ। ପ୍ରକାରାନ୍ତରେ କୌଣସି ଏକ ପାରିପାର୍ଶ୍ୱିକ ଅବସ୍ଥାରେ ପ୍ରାଣୀମାନେ ବଞ୍ଚିବା କଷ୍ଟକର ହେଲେ ବା ସେମାନେ ରୋଗାକ୍ରାନ୍ତ ହେଲେ ବା ମୃତ୍ୟୁ ମୁଖରେ ପଡ଼ିଲେ ସାଧାରଣ ପାରିପାର୍ଶ୍ୱିକ ପରିସ୍ଥିତିରେ ବ୍ୟତିକ୍ରମ ଘଟିଛି ବୋଲି ଅନୁମାନ କରାଯାଇପାରେ। ଅର୍ଥାତ୍ ପରିବେଶୀୟ ଜଳ, ବାୟୁ ବା ଖାଦ୍ୟରେ କିଛି ଖରାପ ପ୍ରଭାବ ପ୍ରାଣୀମାନଙ୍କ ଉପରେ ପଡ଼ି ସେମାନଙ୍କୁ ସଂକ୍ରମିତ କରିଥାଏ। ଏହି ପରିବେଶୀୟ ପରିବର୍ତ୍ତନ ହିଁ "ପ୍ରଦୂଷଣ"। ପୃଥିବୀର ଏକମାତ୍ର ସ୍ଥାନ ଆଣ୍ଟାର୍କଟିକାକୁ ବାଦ୍ ଦେଲେ ଆଉ ସବୁ ସ୍ଥାନ ପ୍ରଦୂଷିତ – ଏଥିରେ ସନ୍ଦେହ ନାହିଁ ବୋଲି ବୈଜ୍ଞାନିକମାନଙ୍କ ମତ। ତାହାର କାରଣ ମଇଳା ବା ଅପକାରୀ ଜିନିଷ ଅଥବା ଗୃହ ଆବର୍ଜନା କିଛି ଇତସ୍ତତ ଅବସ୍ଥାରେ ପଡ଼ି ନଥିବାରୁ ବାୟୁ ଓ ଜଳ ବିଶୁଦ୍ଧ ଅବସ୍ଥାରେ ରହିଛି ବୋଲି ଗବେଷଣାରୁ ଜଣାଯାଇଛି। ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ ମନୁଷ୍ୟ। ଯେ କୌଣସି ସ୍ଥାନରେ ଗୃହ ଆବର୍ଜନା ଆଦିକୁ ଇତସ୍ତତ ଭାବରେ ପକାଇବାଠାରୁ ଆରମ୍ଭ କରି ଜମିରେ ନାନାଦି ପ୍ରକାର କୀଟନାଶକ ଔଷଧ ପ୍ରୟୋଗ କରି ଜଳ ଓ ବାୟୁକୁ ସେ ଅପରିଷ୍କାର କରିଥାଏ।

ଠିକ୍ ସେହିପରି ଆମ ଚତୁଃପାର୍ଶ୍ୱକୁ ପ୍ରଦୂଷିତ କରୁଥିବା ଅନ୍ୟ ଏକ କାରଣ ଶବ୍ଦ। ଏ ଶବ୍ଦର ଉତ୍ସଗୁଡ଼ିକ ହେଉଛି ପ୍ରତିଦିନ ଅନେକ ଯାନବାହନ ଚଳପ୍ରଚଳ, ସାଂସ୍କୃତିକ କାର୍ଯ୍ୟକ୍ରମରେ ବାଦ୍ୟଯନ୍ତ୍ରର ବହୁଳ ପରିମାଣରେ ବ୍ୟବହାର ତଥା ବିଭିନ୍ନ ଉତ୍ସବରେ ବ୍ୟବହୃତ ହେଉଥିବା ଆତସବାଜି। ଏତଦ୍‌ବ୍ୟତୀତ ଅନ୍ୟ ଏକ ମୁଖ୍ୟ କାରଣ ହେଲା ଆଜିର ଶିଳ୍ପାୟନ। ପରୋକ୍ଷରେ ଦେଖିବାକୁ ଗଲେ ଏ ସବୁ ପାଇଁ ମୁଖ୍ୟତଃ ମନୁଷ୍ୟ ହିଁ ଦାୟୀ। ଏହାର ଅର୍ଥ ନୁହେଁ ଯେ ପ୍ରଦୂଷଣ ନିୟନ୍ତ୍ରଣ ନାମରେ ଏଗୁଡ଼ିକର ବ୍ୟବହାର ତଥା ଶିଳ୍ପାୟନ ସମ୍ପୂର୍ଣ୍ଣ ଭାବରେ ନିଷିଦ୍ଧ କରିବା। ତେଣୁ ଏ ସବୁକୁ ସୀମିତ ବ୍ୟବହାର କରି ସେମାନଙ୍କର କୁପ୍ରଭାବ ପ୍ରତି ସଜାଗ ରହିବା ଉଚିତ।

ତେବେ ଶବ୍ଦ ପ୍ରଦୂଷଣର ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବଗୁଡ଼ିକ କ'ଣ ? ଏହା ନିଶ୍ଚିତ ଯେ ପ୍ରତ୍ୟକ୍ଷ ପ୍ରଭାବ ମନୁଷ୍ୟ ଶରୀର ପାଇଁ ଅନେକ କ୍ଷତିକାରକ। ପ୍ରଥମତଃ ଶବ୍ଦ ମନୁଷ୍ୟର ଅନ୍ତଃକର୍ଣ୍ଣ ଉପରେ ପ୍ରଭାବ ପକାଉଥିବାରୁ ଶ୍ରୁତିଶକ୍ତି ହ୍ରାସ ପାଏ। ଦ୍ୱିତୀୟତଃ ଉତ୍କଟ ତରଙ୍ଗାୟିତ ଶବ୍ଦ ମସ୍ତିଷ୍କ ଉପରେ ଏକ ପ୍ରକାର ଚାପ ପକାଇଥାଏ। ତୃତୀୟତଃ ମନୁଷ୍ୟର ଏକାଗ୍ରତା ହ୍ରାସ କରିବାରେ ଶବ୍ଦର ଯଥେଷ୍ଟ ଭୂମିକା ରହିଛି। ଏତଦ୍‌ବ୍ୟତୀତ ଶବ୍ଦ ପ୍ରଦୂଷିତ ପାରିପାର୍ଶ୍ୱିକ ଅବସ୍ଥା ଯୋଗୁଁ ଶିଶୁଗୁଡ଼ିକ ଅତିମାତ୍ରାରେ ବିଶୃଙ୍ଖଳିତ ହୋଇଥାଆନ୍ତି।

ପରୋକ୍ଷ ଭାବରେ ଶିଳ୍ପାୟନ ଦ୍ୱାରା ତା'ର ଶବ୍ଦ ଚତୁଃପାର୍ଶ୍ୱସ୍ଥ ଜୀବଜନ୍ତୁମାନଙ୍କ ସ୍ୱାଭାବିକ ଅବସ୍ଥା ଓ ବ୍ୟବହାରକୁ ପ୍ରଭାବିତ କରିଥାଏ । ଏଥିଯୋଗୁ ଅନେକ ଜୀବଜନ୍ତୁ ସେ ସ୍ଥାନରୁ ଦୂର ହୋଇଯିବା ସଙ୍ଗେ ସଙ୍ଗେ ଲୋପ ପାଇଯିବାର ସମ୍ଭାବନା ଥାଏ । ତେଣୁ ଆମର ପରିବେଶୀୟ ସନ୍ତୁଳନ ଉପଯୁକ୍ତ ଭାବରେ ରହିପାରୁ ନାହିଁ । ଦ୍ୱିତୀୟତଃ ଶିଳ୍ପାୟନ ଓ ସହରାଞ୍ଚଳ ଅଭିବୃଦ୍ଧି ଯୋଗୁ ପ୍ରାକୃତିକ ବୃକ୍ଷରାଜି ନଷ୍ଟ ହେଉଛି । ତେଣୁ ଜୀବଜନ୍ତୁ ଛଳ ବିଶେଷରେ ବଞ୍ଚିବା ସମ୍ଭବ ହେଉନାହିଁ । କାରଣ ଉଦ୍ଭିଦ ଓ ପ୍ରାଣୀ ଓତଃପ୍ରୋତ ଭାବରେ ଜଡ଼ିତ । ତେଣୁ ଉଦ୍ଭିଦ ଓ ପ୍ରାଣୀମାନଙ୍କ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବା ଓ ସେମାନଙ୍କ ସଂଖ୍ୟା ଅଭିବୃଦ୍ଧିରେ ଆମେ ସହାୟକ ହେବା ଏକ ଜାତୀୟ କର୍ତ୍ତବ୍ୟ ।

ତେବେ ପ୍ରଦୂଷଣ ନିୟନ୍ତ୍ରଣରେ ବୃକ୍ଷମାନଙ୍କର ଭୂମିକା କ'ଣ ? ଚତୁଃପାର୍ଶ୍ୱସ୍ଥ ବୃକ୍ଷମାନଙ୍କ ଯୋଗୁ ଶବ୍ଦର ତୀବ୍ର ତରଙ୍ଗ କେତେକାଂଶରେ ହ୍ରାସ ହୁଏ । ଶବ୍ଦ ତରଙ୍ଗ ଡାଳ ଓ ପତ୍ରମାନଙ୍କ ଦ୍ୱାରା ବାଧାପ୍ରାପ୍ତ ହୋଇ ତା'ର ବେଗ ମନ୍ଥର କରେ । ତୃତୀୟତଃ ବର, ଅଶ୍ୱତ୍ଥ, ନିମ୍ବ, ଶାଳ ଇତ୍ୟାଦି ବଡ଼ ବଡ଼ ବୃକ୍ଷ ଶବ୍ଦର ମାତ୍ରା କମାଇବା ବ୍ୟତୀତ ବାୟୁମଣ୍ଡଳସ୍ଥ ଅଙ୍ଗାରକାମ୍ଳ ବାଷ୍ପକୁ ଅନେକ ପରିମାଣରେ ବ୍ୟବହାର କରି ଅଙ୍ଗାରକାମ୍ଳ କମାଇବାରେ ସାହାଯ୍ୟ କରିଥାଆନ୍ତି । କେବଳ ସେତିକି ନୁହେଁ, ଧୂଳିକଣା ଓ ଧୂଆଁ ମଧ୍ୟ ବିଶୋଧିତ କରି ଆମର ଚାରିପଟ ବାୟୁକୁ କିଛି ମାତ୍ରାରେ ବିଶୁଦ୍ଧ ରଖିଥାଆନ୍ତି । ଅର୍ଥାତ୍ ଆମେ ଯେତେ ଉପାୟରେ ପରିପାର୍ଶ୍ୱକୁ ଦୂଷିତ କଲେ ମଧ୍ୟ ଆମର ଚତୁଃପାର୍ଶ୍ୱସ୍ଥ ବୃକ୍ଷଗୁଡ଼ିକ କିଛି ମାତ୍ରାରେ ବାୟୁ ପ୍ରଦୂଷଣ ଓ ଶବ୍ଦ ପ୍ରଦୂଷଣକୁ ନିୟନ୍ତ୍ରଣ କରିଥାଆନ୍ତି । ବଡ଼ ସୌଭାଗ୍ୟର କଥା ଯେ ଆମର କେନ୍ଦ୍ର ସରକାର ସେଥିପାଇଁ ଏକ ସୁନ୍ଦର ନିଷ୍ପତ୍ତି ନେଇ ପ୍ରତ୍ୟେକ କାର୍ଯ୍ୟାଳୟ, ଅନୁଷ୍ଠାନ ଓ ବ୍ୟାଙ୍କ ଆଦି ସ୍ଥାନରେ ସହଜରେ ଓ ସୁବିଧାରେ ବଢ଼ିପାରୁଥିବା ଗଛ ରଖିବା ପାଇଁ ଯୋଜନା କରୁଛନ୍ତି । ଏହାଦ୍ୱାରା ମନୁଷ୍ୟ ମନରେ ପରିବର୍ତ୍ତନ ଆସିବା ସହିତ ତା'ର କର୍ମରେ ଉତ୍ସାହ ଓ କର୍ମଶାଳାରେ ନିର୍ମଳ ପରିବେଶ ସୃଷ୍ଟି ହେବ । ତା'ଛଡ଼ା ବିଶ୍ୱ ପରିବେଶ ଦିବସରେ ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ ବୃକ୍ଷ ଅଭିବୃଦ୍ଧି ନିମିତ୍ତ ଏକ ସ୍ୱତନ୍ତ୍ର ଯୋଜନା ।

ବୃକ୍ଷଗୁଡ଼ିକ ଆମ ଜୀବନ ଓ ପ୍ରାଣୀ ଜୀବନ ପାଇଁ ଦରକାର ହେବା ସଙ୍ଗେ ସଙ୍ଗେ ପ୍ରାଣୀ ଜଗତ ପାଇଁ ପ୍ରଦୂଷଣ ନିୟନ୍ତ୍ରଣରେ ଅନେକ ପରିମାଣରେ ସାହାଯ୍ୟ କରିଥାନ୍ତି । ମନୁଷ୍ୟ ନିଜେ ତା'ର ପରିପାର୍ଶ୍ୱ ଠିକ୍ ରଖି ବିଭିନ୍ନ ପ୍ରଦୂଷଣରୁ ନିଜକୁ ଦୂରରେ ରଖେ । ରାଜ୍ୟ ସରକାର ଅନେକ ଜନସାଧାରଣଙ୍କୁ ସାମାଜିକ ବନ ପ୍ରକଳ୍ପ ବନୀକରଣ ପ୍ରକଳ୍ପ ମାଧ୍ୟମରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରୁଛନ୍ତି । ଜାତୀୟ ରାଜପଥ ଓ ରାଜପଥଗୁଡ଼ିକର ଦୁଇ ପାର୍ଶ୍ୱରେ ଅତି ସୁନ୍ଦର ଭାବରେ ବୃକ୍ଷ ରୋପଣ କରାଯାଇ ପାରିଛି । ଏହା ଜନସାଧାରଣଙ୍କୁ ବିଭିନ୍ନ ଭାବେ ସାହାଯ୍ୟ କରୁଛି :

(୧) ରାସ୍ତା ପାର୍ଶ୍ୱର ମାଟି କ୍ଷୟ ନହୋଇ ଗାଡ଼ି ମଟର ସୁବିଧାରେ ଯାତାୟତ କରିପାରୁଛି ।

(୨) ଶବ୍ଦ ପ୍ରଦୂଷଣ ଓ ବାୟୁ ପ୍ରଦୂଷଣ ନିୟନ୍ତ୍ରିତ ହୋଇପାରୁଛି ।

(୩) ଗମନାଗମନ ସମୟରେ ରାସ୍ତାରେ ପଥିକମାନଙ୍କୁ ଆଶ୍ରୟ ଦେବା ସଙ୍ଗେ ସଙ୍ଗେ ଗାଡ଼ି ମଟରରେ ଯିବା ଯାତ୍ରୀମାନଙ୍କ ମନରୁ କ୍ଳାନ୍ତି ଦୂର କରି ଶାନ୍ତି ଆଣିବାରେ ସହାୟକ ହୋଇପାରୁଛି ।

ବୃକ୍ଷ ସବୁବେଳେ ପାଇଁ ଦରକାରୀ ଓ ଉପକାରୀ । ତେଣୁ ମନୁଷ୍ୟ ଯେଉଁ ସ୍ଥାନରେ ରହିଲେ ମଧ୍ୟ ଚାରିପଟେ ଗଛ ଲଗାଇ ପରିବେଶକୁ ନିର୍ମଳ ରଖି ସୁଖ ସ୍ୱାଚ୍ଛନ୍ଦ୍ୟରେ ରହିବାକୁ ଚେଷ୍ଟା କରିବା ଉଚିତ ନୁହେଁ କି ?

ସ୍ନାତକୋତ୍ତର ପ୍ରାଣୀ ବିଜ୍ଞାନ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର-୪ ।

ପରିବେଶ ପ୍ରତି ବ୍ୟକ୍ତିର ବ୍ୟବହାର ଓ ସମ୍ପର୍କ କେବଳ ତତ୍ତ୍ୱଧର୍ମୀ ନହୋଇ ବାସ୍ତବବାଦୀ ହେବା ଉଚିତ ।

—ନୀଳମଣି ରାଉତରାୟ

# ଶ୍ରୀ ଗୀତଗୋବିନ୍ଦ

କବି ଜୟଦେବ କୃତ



ପ୍ରହରାଜ ସତ୍ୟନାରାୟଣ ନନ୍ଦ

## ଷଷ୍ଠ ସର୍ଗ

ସବୁ ଅନୁରାଗ ଏମିତି ବାନ୍ଧେ ତା' ପଦ ଦୁଇ,
କୃଷ୍ଣ ସମୀପେ ବୃଷଭାନୁ ସୁତା ଆଉ ନଯାଇ ।
ଲତା କୁଞ୍ଜରେ ନିରେଖି ସେ ରୂପ ଗର୍ବିତା,
ବାନ୍ଧବୀ କହେ ହରି ସମ୍ମୁଖେ ହୃଦୟ ବ୍ୟଥା ।

କୃଷ୍ଣ ହେ ରାଧା ଦିଗେ ଦିଗେ ଦେଖି ତୁମର ରୂପ,
ଚମକି ପଡ଼ନ୍ତି ଯୁଆଡ଼େ ଚାହିଁଲେ ହେ ଅପରୂପ ।
ଅଧର ମଧୁର ଅମୃତ ତୁମେ କରୁଛ ପାନ,
କୁଞ୍ଜ ଗୃହରେ ହୃଦୟରେ ଭରେ ଗୁଞ୍ଜରଣ ।

ତୁମ ଅଭିସାରେ ଆସିବା ପାଇଁକି ଅଙ୍ଗୀକାର,
ଲତା କୁଞ୍ଜରୁ ପାଦ ବଢ଼ାଇଲେ ବାରମ୍ବାର ।
ଗତିହତ ହୁଏ ଚରଣ ଯୁଗଳ ଭୂତଳେ ପଡ଼ି,
ଧିକ୍କାରି କହେ 'ଏଡ଼େ ନିର୍ଦ୍ଦୟ ହେଲ କି ହରି' ।

ଶୁଭ୍ର ମୃଣାଳ ବାହୁରେ ବାହୁରେ ଉଠଇ ଝଳି,
ମୃଦୁ କିଶଳୟ କଙ୍କଣ କେତେ ତୁମକୁ ସ୍ମରି ।
ମିଳନ ଆଶାରେ ବଞ୍ଚି ରହିଛି ମାନେନା ବାଧା,
ତୁମ ଶ୍ରୀଚରଣେ ଅର୍ପିଚି ପ୍ରାଣ ରୂପସୀ ରାଧା ।

ମଣ୍ଡନ କରି ତୁମ ପରିବେଶ ମୁହୁର୍ମୁହୁ,
ହୃଦ କୁଞ୍ଜରୁ 'କୃଷ୍ଣ ମୁଁ' ବୋଲି ଗୁଞ୍ଜେ କୁହୁ ।
ଆସନ୍ତି ନାହିଁ ପ୍ରିୟତମ ମୋର କାହିଁକି କହ,
ପୁଣି ପଶୁରଇ ଏକଇ ପ୍ରଶ୍ନ ଦୁର୍ବିସହ ।

ସତେ ବା କୃଷ୍ଣ ଉପଗତ ଏଠି ଚିତ୍ତଚୋର,
ଉଦ୍‌ଭ୍ରାନ୍ତିର ଭାବ ଦେଉ ଖେଳେ ବାରସାର ।
ଚୁମ୍ବନ ଦିଏ ଆଶ୍ଳେଷି ନିଏ ଶ୍ରୀରାଧା ଥରେ,
ମେଘ ରଙ୍ଗର ଲଘୁ ଅନ୍ଧାର ଅଧର ତୀରେ ।

ତୁମ ଦର୍ଶନେ କୃଷ୍ଣ ହେ ରାଧା କରେନା ଲାଜ,
ବିଜୟ ଯେଣୁ ବିଦୂରିତ କରେ ଲଜ୍ୟା–ତେଜ ।
ବାସକ ସଜ୍ଜା ସଜାଇ ଯତନେ ଅଶ୍ରୁ ଢାଳି,
ଅନୁତାପଭରା ରୋଦନେ ଯାଏ ତା' ହୃଦୟ ଥରି ।
କବି ଜୟଦେବ ରଚିତ କାବ୍ୟ ଗୀତ ଗୋବିନ୍ଦ ଦିବ୍ୟଧାର,
ଆହ୍ଲାଦ ଦେଉ ଭକ୍ତ ମନରେ ଛୁଟାଇ ରସର ମଧୁର ଝର ।

କ୍ଷଣେ କ୍ଷଣେ ଜାଗେ ରୋମାଞ୍ଚ ରାଧା ରମ୍ୟ ପ୍ରାଣେ,
କ୍ଷଣେ କ୍ଷଣେ ତା'ର ମୃଗ ନେତ୍ରରୁ କୁଳିଶ ହାଣେ ।
କ୍ଷଣେ କ୍ଷଣେ ମନ ମୋହାନ୍ଧ ହୁଏ ବିଳାପ ସୁରେ,
କ୍ଷଣେ କ୍ଷଣେ ତା'ର ସ୍ମର ଚିନ୍ତନ ଧ୍ୟାନମଗ୍ନ ସେ ପ୍ରେମ ସାଗରେ ।

ଅଙ୍ଗ ଭୂଷଣ ଧାରଣ କରଇ ବାରସାର,
ପତ୍ର ପତନ ଶବ୍ଦେ ହୁଅଇ ଶଙ୍କାକୁଳ ।
ଆସୁଚ କି ତୁମେ ଚମକି ଅନାଏ ରଚଇ ଶେଯ,
ଅନିମେଷ ତୁମ ଚିନ୍ତାରେଂତା'ର ଅଭିନିବେଶ ।
ବେଶ ବିନ୍ୟାସ ତଲ୍ପ ରଚନା କଷ୍ଟ କଷ୍ଟ ତୁମରି ଭାବ,
ସଙ୍କେତରେ ଆସନ୍ତ ସିନା ନଦେଖି ତୁମକୁ କି ପରାଭବ ।

ଦୁଃସହ ରାତି ବିତିଯାଏ ତା'ର ହୁଏ ନାହିଁ କେବେ ପକ୍ଷପାତ,
ଭ୍ରାନ୍ତ ପଥିକ 'ହାଣ୍ଡିଗ' ମୂଳେ କାହିଁକି ବା ତୁମେ ସମାଶ୍ରିତ ।
କୃଷ୍ଣ ନାଗର ବିବଶ ଏଇଠି ଅଦୂରେ ଦିଶଇ ନିବାଳୟ,
ଆନନ୍ଦମୟ କୁଟୀରେ କାହିଁକି ପାନ୍ଥ ହେ ତୁମେ ପାଦ ନ ଦିଅ ?

ପଥିକଠୁ ଶୁଣି ଶ୍ରୀରାଧା ବାକ୍ୟ ନନ୍ଦ ଘରେ,
କୃଷ୍ଣ ଯେପରି ଗୋପନ ରଖିଲେ ସାନ୍ଧ୍ୟକାଳେ ।
ସମାଗତ କେଉଁ ଅତିଥି ସମାନ ପଥିକ ପାଇଁ,
କହିଲେ ବାକ୍ୟ ପ୍ରସଂଶାଭରା ସମୀପେ ଯାଇ ।
ଜୟ ହେଉ ସେଇ ଦିବ୍ୟ ଲୀଳାର ବାରସାର,
କୃଷ୍ଣ ବଚନ ଉଲ୍ଲାସେ ଭରୁ ହୃଦୟ ତଳ ।

# ପ୍ରାକୃତିକ ପରିବେଶ ଓ ସ୍ପର୍ଶକାତର କବି ଚିତ୍ତ

*ଅଧ୍ୟାପକ ଡକ୍ଟର ଶରତଚନ୍ଦ୍ର ରଥ*

ପ୍ରାକୃତିକ ପରିବେଶ କାଳେ କାଳେ ମଣିଷର ମନକୁ ବହୁ ଭାବରେ ପ୍ରଭାବିତ କରିଛି । ସାଧାରଣ ଲୋକଙ୍କ ନିକଟରେ ଏ ପ୍ରଭାବ ଯେତିକି ସ୍ପଷ୍ଟ ହୋଇଛି, ସାଧକ, ଭାବୁକ ତଥା କବିମାନଙ୍କ ନିକଟରେ ଏହା ଅଧିକରୁ ଅଧିକ ସ୍ପଷ୍ଟ ହୋଇଛି । ଋଷି ପ୍ରାଣରେ ଅସାମାନ୍ୟ ପୁଲକର ତରଙ୍ଗମାଳା ଭରି ଦେଇଛି ଶ୍ୟାମଳ ବନାନୀର ମଞ୍ଜୁଳ ପରିବେଶ, କଣ୍ଠରେ ଦେଇଛି ବିଶ୍ୱ କଲ୍ୟାଣକାମୀ ଚେତନା ଭିତ୍ତିକ ପବିତ୍ର ଶ୍ଳୋକମାଳା । ନଦୀ ନିର୍ଝରର ସଲିଳ ଧାରାରେ ଥିବା ପ୍ରାଣ ଶକ୍ତି ଋଷି ପ୍ରାଣରେ ଭାବାନ୍ତର ଆଣିଛି, ବୃକ୍ଷଲତା ଭିତରେ ଥିବା ସାର୍ବଜନୀନ ହିତ ଚିନ୍ତା ଋଷି ହୃଦୟରେ ଅନୁରୂପ ଭାବ ପ୍ଲାବନ ସୃଷ୍ଟି କରିଛି ଏବଂ ପବନର ପ୍ରବାହ ଭିତରେ ଥିବା ବ୍ୟାପ୍ତି ଜନିତ ଉଦାରତା ମୁନି ମନକୁ ବିଶ୍ୱ ଜନନୀ ଭାବରେ ଭାବିତ କରିଛି । ଆର୍ଯ୍ୟ ଋଷି ଏକାନ୍ତ ଭାବରେ ଇଚ୍ଛା କରିଛନ୍ତି ଯେ ପରିବେଶ ଆହୁରି ସୁନ୍ଦର ହେଉ, ମଧୁ କ୍ଷରା ହେଉ । ବାୟୁ ଅଧିକରୁ ଅଧିକ ପବିତ୍ର ହୋଇ ପ୍ରବାହିତ ହେଉ । ସୂର୍ଯ୍ୟ ଅନୁକୂଳ ତାପ ପ୍ରଦାନ କରନ୍ତୁ । ମେଘ ଆସି କ୍ଷେତକୁ ଅଧିକ ଶସ୍ୟ ଶ୍ୟାମଳା କରୁ ଇତ୍ୟାଦି । ଏ ପ୍ରସଙ୍ଗରେ ଯଜୁର୍ବେଦରେ କୁହାଯାଇଛି :

"ଶନ୍ନୋ ବାତଃ ପବତାଂ
ଶନ୍ନ ସ୍ତପତୁ ସୂର୍ଯ୍ୟଃ
ଶନ୍ନଃ କନିକ୍ର ଦଦ୍ଦେବଃ
ପର୍ଜନ୍ୟୋ ଅଭିବର୍ଷତୁ ।"

ଋଷିମାନଙ୍କ ପରି କବିମାନଙ୍କର ଅନୁଚିନ୍ତା ମଧ୍ୟ ବିଶ୍ୱ କଲ୍ୟାଣ ନିମନ୍ତେ ଅଭିପ୍ରେତ । କବି ହେଉଛନ୍ତି ଦ୍ୱିତୀୟ ବ୍ରହ୍ମା ଓ କାର୍ଯ୍ୟ ତାଙ୍କର ଜନ ମାନସରେ ସଚେତନତା ସୃଷ୍ଟି ପୂର୍ବକ ମାନବ ଜାତିର ସେବା । ଦେଶ ଓ କାଳ କବି ଚେତନାକୁ ବାନ୍ଧି ରଖିପାରେ ନାହିଁ । ଚେତନାରେ ସେ ମୁକ୍ତ ଓ ପରିବ୍ୟାପ୍ତ । ପ୍ରାକୃତିକ ପରିବେଶ କବି ଚେତନାକୁ ବହୁ ଭାବରେ କାଳେ କାଳେ ଉଦ୍‌ବୁଦ୍ଧ କରିଛି । କେତେବେଳେ ରୁଦ୍ର ଭାବରେ ଦୂରରୁ ଭୀତ କରିଛି ତ ଆଉ କେତେବେଳେ ସଖି ପ୍ରାୟ ମୃଦୁ ହସି ପ୍ରୀତି ପ୍ରବଣ ଭାବ ତରଙ୍ଗ ସୃଷ୍ଟି କରିଛି । ବାଲ୍ମୀକି, ବ୍ୟାସ ପ୍ରଭୃତି ଭାରତୀୟ ମହାକବିଙ୍କ ଲେଖନୀକୁ ପ୍ରାକୃତିକ ପରିବେଶ ଯେ କେତେ ଭାବରେ ପ୍ରଭାବିତ କରିଛି ତାହା ସ୍ୱତନ୍ତ୍ର ଭାବରେ ଅନୁଧ୍ୟାନର ବିଷୟ । ଇତିହାସର ପୃଷ୍ଠାରୁ ସୁବର୍ଣ୍ଣ ଯୁଗ ନାମରେ ନାମିତ ହୋଇଥିବା ଗୁପ୍ତ ଯୁଗ ଆଖିରେ ପଡ଼ିବା ସଙ୍ଗେ ସଙ୍ଗେ ପୁରା କବିନାଂ ଗଣନାଂ ପ୍ରସଙ୍ଗେ କବିଗୁରୁ କାଳିଦାସଙ୍କ କୃତିତ୍ୱ ସ୍ମରଣକୁ ଆସେ । କାଳିଦାସଙ୍କୁ ପ୍ରାକୃତିକ ପରିବେଶର ଚିତ୍ରପଟ ଯେତିକି ମୁଗ୍ଧ କରିଛି ପରିବେଶର ଅନ୍ତରାଳରେ ଥିବା ବ୍ୟକ୍ତିତ୍ୱ ସେତିକି ଅଭିଭୂତ କରିଛି । 'ଋତୁ ସଂହାର'ରେ ଋତୁ ସବୁ ନିର୍ଦ୍ଦିଷ୍ଟ ସମୟର ଚିତ୍ରପଟ ନୁହନ୍ତି, ବରଂ ପରିଛନ୍ନ ବ୍ୟକ୍ତିତ୍ୱ ସହ ପ୍ରକାଶିତ ହୋଇଛନ୍ତି । ବର୍ଷାଋତୁ କବି ଦୃଷ୍ଟିକୁ ଏପରି ପ୍ରଭାବିତ କରିଛି ଯେ କବି ଲେଖନୀ ବର୍ଷାକୁ ରାଜାପରି ଚିତ୍ରଣ କରିଛି । ଜଳ ବିନ୍ଦୁ ପୂର୍ଣ୍ଣ ମେଘକୁ କବି ରାଜାଙ୍କର ହାତୀ ବୋଲି ବର୍ଣ୍ଣନା କରିଛନ୍ତି । ପୁନଶ୍ଚ ମେଘଗଣ ଘଡ଼ଘଡ଼ି ରୂପକ ବାଜା ବଜାଇ, ବିଜୁଳି ରୂପକ ଗୁଣ ଲାଗିଥିବା ଇନ୍ଦ୍ରଧନୁକୁ ଧାରଣ କରି, ଜଳଧାରା ରୂପକ ଶରରାଶି ବର୍ଷଣ କରି ପ୍ରବାସୀଙ୍କୁ ଆତୁର କରନ୍ତି ବୋଲି କବି ଉଲ୍ଲେଖ କରିଛନ୍ତି । ବସନ୍ତ ବର୍ଣ୍ଣନାର ଅବକାଶରେ କବି ବସନ୍ତ ଋତୁକୁ ଯୋଦ୍ଧା ରୂପକ ସଜାଇ ଦେଇଛନ୍ତି । ଆମ୍ର ବଉଳର ଶର ଧରି ସୁରତି ପ୍ରିୟ ଲୋକମାନଙ୍କ ମନକୁ ଭେଦ କରିବାକୁ ବସନ୍ତ ଋତୁ ଉପଗତ ହୋଇଛି ବୋଲି ସେ ଉଲ୍ଲେଖ କରିଛନ୍ତି । ପୁନଶ୍ଚ "ଅଭିଜ୍ଞାନ ଶାକୁନ୍ତଳମ୍" ନାଟକରେ ପ୍ରାକୃତିକ ପରିବେଶର ପ୍ରଭାବଶାଳୀ ଚିତ୍ର ଚିତ୍ରଣ କରାଯାଇଛି । ରାଜା ଦୁଷ୍ୟନ୍ତଙ୍କୁ ମାଳିନୀ ନଦୀ ' ଟସ୍ଥ କଣ୍ୱ ମୁନିଙ୍କ ଆଶ୍ରମର ଲଳିତ ଶୋଭା ବିମୁଗ୍ଧ କରିଛି । ଆଶ୍ରମର ଫୁଲ କୁଞ୍ଜ, ମନରେ ତାଙ୍କର ସୃଷ୍ଟି କରିଛି ଅପୂର୍ବ ଆ ନନ୍ଦର ତରଙ୍ଗମାଳା ।

ରାଜା ଭୁଲିଯାଇଛନ୍ତି ନିଜ ଅସ୍ମିତାକୁ । କଣ୍ୱ ମୁନିଙ୍କ ପାଳିତା କନ୍ୟା ଶକୁନ୍ତଳା ସହ ପ୍ରଣୟ ସୂତ୍ରରେ ଆବଦ୍ଧ ହୋଇଛନ୍ତି ରାଜା

ଦୁଷ୍ୟନ୍ତ । ପରିବେଶ ଆନନ୍ଦରେ ଯେପରି ଦୁଷ୍ୟନ୍ତଙ୍କୁ ସ୍ୱାଗତ କରିଛି, ଆସିଦ୍ୟତାରେ ସେପରି ପତି ଗୃହଗାମିନୀ ଶକୁନ୍ତଳାଙ୍କ ଦୁଃଖରେ ମର୍ମାହତ ହୋଇଛି । ଲତା କୁଞ୍ଜରୁ ଅଶ୍ରୁ ଛଳରେ ଶୁଖୁଲା ପତ୍ର ଝଡ଼ି ପଡ଼ିଛି । ଭାବାବେଗରେ ମୂଲ୍ୟ ବୁଝିବାକୁ ପରିବେଶର ଯେ ସାମର୍ଥ୍ୟ ରହିଛି, ଏ କଥା କବି କାଳିଦାସ ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି । ରଘୁବଂଶ କାବ୍ୟରେ ନିର୍ବାସିତା ସୀତାଙ୍କ ଦୁଃଖରେ ପରିବେଶ ସମବେଦନା ପ୍ରକାଶ କରିଛି ବୋଲି କବି କହିଛନ୍ତି । ବନରେ ମୟୂରମାନେ ନୃତ୍ୟ ତ୍ୟାଗ କରିଛନ୍ତି, ହରିଣମାନଙ୍କ ମୁଖରୁ ତୃଣ ଖସି ପଡ଼ିଛି ବୋଲି ଉଲ୍ଲେଖ କରି କବି କହିଛନ୍ତି :

"ନୃତ୍ୟଂ ମୟୂରାଃ କୁସୁମାନି ବୃକ୍ଷାଃ
ଦର୍ଭାନୁପାତ୍ତାନ୍ ବିଜହୁର୍ହରିଣ୍ୟଃ
ତସ୍ୟା ପ୍ରପନ୍ନେ ସମଦୁଃଖ ଭାବ
ମତ୍ୟନ୍ତ ମାସୀଦ୍ ରୁଦିତଂ ବନେଽପି ।"

କି ପ୍ରାଣସ୍ପର୍ଶୀ ସେ ଦୃଶ୍ୟସଜ୍ଜା, ପରିବେଶର ପ୍ରତିକ୍ରିୟା । ସେ ତ ବଚନର ବିଷୟ ନୁହେଁ, ହୃଦୟର ଅନୁଭବ ମାତ୍ର ।

ପରିବେଶ ପ୍ରେମୀ ଅନ୍ୟାନ୍ୟ ବହୁ କବିଙ୍କ ଭିତରେ ମୈଥିଳୀ କୋକିଳ କବି ବିଦ୍ୟାପତି ନାମ ସ୍ମରଣକୁ ଆସେ । ସେ ବୃନ୍ଦାବନର ମଧୁର ବାସନ୍ତୀ ପରିବେଶକୁ ସ୍ୱରଚିତ ପଦାବଳୀରେ ଲିପିମାଳାରେ ଚିତ୍ରଣ କରିବା ସଙ୍ଗେ ସଙ୍ଗେ ସେହି ପରିବେଶ ଯେ ରାସରସିକ ଶ୍ରୀକୃଷ୍ଣଙ୍କ ମନରେ ଭାବାନ୍ତର ଆଣିଛି, ଏହା ଉଲ୍ଲେଖ କରିଛନ୍ତି । ନୂଆ ପତ୍ର, ନୂଆ ଫୁଲ ଶ୍ରୀକୃଷ୍ଣଙ୍କୁ ନୂଆ ପ୍ରେମରେ ବିଭୋର କରିଛି :

"ବିହରଇ ନବଲ କିଶୋର
କାଳିନ୍ଦୀ–ପୁଲିନ–କୁଞ୍ଜବନ–ଶୋଭନ
ନବ ନବ ପ୍ରେମ ବିଭୋର ।"

ଓଡ଼ିଆ ସାହିତ୍ୟରେ ପ୍ରାକୃତିକ ପରିବେଶର ସାର୍ଥକ ରୂପାୟନ କେତେକ କବିଙ୍କ ଲେଖନୀରେ ସଙ୍ଗଠିତ ହୋଇଛି । ସଦ୍ୟ ଫୁଟା ଫୁଲ କୁଞ୍ଜ, ଜହ୍ନ ରାତି, ମୃଦୁମନ୍ଦ ପବନ ପ୍ରବାହ ନାୟକ ନାୟିକାଙ୍କ ମନରେ ଭାବାନ୍ତର ଆଣିବା ନିମନ୍ତେ ଉଦ୍ଦୀପନ ବିଭାବ ରୂପେ ପରମ୍ପରାକ୍ରମେ ଗୃହୀତ ହୋଇଛି । କବି ଦୀନକୃଷ୍ଣଙ୍କ ଲେଖନୀରେ ପ୍ରାକୃତିକ ପରିବେଶର ମନମୋହିନୀ ମାଧୁରିମା ଚିତ୍ରିତ ହେବା ସଙ୍ଗେ ସଙ୍ଗେ ଏହାର କ୍ରିୟାଶୀଳତା ମଧ୍ୟ ପ୍ରକଟିତ ହୋଇଛି । "ରସକଲ୍ଲୋଳ" କାବ୍ୟରେ ଏହି ଅନୁଚିନ୍ତାର ଅନୁପମ ଆଲେଖ୍ୟ ଅଙ୍କିତ ହୋଇଛି । ବୃନ୍ଦାବନର କଳା ଲଳିତ ପରିବେଶ ରାସଲୀଳା ରତ କୃଷ୍ଣ ଗୋପୀଙ୍କ ପ୍ରତି କିପରି ମନୋଭାବ ପୋଷଣ କରିଛି ତାର ଚିତ୍ର ଦେବାକୁ ଯାଇ କବି କହିଛନ୍ତି :

"କେଉଁ ଲତାରୁ ଫୁଲ ପାଖୁଡ଼ା ଖସେ
କୁସୁମ ବରଷିଲା ପରାୟେ ଦିଶେ ।
କୁସୁମିତ ବଲ୍ଲରୀ ପବନେ ଟଳେ
କିଶୋର କିଶୋରୀଙ୍କୁ ଚାମର-ଢାଳେ !
କେଉଁ ବଲ୍ଲରୀ ଫଳେ ନମ୍ରତା ହୋଇ
କୃଷ୍ଣ ଗୋପୀଙ୍କୁ ନମସ୍କାର କରଇ ।"

ଆଧୁନିକ ଓଡ଼ିଆ ସାହିତ୍ୟର ସ୍ରଷ୍ଟାମାନେ ପରିବେଶର ବ୍ୟକ୍ତିତ୍ୱ ଆରୋପ କରିବା ଦିଗରେ ସିଦ୍ଧହସ୍ତତା ଅର୍ଜନ କରିଛନ୍ତି । କବିବର ରାଧାନାଥ ପ୍ରକୃତିକୁ ପ୍ରାଣବନ୍ତ କରିବା ନିମନ୍ତେ ଯଥେଷ୍ଟ ପ୍ରୟାସ କରିଛନ୍ତି । ତାଙ୍କ ପାଇଁ ପରିବେଶ ହୋଇଛି କେତେବେଳେ ରୁଦ୍ର ଗମ୍ଭୀର ତ ଆଉ କେତେବେଳେ ସ୍ନିଗ୍ଧ ସୁନ୍ଦର । "ଚିଲିକା" ଖଣ୍ଡକାବ୍ୟରେ ଚିଲିକା ପାଇଛି କାବ୍ୟ ନାୟିକାର ସମ୍ମାନ । ପରିବେଶ ଚିତ୍ରଣ ହୋଇଛି ଏହାର ମୁଖ୍ୟ ଅବଲମ୍ବନୀୟ ଉପାଦାନ । ଅତୀତରେ ରକ୍ତବାହୁର ଆକ୍ରମଣକୁ ପ୍ରତିହତ କରିବା ପାଇଁ ଚିଲିକା ଯେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ତା'ର ହୃଦୟସ୍ପର୍ଶୀ ବର୍ଣ୍ଣନା ଦେଇ କବି କହିଛନ୍ତି :

"ତୋ ଇଙ୍ଗିତ ସଙ୍ଗେ ଘେନି ଊର୍ମିଥାଟ
ଦଉଡ଼ି ଆସିଲେ ନୀଳାମ୍ବୁ–ସମ୍ରାଟ ।"

ପ୍ରାକୃତିକ ପରିବେଶରେ ବ୍ୟକ୍ତିତ୍ୱ ଆରୋପ ଦିଗରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କର କୃତିତ୍ୱ ଅତ୍ୟନ୍ତ ଆକର୍ଷଣୀୟ । ସେ ପରିବେଶକୁ କେତେବେଳେ ସେଥିରେ ଦେଇଛନ୍ତି ଅସୀମ ପ୍ରାଣ ଶକ୍ତି ତଥା ବଳିଷ୍ଠ ବ୍ୟକ୍ତିତ୍ୱର ଅଶେଷ ଦୀପ୍ତି । "ତପସ୍ୱିନୀ" କାବ୍ୟରେ ନିର୍ବାସିତା ସୀତାଙ୍କ କାରୁଣ୍ୟରେ ପ୍ରକୃତି ସମବେଦନା ଜଣାଇବା ସଙ୍ଗେ ସଙ୍ଗେ ଅନ୍ୟାୟର ପ୍ରତିବାଦ ପାଇଁ ନିୟତି ସହ ଯୁଦ୍ଧ କରିବାକୁ ଆଗେଇ ଆସିଛି । କବିଙ୍କ ଭାଷାରେ :

"କରିବାକୁ ନିୟତିର ସହିତ ସମର
ତୃଣରାଜ ଖଡ୍ଗ କରେ ଗର୍ଜିଲା ପ୍ରଖର ।
ବାନ୍ଧିା ବସା ତୃଣୀରକୁ ଝାଡ଼ି ବାରବାର
ପତ୍ର କଙ୍କ ପତ୍ର କଲା କି ଅବା ବାହାର ।"

କବି ଚିତ୍ତର ଭାବାବେଗ କେତେ ଗଭୀର ହୋଇପାରେ, ପୁଷ୍ଟ ହୋଇପାରେ ତାର ବଳିଷ୍ଠ ନମୁନା ମେହେର କବିଙ୍କର ସୃଷ୍ଟିରୁ ଦେଖିବାକୁ ମିଳେ । "ତପସ୍ୱିନୀ" କାବ୍ୟରେ ତମସାର ସୀତାଙ୍କୁ ସ୍ନେହରେ ଆଲିଙ୍ଗନ କରିବାର କାମନା, ନିଜ କୂଳରେ ଧୀର ପଦ ସଞ୍ଚରଣ କରିବା ପାଇଁ ତାଙ୍କୁ ସାଦର ନିମନ୍ତ୍ରଣ, ଦୂରରୁ ଭାସି ଭାସି ଆସୁଥିବା ଝରା ଫୁଲଗୁଡ଼ିକ ସ୍ନାନବେଳେ ପାଦରେ ନଚେଇ ଦେବାକୁ ବିନମ୍ର ପ୍ରାର୍ଥନା ପ୍ରମାଣ କରୁଛି ଯେ ପରିବେଶ କବିଙ୍କ ଲେଖନୀରେ କେବଳ ଜୀବନ୍ତ ହୋଇନାହିଁ, ଅଧିକନ୍ତୁ ବଳିଷ୍ଠ ବ୍ୟକ୍ତିତ୍ୱ ସହ ଦୀପ୍ତିବନ୍ତ ହୋଇ ଉଠିଛି ।

"ପ୍ରଣୟବଲ୍ଲରୀ" କାବ୍ୟରେ ମଧ୍ୟ ପରିବେଶ ପ୍ରତି କବି ଚିତ୍ତର ସଂବେଦନଶୀଳତା ରୂପାୟିତ ହୋଇଛି । ପତି ଗୃହଗାମିନୀ ଶକୁନ୍ତଳା କୁସୁମିତ ଶିଶିର ସ୍ନାତ ବୃକ୍ଷଲତାଙ୍କୁ ଛୁଇଁଦେବା ବେଳେ ଯେଉଁ ଦୃଶ୍ୟ ସୃଷ୍ଟି ହୋଇଛି ତାର ମାର୍ମିକ ତତ୍ତ୍ୱ କବି ଲେଖନୀରେ ଆସପ୍ରକାଶ କରିଛି । ଶକୁନ୍ତଳା ହାତବାଡ଼ି ଝରିପଡ଼ିଛି ପତ୍ରରୁ ଶିଶିର ବିନ୍ଦୁ ଝଡ଼ିପଡ଼ିଛି ଫୁଲରୁ ପାଖୁଡ଼ା । କବି ଦୃଷ୍ଟିରେ ଇଆଟି କେବଳ ଏତିକି ନୁହେଁ । ଶକୁନ୍ତଳାର ବିଚ୍ଛେଦଜନିତ ଦୁଃଖକୁ ହୃଦୟଙ୍ଗମ ଅନୁଭବ କରି ବୃକ୍ଷଲତା ଅଶ୍ରୁମୋଚନ କରିଛନ୍ତି ବୋଲି କବି କହିଛନ୍ତି । କବିଙ୍କ ଭାଷାରେ :

"ଶିଶିର ବର୍ଷଣ
ଛଳେ ଅବା କେତେ
କୁସୁମ ବର୍ଷଣ ଛଳେ
ପରଶ ମାଗନ୍ତେ
ଶକୁନ୍ତଳାର
ଲୋତକ ମୁଞ୍ଚନ କଲେ ।"

...ବି ନନ୍ଦକିଶୋର ମଧ୍ୟ ପ୍ରକୃତି ବିଶେଷତଃ ପଲ୍ଲୀ ପ୍ରକୃତିକୁ ...ନ୍ୟାସ ଦେଇ ତା ସହିତ ବାର୍ତ୍ତାଳାପ କରିଛନ୍ତି, ଭାବ ବିନିମୟ ...ନ୍ତି । ଅଦିନ ବର୍ଷାକୁ ପଚାରିଛନ୍ତି ତାର ଠିକଣା, କାଉ କଣ୍ଠରେ ...ନ୍ତି ମନର କଥା ଆଉ ଦେଇଛନ୍ତି ହୃଦୟର ବାର୍ତ୍ତା ।

...ପ୍ରାକୃତିକ ପରିବେଶର ଯଥାଯଥ ରୂପ ଚିତ୍ରଣରେ ମଧୁସୂଦନ ...ଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତାଙ୍କ "ସୀତା ବନବାସ" ...ବିତାରେ ନିର୍ବାସିତା ସୀତାଙ୍କ ଦୁଃଖରେ ଅଭିଭୂତ ହୋଇ ...ଗୀରଥୀ ଶୀତଳ ପବନ ପଠାଇଛନ୍ତି, ମୟୂରମାନେ ନୃତ୍ୟ ଭୁଲି ...ହୋଇଛନ୍ତି, ହରିଣମାନେ ତୃଣ ଭକ୍ଷଣ କରିନାହାନ୍ତି । ଗଛରୁ ...କେତେ ଝଡ଼ିପଡ଼ିଛି, ଫୁଲ ସବୁ ବୃକ୍ଷଲତା ଝଡ଼ି ତଳେ ...ଛନ୍ତି । କବି ମଧୁସୂଦନ ରାଓଙ୍କ ଭାଷାରେ :

"ଦେବୀଙ୍କ ଦୁଃଖେ ବନସ୍ଥଳୀ କାତର
କାନ୍ଦିଲା ବହୁ ପ୍ରତିଧ୍ୱନି ଛଳର
ତେଜିଲେ ନୃତ୍ୟ ବର୍ହିକୁଳ ବିକଳ
ହରିଣୀଏ ଛାଡ଼ିଲେ ତୃଣ କବଳ ।"

...ହି ପ୍ରସଙ୍ଗରେ ଘଟଣାଗତ ବାସ୍ତବତା ଥାଉ କି ନଥାଉ କବି ଚିତ୍ତର ...ର୍ଶବାଦତା ଯେ ରୂପ ପାଇଛି ଏଥିରେ ସନ୍ଦେହ ନାହିଁ । ତାଙ୍କର "ପଦ୍ମ" କବିତାରେ ସେ ପଦ୍ମ ଫୁଲକୁ ଗୁରୁ ଭାବରେ ବରଣ ...ରିଛନ୍ତି । ଢଳ ଢଳ ସୁନ୍ଦର ପଦ୍ମ ଫୁଲଟି କେବଳ ରୂପର ...ଉନ୍ଦର୍ଯ୍ୟରେ ତାଙ୍କୁ ମୁଗ୍ଧ କରିନାହିଁ, ସୁଗୁଣରେ ମଧ୍ୟ ଅଭିଭୂତ ...ରିଛି । କେତେ ଆଶା ଓ ଆଶ୍ୱାସନାର ଉତ୍ସ ହୋଇଛି ପଦ୍ମ ଫୁଲ ...ବିଙ୍କ ପାଇଁ । କବି ଗାଇଉଠିଛନ୍ତି :

"କଲୁଷ ପଙ୍କେ ତୁହି କେତେ ମଳିନ
କେମନ୍ତେ ସରି ତୋର ହେବି ନଳିନ ।
ପଙ୍କଜ ଅଟୁ ତୁହି ତେଣୁ ଭରସା
ତୋ ପରି ଶୁଭ୍ର ହେବି ଲଭି ସୁଦଶା ।"

ଆଧୁନିକ ଓଡ଼ିଆ ସାହିତ୍ୟର ଆହୁରି ବହୁ ସାଧକଙ୍କୁ ପରିବେଶ ବହୁ ଭାବରେ ପ୍ରଭାବିତ କରିଛି । ନୀଳକଣ୍ଠଙ୍କୁ ବାତ୍ୟା ବିକ୍ଷୁବ୍ଧ କୁମାର ପୂର୍ଣ୍ଣିମାର ପରିବେଶ ଦେଶ ଓ ଜାତି ସମ୍ପର୍କରେ କେତେ ଐତିହାସିକ ସ୍ମୃତିକୁ ସ୍ମରଣ କରାଇଦେଇଛି । ଚନ୍ଦନ ଶୀତଳ ଚନ୍ଦ୍ରିକା ଚର୍ଚ୍ଚିତ ରାତିର ପରିବେଶ କବି ମାୟାଧର ମାନସିଂହଙ୍କୁ ଉତ୍କଳର ଅତୀତ ଗୌରବ ଗାନରେ ଶତମୁଖ କରାଇଛି । ଅତ୍ୟାଧୁନିକ ସମୟରେ ବହୁ କବିଙ୍କୁ ପରିବେଶ ଯେପରି ବିଭିନ୍ନ ଭାବରେ ପ୍ରଭାବିତ କରିଛି, ତାହା ସ୍ୱତନ୍ତ୍ର ଆଲୋଚନାର ଅପେକ୍ଷା ରଖେ । ତେବେ, ଏ କଥା ସର୍ବବାଦୀ ସମ୍ମତ ଯେ ପ୍ରାକୃତିକ ପରିବେଶ ଯୁଗେ ଯୁଗେ କବି ଚିତ୍ତରେ ସ୍ୱତନ୍ତ୍ର ଆସନ ପ୍ରତିଷ୍ଠା କରି ଆସିଛି । ପ୍ରାକୃତିକ ପରିବେଶ ହେଉଛି ସ୍ୱୟଂ ପୁଷ୍ଟ, ସ୍ୱୟଂ ସଙ୍ଗଠିତ, "ସର୍ବେ ଭବନ୍ତୁ ସୁଖୀନଃ" ହେଉଛି ତାର ହୃଦୟର ବାର୍ତ୍ତା । ଆଜି ପରିବେଶର ସୁରକ୍ଷା ପାଇଁ ଅଭିଯାନ ସର୍ବାଦୌ ଅଭିନନ୍ଦନୀୟ । ସମଗ୍ର ମାନବ ଜାତିର ସ୍ଥିତି ଓ ସମୃଦ୍ଧି ନିମନ୍ତେ ଏହାର ସୁରକ୍ଷା ଏକାନ୍ତ ଆବଶ୍ୟକ, ଏଥିରେ ସନ୍ଦେହ ନାହିଁ ।

ଅଧ୍ୟାପକ,
ଓଡ଼ିଆ ବିଭାଗ,
ବାଣୀବିହାର, ଭୁବନେଶ୍ୱର ।

ପରିବେଶର କ୍ଷତି ସାଧନ ଏକ ନିର୍ଦ୍ଦିଷ୍ଟ ସମୟର ଘଟଣା ନୁହେଁ । ଏହା କ୍ରମାଗତ ଭାବେ ଘଟି ଆସୁଥିବା ଏକ ପ୍ରବହମାନ ଧାରା । ଏହି ଧାରାକୁ ଯଦି ରୋକା ଯାଇ ପାରିବ ତେବେ ପରିବେଶ ସୁରକ୍ଷିତ ହୋଇ ପାରିବ ।

—ନୀଳମଣି ରାଉତରାୟ

# ଝିଅ କ'ଣ ସତରେ ଅଲୋଡ଼ା ?

ଶ୍ରୀମତୀ ଜ୍ୟୋତ୍ସ୍ନା ଡାଲୀ

ଆମ ସମାଜରେ କଥା କଥାକେ କୁହାଯାଇ ଥାଏ "ବିନାଶ୍ରୟେ ନବର୍ତ୍ତନ୍ତି କବିତା-ବନିତା-ଲତା" । ଏହା କେବଳ ପୁରୁଷ ପ୍ରାଧାନ୍ୟ ସମାଜରହିଁ କଥା । ଏହି ପ୍ରଚଳିତ ସାମାଜିକ ଢ଼ାଞ୍ଚା ଓ ଚଳଣିର ପ୍ରଭାବ ଏତେ ସୁସ୍ପଷ୍ଟ ଯେ ଏକା ମାଆ ପେଟରୁ ଜନ୍ମ ହୋଇଥିବା ପୁଅ ଏବଂ ଝିଅଙ୍କ ପ୍ରତି ସେଇ ମାଆ ସମାନ ବ୍ୟବହାର ଦେଖାଇ ପାରେ ନାହିଁ । ସମାଜ ଆଖିରେ ପୁଅ ସାକ୍ଷାତ ପିତୃ ପୁରୁଷଙ୍କର ତ୍ରାଣକର୍ତ୍ତା । ପୁତ୍ ନାମକ ନରକରୁ ଉଦ୍ଧାର କରିବା ପାଇଁ ମା', ବାପା କେତେ ଯେ ଦିଅଁ ଦେବତା ନ ମନାସନ୍ତି ତାର କଳନା ନାହିଁ । ଖାଇବାକୁ ଦେଲାବେଳେ ଯଦିଓ ପାତର ଅନ୍ତର କରିବା ଉଚିତ ନୁହେଁ, ତଥାପି ପରିବାରରେ ସମସ୍ତଙ୍କ ହାତ ପୁଅ ଆଡ଼କୁ ଅଧିକ ଉଦାର । ଝିଅଟି ଏଥିରୁ ହୁଏ ବଂଚିତା । ପୁଷ୍ଟିକର ସୁସ୍ୱାଦୁ ଖାଦ୍ୟ ଘରକୁ ଆସିଲେ ଆଗ ପୁଅ ପାଟିକୁ ଯାଏ, ବଳିଲେ ଦେଣିକି ଝିଅ ପାଇଁ । ବିଭିନ୍ନ ପ୍ରକାର ସାଧୁ, ସନ୍ନ୍ୟାସୀ, ଦିଅଁ, ଦେବତାଙ୍କ ଆଶୀର୍ବାଦ ଯେମିତି ପୁଅପାଇଁ କେବଳ ଲୋଡ଼ା । ଝିଅ ଜନ୍ମ ପର ଘରକୁ । କିନ୍ତୁ କେହି କେବେ ଚିନ୍ତା କରେ କି, ଏ ସମାଜର ଉତ୍ତର ଦାୟାଦଙ୍କୁ ଯେ ଗର୍ଭରେ ଧାରଣ କରିବ ତାର ମଧ୍ୟ ସ୍ୱାସ୍ଥ୍ୟ ଯତ୍ନର ଆବଶ୍ୟକତା ରହିଛି । ପୋଷାକ ପରିଚ୍ଛଦ, ଚିକିତ୍ସା ବ୍ୟବସ୍ଥା ଓ ସର୍ବୋପରି ପାଠପଢ଼ା କ୍ଷେତ୍ରରେ ମଧ୍ୟ ପୁଅର ଭାବ ଅଧିକା ଅର୍ଥାତ୍ ତା' ପାଇଁ ଯଦି ନୂଆ ବହି କିଣା ହୋଇ ଆସେ, ଝିଅ ପାଇଁ ପୁରୁଣା ବହି ଯୋଗାଡ଼ ହୋଇଥାଏ । ଝିଅ ଯଦି ନୂଆ ବହିପାଇଁ ଅଡ଼ିବସେ, ବୁଢ଼ିମା କହନ୍ତି — "ତୁ କ'ଣ ଆମର କିଲଟର୍ ହେବୁକି ?" କିନ୍ତୁ ବାସ୍ତବ କ୍ଷେତ୍ରରେ ଆଜି ଝିଅ କିନ୍ତୁ ଅଲୋଡ଼ା ନୁହେଁ । ସମୟ ବଦଳିଛି । ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଝିଅ — ମାନେ ଆଜି ପୁଅମାନଙ୍କ ସହିତ ସମାନ ତାଳ ଦେଇ ଆଗେଇ ଚାଲିଛନ୍ତି । ଝିଅମାନେ ଆଜି, ବୈମାନିକ, ଇଞ୍ଜିନିୟର, ମହିଳା ପୋଲିସ, ଡାକ୍ତର ଓ ପ୍ରଶାସନିକ କ୍ଷେତ୍ରରେ ଖୁବ୍ ଦକ୍ଷତାର ସହିତ ଏହି ଗୁରୁ ଦାୟିତ୍ୱ ଗୁଡ଼ିକ ତୁଲାଉଛନ୍ତି । କେବଳ ଶ୍ରୀଲଙ୍କା, ଇସ୍ରାଇଲ୍ ଇଂଲଣ୍ଡ ପାକିସ୍ଥାନ କିମ୍ବା ଭାରତର ପ୍ରଧାନମନ୍ତ୍ରୀ ପଦରେ । ନାରୀ ସ୍ୱତନ୍ତ୍ର ସମ୍ମାନର ଅଧିକାରିଣୀ ହୋଇ ନାହାନ୍ତି, ବିଶ୍ୱର ଅନେକ ରାଷ୍ଟ୍ରରେ ସେମାନେ ଅାଜି ନେତୃତ୍ୱ ନେଇଛନ୍ତି । ବିଶ୍ୱବିଦ୍ୟାଳୟରେ କୃତିତ୍ୱ ହାସଲ କରିଥିବା ପ୍ରଥମ କେତେ ଜଣଙ୍କ ମଧ୍ୟରେ ଝିଅମାନଙ୍କ ନାମ ଦେଖିବାକୁ ମିଳୁଛି । ଆନ୍ତର୍ଜାତିକ କ୍ରୀଡ଼ା ଜଗତରେ ପି· ଟି· ଉଷାଙ୍କୁ ନଜାଣେ ବା କିଏ ? ଏଥିରୁ କ'ଣ ଆପଣ କହିବେ ଝିଅ ଅଲୋଡ଼ା, ଅଖୋଜା ? ।

ଝିଅଟିକୁ କେବଳ ଜନ୍ମ ଦେଲେ ଚଳିବ ନାହିଁ । ତାର ଉପଯୁକ୍ତ ଶିକ୍ଷା ଓ ତାଲିମ ପାଇଁ ବ୍ୟବସ୍ଥା କରିବାକୁ ପଡ଼ିବ । ଆଜିକାଲି ପରିବାରରେ ଝିଅମାନେ ପୁଅମାନଙ୍କ ପରି ପ୍ରଶଂସିତ ହେଲେଣି । ଅନେକ କ୍ଷେତ୍ରରେ ଝିଅମାନେ ପୁଅମାନଙ୍କଠାରୁ ଅଧିକ ପରିମାଣରେ କର୍ତ୍ତବ୍ୟ ପରାୟଣା । ବାର୍ଦ୍ଧକ୍ୟ ଅବସ୍ଥାରେ ପିତାମାତା ଲୋଡ଼ନ୍ତି ଟିକିଏ ସ୍ନେହ, ଆଦର ଓ ଯତ୍ନ । ଝିଅମାନେ ଏ ଦିଗରେ ପୁଅମାନଙ୍କ ଠାରୁ ବେଶ୍ ଆଗରେ । ବାପା କିମ୍ବା ମାଆଙ୍କର ଅସୁସ୍ଥତାର ଖବର ପାଇବାମାତ୍ରେ ଝିଅମାନେ ଦୂରରେ ଥିଲେ ମଧ୍ୟ କାଳ ବିଳମ୍ବ ନ କରି ସେମାନଙ୍କ ପାଖରେ ଆସି ଠିଆ ହେଉଛନ୍ତି, ଯାହା ପୁଅମାନଙ୍କ ପକ୍ଷରେ ସମ୍ଭବ ହେଉ ନାହିଁ ।

ପୂର୍ବେ ଭାରତର କେତେକ ଅଞ୍ଚଳରେ ଝିଅମାନଙ୍କୁ ଗଙ୍ଗା ନଦୀରେ ନିକ୍ଷେପ କରିବାର ଦୃଷ୍ଟାନ୍ତ ରହିଛି । ସ୍ୱାଧୀନତାର ବୟାଳିଶ ବର୍ଷ ପରେ ମଧ୍ୟ ରାଜସ୍ଥାନରେ ନାଟକୀୟ ସତୀଦାହର ପୁନରାଭିନୟ ଘଟିଲା । ସମସ୍ତ ସମୟରେ ନାରୀ ନିର୍ଯ୍ୟାତନା, ଯୌତୁକ, ସ୍ତ୍ରୀ ଓ ବଧୂହତ୍ୟାର ସମ୍ବାଦ ଖବର କାଗଜମାନଙ୍କରେ ପଢ଼ିବାକୁ ମିଳେ ।ଏହା କେବେ ସମାଜରେ ମହିଳାମାନଙ୍କ ପ୍ରତି ନ୍ୟୁନଭାବ ଯୋଗୁ ଘଟୁଛି । ବୈବାହିକ ଜୀବନରେ ଯେ ପର୍ଯ୍ୟନ୍ତ ସ୍ୱାମୀ ସ୍ତ୍ରୀକୁ ଉପଯୁକ୍ତ ସମ୍ମାନ ଦେଇନାହିଁ, ସେ ପର୍ଯ୍ୟନ୍ତ ସେମାନଙ୍କ ଦାମ୍ପତ୍ୟ ଜୀବନ ସୁଖମୟ ହୋଇପାରେ ନାହିଁ । କେବଳ ଅର୍ଦ୍ଧାଙ୍ଗିନୀକୁ କେବଳ ସ୍ତ୍ରୀର ମର୍ଯ୍ୟାଦା ନ ଦେଇ ସହଧର୍ମିଣୀର ଉପଯୁକ୍ତ ଆସନରେ ବସାଇବା ଆବଶ୍ୟକ ହୁଏ । ଯେଉଁମାନେ ଝିଅକୁ ପୁଅଭଳି ଦେଖନ୍ତି, ସେଇମାନେ କେବଳ ଅପତ୍ୟ ସ୍ନେହର ପୂର୍ଣ୍ଣ ଅଧିକାରୀ ହୁଅନ୍ତି । ସେଇଠି ମଧ୍ୟ ଭାଇ ଭଉଣୀଙ୍କ ସ୍ନେହର ଡୋର ଦୃଢ଼ ହୋଇ ରହେ ।

ାଜିର ସମାଜ ବୈଜ୍ଞାନିକ ଗବେଷଣାର ଫଳାଫଳକୁ ସୁଚିନ୍ତିତ
ନିଯୋଗ କରିପାରୁନାହିଁ । ମାଆ ଗର୍ଭରେ ଥିବା ଶିଶୁ ପୁଅ
ଝିଅ ଜାଣିବାପରେ ବାପ, — ମାଆ, ଝିଅ ହୋଇଥିଲେ ଗର୍ଭ
କରାଉ ଦେଉଛନ୍ତି । ଏହା ଫଳରେ ନିରୀହା କନ୍ୟାରତ୍ନଟି
ବୀର ଆଲୋକ ଦେଖିବାରୁ ବଞ୍ଚିତ ହେଉଛି । ମହାରାଷ୍ଟ୍ରର
ଅନେକ ଘଟଣା ଲୋକଲୋଚନକୁ ଆସିଚି । ଏହାଠାରୁ
ନିଷ୍ଠୁର କାର୍ଯ୍ୟ ଆଉ କ'ଣ ହୋଇପାରେ ? ଏହି ଭ୍ରୁଣଟି
ଭିତ ହୋଇଥିଲେ ସେ ଯେ ବାପ ମା'ଙ୍କୁ ଦୁଃଖ ଦୁର୍ଦ୍ଦଶାର
ସଙ୍ଗିନୀ ହୋଇ ନଥାନ୍ତା, ଏ କଥା କିଏ କହି ପାରିବ ?

ଯଦିବା ଝିଅଟି ପୃଥିବୀରେ ଜନ୍ମ ଗ୍ରହଣ କରେ ଜନ୍ମପରେ ତାକୁ
ର ଖାଦ୍ୟ — ପେୟ, ଶିକ୍ଷା — ଦୀକ୍ଷା ଶୁଖିଲି ଇତ୍ୟାଦି ସବୁଥିରୁ
ହୁଏ ବଞ୍ଚିତା । ଏଥିପାଇଁ ଜନଚେତନା ସୃଷ୍ଟି କରା ଯାଉଛି,
ଯାଁ ଆମେ ବୁଝିବାକୁ ନାରାଜ, ତାକୁ ତାର ନ୍ୟାର୍ଯ୍ୟ ଅଧିକାର
ବାରେ ଆମେ କୁଣ୍ଠିତ । ଗାଡ଼ି, ମଟରରେ ଝିଅଟିଏ ବା
ାବୁଟିଏ ଗଲାବେଳେ ଏକଥାଟି ବିଶେଷଭାବରେ ପରିଲକ୍ଷିତ
। ସୁସ୍ଥ ସବଳ ଯୁବକ, ବୟସ୍କ ବ୍ୟକ୍ତିମାନେ ଲେଡ଼ିସ୍ ସିଟ୍‌ରେ
ଥାନ୍ତି । ତାଙ୍କପାଖରେ ଦୁଃସ୍ଥ ଭାବରେ ଠିଆହୋଇ ରହିଥାଏ,
ବୋହୂ, ମାଆ ବା ଭଉଣୀଟିଏ । ତା'ପ୍ରତି ଯେପରି ତାଙ୍କର
ର ନଥାଏ । ବେଳେ ବେଳେ ଗର୍ଭବତୀ ମହିଳା କିମ୍ବା ଶିଶୁ
ନଟିକୁ କୋଳରେ ଜାକିଧରି ମାଆଟିଏ ଠିଆ ହୋଇଥିବାର
ଖାଯାଏ । ଗାଡ଼ି ଗୁଲିବାର ହକ୍‌ଚକ୍‌ରେ ପିଲାଟି ଚିତ୍କାର
ଲେ, 'ଆହା' ପଦଟିଏ କହିବା ତ ଦୂରର କଥା, ପ୍ରତିବଦଳରେ ସ୍ତ୍ରୀ
କଟିଏ ହୋଇଥିବାରୁ, ତାଙ୍କଠାରୁ ଖରାପ ଭାଷା ମଧ୍ୟ ଶୁଣିବାକୁ
ଡ଼ିଥାଏ । ଏହି ଶିଶୁ ସନ୍ତାନଟିର ଜନ୍ମପାଇଁ ଯେପରି ନାରୀହିଁ
କଳ ଦାୟୀ । କିନ୍ତୁ ଏଥିପ୍ରତି ନଜର ବା କାହାର ? ଏତ
ଗଲା — ନିତି ଦିନିଆ ଆଖି ଦେଖା ଅଙ୍ଗେ ଲିଭେଇବା ଘଟଣା ।
ପରିବାରରେ ମଧ୍ୟ ଝିଅ ବୋହୂମାନେ କେବେ କେବେ ଅବହେଳିତ
ଓ ଲାଞ୍ଛିତ ହେଉଛନ୍ତି । ଅନେକ ସମାଜରେ ସେମାନଙ୍କର
ମୁହଁଖୋଲି କହିବାର ଅଧିକାର ମଧ୍ୟ ନାହିଁ । ଦୁଃସ୍ଥ ପରିବାରରେ
ବାପା — ମାଆ ପରିବାରର ଛୋଟ ପିଲାଙ୍କ ଦାୟିତ୍ୱ ଝିଅଙ୍କ ଉପରେ
ନଦି ଦିଅନ୍ତି । ଏଣୁ ବଞ୍ଚି ରହିବାର ନିମ୍ନତମ ଆବଶ୍ୟକତା ପାଇଁ
ତାକୁ ସଂଗ୍ରାମ କରିବାକୁ ପଡୁଛି ।

ହିସାବରୁ ଜଣାଯାଉଛି ଯେ ଭାରତରେ ୨୦ ବର୍ଷରୁ କମ୍ ବୟସର ଥିବା ଝିଅମାନଙ୍କର ସଂଖ୍ୟା ୯ କୋଟି ୩୦ ଲକ୍ଷ, ଯଦି ଏହି କାଲିର ନାଗରିକମାନଙ୍କୁ ସଂଗ୍ରାମକରି ବଞ୍ଚି ରହିବାକୁ ପଡ଼େ, ତେବେ କ'ଣ ବିଂଶ ଶତାବ୍ଦୀ ଶେଷ ସୁଦ୍ଧା ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ସମ୍ଭବ ହେବ ? ଆମେ ଆଶାକରୁ, ଆଗାମୀ ଯୁଗର ମହିଳାମାନେ ସମାଜର ଉନ୍ନତି ଓ ପରିବର୍ତ୍ତନ ପାଇଁ ମେରୁଦଣ୍ଡ ହୁଅନ୍ତୁ । ଏବେ ମଧ୍ୟ ଆମେ ତାଙ୍କୁ ତାଙ୍କ ନ୍ୟାର୍ଯ୍ୟ ଦାବୀରୁ ବଞ୍ଚିତ କରୁଛୁ । ତେଣୁ ସେ ମଧ୍ୟ ଠିକ୍ ସେଇଭଳି ତା'ର ସନ୍ତାନମାନଙ୍କୁ ସ୍କୁଲ ପଠାଇବା ପାଇଁ, ସ୍ୱାସ୍ଥ୍ୟର ଯତ୍ନନେବା, ଟୀକା ଦେବାପାଇଁ ଓ ପରିବାର କଲ୍ୟାଣର ସହଜ ସୁଲଭ ପଦ୍ଧତି ଗୁଡ଼ିକର ସଦୁପଯୋଗ କରିବାପାଇଁ ଆଗ୍ରହ ପ୍ରକାଶ କରିବ ନାହିଁ । ତେଣୁ ଆମେ ଯଦି ସମସ୍ତେ ମିଳିମିଶି ଝିଅ ମାନଙ୍କର ଖାଦ୍ୟ, ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ ନ୍ୟାୟ ଓ ସମ୍ମାନ ପ୍ରତି ପ୍ରାଧାନ୍ୟ ଦେବା ତେବେ ବିଂଶ ଶତାବ୍ଦୀ ସୁଦ୍ଧା ଆମର ସାମାଜିକ ଲକ୍ଷ୍ୟ ପୂରଣ ସମ୍ଭବ ହେବ ।

---

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,
ଭୁବନେଶ୍ୱର–୧୨

ଉଠରେ ଉଠରେ ଉତ୍କଳ ସନ୍ତାନ
ଉଠିବୁ ତୁ କେବେ ଦିନେ,
ପୂରୁବ ଗୌରବ ପୂରୁବ ମହିମା
ପଡ଼ିବ କି କେବେ ମନେ ?
—ମଧୁସୂଦନ

# ପଲ୍ଲି ପରିବେଶ ପରିଚର୍ଯ୍ୟାରେ ଗୃହବଧୂ

ଶ୍ରୀମତୀ ଅନ୍ନପୂର୍ଣ୍ଣା ପ୍ରଧାନ

ସୁସ୍ଥ ସବଳ ସମାଜ ଗଠନ ପାଇଁ ସୁସ୍ଥ ପରିବେଶର ଆବଶ୍ୟକତା ଅପରିହାର୍ଯ୍ୟ । ପରିବେଶ କହିଲେ ସାଧାରଣତଃ ଆମ ଚାରିପାଖରେ ଥିବା 'ପରିବେଷ୍ଟନୀ'କୁ ହିଁ ବୁଝାଏ । ସ୍ରଷ୍ଟାର ସୃଷ୍ଟି ପ୍ରକୃତିର ପ୍ରାକୃତିକ ସ୍ଥିତି ହିଁ ଆମର ପରିବେଶ । ସାଧାରଣତଃ ପରିବେଶ ତିନି ପ୍ରକାର, ଯଥା :

(୧) ଭୌତିକ ପରିବେଶ—ପାଣି, ପବନ, ମୃତ୍ତିକା, ଜଳବାୟୁ, ଉତ୍ତାପ ଓ ବାସଗୃହ ।

(୨) ଜୈବିକ ପରିବେଶ—ଜଙ୍ଗଲ, ବୃକ୍ଷଲତା, ପଶୁପକ୍ଷୀ, କୀଟପତଙ୍ଗ, ଜୀବାଣୁ ଆଦି ଜୀବନ୍ତ ପ୍ରାଣୀ ଓ ଉଦ୍ଭିଦ ।

(୩) ସାମାଜିକ ପରିବେଶ—ଶିକ୍ଷା, ସଭ୍ୟତା, ସଂସ୍କୃତି, ଧର୍ମ ବିଶ୍ୱାସ, ମାନବିକତା ଓ ଅଭ୍ୟାସ ଇତ୍ୟାଦି ।

ପାଣି, ପବନ ଓ ମାଟି ପରିବେଶର ତିନୋଟି ମୁଖ୍ୟ । ଏଥିରେ ଜୀବଜଗତର ସୃଷ୍ଟି । ତେଣୁ ଗୋଟିକର କ୍ଷୟକ୍ଷତି ସହିତ ଜୀବଜଗତ ପ୍ରତ୍ୟକ୍ଷ ଭାବେ ଜଡ଼ିତ । ପ୍ରକୃତି ସହିତ ସଭ୍ୟତାର ସମ୍ପର୍କ ଅତିବ ନିବିଡ଼ । ତେଣୁ ପରସ୍ପର ମଧ୍ୟରେ ଭାରସାମ୍ୟ ଓ ସମନ୍ୱୟ ନରହିଲେ ତାହା ପୃଥିବୀର ସମସ୍ତ ଜୀବଜଗତ ପାଇଁ ବିପଦ ସୃଷ୍ଟି କରିବ । "ପରିବେଶ ପ୍ରଦୂଷଣ" ମନୁଷ୍ୟପାଇଁ ଅନେକ କଠିନ ସମସ୍ୟା ସୃଷ୍ଟି କରୁଛି । ପୃଥିବୀର ସୀମିତ ପରିସର ମଧ୍ୟରେ ଜନସଂଖ୍ୟାର ଅଭୂତପୂର୍ବ ବିସ୍ଫୋରଣ, ପ୍ରାକୃତିକ ସମ୍ପଦର ହ୍ରାସ, ଆଧୁନିକ କଳକାରଖାନା ଓ ଯାନବାହାନରୁ ନିର୍ଗତ ଧୂଆଁ, ମଇଳା ଓ ପରିତ୍ୟକ୍ତ ରାସାୟନିକ ଦ୍ରବ୍ୟର ନଦୀ, ସମୁଦ୍ର ଜଳରେ ମିଶ୍ରଣ, ସାମୁଦ୍ରିକ ସମ୍ପଦର ହ୍ରାସ, ଜଙ୍ଗଲକ୍ଷୟ, ମୃତ୍ତିକା କ୍ଷୟ, ଅନିୟମିତ ଜଳବାୟୁ, ଦୁଷ୍ପ୍ରାପ୍ୟ ବୃକ୍ଷଲତାର ବିଲୋପ ଇତ୍ୟାଦି କାରକମାନେ ପରିବେଶକୁ ଦୂଷିତ କରିବାର ମୁଖ୍ୟ କାରଣ । ଫଳରେ ମଣିଷର ଜୀବନଯାତ୍ରା ବିପର୍ଯ୍ୟସ୍ତ ହୋଇପଡୁଛି ଏବଂ ମଣିଷର ମାନସିକ ଅସ୍ଥିରତା ବୃଦ୍ଧି ପାଉଛି ।

ପରିବେଶ ସୁରକ୍ଷାର ପ୍ରତିକାର ହେଉଛି ଜନ ସଚେତନତା ସୃଷ୍ଟି କରିବା ;ବିଶେଷ କରି, ନାରୀଜାଗରଣ ପ୍ରତି ଯତ୍ନବାନ ହେବା, କାରଣ ନାରୀମାନେ ହିଁ ପରିବାରର ମାନଦଣ୍ଡ । ସେମାନଙ୍କ ହାତରେ ହିଁ ଦେଶର ଭବିଷ୍ୟତ ଗଢ଼ାହୁଏ । ଘରର ଯାବତୀୟ କାର୍ଯ୍ୟ ଯଥା—ଖାଦ୍ୟ, ପାନୀୟର ନିରାପଦ ବ୍ୟବହାର ଓ ସଂରକ୍ଷଣ, ଗୃହସଜା, ପରିଷ୍କାର ପରିଚ୍ଛନ୍ନତା, ଶିଶୁର ଲାଳନ ପାଳନ ତଥା ସୁସ୍ଥ ଅଭିବୃଦ୍ଧି ପାଇଁ ନାରୀ ଉପଯୁକ୍ତ ଜନନୀ, ଜାୟା ଓ ଭଗ୍ନୀ ରୂପରେ ଦାୟିତ୍ୱ ଗ୍ରହଣ କରିଥାଏ । ତେଣୁ ଗୃହ ପରିବେଶର ସୁରକ୍ଷାକ୍ଷେତ୍ରରେ ନାରୀର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । କାରଣ ପରିବାର ପରିବେଶର ଛାପ ସମାଜ ଉପରେ ପ୍ରଭାବ ପକାଇଥାଏ । ତେଣୁ ସୁସ୍ଥ ପରିବେଶ ଗଠନରେ ନାରୀ ଜାଗରଣ ହିଁ ପ୍ରଥମ ପଦକ୍ଷେପ । ମହାତ୍ମାଗାନ୍ଧୀଙ୍କ ଭାଷାରେ—"If A man is educated a person is educated, but if a woman is educated a family is educated."

## (୧) ବିଶୁଦ୍ଧ ଜଳ ସେବନ :

ଗାଁ ଗହଳରେ ଲୋକେ ନଈ, ନାଳ, ପୋଖରୀ, ଗାଡ଼ିଆ ଓ ହାତ ତିଆରି ଛୋଟ କଚ୍ଚା କୂଅର ଜଳକୁ ପାନୀୟ ରୂପେ ବ୍ୟବହାର କରନ୍ତି । ଦେଶର ପ୍ରାୟ ଶତକଡ଼ା ୬୫ ଭାଗ ରୋଗ କେବଳ ଦୂଷିତ ଜଳସେବନ ଓ ପାନୀୟ ବ୍ୟବହାର ଦ୍ୱାରା ସଂଘଟିତ ହୋଇଥାଏ । ଜଳ ହିଁ ଜୀବନ । ତେଣୁ ଗୃହିଣୀମାନେ ପରିବାରର ସମସ୍ତଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳର ସଂରକ୍ଷଣ ପ୍ରତି ଯତ୍ନବାନ ହେବା ଉଚିତ । ସେମାନେ କୂଅପାଣୀ ବ୍ୟବହାର କରୁଥିଲେ କୂଅ ପାଖରେ କୌଣସି ନାଳ, ନର୍ଦ୍ଦମା, ପାଇଖାନା, ଖତଗଦା, ଗୁହାଳ କିମ୍ବା କୌଣସି ବଡ଼ ଗଛ ନ ରହିବା ଉଚିତ । କୂଅର ଚାରିପଟେ ପକ୍କାଚଉତରା କରି ଏକ ପକ୍କା ନାଳୀ ଦ୍ୱାରା ସେଠାରେ ବ୍ୟବହୃତ ହେଉଥିବା ପାଣିକୁ ଯଥେଷ୍ଟ ଦୂରକୁ ଛାଡ଼ିବାର

ବ୍ୟବସ୍ଥା କରିବାଉଚିତ । ଜଳ ଉଠାଇବା ପାଇଁ ନିର୍ଦ୍ଦିଷ୍ଟ ବାଲ୍ଟି ବା ... ରଖା ରହିବାଉଚିତ । ପ୍ରତିବର୍ଷ କୂଅକୁ ଉଖାଳିବା ଏବଂ ପ୍ରତି୨/୩ ... ପରେ ଥରେ ବ୍ଲିଚିଙ୍ଗ ବା ପୋଟାସିୟମ୍ ପରମାଙ୍ଗାନେଟ୍ କିମ୍ବା ... ଇତ୍ୟାଦି ପକାଇବା ଉଚିତ ।

ପୋଖରୀ, ନାଳ ବା ଗାଡ଼ିଆ ପାଣିକୁ ଛାଣି ଫୁଟାଇ, ଅଣ୍ଡାକରି ବ୍ୟବହାର କରିବା ଉଚିତ । ପାତ୍ର ଉପରେ ସର୍ବଦା ଢାଙ୍କୁଣୀ ଘୋଡ଼ାଇ ରଖିବା ଉଚିତ । ପାଣି ପାତ୍ର ଭିତରେ ହାତ କିମ୍ବା ଗ୍ଲାସ ବୁଡ଼ାଇବା ଅନୁଚିତ । ପାତ୍ରକୁ ଅଣେଇ ଗ୍ଲାସକୁ ପାଣି ଢାଳିବା ବା ... ମଗ୍ ବା ଡ଼ଙ୍କି ବ୍ୟବହାର କରିବା ଉଚିତ । ରୋଗୀ, ଛୋଟ ପିଲାଙ୍କ ଝାଡ଼ା, ପରିସ୍ରା ଲୁଗାପଟା ଇତ୍ୟାଦି ସର୍ବସାଧାରଣ ପୋଖରୀରେ ନ ଧୋଇ ପୋଖରୀ ଠାରୁ ଦୂରରେ ସଫାକରିବା ଉଚିତ । ପୋଖରୀରେ ପାଣି ସାରିବା ଲୁଗାକାଚିବା, ଦାନ୍ତଘଷି ... କାଠି ପାଣିରେ ନପକାଇବା ଉଚିତ । ପୋଖରୀ ହୁଡ଼ାରେ ... ନ ଯିବା ତଥା ପୋଖରୀରେ ଗୋରୁ, ଗାଈ, ମଇଁଷି ଇତ୍ୟାଦି ... ଗାଧୋଇବାକୁ କଡ଼ାକଡି ଭାବେ ନଜର ଦେବା ଗୃହିଣୀର କାର୍ଯ୍ୟ ।

ନଳକୂପର ପାଣି ବ୍ୟବହାର କରିବା ସବୁଠାରୁ ନିରାପଦ । ଅତଏବ ଏହା କ୍ଷାରଯୁକ୍ତ ହେଲେ ମଧ୍ୟ ବ୍ୟବହାରଯୋଗ୍ୟ ।

## (୨) ଆର୍ବଜନାରୁ ସଂପଦ :

ମାଉସିମାନେ ସକାଳୁ ଗୋବର ପାଣି ପକାଇ, ଘରଦ୍ୱାର ... ଘରର ସମସ୍ତ ଅଳିଆ, ଆବର୍ଜନା, ପରିବା ଚୋପା ଇତ୍ୟାଦିକୁ ଦାଣ୍ଡ ପିଣ୍ଡା ତଳକୁ ପକାଇ ଦିଅନ୍ତି । ଏହା ଘରର ସୌନ୍ଦର୍ଯ୍ୟ ନଷ୍ଟ କରିବା ସଙ୍ଗେ ସଙ୍ଗେ ମଇଳା ସବୁ ଗୁରିଆଡ଼େ ... ପରିବେଶକୁ ଦୂଷିତ କରେ ଓ ପରିବେଶ ଅସ୍ୱାସ୍ଥ୍ୟକର କରିଥାଏ । ଏଇ ମଇଳାସବୁକୁ ଯଦି ବାହାରେ ନ ଫିଙ୍ଗି ଏକ ... ବିନ୍ ବା ଗୋଟିଏ ଟିଣ ବା ହାଣ୍ଡିରେ ଘୋଡ଼ାଇ ରଖାଯାଏ ଏବଂ ପର ଦିନ ଏହାକୁ କମ୍ପୋଷ୍ଟ ଖାତରେ ପକାଇ ଦିଆଯାଏ ତେବେ ମାଛି, ଅସରପା ଓ ମୂଷା ଇତ୍ୟାଦିଙ୍କ ଉପଦ୍ରବରୁ ରକ୍ଷା ଏବଂ ଏ ସବୁ ଖତ ରୂପେ ବ୍ୟବହାର କରାଯାଇ ପାରିବ ।

(କ) କମ୍ପୋଷ୍ଟ ତିଆରି—ଘରର ଅଳିଆ, ଆବର୍ଜନା ଓ ଗୋବରର ଉତ୍କୃଷ୍ଟ ଧରଣର ଖତ ପ୍ରସ୍ତୁତି ପାଇଁ ଘରର ବାଡିପଟେ ୫ ଫୁଟ ଲମ୍ବା, ୩ ଫୁଟ ଚୌଡ଼ା ଓ ୨½ ଫୁଟ ଗଭୀରର ଏକ ଆୟତାକାର ଖାତ ଖୋଳି ଖାତର ଗୋଟିଏ କଡ଼ରେ ଅଳିଆ, ଆବର୍ଜନା ଓ ଗୋବର ପକାଇବା ଉଚିତ । ମାଛି ନ ବସିବା ପାଇଁ କିଛି ଚୂନ ପାଉଁଶ ବା ମାଟି ଛିଞ୍ଚି ଦେବା ଉଚିତ । ୬ ମାସ ଭିତରେ ଖାତଟି ପୂର୍ଣ୍ଣ ହୋଇଗଲେ ଖାତର ଥିବା ସମୁଦାୟ ଅଳିଆକୁ ମାଟି ଦେଇ ଘୋଡ଼ାଇ ରଖି ସେହି ମାପରେ ଅନ୍ୟ ଏକ ଖାତ ଖୋଳା ଯାଇ ପାରିବ । ଦ୍ୱିତୀୟ ଖାତଟି ପୂର୍ଣ୍ଣ ହେଲେ ପ୍ରଥମ ଖାତରୁ ଖତ କାଢ଼ି ନି ଆଯାଇ ପାରିବ । ଏହା ଏକ ଉତ୍ତମ, ଜୈବିକ ସାର ଓ ଏହା ଯେ କୌଣସି ରାସାୟନିକ ସାର ଅପେକ୍ଷା ଅତି ଉତ୍କୃଷ୍ଟ । ଏହା ବିଲରେ ପଡ଼ିଲେ ଅଧିକ ଫସଲ ଅମଳ ହେବ । ଏହି ଖତ ପାଇଁ ଚାଷୀମାନଙ୍କର ଚାହିଦା ବେଶୀ । ବିନା ପରିଶ୍ରମ, ବିନା ଖର୍ଚ୍ଚରେ ଓ ଅନାୟାସରେ ଏହା କରାଯାଇ ପାରିବ ।

(ଖ) କଠିନ ବର୍ଜ୍ୟବସ୍ତୁ ସଂଗ୍ରହ—ଅଦରକାରୀ ଟିଣ, ଡବା, ବୋତଲ, ପୁରୁଣା ପ୍ଲାଷ୍ଟିକ ଖେଳନା, ଚମଡ଼ା ଚପଲ ଇତ୍ୟାଦି ଏଣେ ତେଣେ ନଫିଙ୍ଗି ସାଇତି ରଖିବା ଉଚିତ । କାରଣ ଏଗୁଡ଼ିକ ଏବେ ପୁନର୍ବ୍ୟବହାର ପାଇଁ କାରଖାନା ମାନ ବସିଲାଣି । ଗୋଟିଏ ଗ୍ରାମର ଏ ପ୍ରକାର ସମସ୍ତ ପ୍ରଦାର୍ଥକୁ ସଂଗ୍ରହକରି ବିକ୍ରି କଲେ ପରିବାରର ଆର୍ଥିକ ପରିସ୍ଥିତିକୁ ଏହା କିଛିଟା ସୁଧାରିବା ସଙ୍ଗେ ସଙ୍ଗେ ପରିବେଶ ସୁସ୍ଥ ରଖିବ । ବାଦାମ ଚୋପାକୁ ଜାଳେଣି ରୂପେ ବ୍ୟବହାର କରିହେବ । ନଡିଆ ଖୋଳପାରୁ ବୋତାମ ଓ କତାରୁ ପାପୋଛ ଓ ଦଉଡ଼ି ଆଦି ପ୍ରସ୍ତୁତ କରିହେବ ।

## (୩) ନାଳ, ନର୍ଦ୍ଦମା ସଫେଇ :

ସାଧାରଣତଃ ଘରର ନଳାବାଟେ ବାହାରୁଥିବା ଅପରିଷ୍କାର ପାଣି, ଗୋମୂତ୍ର ଇତ୍ୟାଦି ଜମି ରହିଲେ ସେଥିରୁ ମଶା ଜନ୍ମନ୍ତି ଓ ଏହା ମ୍ୟାଲେରିଆ ଓ ବାତଜ୍ୱର ଇତ୍ୟାଦି କରାଇଥାଏ । ଏଥିରୁ ରକ୍ଷାପାଇବାକୁ ହେଲେ ଗୃହିଣୀମାନେ ଏକ 'ଜଳ ଶୋଷକ ଖାତ' ବ୍ୟବହାର କରିପାରିବେ । ନଳାରୁ ପାଣି ବାହାରୁଥିବା ସ୍ଥାନରେ ଗୋଟିଏ ୩ଫୁଟ ଲମ୍ବ, ଓସାର ଓ ଗଭୀରର ଚାରି କୋଣିଆ ଖାତ ତିଆରି କରି ଖାତ ତଳେ ଏକ ଫୁଟ ପର୍ଯ୍ୟନ୍ତ ବଡ଼ ବଡ଼ ଇଟାଖଣ୍ଡ, ଏହା ଉପରେ ଏକ ଫୁଟ ସାନ ଇଟାଖଣ୍ଡ ଓ ଏହା ଉପରକୁ ଏକ ଫୁଟ ମୋଟା ବାଲି ପୁରଣ କରି ଖାତ ପ୍ରସ୍ତୁତ କରି ପାରିବେ । ଏ ପ୍ରକାର ଖାତ ନଳାରୁ ବାହାରୁ ଥିବା ପାଣିକୁ ଜମିବାକୁ ନଦେଇ ଶୋଷିନିଏ । ଏହା ଦ୍ୱାରା ନଳା ମୁହଁ ସର୍ବଦା ଖୋଲା ରହେ । ଏହା ବିନା ମୂଲ୍ୟରେ ଓ ଅବସର ବେଳେ ତିଆରି କରିହେବ ।

## (୪) ଅଳ୍ପ ଖର୍ଚ୍ଚରେ ପାଇଖାନା :

ସାଧାରଣତଃ ଗାଁ ଗହଳରେ ଲୋକେ ଖାଲି ପାଦରେ ଓ ଖୋଲା ପଡ଼ିଆରେ ମଳତ୍ୟାଗ କରିଥାନ୍ତି । ଏହାଦ୍ୱାରା ପରିବେଶ ଅସ୍ୱାସ୍ଥ୍ୟକର ହୁଏ ଓ ରୋଗ ସହଜରେ ଘରକୁ ଆସିଥାଏ । କାରଣ ଖାଲି ପାଦରେ ବାହାରକୁ ଝାଡ଼ା ଯିବାଦ୍ୱାରା ଅଙ୍କୁଶ କୃମୀ ଓ ଗୋଲେଇ କୃମୀ ସଂକ୍ରମଣ ହୁଏ । ଗାଁ ଗହଳରେ ଏହା ଏକ ସାଧାରଣ ରୋଗ । ଏହି ରୋଗ ଛୋଟ ପିଲାମାନଙ୍କୁ ରକ୍ତହୀନତା ଆଣିଦିଏ ଓ ଅନେକ ସମୟରେ ରୋଗୀ ମଧ୍ୟ ମୃତ୍ୟୁ ମୁଖରେ ପଡ଼େ । ମାଛି ମଳରୁ ଜୀବାଣୁ ଆଣି ସୁସ୍ଥ ଲୋକର ଖାଦ୍ୟରେ ଛାଡ଼ିବା ଦ୍ୱାରା ସୁସ୍ଥ ଲୋକ ଅସୁସ୍ଥ ହୋଇପଡ଼େ । ତେଣୁ ସଂକ୍ରାମକ ରୋଗ କବଳରୁ ରକ୍ଷା ପାଇବା ପାଇଁ ଓ ଗାଁର ପରିବେଶକୁ ପରିମଳ କରିବା ପାଇଁ ଅଳ୍ପ ଖର୍ଚ୍ଚରେ ଆଦର୍ଶ ବରପାଲି କିମ୍ବା ୱାଟରସିଲ୍ ପାଇଖାନା ବ୍ୟବହାର କରିବା ଉଚିତ । ଏଥିପାଇଁ ବ୍ଲକ୍ ତରଫରୁ ମଧ୍ୟ ଗୃହସ୍ଥମାନଙ୍କୁ କିଛି ଆର୍ଥିକ ସାହାଯ୍ୟର ବ୍ୟବସ୍ଥା ଅଛି ।

## (୫) ଜାଳେଣି ସଂରକ୍ଷଣ :

ଆମ ଦେଶରେ କାଠ ୯୦ ଭାଗ ଇନ୍ଧନର ଆବଶ୍ୟକତା ପୂରଣ କରିଥାଏ । ଏହା ଜଙ୍ଗଲ କ୍ଷୟର ଏକମାତ୍ର କାରଣ । ବୈଜ୍ଞାନିକମାନଙ୍କ ମତରେ ୩ ଘଣ୍ଟା କାଠ ଚୁଲ୍ଲୀ ଧୂଆଁରେ କାମ କଲେ ଯେଉଁ ଶାରୀରିକ କ୍ଷତି ହୁଏ ତାହା ୨୦ ପ୍ୟାକେଟ୍ ସିଗାରେଟ୍ ଟାଣିବାର କ୍ଷତି ସହ ସମାନ । ଏହା ଶ୍ଳେଷ୍ମାଦି ରୋଗ

ସୃଷ୍ଟି କରେ ଓ ଆଖି ପ୍ରତି ମଧ୍ୟ କ୍ଷତିକାରକ ହୋଇଥାଏ । ଧୂଆଁ ଘରର କାନ୍ଥ ଓ ଆସବାବପତ୍ର ମଧ୍ୟ କଳା କରିଦିଏ । ବିଶେଷତଃ ଶିଶୁମାନଙ୍କ ପାଇଁ ଏହା ବିପଦ ସୃଷ୍ଟି କରେ । ତେଣୁ କାଠ ଚୁଲ୍ଲୀ ବଦଳରେ ବାଇଓ ଗ୍ୟାସ୍ (ଗୋବର ଗ୍ୟାସ୍), ପ୍ରିସାଗ୍ନି ଚୁଲ୍ଲୀ, ସୂର୍ଯ୍ୟ ଚୁଲ୍ଲୀ ଇତ୍ୟାଦି ବ୍ୟବହାର କରାଯିବା ଉଚିତ ।

## (୬) ବୃକ୍ଷ ରୋପଣ :

ଗୃହିଣୀମାନେ ଜାଣିବା ଉଚିତ ଯେ ସୁସ୍ଥ ପରିବେଶ ପାଇଁ ବୃକ୍ଷର ଆବଶ୍ୟକତା ସର୍ବାଧିକ । ସେମାନେ ପରିବାରର ପ୍ରତ୍ୟେକ ପିଲାଙ୍କ ଜନ୍ମ ଉତ୍ସବରେ ଗଛଟିଏ ଲଗାଇବା ଉଚିତ । ଘର ସାମ୍ନାରେ ବୃକ୍ଷ ରୋପଣ କଲେ ଯଥେଷ୍ଟ ଅମ୍ଳଜାନ, ଥଣ୍ଡା ପବନ, ଶୀତଳ ଛାୟା ଓ ଫଳ ଫୁଲ ମଧ୍ୟ ମିଳିଥାଏ । ପ୍ରତ୍ୟେକ ପରିବାର ପାଇଁ ପାକଶାଳା ବଗିଚା ମଧ୍ୟ ସୁନ୍ଦର କଳ୍ପନା । ଏହା ବିନା ଖର୍ଚ୍ଚରେ ଟଟକା ପନିପରିବା ଯୋଗାଇବା ସଙ୍ଗେ ସଙ୍ଗେ ଗୃହ ପରିବେଶ ସୁସ୍ଥ ରଖେ ।

## (୭) ଖାଦ୍ୟାଭ୍ୟାସ ପରିବର୍ତ୍ତନ :

ପରିବାର ଲୋକଙ୍କର ଖାଦ୍ୟାଭ୍ୟାସ ବଦଳାଇବା ତଥା ଅଣପାରମ୍ପାରିକ ଖାଦ୍ୟ ପ୍ରଚଳନ କରାଇବାରେ ଗୃହିଣୀମାନଙ୍କର ବିଶେଷ ଦାୟିତ୍ୱ ଅଛି । ପ୍ରକୃତିରେ ଯେଉଁ ଖାଦ୍ୟ ହ୍ରାସ ପାଉଛି ତାହା ବଦଳରେ ପରିପୂରକ ଖାଦ୍ୟ ଉତ୍ତମ ରୂପେ ପ୍ରସ୍ତୁତ କରି ଗୃହିଣୀମାନେ ପରିବାରକୁ ଅଭ୍ୟସ୍ତ କରାଇ ପାରିବେ । ଗର୍ଭାବସ୍ଥାରେ ଯେ କୌଣସି ଖାଦ୍ୟୋପଯୋଗୀ ପ୍ରାଣୀଜ ଖାଦ୍ୟକୁ ନଖାଇବାକୁ ଗୃହିଣୀମାନେ ପରିବାରକୁ ପ୍ରଭାବିତ କରିପାରିବେ । ପଶୁପକ୍ଷୀ ପାଳନ ହିତକର ଏବଂ ଗୃହିଣୀମାନେ ଏହା ସହଜରେ କରିପାରିବେ । ପ୍ରାଣୀଜ ପ୍ରୋଟିନ୍ ବଦଳରେ ପନିପରିବା ପ୍ରୋଟିନ୍ କିପରି ବେଶୀ ବ୍ୟବହାର ହୋଇପାରିବ ସେଥିପ୍ରତି ଗ୍ରାମ୍ୟ ମହିଳା ତଥା ପ୍ରତ୍ୟେକ ଗୃହିଣୀ ବିଶେଷ ଯତ୍ନବାନ ହେବା ଉଚିତ ।

## (୮) ଉତ୍ତମ ପଡ଼ୋଶୀ ସମ୍ପର୍କ :

ସାମାଜିକ ପର୍ବପର୍ବାଣୀରେ ରେଡିଓ, ଟେପ୍, ଟିଭି ଓ ମାଇକ୍ ଇତ୍ୟାଦି କେତେକ ଲୋକ ଏମିତି ଜୋରରେ ବଜାନ୍ତି ଯେ ତାହା ମନୋରଞ୍ଜନ ପରିବର୍ତ୍ତେ ବିକୃତି ଆଣିଦିଏ । ପଡ଼ୋଶୀମାନେ ଅତିଷ୍ଠ ହୋଇ ଉଠନ୍ତି । ବୈଜ୍ଞାନିକଙ୍କ ମତରେ ଏଭଳି ଶବ୍ଦ ଶୁଣିବା ଦ୍ୱାରା ଶ୍ରବଣ ଶକ୍ତି ହ୍ରାସ ପାଏ ଓ କେତେକ କ୍ଷେତ୍ରରେ ଶ୍ରବଣ ଶକ୍ତି ନଷ୍ଟ ହୁଏ । ଛୋଟ ଶିଶୁର ମାନସିକ ବିକାଶ ମଧ୍ୟ ବାଧାପ୍ରାପ୍ତ ହୁଏ ।

## (୯) ପିଲାମାନଙ୍କୁ ପରିବେଶ ଶିକ୍ଷା :

— ପିଲାମାନଙ୍କୁ ଫୁଲ ଛିଣ୍ଡାଇବାକୁ ମନା କରିବା ଉଚିତ ।

— ବିନା କାରଣରେ ଗଛ ଡାଳ ଭାଙ୍ଗିବାକୁ ନିବୃତ୍ତ କରିବା ଉଚିତ ।

— ଗଳ୍ପ ମାଧ୍ୟମରେ ପ୍ରତ୍ୟେକ ବୃକ୍ଷ ଓ ପ୍ରାଣୀର ମହତ୍ତ୍ୱ ପିଲାମାନଙ୍କୁ ଶୁଣାଇବା ଉଚିତ ।

— କଉଡ଼ି, ଶାମୁକା, କାଇଁଚ, ଶିଲ, ଡାକ ଟିକେଟ୍, ଛବି ସଂଗ୍ରହ କରିବା ଅଭ୍ୟାସ ମାଧ୍ୟମରେ ପିଲାମାନଙ୍କୁ ପରିବେଶ ଶିକ୍ଷା ଦେବା ଉଚିତ ।

— ପରିବେଶ ଦିବସ, ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସ ଭଳି ଜାତୀୟ ଦିବସମାନଙ୍କରେ ପିଲାମାନଙ୍କୁ ଗଛ ଲଗାଇବା, ବସ୍ତି ସଫେଇ ଓ ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା ବିଷୟରେ ଭାଗନେବା ପାଇଁ ଉତ୍ସାହିତ କରିବା ଉଚିତ ।

## (୧୦) ସୌନ୍ଦର୍ଯ୍ୟବୋଧର ବିକାଶ :

ଗୃହକୁ ନୈସର୍ଗିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ କରିବା ପାଇଁ ଗୃହ ସାମ୍ନାରେ ଫୁଲ ବଗିଚା ତଥା ନିଜ ଗୃହ ମଧ୍ୟରେ ସୁନ୍ଦର ସୁନ୍ଦର ଫୁଲ ଗଛର କୁଣ୍ଡମାନ ରଖିବା ଉଚିତ । ଅଦରକାରୀ ପଦାର୍ଥରୁ ବିଭିନ୍ନ ଗୃହସଜ୍ଜା ଜିନିଷମାନ ତିଆରି କରିବାରେ ଗୃହିଣୀମାନେ ଆଗ୍ରହୀ ହେବା ଉଚିତ । ଗୃହିଣୀର ରୁଚିପୂର୍ଣ୍ଣ କାର୍ଯ୍ୟକଳାପ ଶିଶୁ, ପରିବାର ତଥା ଅନ୍ୟମାନଙ୍କ ଉପରେ ସୁପ୍ରଭାବ ପକାଇଥାଏ । ଏହା ଭବିଷ୍ୟତରେ ଶିଶୁକୁ ସୁସ୍ଥ ପରିବେଶ ଗଠନରେ ସାହାଯ୍ୟ କରେ ।

---

ଶିଶୁ ବିକାଶ ଯୋଜନା ଅଧିକାରୀ,
ଦଶରଥପୁର,
କଟକ ।

"ସ୍ୱରାଜ ଗୋଟିଏ ପବିତ୍ର ଶବ୍ଦ, ଗୋଟିଏ ବୈଦିକ ଶବ୍ଦ । ଏହାର ଅର୍ଥ ହେଉଛି ଆତ୍ମ–ଶାସନ ଓ ଆତ୍ମ–ସଂଯମ । ଅନେକ ସମୟରେ ଉଚ୍ଛୃଙ୍ଖଳତାକୁ ଯେପରି ସ୍ୱାଧୀନତା ବୋଲି ଅର୍ଥ କରାଯାଇଥାଏ, ଏହାର ଅର୍ଥ ତାହା ନୁହେଁ ।"

—ଗାନ୍ଧିଜୀ

ଶୁଭେଚ୍ଛା ସହ

# ସମାଜ

(ପ୍ରତିଷ୍ଠିତ : ୧୯୧୯)

ପ୍ରତିଷ୍ଠାତା : ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ

ଗୋପବନ୍ଧୁ ଭବନ

ବକ୍ସିବଜାର, କଟକ–୭୫୩୦୦୧

*ଗ୍ରାମ୍ : SAMAJ, ଫୋନ୍ : ୨୦୯୯୪, ୨୧୦୪୪*

*ଟେଲେକ୍ସ : ୦୬୭୬ – ୨୨୬ SMAJ IN*

# ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ନାରୀ

*ଡକ୍ଟର ନିହାର ରଞ୍ଜନ ପଟ୍ଟନାୟକ*

ଗୌରବ ଗରିମାମୟ ପ୍ରାଚୀନ ଓଡ଼ିଶାରେ ଓଡ଼ିଆ ପୁଅର ବୀରତ୍ୱ କାହାଣୀ ଯେପରି ଥିଲା ଚମକପ୍ରଦ, ଓଡ଼ିଆ ଲଳନାର ମହନୀୟ ତ୍ୟାଗ, ଅପୂର୍ବ ବୀରତ୍ୱ ତଥା ବିଚକ୍ଷଣ ବୁଦ୍ଧିମତ୍ତା ଥିଲା ସେହିପରି ଚିତ୍ତାକର୍ଷକ । କଥିତ ଅଛି, ମୌର୍ଯ୍ୟ ସମ୍ରାଟ ଦିଗ୍‌ବିଜୟୀ ଅଶୋକଙ୍କ ବିରୁଦ୍ଧରେ କଳିଙ୍ଗ ନାରୀ ବାରୁବାକୀ ନିଜ ମାତୃଭୂମି ପାଇଁ ସଂଗ୍ରାମ କରିଥିଲା । କେବଳ ସେତିକି ନୁହେଁ, ଭୌମକରମାନଙ୍କ ସମୟରେ ଓଡ଼ିଶା ସମୟକ୍ରମେ ତ୍ରିଭୁବନ ମହାଦେବୀ, ପୃଥ୍ୱୀ ମହାଦେବୀ ଓ ଗୌରୀ ମହାଦେବୀ ଆଦି ସୁଦକ୍ଷା ରାଣୀମାନଙ୍କ ଦ୍ୱାରା ଶାସିତ ହୋଇଥିଲା ।

ସେହି ଗୌରବୋଜ୍ଜ୍ୱଳ ଅତୀତ ପରି, ଆଧୁନିକ ଓଡ଼ିଶାର ଇତିହାସ ନାରୀ ସମାଜର ଅବଦାନରେ ସର୍ବାଙ୍ଗ ଭାବେ ପରିପୁଷ୍ଟ । ସମାଜ ଉପରେ ସମୟର ପ୍ରଭାବ ତଥା ଯୁବ ନେତୃତ୍ୱରେ ଉଦ୍‌ବୁଦ୍ଧ ଓଡ଼ିଆ ନାରୀମାନେ ପୁରୁଷ ସହ ତାଳଦେଇ ଆଗେଇ ଯାଇଛନ୍ତି ପ୍ରତ୍ୟେକ କ୍ଷେତ୍ରରେ । ବିଂଶ ଶତାବ୍ଦୀର ପ୍ରାରମ୍ଭରୁ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ପୁରୁଷ ତଥା ନାରୀ ଉଭୟଙ୍କର ବଳିଷ୍ଠ ଅବଦାନ ରହିଛି । ଜାତୀୟ ଆନ୍ଦୋଳନରେ ଗାନ୍ଧିଜୀଙ୍କ ପ୍ରବେଶ ସହିତ ଆଇନ ଅମାନ୍ୟ ଆନ୍ଦୋଳନ ପର୍ଯ୍ୟାୟରୁ ହିଁ ଆରମ୍ଭ ହେଲା ସ୍ୱାଧୀନତା ସଂଗ୍ରାମରେ ଓଡ଼ିଆ ନାରୀମାନଙ୍କର ଅଂଶ ଗ୍ରହଣ ।

ଭାରତ ଦେଶରେ ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବ ଯୋଗୁଁ ପାରମ୍ପରିକ ଚିନ୍ତା, ଚେତନା, ଅନୁଭୂତି ତଥା ସାମାଜିକ ଚଳଣିରେ ଏକ ନୂତନ ଦିଗନ୍ତ ସୃଷ୍ଟି ହେଲା । ଯେଉଁଥିରେ କି ଗୃହର ଚାରିକୋଣ ମଧ୍ୟରେ ଆବଦ୍ଧ ହୋଇ ନୀରବରେ କାଳାତିପାତ କରିବାକୁ ନାରୀ ସମାଜ କୁଣ୍ଠାବୋଧ କଲା । ପୁନଶ୍ଚ ଊନବିଂଶ ଶତାବ୍ଦୀର ଦ୍ୱିତୀୟ ଭାଗରେ ଓଡ଼ିଶାରେ ନାରୀ ଶିକ୍ଷାର ପ୍ରାରମ୍ଭ ତଥା ପ୍ରସାର ସହିତ ଜାତୀୟବାଦୀ ବ୍ୟକ୍ତିତ୍ୱମାନଙ୍କର ପ୍ରଭାବ ଓଡ଼ିଶାର ଉଦୀୟମାନ ନାରୀ ଗୋଷ୍ଠୀକୁ ବିଶେଷ ପ୍ରଭାବିତ କରିଥିଲା । ଫକୀରମୋହନ, ରାଧାନାଥ, ଗୋପବନ୍ଧୁ, ମଧୁସୂଦନ ତଥା ଲକ୍ଷ୍ମୀକାନ୍ତଙ୍କର ଲେଖନୀ ନାରୀ ଜାଗରଣ ଆଣିବାରେ ବିଶେଷ ସହାୟକ ହୋଇଥିଲା, ଯେଉଁଥି ପାଇଁ କି ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ନାରୀମାନେ ତାଙ୍କର ଯଥାର୍ଥ ଭୂମିକା ନେଇ ପାରିଥିଲେ । ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ ଗଠନରେ ଯଦିଓ ଓଡ଼ିଶାର ମହିଳାମାନେ ଜଡ଼ିତ ନଥିଲେ, ତଥାପି ମଧୁସୂଦନ ଦାସ ଓ ଅନ୍ୟ ନେତାଙ୍କ ଓଜସ୍ୱିନୀ ବକ୍ତୃତା ଓଡ଼ିଶାର ଘରେ ଘରେ ଚର୍ଚ୍ଚା ହୋଇଥିଲା ଓ ଏଥିରେ ନାରୀମାନେ ବ୍ୟତିକ୍ରମ ନଥିଲେ ।

ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ୧୯୨୧ ମସିହାରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା । ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ । ଗାନ୍ଧିଜୀ, ଆନ୍ଦୋଳନର ପ୍ରସାର ନିମିତ୍ତ ମାର୍ଚ୍ଚମାସ ଓଡ଼ିଶାରେ ତାଙ୍କର ଛଅଦିନ ରହଣି ଅବସରରେ ଅନ୍ୟାନ୍ୟ ସଭା ସହିତ କଟକର କଦମ୍‌ରସୁଲ୍‌ଠାରେ ସ୍ୱତନ୍ତ୍ର ଭାବେ ଓଡ଼ିଶାର ମହିଳାମାନଙ୍କୁ ଏକ ସଭାରେ ଉଦ୍‌ବୋଧନ ଦେଇଥିଲେ । ନବକୃଷ୍ଣ ଚୌଧୁରୀ, ନିତ୍ୟାନନ୍ଦ କାନୁନ୍‌ଗୋ ଓ ଭାଗିରଥୀ ମହାପାତ୍ର ଇତ୍ୟାଦି ନେତୃବର୍ଗଙ୍କ ପରିବାରର ମହିଳାମାନେ ଏହି ଆନ୍ଦୋଳନରେ ନାରୀ ଗୋଷ୍ଠୀର ପୁରୋଧା ଥିଲେ । ଏହି ସଭାରେ ଗାନ୍ଧିଜୀଙ୍କ ବକ୍ତୃତାରେ ରମାଦେବୀ ଏତେଦୂର ପ୍ରଭାବିତ ହୋଇଯାଇଥିଲେ ଯେ, ସେ ସେହିକ୍ଷଣି ଏକ କିଲୋ ଓଜନର ସ୍ୱର୍ଣ୍ଣ ଅଳଙ୍କାର ସତ୍ୟାଗ୍ରହ ଆନ୍ଦୋଳନ ପାଇଁ ଦାନ କରିଥିଲେ । ଓଡ଼ିଶାକୁ ଗାନ୍ଧିଜୀଙ୍କ ଆଗମନ ଓ ତାଙ୍କର ପଦଯାତ୍ରା ନାରୀମାନଙ୍କ ମଧ୍ୟରେ ଏକ ଅପୂର୍ବ ଜାଗରଣ ଆଣି ଦେଇଥିଲା । ଫଳ ସ୍ୱରୂପ, ଅସହଯୋଗ ଆନ୍ଦୋଳନରେ ଅଂଶଗ୍ରହଣ ପୂର୍ବକ ନାରୀ ସଂଗ୍ରାମୀଗଣ ଭବିଷ୍ୟତରେ ଜାତୀୟ ଆନ୍ଦୋଳନ ପାଇଁ ବଳିଷ୍ଠ ନେତୃତ୍ୱର ପରିଚୟ ଦେଇଥିଲେ । ଏଥିରେ ରମା ଦେବୀ, ସରଳା ଦେବୀ ଓ ଜାହ୍ନବୀ ଦେବୀ ଆଦିଙ୍କ ସହିତ ଅନ୍ନପୂର୍ଣ୍ଣା ମହାରଣା,

ମଙ୍ଗଳା ଦେବୀ ଓ ଗୋଦାବରୀ ଦେବୀଙ୍କ ଭଳି ବାଳିକାମାନେ ମଧ୍ୟ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଥିଲେ । ସେ ଯାହାହେଉ, କଟକ, ସାକ୍ଷୀଗୋପାଳ, ପୁରୀ, ବାଲେଶ୍ୱର, ସୋର, ଭଦ୍ରକ ଓ ବ୍ରହ୍ମପୁର ଆଦି ସ୍ଥାନରେ ସ୍ୱରାଜ ଆଶ୍ରମ ସ୍ଥାପନ କରାଯାଇ ଉଭୟ ପୁରୁଷ ଓ ନାରୀମାନଙ୍କୁ ଆନ୍ଦୋଳନ ଓ କଂଗ୍ରେସର ଅନ୍ୟାନ୍ୟ କାର୍ଯ୍ୟକ୍ରମ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା । ପରବର୍ତ୍ତୀ ସମୟରେ ୧୯୨୪ ମସିହାରେ ସରଳା ଦେବୀ, ସରୋଜ ସୁନ୍ଦରୀ ଦେବୀ ଓ କିଶୋରମଣି ଦେବୀ ଆଦିଙ୍କ ନେତୃତ୍ୱରେ 'ଉତ୍କଳ ମହିଳା ସମ୍ମିଳନୀ' ନାମକ ଏକ ସଙ୍ଗଠନ ସ୍ଥାପନ କରାଯାଇଥିଲା । ଏହା ଓଡ଼ିଶାର ନାରୀମାନଙ୍କ ମନରେ ସାମାଜିକ ଚେତନା ସୃଷ୍ଟି କରିବା ସଙ୍ଗେ ସଙ୍ଗେ ବ୍ରିଟିଶ୍ ସରକାରଙ୍କ ସାମ୍ରାଜ୍ୟବାଦ ଓ ଶୋଷଣ ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ ପାଇଁ ଜନସାଧାରଣଙ୍କୁ ପ୍ରବର୍ତ୍ତାଇ ପାରିଥିଲେ ।

୧୯୨୯ ମସିହା ଡିସେମ୍ବର ମାସରେ, କଂଗ୍ରେସ ଲାହୋର ଅଧିବେଶନରେ, 'ପୂର୍ଣ୍ଣ ସ୍ୱରାଜ' ଘୋଷଣା କରିଥିଲା । ଗୋଲଟେବୁଲ୍ ବୈଠକରେ ଯୋଗଦାନକୁ ଅସ୍ୱୀକାର କରି ଏହା ଆଇନ ଅମାନ୍ୟ ଆନ୍ଦୋଳନର ଡାକରା ଦେଇଥିଲା । ଲବଣ ସତ୍ୟାଗ୍ରହ ଥିଲା ଆଇନ ଅମାନ୍ୟ ଆନ୍ଦୋଳନ ମୁଖ୍ୟ ଅଂଶ । ଓଡ଼ିଶାର କଂଗ୍ରେସ କର୍ମୀମାନେ ଇଂରେଜ ସରକାରଙ୍କର ଲବଣ ଆଇନର ବିରୋଧ କରି ବାଲେଶ୍ୱରର ଇଞ୍ଚୁଡ଼ିଠାରେ ୧୯୩୦ ମସିହା ଏପ୍ରିଲ୍ ମାସରେ ଲୁଣ ମାରିବା ପାଇଁ ନିଷ୍ପତ୍ତି ନେଲେ । ଗୋଟିଏ ପରେ ଗୋଟିଏ ସତ୍ୟାଗ୍ରହୀ ଦଳ ବାଲେଶ୍ୱରକୁ ପ୍ରେରଣ କରାଯାଇଥିଲା । ଚତୁର୍ଥ ସତ୍ୟାଗ୍ରହୀ ଦଳ ଯିବାବେଳେ ମାଳତୀ ଦେବୀ, ସରୋଜିନୀ ଦେବୀ ଓ ରମା ଦେବୀ ଆଦି ନାରୀ ନେତ୍ରୀଗଣ ସେମାନଙ୍କୁ ଫୁଲ ଚନ୍ଦନ ଦେଇ ବିଦାୟ ଦେଇଥିଲେ । ସେହି ବିଦାୟକାଳୀନ ସଭାରେ ସରୋଜିନୀ ଦେବୀ ସମବେତ ଜନତାଙ୍କୁ ଏହି ଆନ୍ଦୋଳନରେ ଯୋଗଦେବା ପାଇଁ ଆହ୍ୱାନ କରିଥିଲେ । ତା'ପରେ ମାଳତୀ ଦେବୀ ବିଦେଶୀ ବସ୍ତ୍ର ବର୍ଜନ କରିବା ପାଇଁ ଲୋକମାନଙ୍କୁ ନିବେଦନ କରିଥିଲେ । ଫଳସ୍ୱରୂପ, ଶହଶହ ବିଦେଶୀ ବସ୍ତ୍ରରେ ଅଗ୍ନି ସଂଯୋଗ କରାଯାଇ ସେଗୁଡ଼ିକ ଭସ୍ମୀଭୂତ କରାଯାଇଥିଲା ।

ଏହି ଅବସରରେ ପୁରୁଷ ସତ୍ୟାଗ୍ରହୀମାନଙ୍କ ପରି ରମା ଦେବୀ, ମାଳତୀ ଦେବୀ ତଥା ଅନ୍ୟ କେତେଜଣ ନାରୀ ସଂଗ୍ରାମୀ ବାଲେଶ୍ୱରରେ ପହଞ୍ଚି ମହିଳାମାନଙ୍କର ଏକ ସଭାର ଆୟୋଜନ କରିଥିଲେ । ବାଲେଶ୍ୱରର ଗାଁ ଗହଳରେ ବୁଲି ବୁଲି ସେମାନେ ନାରୀମାନଙ୍କୁ ଆଇନ ଅମାନ୍ୟ ଆନ୍ଦୋଳନରେ ଅଂଶ ଗ୍ରହଣ ପାଇଁ ଆହ୍ୱାନ କରିଥିଲେ । ଏଥିସହ ବିଦେଶୀ ବସ୍ତ୍ର ବର୍ଜନ ପାଇଁ ଅନୁରୋଧ କରିଥିଲେ । ସେମାନଙ୍କ ନେତୃତ୍ୱରେ ବାଲେଶ୍ୱରର ଅନେକ ସ୍ଥାନରେ ଶହ ଶହ ସଂଖ୍ୟାରେ ମହିଳାମାନେ ଆଗ୍ରହର ସହିତ ଲବଣ ସଂଗ୍ରହରେ ଅଂଶ ଗ୍ରହଣ କରିଥିଲେ । ସମ୍ବଲପୁର ଅଞ୍ଚଳରୁ ଦଶଜଣ ମହିଳା ପ୍ରତିନିଧି ମଧ୍ୟ ଆସି ଏଥିରେ ଯୋଗ ଦେଇଥିଲେ ।

ଗଞ୍ଜାମର ହୁମାଠାରେ ମଧ୍ୟ ଅନ୍ୟାନ୍ୟ ପୁରୁଷ ସତ୍ୟାଗ୍ରହୀଙ୍କ ସହିତ ସରଳା ଦେବୀ ଲବଣ ସଂଗ୍ରହର ନେତୃତ୍ୱ ନେଇଥିଲେ । ପୁରୀ ଜିଲ୍ଲାର ଅସ୍ତରଙ୍ଗ ଓ ମରିଚପୁରଠାରେ ବି ଲବଣ ସଂଗ୍ରହ ଆନ୍ଦୋଳନ ଚାଲୁ ରହିଥିଲା । ଏତଦ୍‌ବ୍ୟତୀତ କଟକର କୁଜଙ୍ଗଠାରେ ରମାଦେବୀ ଓ ମାଳତୀ ଦେବୀ ଲବଣ ସତ୍ୟାଗ୍ରହର ନେତୃତ୍ୱ ନେଇଥିଲେ । ଏଥିରେ ଅନ୍ୟମାନଙ୍କ ସହିତ କୁଜଙ୍ଗର ପୂର୍ବତନ ରାଣୀ ଭାଗବତୀ ପାଟମହାଦେଈଙ୍କ ଯଥେଷ୍ଟ ଭୂମିକା ରହିଥିଲା । ଲବଣ ସଂଗ୍ରହ ସହିତ ଏହି ସବୁ ଅଞ୍ଚଳରେ ବିଦେଶୀ ବସ୍ତ୍ର ତଥା ମଦ ଓ ଅଫିମ ଦୋକାନ ସମ୍ମୁଖରେ ମହିଳା ପ୍ରତିନିଧିମାନେ ପିକେଟିଂ କରି କାରାବରଣ କରିଥିଲେ । ସେହିବର୍ଷ ମଇ ୨୮ ତାରିଖ ଦିନ ଇରମରେ ଲବଣ ସଂଗ୍ରହ ସମୟରେ ସୁଆଗାଁ ଗ୍ରାମର ପଚିଶ ଜଣ ମହିଳା ପ୍ରତିନିଧି ଯୋଗ ଦେଇଥିବାର ଜଣାଯାଏ ।

ଆଇନ୍ ଅମାନ୍ୟ ଆନ୍ଦୋଳନରେ ଯୋଗ ଦେଇ ବହୁ ସଂଖ୍ୟାରେ ପୁରୁଷ ତଥା ମହିଳା ସତ୍ୟାଗ୍ରହୀ କାରାବରଣ କରିଥିଲେ । ମଇମାସ ୩୧ ତାରିଖ ଦିନ ଆନ୍ଦୋଳନରେ ଭାଗ ନେଇଥିବା ହେତୁ ପଲାସା ଯିବା ବାଟରେ ବ୍ରହ୍ମପୁର ରେଳଷ୍ଟେସନରେ ସରଳା ଦେବୀଙ୍କୁ ଗିରଫ୍ କରାଯାଇ ଛଅମାସ ପାଇଁ ଭେଲୋର୍ ଜେଲକୁ ପ୍ରେରଣ କରାଯାଇଥିଲା । ସଭା ସମିତି ତଥା ପିକେଟିଂ କରୁଥିବା ଅଭିଯୋଗରେ ମାଳତୀ ଦେବୀ ମଧ୍ୟ ଦୁଇମାସ କାରାବରଣ କରିଥିଲେ । ଅଗଷ୍ଟ ନଅ ତାରିଖ ଦିନ କଟକରେ ଏକ ବିରାଟ ହରତାଳର ନେତୃତ୍ୱ ନେଇଥିଲେ ରମା ଦେବୀ । ସେ ମଧ୍ୟ ନଭେମ୍ବର ମାସରେ ଗିରଫ ହୋଇ ଜେଲ୍ ବରଣ କରିଥିଲେ ।

ପରବର୍ତ୍ତୀ ସମୟରେ ଗାନ୍ଧୀ–ଇରଉଇନ୍ ଚୁକ୍ତି ଅନୁଯାୟୀ ସତ୍ୟାଗ୍ରହୀମାନଙ୍କୁ କାରାମୁକ୍ତ କରାଯାଇ ଥିଲା । ଏହି ନେତାମାନଙ୍କୁ ସମ୍ବର୍ଦ୍ଧନା କରିବା ପାଇଁ ୧୯୩୧ ମସିହା ମାର୍ଚ୍ଚ ପନ୍ଦର ତାରିଖ ଦିନ ସଂଧ୍ୟାରେ କାଠଯୋଡ଼ି ନଦୀ ଶଯ୍ୟାରେ ଏକ ସ୍ୱାଗତ ସଭାର ଆୟୋଜନ କରାଯାଇଥିଲା । ତିନିଶହ ମହିଳାଙ୍କ ସମେତ ଦଶହଜାର ଲୋକଙ୍କୁ ଆଚାର୍ଯ୍ୟ ହରିହର ତଥା ସରଳା ଦେବୀ, ବୀଣା ଦେବୀ ଓ ରମାଦେବୀ ଉଦ୍‌ବୋଧନ ଦେଇଥିଲେ । ଅଗଷ୍ଟ ତିନି ତାରିଖ ଦିନ କୁନ୍ତଳା କୁମାରୀଙ୍କ ସଭାପତିତ୍ୱରେ ବାଲେଶ୍ୱରଠାରେ ଦୁଇଦିନ ଧରି ନିଖିଳ ଓଡ଼ିଶା ନାରୀ ସମ୍ମିଳନୀ ଆୟୋଜନ କରାଯାଇଥିଲା । ରମା ଦେବୀ, ମାଳତୀ ଦେବୀ, ବୀଣାପାଣୀ ଦେବୀ, କିରଣମାଳା ଦେବୀ, ସରୋଜିନୀ ଦେବୀ, ହାରାମଣୀ ଦେବୀ, ସରଳା ଦେବୀ, ମୋହିନୀ ଦେବୀ, ସେବତୀ ଦେବୀ, ବସନ୍ତ କୁମାରୀ ଦେବୀ ସମେତ ଏକ ହଜାରରୁ ଊର୍ଦ୍ଧ୍ୱ ମହିଳା ଏହି ଅଧିବେଶନରେ ଯୋଗ ଦେଇଥିଲେ । ସର୍ବଭାରତୀୟ ସଂସ୍ଥା ଅନୁକରଣରେ ତିରିଶ ଜଣ ସଦସ୍ୟା ବିଶିଷ୍ଟ 'ନିଖିଳ ଉତ୍କଳ ନାରୀ ପରିଷଦ' ଗଠନ କରାଯାଇଥିଲା ।

୧୯୩୨ ମସିହାରେ ହରିଜନ ଆନ୍ଦୋଳନ ଅବସରରେ ସର୍ବଭାରତୀୟ ସ୍ତରରେ ଭାରତୀୟ ହରିଜନ ସେବକ ସଂଘ ଗଠନ କରାଯାଇଥିଲା । ଏହାର ଏକ ଶାଖା ଓଡ଼ିଶାରେ ସ୍ଥାପିତ ହୋଇଥିଲା, ଯାହାର ସମ୍ପାଦିକା ଥିଲେ ରମା ଦେବୀ । ୧୯୩୪ ମସିହାରେ ଓଡ଼ିଶାରେ ଗାନ୍ଧିଜୀଙ୍କ ପଦଯାତ୍ରାରେ ହରେକୃଷ୍ଣ ମହତାବ ଓ ଗୋପବନ୍ଧୁ ଚୌଧୁରୀ ଆଦି ନେତାଙ୍କ ସହିତ ରମା ଦେବୀ ମଧ୍ୟ ଯୋଗ ଦେଇଥିଲେ । ହରିଜନ ତଥା ଗ୍ରାମ୍ୟ ମହିଳାଙ୍କ ଉନ୍ନତି ପାଇଁ କଟକ ଜିଲ୍ଲାର ବରୀଠାରେ ରମା ଦେବୀଙ୍କ 'ସେବାଘର' ତରଫରୁ 'ମହିଳା କର୍ମୀ କେନ୍ଦ୍ର' ଏବଂ 'ମାତୃମଙ୍ଗଳ' ନାମକ ଅନ୍ୟ ଦୁଇଟି ସଂସ୍ଥା ମଧ୍ୟ ଖୋଲାଯାଇଥିଲା ।

ପରବର୍ତ୍ତୀ ସମୟରେ ମାତୃମଙ୍ଗଳର ପରିଚାଳନା ଦାୟିତ୍ୱ ଗୋପବନ୍ଧୁ ଦାସଙ୍କ ସହଧର୍ମିଣୀ ଭୁବନେଶ୍ୱରୀ ଦାସଙ୍କ ହାତରେ ନ୍ୟସ୍ତ କରାଯାଇଥିଲା । ସେ ଯାହାହେଉ, ଏହିପରି ଗ୍ରାମ୍ୟ ସଂସ୍ଥା ମାଧ୍ୟମରେ ନାରୀ ସମାଜର ଉନ୍ନତି ସହିତ ସ୍ୱାଧୀନତା ଆନ୍ଦୋଳନର ମୂଳ୍ୟଧାରାକୁ ପ୍ରସାର କରାଯାଇଥିଲା । ଏଥିରେ ରମା ଦେବୀଙ୍କୁ ତାଙ୍କ କନ୍ୟା ଅନ୍ନପୂର୍ଣ୍ଣା ମହାରଣା ବିଶେଷ ସାହାଯ୍ୟ କରିଥିଲେ । ଏମାନଙ୍କ ବ୍ୟତୀତ ଏମରି କାର୍ଯ୍ୟରେ ନେତୃତ୍ୱ ନେଇ ଥିବା ଅନ୍ୟମାନେ ହେଲେ ଗୋଦାବରୀ ଦେବୀ, ପ୍ରଭାବତୀ ଦେବୀ, ପାର୍ବତୀ ଦେବୀ, କିରଣଲେଖା ଦେବୀ, ସୁଭଦ୍ରା ଦେବୀ ଓ କୋକିଳ ଦେବୀ ।

ଇତି ମଧ୍ୟରେ କୁନ୍ତଳା କୁମାରୀ, ଅନ୍ନପୂର୍ଣ୍ଣା ଦେବୀ, ସୁଲୋଚନା ଦେବୀ, ରାଧାରାଣୀ ଦେବୀ, ସରୋଜମଣି ଦେବୀ, ନିର୍ମଳା ନଳିନୀ ଦେବୀ, ଜାହ୍ନବୀ ଦେବୀ, ସୀତା ଦେବୀ ଖାଡ଼େଙ୍ଗା, ଶୈଳବାଳା ଦେବୀ, ନର୍ମଦା ଦେବୀ ଓ କୋକିଳ ଦେବୀ ଆଦି ଲେଖିକା ଦେଶାତ୍ମବୋଧ ଲେଖା ଲେଖି ଲୋକମାନଙ୍କ ମନରେ ଏକ ନୂଆ ଉନ୍ମାଦନା ସୃଷ୍ଟି କରିପାରିଥିଲେ । କୁନ୍ତଳାକୁମାରୀଙ୍କ ଦୁଇଟି ଅନବଦ୍ୟ ସୃଷ୍ଟି 'ସ୍ଫୁଲିଙ୍ଗ' ଓ 'ଆହ୍ୱାନ' ଯୁବସମାଜକୁ ବିଶେଷ ଭାବେ ଉଦ୍‌ବୁଦ୍ଧ କରିଥିଲା । ଏପରିକି 'ଆହ୍ୱାନ' ଲେଖାଟିକୁ ବ୍ରିଟିଶ ସରକାର ସେତେବେଳେ ନିଷିଦ୍ଧ କରିଦେଇ ଥିଲେ । କିନ୍ତୁ ତାଙ୍କ ରଚିତ କବିତାଗୁଡ଼ିକୁ ବରଂ ସଭା ସମିତିମାନଙ୍କରେ ଅଧିକଭାବେ ଗାନ କରାଗଲା ।

୧୯୪୦ ମସିହାରେ ବ୍ୟକ୍ତିଗତ ଆଇନ ଅମାନ୍ୟ ଆନ୍ଦୋଳନ ଆରମ୍ଭ ହୁଏ । ଏଥିରେ ଯୋଗ ଦେଇ ରମା ଦେବୀ, ମାଳତୀ ଦେବୀ ଓ ଅନ୍ୟାନ୍ୟ ବହୁ ନାରୀନେତ୍ରୀ ଗିରଫ୍ ହୋଇଥିଲେ । ଏହାପରେ ୧୯୪୨ ମସିହାରେ ଗାନ୍ଧିଜୀ ତାଙ୍କ ଐତିହାସିକ 'ଭାରତଛାଡ଼' ଆନ୍ଦୋଳନର ଡାକରା ଦେଲେ । ଏହି ଆନ୍ଦୋଳନ ଓଡ଼ିଶାରେ ତୀବ୍ର ରୂପ ଧାରଣ କରିଥିଲା । ଓଡ଼ିଶାର କୃଷକ, ଛାତ୍ର ଛାତ୍ରୀ, ଯୁବକ ଯୁବତୀ ଭାରତର ଅନ୍ୟାନ୍ୟ ଅଞ୍ଚଳର ଜନସାଧାରଣଙ୍କ ପରି ଏହି ଆନ୍ଦୋଳନରେ ନିଜର ଆତ୍ମତ୍ୟାଗର ଆଦର୍ଶ ଓ ଦେଶ ପ୍ରେମର ଜ୍ୱଳନ୍ତ ପ୍ରମାଣ ଦେବାକୁ ବ୍ୟାକୁଳ ହୋଇ ପଡ଼ିଥିଲେ । ପରିଣାମ ସ୍ୱରୂପ, ବହୁ କଂଗ୍ରେସ ନେତୃବୃନ୍ଦଙ୍କୁ ଇଂରେଜ ସରକାର ତୁରନ୍ତ ବନ୍ଦୀ କଲେ । ସେମାନଙ୍କ ସହିତ ନାରୀ ନେତ୍ରୀ ମାଳତୀ ଦେବୀ ମଧ୍ୟ ଗିରଫ ହୋଇଥିଲେ । ଏହା ପରେ ପରେ ସ୍ୱାଧୀନତା ଲାଭ ପର୍ଯ୍ୟନ୍ତ ପ୍ରତ୍ୟେକ ଆନ୍ଦୋଳନରେ ଓ କଂଗ୍ରେସ କାର୍ଯ୍ୟକ୍ରମରେ ଓଡ଼ିଶାର ସାଧାରଣ ମହିଳା ଓ ନେତ୍ରୀବୃନ୍ଦ ପ୍ରତ୍ୟକ୍ଷଭାବେ ଭାଗ ନେଇଥିଲେ । ୧୯୪୬ ମସିହାରେ ସମ୍ବିଧାନ ପ୍ରସ୍ତୁତି ପାଇଁ ଗଠିତ ସଭାରେ ଓଡ଼ିଶାରୁ ଏକମାତ୍ର ମହିଳା ପ୍ରତିନିଧିଭାବେ ମାଳତୀ ଚୌଧୁରୀ ଯୋଗ ଦେଇଥିଲେ ।

ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ନାରୀମାନେ ସେମାନଙ୍କ ଯଥୋଚିତ ଭୂମିକା ଗ୍ରହଣ କରି ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଯାଇଛନ୍ତି ।

ଅଧ୍ୟାପକ,
ଇତିହାସ ବିଭାଗ,
ରେଭେନ୍ସା ମହାବିଦ୍ୟାଳୟ,
କଟକ–୩ ।

ମାତୃଭୂମି ମାତୃଭାଷାରେ ମମତା
ଯା' ହୃଦେ ଜନମି ନାହିଁ,
ତାକୁ ଯଦି ଜ୍ଞାନୀଗଣରେ ଗଣିବା
ଅଜ୍ଞାନେ ରହିବେ କାହିଁ ?
–ଗଙ୍ଗାଧର ମେହେର

# ପରିବାର ଓ ପରିବେଶର ସମୃଦ୍ଧି ପାଇଁ ଜନଶିକ୍ଷା

ଡଃ ଧ୍ରୁବଚରଣ ମିଶ୍ର

ଓଡ଼ିଶାରେ ଜନଶିକ୍ଷା ଅର୍ଦ୍ଧଶତାବ୍ଦୀର ଇତିହାସ । ଏହାର ଆବଶ୍ୟକତାକୁ ପଚାଶ ବର୍ଷ ତଳୁ ଆମେ ଅନୁଭବ କରି ଏହି କାର୍ଯ୍ୟକ୍ରମକୁ ରୂପ ଦେବାକୁ ଉଦ୍ୟମ କରିଥିଲୁ । ଆଜି ମଧ୍ୟ ଏହାର ଆବଶ୍ୟକତାକୁ ଏକ ଅପରିହାର୍ଯ୍ୟ ବିଷୟ ରୂପେ ଅନୁଭବ କରାଯାଉଛି । କିନ୍ତୁ କାହିଁକି ଏ ଆବଶ୍ୟକତା ?

ଲୋକେ ସାକ୍ଷର ହୋଇ ପାରିଲେ ଦ୍ରୁତ ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରାଯାଇପାରିବ । ଦେଶର ଆର୍ଥିକ ଉନ୍ନତି ଆଣିବା ସମ୍ଭବ ହେବ । ଲୋକଙ୍କର ଦୈନନ୍ଦିନ ଜୀବନର ଗୁଣାତ୍ମକ ମାନ ବୃଦ୍ଧି ପାଇବ । ଶିକ୍ଷିତ ନାଗରିକମାନଙ୍କ ହାତରେ ଦେଶର ସ୍ୱାଧୀନତା ନିରାପଦରେ ରହିବ ଓ ଶାସନ ପ୍ରଣାଳୀରେ ଉନ୍ନତି ଦେଖାଦେବ । ସାମାଜିକ ଜୀବନରେ ମୂଲ୍ୟବୋଧକୁ ସହଜରେ ହୃଦୟଙ୍ଗମ କରିହେବ । ଦେଶରୁ ଶିଶୁ ମୃତ୍ୟୁ ହାର କମିଯିବ । ପରିବାର କଲ୍ୟାଣ ଯୋଜନା ସଫଳ ହେବ । ସାମାଜିକ ପରିବେଶ ଉନ୍ନତ ହୋଇ ସମାଜର କଲ୍ୟାଣ ସାଧନ ହେବ । ଦାରିଦ୍ର୍ୟ ଦୂରୀକରଣ ପାଇଁ ବିଭିନ୍ନ ଯୋଜନାକୁ ମଧ୍ୟ କାର୍ଯ୍ୟକାରୀ କରାଯାଇ ପାରିବ ।

ଉପରୋକ୍ତ ଅନେକ ଗୁଡ଼ିଏ ତଥ୍ୟର ସାରମର୍ମ ସାଧରଣ ଲୋକଙ୍କୁ ବୁଝାଇବା କଷ୍ଟ । କିନ୍ତୁ ଆମର ଅନେକ ଭାଇ ଭଉଣୀ ଅଛନ୍ତି ଯେଉଁମାନେ ପାଠ ନ ପଢ଼ି ଚଳି ଯାଇପାରୁଛନ୍ତି ବୋଲି ଅନୁଭବ କରନ୍ତି । ଅଭାବ, ଅସୁବିଧା ନାହିଁ ବୋଲି ଭାବୁଛନ୍ତି । ସେମାନେ ହୁଏତ ଦେଶର ସାମୂହିକ ଉନ୍ନତି ବିଷୟରେ ଚିନ୍ତା କରି ନାହାନ୍ତି କିମ୍ବା ନିଜର ଅଧିକ ଆର୍ଥିକ ସୁବିଧା ସୁଯୋଗ ବିଷୟରେ ଭାବିପାରି ନାହାନ୍ତି । ପାଠ ପଢ଼ିଥିଲେ ସେମାନେ ଆହୁରି ଅନେକ କଥା ଜାଣି ଥାଆନ୍ତେ । ସେମାନେ ଲାଭ କରିଥିବା କର୍ମ କୁଶଳତା, ଦକ୍ଷତା ଓ ଜ୍ଞାନ ଯଥେଷ୍ଟ ବୃଦ୍ଧି ପାଇପାରିଥାଆନ୍ତା । ଦ୍ରୁତ ଗତିରେ ବଦଳିଯାଉଥିବା ସାମାଜିକ ଚଳଣି ଓ ବୈଷୟିକ ଜ୍ଞାନକୁ କାମରେ ଲଗାଇବାକୁ ହେଲେ ପଢ଼ି ଲେଖି ଜାଣିବା ଏକାନ୍ତ ଆବଶ୍ୟକ । ଶିକ୍ଷିତ ଲୋକେ ଯେ ବହୁତ ସୁବିଧା ସୁଯୋଗ ପାଇ ପାରୁଛନ୍ତି ତାର ତୁଳନାତ୍ମକ ବିଶ୍ଳେଷଣ ମଧ୍ୟ କରାଯାଇପାରେ । ସେମାନେ କେବଳ ନିଜର ସୁବିଧା ହାସଲ କରୁନାହାନ୍ତି । ଅନ୍ୟମାନଙ୍କ ପାଇଁ ମଧ୍ୟ କିଛି କରିପାରୁଛନ୍ତି । ନିଜର ପେଶା ଓ ବୃତ୍ତିଗତ ଦକ୍ଷତାରେ ଅଧିକ ସଫଳତା ହାସଲ କରି ଆଧୁନିକ ସମାଜ ସହିତ ତାଳ ମିଳାଇ ଚାଲିବାକୁ ସକ୍ଷମ ହୋଇପାରିବେ । ଶିଳ୍ପ, କୃଷି ଓ କାରିଗରୀ ବିଦ୍ୟାରେ ଉଚ୍ଚ ଦକ୍ଷତାସମ୍ପନ୍ନ ମାନବ ସମ୍ବଳକୁ ଉପଯୋଗ କରାଯାଇ ପାରନ୍ତା ।

ସମାଜରେ ସବୁ ଶ୍ରେଣୀର ଲୋକେ ଏ ସବୁ କଥାର ଗୁରୁତ୍ୱ ଉପଲବ୍ଧି କରିବେ ନାହିଁ । ଅନେକ ଏହାର ପ୍ରଭାବକୁ ଉପଲବ୍ଧି କଲେମଧ୍ୟ କାରଣ ଅନୁସନ୍ଧାନ କରିନାହାନ୍ତି । ଯେଉଁମାନେ ନିରକ୍ଷର ସେମାନେ ପ୍ରାୟ ଗରିବ ଓ ଦୁର୍ବଳ ଶ୍ରେଣୀର ଲୋକ ଓ ସେମାନେ ସମାଜର ନିଃସହାୟ ଶ୍ରେଣୀ ବୋଲି ମନେକରନ୍ତି । ଅନ୍ୟ କେତେକ ନିର୍ଦ୍ଦିଷ୍ଟ ତଥାକଥିତ ଶିକ୍ଷିତ ଗୋଷ୍ଠୀ ଦ୍ୱାରା ଏମାନେ ଶୋଷିତ ହୋଇ ଜୀବନ ନିର୍ବାହ କରୁଛନ୍ତି । ସେମାନଙ୍କର ସାକ୍ଷର ହେବାର ସ୍ୱପ୍ନ ସଫଳ ହେଲେ ସମାଜରୁ ଶୋଷଣ ଓ ଦାରିଦ୍ର୍ୟର ମାତ୍ରା ହ୍ରାସ ପାଇବ । ଆମେ ଜାଣିବା ଉଚିତ ଯେ ଆମେ ସ୍ୱାଧୀନ । ଏଣୁ ଆମର ତଥା ଆମ ପରିବାରରେ ଥିବା ବିଭିନ୍ନ ସମସ୍ୟାକୁ ଆମେ ସମାଧାନ କରିପାରିବା । ପରିବାରଟିଏ ପରିବେଶ ସହିତ ସଂପୃକ୍ତ । ଗାଁଟିଏ ହେଉ ବା ସହରଟିଏ ହେଉ, ପରିବେଶର ବିଭିନ୍ନ ଉପାଦାନରେ ନିୟନ୍ତ୍ରଣ ଓ ଉପଯୋଗ କରିବାକୁ ଆମର ଜ୍ଞାନ, କୌଶଳ ଓ ଦକ୍ଷତା ଥିବା ଆବଶ୍ୟକ । ନଚେତ୍ ଦାରିଦ୍ର୍ୟ ମଧ୍ୟରେ ରୋଗୀ କିମ୍ବା ବହୁରୂପୀ ହୋଇ ଅପରିଷ୍କାର ପରିବେଶ ମଧ୍ୟରେ ଦିନ କାଟିବାକୁ ପଡ଼ିବ । ନିରକ୍ଷରମାନଙ୍କ ମଧ୍ୟରେ ଥିବା ହୀନମନ୍ୟତା ବା ଦରିଦ୍ରତା ଅନ୍ୟମାନଙ୍କ ଉପରେ କୁପ୍ରଭାବ ପକାଇବ । ନିଜର ମଇଳା ପରିବେଶ ଅନ୍ୟମାନଙ୍କ ପରିବେଶକୁ ଦୂଷିତ କରିଦେଇପାରେ । ନିଜେ ଅନ୍ୟ ଦ୍ୱାରା ଅନ୍ୟାୟରେ ଶୋଷିତ ହୋଇ ନୀରବ ରହିଲେ

ଯନ୍ତ୍ରମାନେ ଏହାର ପ୍ରଭାବକୁ ହୃଦୟଙ୍ଗମ କରିବାର ସୁଯୋଗ ପାଇବେ ନାହିଁ । ନିଜର କର୍ତ୍ତବ୍ୟ ଓ ଅଧିକାର ବିଷୟରେ ସଚେତନ ନହେଲେ ଦେଶର ପ୍ରଗତି ଯଥେଷ୍ଟ ବିକଶିତ ହେବ ।

ଓଡ଼ିଶାର ୧୫ରୁ ୩୫ ବର୍ଷର ପ୍ରାୟ ୪୫ ଲକ୍ଷ ନର ନାରୀ ଆଜି ସାକ୍ଷରତା ଲାଭ ପାଇଁ ଅପେକ୍ଷା କରିଛନ୍ତି । ପାଠୁଆ ଲୋକଙ୍କ ପାଖକୁ ସେମାନେ ଆସିବାକୁ କୁଣ୍ଠାବୋଧ କରନ୍ତି । କାରଣ ସେମାନଙ୍କର ଦୈନନ୍ଦିନ ଜୀବନର ଚଳଣି ସହିତ ପାଠୁଆ ଲୋକଙ୍କ ଆଚାର ବ୍ୟବହାର ଖାପ ଖାଇବ ନାହିଁ । ତେଣୁ ସମାଜଟା ପ୍ରକୃତରେ ଭାଗ ଭାଗ ହୋଇ ଯାଉଛି । ନିରକ୍ଷର ହେଲେ ମଧ୍ୟ ସେମାନଙ୍କର କର୍ମ ପ୍ରବଣତା ଅନୁଭୂତି—ଦକ୍ଷତା, କୌଶଳ, ଚିନ୍ତାଧାରା, ଆଚାର—ବ୍ୟବହାର, କର୍ତ୍ତବ୍ୟନିଷ୍ଠା ମୂଲ୍ୟବୋଧ, ଶିକ୍ଷିତ ଲୋକଙ୍କ ତୁଳନାରେ କିଛି କମ୍ ନୁହେଁ । ସେମାନେ ଇଚ୍ଛାକଲେ ସାକ୍ଷର ହେବାକୁ ବେଶୀ ସମୟ ଲାଗିବ ନାହିଁ । କିନ୍ତୁ ପଢ଼ିବାର ଆବଶ୍ୟକତା ବା ଏହି ସାକ୍ଷରତା କାର୍ଯ୍ୟକ୍ରମ ସେମାନଙ୍କର ନିତିଦିନିଆ ଜୀବନର ଚଳଣି ଓ ଜୀବନ ଯାପନ ପ୍ରଣାଳୀ ସହିତ କିପରି ଭାବରେ ସଂପୃକ୍ତ ତାହା ଜାଣିବା ପାଇଁ ସେମାନେ ବ୍ୟାକୁଳ । ସେତିକି ସେମାନଙ୍କର ମନକୁ ଛୁଇଁଲେ ସାକ୍ଷରତା କାର୍ଯ୍ୟକ୍ରମ ଗଣ ମାଧ୍ୟମରେ ପରିଣତ ହେବାକୁ ଅସୁବିଧା ହେବ ନାହିଁ ।

ଆମମାନଙ୍କର ଧାରଣା ହୋଇଯାଇଛି ଯେ ଅପାଠୁଆ ଲୋକେ ଗୋଟିଏ ସ୍ଥାନରେ ବା ନିର୍ଦ୍ଦିଷ୍ଟ ପରିସର ମଧ୍ୟରେ ଅଛନ୍ତି ଏବଂ ସେମାନଙ୍କୁ ଏକାଦିନେ ସାକ୍ଷାତ କରିହେବ ଓ ସମସ୍ତଙ୍କ ପାଇଁ ଗୋଟିଏ ପ୍ରକାର କାର୍ଯ୍ୟକ୍ରମ ଗ୍ରହଣ କରି ଅଳ୍ପ ସମୟ ମଧ୍ୟରେ କିଛି ଯୋଜନା ହାତକୁ ନେଇ ହେବ । ଏହି ଧାରଣା ବାସ୍ତବରେ ଆମକୁ ଠିକ୍ ବାଟରେ ନେଉ ନାହିଁ । କିନ୍ତୁ ନିରକ୍ଷର ଭାଇ ଭଉଣୀମାନେ ସମାଜର ବିଭିନ୍ନ କ୍ଷେତ୍ରରେ ଏବଂ ପ୍ରଦେଶର ବିଭିନ୍ନ ଅଞ୍ଚଳରେ ବସବାସ କରନ୍ତି । ସେମାନଙ୍କୁ ଠାବ କରିବା ଯେତିକି କଠିଣ ସେମାନଙ୍କ ଆବଶ୍ୟକତାକୁ ଆଖି ଆଗରେ ରଖି କୌଣସି ସାକ୍ଷରତା କାର୍ଯ୍ୟକ୍ରମର ରୂପରେଖ ଠିକ୍ କରିବା ଆହୁରି କଷ୍ଟସାଧ୍ୟ ।

ଆମର ଚିନ୍ତାଧାରା ସେମାନଙ୍କର ସ୍ଥିତି ଓ ପ୍ରକୃତି ଠାରୁ ଅଲଗା । ଗୋଟିଏ ପ୍ରକାର ଉପାୟ ଅବଲମ୍ବନ କଲେ ସାରା ରାଜ୍ୟରେ ସମସ୍ତଙ୍କୁ ସାକ୍ଷର କରିବା ବୋଧହୁଏ ସମ୍ଭବ ହୁଏ । ଏପରିକି ଗୋଟିଏ ଅଞ୍ଚଳରେ ବାସ କରୁଥିବା ସମସ୍ତ ନିରକ୍ଷର ଲୋକେ ଏକା ପ୍ରକାରର ଅସୁବିଧା ଦେଇ ଗତି କରୁନାହାନ୍ତି । ସାକ୍ଷରତା କାର୍ଯ୍ୟକ୍ରମର ଧାରା ଓ ଧର୍ମ ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ଅଧିବାସୀଙ୍କ ଆବଶ୍ୟକତାର ଅନୁସାରୀ ହେବା ଉଚିତ୍ । ସେମାନଙ୍କର ପେଶା, ଆଚାର ବିଚାର, ଧର୍ମ, ସଂସ୍କୃତି, ପରମ୍ପରା, ଆଗ୍ରହ ଓ ଆର୍ଥିକ ସ୍ଥିତିକୁ ବିଚାରକୁ ନେଇ ସାକ୍ଷରତା କାର୍ଯ୍ୟକ୍ରମର ଲକ୍ଷ୍ୟଗୁଡ଼ିକ ହାସଲ କରିବା ପାଇଁ ମାର୍ଗ ଓ ପଦ୍ଧତି ନିର୍ଦ୍ଧାରଣ କରିବା ହେଉଛି ବର୍ତ୍ତମାନର ପ୍ରଧାନ ଆବଶ୍ୟକତା ।

ସମାଜରୁ ଏ ପ୍ରକାର କଳଙ୍କିତ ବ୍ୟାଧିର ସଂପୂର୍ଣ୍ଣ ବିଲୋପ ପାଇଁ ସମସ୍ତେ ସହଯୋଗ ନକଲେ ଏପରି କାର୍ଯ୍ୟକ୍ରମର ସଫଳତା ହାସଲ କରିହେବ ନାହିଁ । ଏକ ପକ୍ଷରେ ଜନ ସହଯୋଗ ଓ ଅପର ପକ୍ଷରେ ନିରକ୍ଷର ଜନତାର ଦୈନନ୍ଦିନ ଜୀବନରେ ପ୍ରଭାବ ବିସ୍ତାର କରୁଥିବା ବିକାଶ ଯୋଜନାଗୁଡ଼ିକ ମାଧ୍ୟମରେ ଏ କାର୍ଯ୍ୟକ୍ରମର ସ୍ଥିତି ଓ ପ୍ରକୃତିକୁ ବିଶ୍ଳେଷଣ କରିବାର ସମୟ ଆସିଛି ।

ନଚେତ୍ ଏଇ ଓଡ଼ିଶା ମାଟିରେ ଦିନେ "ବଡ଼ଙ୍କ ସରଳ ପାଠ" ଓଡ଼ିଆ ଭାଷାରେ ପ୍ରୌଢ଼ମାନଙ୍କୁ ଅକ୍ଷର ଓ ଭାଷା ଶିକ୍ଷା ଦେବା ପାଇଁ ୧୯୩୯ ମସିହାରେ ଏକ ପଇସା ମୂଲ୍ୟର ଖଣ୍ଡିଏ ପୁସ୍ତକ ସେତେବେଳର ଜନଶିକ୍ଷା ସମସ୍ୟାବଳୀର ସୂଚନା ଦିଏ । ପଚାଶ ବର୍ଷ ପୂର୍ବେ ମଧ୍ୟ ଜନଶିକ୍ଷା କାର୍ଯ୍ୟକ୍ରମ ପାଇଁ ଓଡ଼ିଶାବାସୀ ଚିନ୍ତିତ ଥିଲେ । ଏଇ ପୁସ୍ତକ ସେଇ ଚିନ୍ତା ପ୍ରସୂତ ସୃଷ୍ଟିର ଏକ ନମୁନା । ପ୍ରୌଢ଼ ଶିକ୍ଷା ପାଇଁ ଯେଉଁ ବିପ୍ଳବ ଓ ଜନଚେତନା ସୃଷ୍ଟି କରିଥିଲା ତାହା ୧୯୯୦ରେ ମଧ୍ୟ ଆଲୋଚନାର ବିଷୟବସ୍ତୁ ହୋଇ ରହିବ ।

---

ଅଧ୍ୟାପକ (ଶିକ୍ଷା),
ଭୁବନେଶ୍ୱର ।



କୃଷି ଓ ସମବାୟ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ମଲ୍ଲିକ ପଦଯାତ୍ରା ଅବସରରେ ଗଞ୍ଜାମ ଜିଲ୍ଲାର କୃଷି ବିଭାଗ ସୁପାରିଶକ୍ରମେ ସ୍ୱତନ୍ତ୍ର ଧାନ ଉତ୍ପାଦନ କାର୍ଯ୍ୟକ୍ରମରେ ବିଛାଡି ଦରରେ ଯୋଗାଇ ଦିଆଯାଉଥିବା "ପାୱାର ଟିଲର୍" କୃଷ ପ୍ରଣାଳୀ ନିଜେ ଦେଖୁଛନ୍ତି ।

# ଗର୍ଭଧାରିଣୀର ଯତ୍ନ

କୁମାରୀ ମିନତି ନାୟକ

ସୁସ୍ଥ ସ୍ତ୍ରୀ ହିଁ ସୁସ୍ଥ ଶିଶୁକୁ ଜନ୍ମ ଦିଏ । ତେଣୁ ଗର୍ଭଧାରଣଠାରୁ ଆରମ୍ଭ କରି ଶିଶୁର ପାଳନ ପୋଷଣ ପର୍ଯ୍ୟନ୍ତ ସମୟକୁ ଅତ୍ୟଧିକ ମହତ୍ୱପୂର୍ଣ୍ଣ ବୋଲି ଅଭିହିତ କରାଯାଏ ।

ଯେତେବେଳେ ଶିଶୁ ମା'ର ଗର୍ଭରେ ରହିଥାଏ ଏବଂ ଶିଶୁ ମାସାନୁମାସିକ ବିକାଶ ଲାଭ କରୁଥାଏ, ସେତେବେଳେ ଯଦି ମା'କୁ ପୁଷ୍ଟିକର ଖାଦ୍ୟ ଯଥା—କ୍ଷୀର, ମଧୁ, ଘୃତ, ଲହୁଣୀ ଓ ସିଝା, ପରିବା ଆଦି ମାଗି ପୂର୍ବକ ଖାଇବାକୁ ଦିଆ ନଯାଏ ବା ଗର୍ଭିଣୀ ନାରୀର ଉପଯୁକ୍ତ ପରିଚର୍ଯ୍ୟା କରା ନଯାଏ, ତେବେ ଶିଶୁ ଦୁର୍ବଳ ହୋଇ ରୋଗାକ୍ରାନ୍ତ ହୋଇପଡ଼େ । ଯେଉଁ ସମୟ ପର୍ଯ୍ୟନ୍ତ ଭ୍ରୁଣ ମା'ର ଗର୍ଭରେ ରହିଥାଏ ସେହି ସମୟରେ ତା' ଜୀବନର ପ୍ରତ୍ୟେକ ଆବଶ୍ୟକତା ମା'ର ଶରୀର ମଧ୍ୟରୁ ପୂର୍ଣ୍ଣ ହୁଏ । ଭ୍ରୁଣର ମଧ୍ୟ ଭାଗରେ ଥିବା ଦୁଇଟି ନାଡ଼ୀ ଗର୍ଭାଶୟ ସହିତ ସଂଯୋଗ ହୋଇଥାଏ । ଏହି ନାଡ଼ୀ ଦ୍ୱାରା ମାଆର ଶରୀରର ପୋଷକ ଦ୍ରବ୍ୟ ଭ୍ରୁଣ ମଧ୍ୟକୁ ଆସିଥାଏ । ଯାହା ଫଳରେ ଏହି ଭ୍ରୁଣର ବୃଦ୍ଧି ଘଟିଥାଏ । ଏଣୁ ଗର୍ଭସ୍ଥ ଶିଶୁର ବିକାଶ ପୂର୍ଣ୍ଣତଃ ମାଆ ଉପରେ ହିଁ ନିର୍ଭର କରିଥାଏ ।

## ଗର୍ଭର ମାସାନୁମାସିକ ବୃଦ୍ଧି ଓ ପରିଚର୍ଯ୍ୟା :

ମା' ଯେତେବେଳେ ଅନୁଭବ କରେ ଯେ ତା'ର ଗର୍ଭ ସଂସ୍ଥିର ହୋଇଗଲା ସେହି ଦିନଠାରୁ ସେ ଆୟୁର୍ବେଦର ମହର୍ଷି ଚରକ, ସୁଶ୍ରୁତ ବାଗଭଟ୍ଟ, ହାରିତ ଓ କାଶ୍ୟପଙ୍କ ଉପଦେଶ ଅନୁଯାୟୀ ଆହାର ଗ୍ରହଣ କରିବା ଉଚିତ । କାରଣ ପ୍ରଥମ ମାସରେ ଗର୍ଭ ଅବ୍ୟକ୍ତ ବିଗ୍ରହ ଓ କଲଲ ରୂପ ଧାରଣ କରିଥାଏ । ତେଣୁ ଏହି ମାସରେ ଗର୍ଭିଣୀର ଅଗ୍ନି ଓ ଶରୀରର ବଳାନୁସାରେ କ୍ଷୀରପାନ ଓ ସାତ୍ମ୍ୟ ଭୋଜନ ଆବଶ୍ୟକ ।

ଦ୍ୱିତୀୟ ମାସରେ ଗର୍ଭ ଘନତା ପ୍ରାପ୍ତ ହୋଇ ତିନୋଟି ଆକୃତି ଧାରଣ କରେ । ଯଦି ଗର୍ଭ ପିଣ୍ଡାକାର ହେଉଥାଏ ତେବେ ପୁରୁଷ ଓ ପେଶୀ ଆକୃତି ହେଲେ ସ୍ତ୍ରୀ ଏବଂ ଅର୍ବୁଦ ଆକାର ହେଲେ ନପୁଂସକ ହୋଇଥାଏ ବୋଲି ମହର୍ଷି ଚରକ ଓ ସୁଶ୍ରୁତ କହିଛନ୍ତି । ତେଣୁ ଏହି ମାସରେ ଗର୍ଭଧାରିଣୀକୁ ମଧୁର ଓ ଶୀତଳ ଆହାର ସହିତ କ୍ଷୀରପାନ କରାଇବା ଉଚିତ ।

ତୃତୀୟ ମାସରେ ଗର୍ଭର ଶିର, ଦୁଇ ହସ୍ତ ଓ ଦୁଇ ପାଦ ଉତ୍ପନ୍ନ ହୋଇଥାଏ । ତେଣୁ ଏହି ମାସରେ କ୍ଷୀର ସହିତ ମହୁ ଓ ଘୃତ ଗର୍ଭିଣୀକୁ ଦେବା ପାଇଁ ମହର୍ଷି ଚରକ କହିଛନ୍ତି । ଚତୁର୍ଥ ମାସରେ ସ୍ତ୍ରୀଠାରେ ଗୁରୁତା, ଗର୍ଭର ସ୍ଥିରତା, ଶିଶୁର ହୃଦୟ ଉତ୍ପତ୍ତି ଓ ଅଙ୍ଗପ୍ରତ୍ୟଙ୍ଗର ବିଭାଗ ହୋଇଥାଏ । ତେଣୁ ଗର୍ଭିଣୀକୁ ଲହୁଣୀଯୁକ୍ତ କ୍ଷୀର ଅଥବା ଦୁଇ ତୋଳା ଲହୁଣୀ କିମ୍ବା ଷଷ୍ଟିକ ଚାଉଳର ଭାତ ଦହି ବା ଲହୁଣୀ ମିଶ୍ରିତ ଭାତ ଖାଇବାକୁ ଦିଆଯିବା ଉଚିତ୍ ।

ପଞ୍ଚମ ମାସରେ ଭ୍ରୁଣର ମାଂସ ଓ ଶୋଣିତ ବୃଦ୍ଧି ଓ ମାତାର ମାଂସ ଓ ଶୋଣିତ ହ୍ରାସ ସହିତ ମନର ଉତ୍ପତ୍ତି ହୋଇଥାଏ । ତେଣୁ ଘୃତଯୁକ୍ତ କ୍ଷୀର ବା ଲହୁଣୀରୁ ବାହାରିଥିବା ଘିଅ ଖାଇବା ଉଚିତ୍ । ଷଷ୍ଠ ମାସରେ ଗର୍ଭର ବଳବର୍ଣ୍ଣ ଉପଚୟ ହୋଇ କେଶ, ଲୋମ, ନଖ, ସ୍ନାୟୁ ଓ ଅସ୍ଥିର ଉଦ୍‌ଭବ ଓ ପୁଷ୍ଟ ବୃଦ୍ଧି ହୋଇଥାଏ । ସେଥିପାଇଁ ଏହି ମାସରେ ଗର୍ଭଧାରିଣୀ ମଧୁର ଗଣ ସିଦ୍ଧ ଘୃତ, ଗୋକ୍ଷୁରାସିଦ୍ଧ ଘୃତ ବା ଯବାଗୁ ଖାଇବା ଉଚିତ୍ । ସପ୍ତମ ମାସରେ ଗର୍ଭର ପରିପୂର୍ଣ୍ଣନ ଓ ସଂପୂର୍ଣ୍ଣ ଅଙ୍ଗପ୍ରତ୍ୟଙ୍ଗ ପ୍ରକଟ ହୋଇଥାଏ । ଏହି ମାସରେ ମଧୁର ଗଣ ସିଦ୍ଧ ଘୃତ ବା ଘୃତଖଣ୍ଡ ଖାଇବା ଉଚିତ୍ ।

ଅଷ୍ଟମ ମାସରେ ଓଜ ଅସ୍ଥିର ଥାଏ । ତେଣୁ ଏହି ମାସରେ ଗର୍ଭିଣୀ ସନ୍ତାନ ଜନ୍ମ କଲେ ସନ୍ତାନ ହାନି ହେବାର ସମ୍ଭାବନା ବେଶୀ ଥାଏ । ଏହି ସମୟରେ କ୍ଷୀର ଏବଂ ଘୃତଯୁକ୍ତ ଯବାଗୁ ସହିତ ଆସ୍ଥାପନ ଆବଶ୍ୟକ ହୁଏ । ନବମ ଓ ଦଶମ ମାସରେ ଗର୍ଭର ପରିପୂର୍ଣ୍ଣତା ହେତୁ ପ୍ରସବକାଳ ପ୍ରକ୍ରିୟା ମନେ ହୁଏ ।

ପ୍ରତ୍ୟେକ ମା' ନିଜ ପାଇଁ ନୁହେଁ, ଅନ୍ତତଃ ଗର୍ଭସ୍ଥ ଶିଶୁର ବିକାଶ ପାଇଁ ନିଜର ଖାଇବା,ପିଇବା, ଶୋଇବା ଇତ୍ୟାଦି ଠିକ୍ ରଖିବା ଉଚିତ୍ । ଅନୁସନ୍ଧାନରୁ ଜଣା ପଡ଼ିଛି ଯେ ଶିଶୁର ବିକାଶ ପାଇଁ ମା'ର ଶାରୀରିକ ସୁସ୍ଥତା ବିଶେଷ ପ୍ରଭାବିତ କରିଥାଏ । ମାଆର ମାନସିକ ଅବସ୍ଥାର ପ୍ରଭାବ ମଧ୍ୟ ବହୁ ପରିମାଣରେ ପଡ଼ିଥାଏ । ଏଣୁ ଗର୍ଭବତୀ ମାଆମାନେ କେବଳ ଶାରୀରିକ ସୁସ୍ଥତା ନୁହେଁ ମାନସିକ ସୁସ୍ଥତା ପ୍ରତି ମଧ୍ୟ ବିଶେଷ ସଚେତନା ପ୍ରକାଶ କରିବା ଉଚିତ୍ ।

## ଗର୍ଭିଣୀ ଚିକିତ୍ସା :

ଶିଶୁର ବିକାଶ ପାଇଁ ସବୁଠାରୁ ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ହେଉଛି ଯେ, ଯେଉଁ ଦିନଠାରୁ ମାଆ ଗର୍ଭଧାରଣ କରିଥାଏ, ସେହି ଦିନଠାରୁ ସେ ସୁଖୀ ରହିବ ଓ ସମସ୍ତ ଚିନ୍ତାଠାରୁ ମୁକ୍ତ ରହିବ । ମହର୍ଷି ଚରକ ଗର୍ଭିଣୀ ଚିକିତ୍ସା ସଂପର୍କରେ କହିଛନ୍ତି — ଗର୍ଭିଣୀଙ୍କୁ ଯଦି ଜ୍ୱରାଦି ରୋଗ ହୋଇଥାଏ, ତେବେ ମୃଦୁବୀର୍ଯ୍ୟ, ମଧୁର, ଶୀତବୀର୍ଯ୍ୟ ସୁଖକାରକ ଆହାର ଦ୍ୱାରା ଏହାର ଚିକିତ୍ସା କରିବ । ବମନ ବିରେଚନ, ଶିରୋବିରେଚନ ଓ ରକ୍ତମୋକ୍ଷଣ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବ ।

## ଗର୍ଭବତୀ ନାରୀର ବିଶ୍ରାମ ଓ ଭୋଜନ :

ଯେଉଁ ସ୍ତ୍ରୀ ଗର୍ଭାବସ୍ଥା ସମୟରେ ସାବଧାନ ଅବଲମ୍ବନ ନକରନ୍ତି, ସେମାନେ ନାନା ପ୍ରକାର ବିକାରଗ୍ରସ୍ତ ହେବାର ସମ୍ଭାବନା ଥାଏ । ଯଦି ମାଆର ଭୋଜନ ଓ ପରିବେଶ ଠିକ୍ ରହିଥାଏ ତେବେ ଗର୍ଭସ୍ଥ ଶିଶୁ ସୁସ୍ଥ ଓ ସବଳ ରହିଥାଏ । ଯଦି ମାଆର ଆହାର, ବିହାର ଠିକ୍ ନଥାଏ, ଗର୍ଭସ୍ଥ ଶିଶୁ ରୁଗ୍ଣ ହୁଏ । ତେଣୁ ଗର୍ଭବତୀ ନାରୀ ପାଇଁ ସବୁଠାରୁ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି ଉପଯୁକ୍ତ ସମୟରେ ବିଶ୍ରାମ । ଅତ୍ୟନ୍ତ ଶ୍ରମସାଧ କାର୍ଯ୍ୟ ନକରି ସେ ହାଲୁକା ଘରୋଇ କାର୍ଯ୍ୟ କରିବା ଆବଶ୍ୟକ । ରାତିରେ ସେ ଆଠ ଘଣ୍ଟା ବିଶ୍ରାମ ନେବା ଉଚିତ । ଦିନରେ ମଧ୍ୟ ଘଣ୍ଟାଏ ବା ଅଧଘଣ୍ଟାଏ ଆଖିବନ୍ଦ କରି ଚିତ୍‌ହୋଇ ଶୋଇ ରହିବା ଆବଶ୍ୟକ । ପ୍ରତ୍ୟେକ ଗର୍ଭବତୀ ସ୍ତ୍ରୀଙ୍କୁ ଭିଟାମିନ୍‌ଯୁକ୍ତ ଖାଦ୍ୟ ଦେବା ଉଚିତ । ସେ ଅଙ୍ଗୁର, ସେଓ, ଟମାଟୋ, ତରଭୁଜ, ଆଳୁ ଅମୃତଭଣ୍ଡା ଇତ୍ୟାଦି ଫଳ ଖାଇବା ଆବଶ୍ୟକ । ତରକାରୀରେ ବିଶେଷ ଭାବରେ ମୂଳା, କୋବି, ବାଇଗଣ ଇତ୍ୟାଦି ଅଧିକ ବ୍ୟବହାର ହେବା ଆବଶ୍ୟକ । ଅଧିକ ପରିମାଣରେ ଦୁଧ ପିଇଲେ ଗର୍ଭଧାରିଣୀର ଶକ୍ତି ବୃଦ୍ଧି ହୋଇଥାଏ । ଲହୁଣୀଯୁକ୍ତ ଦୁଧପାନ କରିବା ଦ୍ୱାରା ମହିଳାମାନଙ୍କର ଓଜନ ବଢ଼ିଥାଏ । ଆୟୁର୍ବେଦ ଅନୁସାରେ ଗର୍ଭବତୀ ନାରୀ ଅତି କମ୍‌ରେ ଏକ ଲିଟର ଦୁଗ୍ଧ ଦିନ ମଧ୍ୟରେ ତିନି ଚାରିଥର ପିଇବା ଆବଶ୍ୟକ । ଗର୍ଭିଣୀ ତୃତୀୟ ମାସରେ ଘିଅ ଓ ଲହୁଣୀ ଖାଇବା ଅବଶ୍ୟକ । ଏହାପରେ ଅର୍ଥାତ୍ ଚତୁର୍ଥ ମାସଠାରୁ ଅଷ୍ଟମ ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଦୁଧରେ ଶାଗୁ ମିଶାଇ ଖାଇବ । ଅଧିକାଂଶ ଗର୍ଭାବସ୍ଥା ସମୟରେ ଅଧିକ ଭିଟାମିନ୍ 'ଡି' ଆବଶ୍ୟକ କରନ୍ତି । ଏହା ମୁଖ୍ୟତଃ ମାଛ ତେଲରୁ ମିଳିଥାଏ । ଗର୍ଭବତୀ ନାରୀ କମ୍ ପରିମାଣରେ ଲୁଣ ଖାଇବା ଆୟୁର୍ବେଦ ଶାସ୍ତ୍ର ସମ୍ମତ ।

## ଆହାର ତାଲିକା

| ଖାଦ୍ୟ | ଗର୍ଭାବସ୍ଥା | | ପ୍ରସୂତାବସ୍ଥା | |
|---|---|---|---|---|
| | ଶାକାହାରୀ | ମାଂସାହାରୀ | ଶାକାହାରୀ | ମାଂସାହାରୀ |
| (୧) ଶସ୍ୟ | ୩୦୦ ଗ୍ରାମ୍ | ୩୦୦ ଗ୍ରାମ୍ | ୪୫୦ ଗ୍ରାମ୍ | ୪୫୦ ଗ୍ରାମ୍ |
| (୨) ଡାଲି | ୭୫ ଗ୍ରାମ୍ | ୭୫ ଗ୍ରାମ୍ | ୭୫ ଗ୍ରାମ୍ | ୫୦ ଗ୍ରାମ୍ |
| (୩) ଶାଗ | ୭୫ ଗ୍ରାମ୍ | ୭୫ ଗ୍ରାମ୍ | ୨୦ ଗ୍ରାମ୍ | ୫୦ ଗ୍ରାମ୍ |
| (୪) କନ୍ଦମୂଳ | ୫୦ ଗ୍ରାମ୍ | ୫୦ ଗ୍ରାମ | ୫୦ ଗ୍ରାମ୍ | ୫୦ ଗ୍ରାମ୍ |
| (୫) ଦୁଧ | ୫୦୦ ଗ୍ରାମ୍ | ୨୦୦ ଗ୍ରାମ୍ | ୧ ଲିଟର | ୨୦୦ ଗ୍ରାମ୍ |
| (୬) ଫଳ | ୭୫ ଗ୍ରାମ୍ | ୭୫ ଗ୍ରାମ୍ | ୭୫ ଗ୍ରାମ୍ | ୭୫ ଗ୍ରାମ୍ |
| (୭) ମାଂସ ବା ମାଛ | — | ୭୫ ଗ୍ରାମ୍ | — | ୭୫ ଗ୍ରାମ୍ |
| (୮) ଅଣ୍ଡା | — | ୧ଟା | — | ୧ଟା |
| (୯) ଚିନି ବା ଗୁଡ଼ | ୪୦ ଗ୍ରାମ୍ | ୪୦ ଗ୍ରାମ୍ | ୪୦ ଗ୍ରାମ୍ | ୪୦ ଗ୍ରାମ୍ |
| (୧୦) ଘିଅ ବା ତେଲ | ୪୦ ଗ୍ରାମ୍ | ୪୦ ଗ୍ରାମ୍ | ୪୦ ଗ୍ରାମ୍ | ୪୦ ଗ୍ରାମ୍ |

## ସୂତିକା କାଳ ଓ ସୂତିକାଚର୍ଯ୍ୟା :

ପ୍ରସୂତିର ଯେପରି ପୂର୍ଣ୍ଣ ସ୍ୱାସ୍ଥ୍ୟ ଫେରିଆସେ ଓ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଅକ୍ଷୁଣ୍ଣ ରହେ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ । ଖାଦ୍ୟ, ବିଶ୍ରାମ ଓ ବ୍ୟାୟାମର ପ୍ରଭାବରେ ଦେହର ପେଶୀ ଶକ୍ତ ହୋଇ ପୂର୍ବାବସ୍ଥାକୁ ଫେରି ଆସେ ।

ଶିଶୁ ଜନ୍ମର ଛଅ ସପ୍ତାହ ପର୍ଯ୍ୟନ୍ତ ସୂତିକା କାଳ । ଏହି ସମୟରେ ଆହାର, ବିଶ୍ରାମ ଓ ଶାରୀରିକ ଯତ୍ନ ଦ୍ୱାରା ଗର୍ଭାଶୟ ନିଜ ସ୍ଥାନକୁ ଫେରି ଆସେ । କ୍ଷୀର ଉତ୍ପାଦିତ ହୁଏ ।

ପ୍ରସବ ପରେ ପ୍ରସୂତୀଙ୍କୁ ଦିନକ ପାଇଁ ଶଯ୍ୟାରେ ପୂର୍ଣ୍ଣ ବିଶ୍ରାମ ଦିଆଯାଏ । ଏହାପରେ ପ୍ରସୂତୀ କଡ଼ ଲେଉଟାଇ ଅଙ୍ଗପ୍ରତ୍ୟଙ୍ଗ ଚାଳନା କରିବେ । ତିନି ଦିନ ପରେ ପ୍ରସୂତୀ ନିଜର ଦୈନନ୍ଦିନ କାର୍ଯ୍ୟ କରିବା ଆବଶ୍ୟକ । ସେ ସ୍ତନ୍ୟର ଯତ୍ନ ନେବା ଉଚିତ । ସନ୍ତାନକୁ ସ୍ତନ୍ୟପାନ କରାଇବା ପୂର୍ବରୁ ସ୍ତନାଗ୍ରକୁ ଉଷୁମ ପାଣିରେ ପରିଷ୍କାର କରାଇବା ଉଚିତ ଏବଂ ସେହିପରି ସ୍ତନ୍ୟପାନ କରାଇ ସାରିବା ପରେ ସ୍ତନାଗ୍ରକୁ ମଧ୍ୟ ପରିଷ୍କାର ରଖିବା ବିଧେୟ ।

ପ୍ରସବ କାଳରେ ପୂର୍ଣ୍ଣ ଶୁଦ୍ଧତା ଏବଂ ସାବଧାନତା ରକ୍ଷା ନକଲେ ବିଭିନ୍ନ ପ୍ରକାର ସୂତିରୋଗ ହୋଇଥାଏ । ଯଦି ମାଆ ଦୋଷଜନକ ଅନ୍ନ ଭୋଜନ କରନ୍ତି, ମାନସିକ କ୍ଲେଶ ଓ ବିଷମ ଭୋଜନ ଶୋ ଅପକ୍ୱ ପଦାର୍ଥ ଭୋଜନ କଲେ ବିଭିନ୍ନ ରୋଗ ଉତ୍ପନ୍ନ ହୁଏ । ଏହାକୁ ସୂତିକା ରୋଗ କୁହାଯାଏ । ଏହି ରୋଗ ଆଶୁ ଶ ବିଳମ୍ବିତ ହୋଇପାରେ ।

ଅହିତ ଆହାର ବିହାରରୁ ହଠାତ୍ ଅତିସାର, ଶୋଥ, ଅଗ୍ନିମାନ୍ଦ୍ୟ ଇତ୍ୟାଦି ଦେଖାଦିଏ ।

## ଅତିସାର :

ଫାଣିତ, ତିକକଣ୍ଟା, ଶର୍କରା ତଥା ଯଷ୍ଟି ମଧୁରେ ତେନ୍ତୁଳିପତ୍ର ମିଶାଇ ସେବନ କଲେ ଶୀଘ୍ର ରୋଗ ନାଶ ହୁଏ ।

### ଶୋଥ :

ଗୋଡ଼ ହାତ ଫୁଲିଯାଇଥିଲେ ପୁରୁଣି ମୂଳ ଛେଲିର କ୍ୱାଥ ଏବଂ ଦେବଦାରୁ ଚୂର୍ଣ୍ଣ ସୁଣ୍ଠୀ ତଥା ମଧୁ ମିଶାଇ ସେବନ କରିବ ।

### ଅଗ୍ନିମାନ୍ଦ୍ୟ :

ପିପ୍ପଳି, ପିପ୍ପଳୀ ମୂଳ ନାଗର ମୋଥା ଓ ଶୁଣ୍ଠି ଚୂର୍ଣ୍ଣକୁ ଦୁଧ ସହିତ ସେବନ କଲେ ଅଗ୍ନିଦୀପ୍ତ ହୁଏ ।

### ହିକ୍କା ଶ୍ୱାସ :

ପିପ୍ପଳୀ, ଗୈରିକ, ଭାଂଗି, ହିଙ୍ଗୁ ତଥା କର୍କଟ ଶୃଙ୍ଗୀ ଚୂର୍ଣ୍ଣକୁ ମଧୁ ସହ ଅବଲେହ କରି ସେବନ କଲେ ହିକ୍କା ଓ ଶ୍ୱାସ ରୋଗ ଉପଶମ ହୋଇଥାଏ ।

ଯଦି ସୂତିକା ପରିଚର୍ଯ୍ୟା ଠିକ୍‌ରେ ନକରାଯାଇ ତେବେ ଛିନ୍ନପରେ କେତେକ ଉପଦ୍ରବ ଦେଖାଯାଏ । ଏହି ସୂତିକା ରୋଗ ୬୪ ପ୍ରକାରର ହୋଇଥାଏ । ଆୟୁର୍ବେଦ ଶାସ୍ତ୍ରରେ ଏ ସବୁର ପୂର୍ଣ୍ଣାଙ୍ଗ ବର୍ଣ୍ଣନା ରହିଛି ।

### ଉପଦ୍ରବ ତଥା ନିରାକରଣ ଉପାୟ :

ଗର୍ଭାଶୟରେ ଗର୍ଭ ବୃଦ୍ଧି ହେବା କାରଣରୁ ସମସ୍ତ ଧାତୁ କ୍ଷୀଣ ଓ ଶିଥିଳ ହୋଇଯାଏ ଓ ଶକ୍ତି ନାଶ ହୋଇଥାଏ । ଫଳରେ ଯେ କୌଣସି ରୋଗ ସୃଷ୍ଟି ହେଲେ ଆରୋଗ୍ୟ ଆୟସସାଧ୍ୟ ହୋଇଥାଏ । ଡେଙ୍ଗୁ, ଜ୍ୱର, କାଶ, ସର୍ଦ୍ଦି, ଅତିସାର, କାମଳ, ଶୋଥ ଇତ୍ୟାଦି ଆକ୍ରମଣ କରେ । ଏହି ଅବସ୍ଥାରେ ପ୍ରସୂତୀର ଯଥେଷ୍ଟ ଯତ୍ନ ଆବଶ୍ୟକ ।

ସୂତିକା ରୋଗୀ ପାଇଁ ଦୀପନ, ପାଚନ, ମୃଦୁ ଷଷ୍ଠି ଶାଳି ଗୁଡଳ, କୋଳଥ, ସଜନା ଛୁଇଁ, ରସୁଣ, ବାଇଗଣ, କଣ୍ଟିମୂଳା, ପୋଟଳ, ଲେମ୍ବୁ, ତାମ୍ବୁଲ, ତାଳିସ ଆଦି ଉପଯୁକ୍ତ ପଥ୍ୟ ।

ସମାଜରେ ସୁସ୍ଥ ସୁନ୍ଦର ଭାବେ ବଞ୍ଚି ରହିବା ପାଇଁ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ବର୍ଣ୍ଣିତ ପ୍ରସୂତୀର ଯତ୍ନ, ପରିଚର୍ଯ୍ୟା, ଖାଦ୍ୟପେୟ ଓ ଚିକିତ୍ସାଦି ପ୍ରତ୍ୟେକ ସ୍ତରର ଲୋକଙ୍କ ପାଇଁ ପ୍ରଣିଧାନ୍ୟଯୋଗ୍ୟ । ଏହି ଚିକିତ୍ସାର ଐତିହ୍ୟକୁ ବିସ୍ତୃତ କରି ସମସ୍ତଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଉଚିତ ।



ଢେଙ୍କାନାଳ ଟାଉନ୍ ହଲ୍‌ଠାରେ ସ୍ୱର୍ଗତ ସାରଙ୍ଗଧର ଦାସଙ୍କ ୩୩ତମ ଶ୍ରାଦ୍ଧ ଦିବସ ପାଳନ ଉତ୍ସବରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ପ୍ରଃ ମଧୁ ଦଣ୍ଡବତେ ସାରଙ୍ଗଧରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି । (ତା୧୭–୯–୧୯୯୦ରିଖ) ।

# ପ୍ରେମଚନ୍ଦ୍‌ଙ୍କ ରଚନାରେ ପରିବେଶର ପ୍ରସଙ୍ଗ

*ଡକ୍ଟର ଦେବରାଜ ପଣ୍ଡା*

ଉତ୍ତମ ଖାଦ୍ୟ, ଉତ୍ତମ ପୋଷାକ ଓ ଉତ୍ତମ ଶିକ୍ଷା ପରି ଉତ୍ତମ ପରିବେଶର ଯଥେଷ୍ଟ ଆବଶ୍ୟକତା ରହିଛି । ପରିବେଶ ଶବ୍ଦର ଅର୍ଥ ବହୁ ବ୍ୟାପକ ହେଲେହେଁ ଆମେ ସାଧାରଣତଃ ପ୍ରାକୃତିକ ପରିବେଶକୁ ଉତ୍ତମ ପରିବେଶ ରୂପେ ଗ୍ରହଣ କରିଥାଉ । ପ୍ରକୃତି ତା'ର ପରିବେଶକୁ ନିର୍ମଳ ରଖିବା ପାଇଁ କେତେକ ବ୍ୟବସ୍ଥା କରିଛି । ଉଦାହରଣ ସ୍ୱରୂପ, ପ୍ରାଣୀ ଓ ଉଦ୍ଭିଦମାନେ ନିଃଶ୍ୱାସରେ ଯେଉଁ ବିଷାକ୍ତ ଅଙ୍ଗାରକାମ୍ଳ ବାଷ୍ପ ପରିତ୍ୟାଗ କରୁଛନ୍ତି ତାହା ଉଦ୍ଭିଦର ଖାଦ୍ୟ ପ୍ରସ୍ତୁତିରେ ବିନିଯୋଗ ହେଉଛି ଓ ପ୍ରାଣୀମାନଙ୍କର ମଳ, ମୂତ୍ର, ହାଡ଼ ଇତ୍ୟାଦି ଉଦ୍ଭିଦର ଖାଦ୍ୟସାର ରୂପେ ବ୍ୟବହୃତ ହେଉଛି । ମନୁଷ୍ୟର କେତେକ ଅପକାରୀ ଜୀବଙ୍କୁ ବଡ଼ ବଡ଼ ଜୀବମାନେ ଧ୍ୱଂସ କରୁଛନ୍ତି । ରୋଗ ସୃଷ୍ଟିକାରୀ ଅନେକ କୀଟ ପତଙ୍ଗଙ୍କୁ ଖରା, ବର୍ଷା, ଋତୁ ନଷ୍ଟ କରିଦେଉଛି । କିନ୍ତୁ ବିଜ୍ଞାନର ଅଗ୍ରଗତି ଫଳରେ ମନୁଷ୍ୟ ଅନେକ ନିତ୍ୟ ନୂତନ ପଦାର୍ଥ ସୃଷ୍ଟି କରିବା ପାଇଁ ଯେଉଁ କଳକାରଖାନାମାନ ସ୍ଥାପନ କରୁଛି ତଦ୍ୱାରା ପ୍ରାକୃତିକ ପରିବେଶ ଅଧିକରୁ ଅଧିକ ଦୂଷିତ ହେବାରେ ଲାଗିଛି ।

କଳକାରଖାନା ସ୍ଥାପନ ପାଇଁ ବିସ୍ତୃତ ଇଲାକା ଦରକାର ହେଉଛି । ସେଥିପାଇଁ ବଣ ଜଙ୍ଗଲ ନଷ୍ଟ କରିବାକୁ ପଡୁଛି । ପୁଣି କାରଖାନାର ଜାଳେଣି ପାଇଁ ମାଟି ଖୋଳି କୋଇଲା ଉତ୍ପାଦନ କରିବାକୁ ପଡୁଛି । ଏ ସବୁ ଦ୍ୱାରା ବୃକ୍ଷଲତା କ୍ଷୟ ହେବା ସଙ୍ଗେ ସଙ୍ଗେ ପୃଥିବୀର ରୂପ ବିରୂପ ହେଉଛି । ଗୋଟିଏ ଦିଗରେ କାରଖାନାରୁ ବହୁ ପରିମାଣରେ ଅଙ୍ଗାରକାମ୍ଳ ବାଷ୍ପ ନିର୍ଗତ ହେଉଛି, ଅନ୍ୟ ଦିଗରେ ଅଙ୍ଗାରକାମ୍ଳ ବାଷ୍ପକୁ ବିନିଯୋଗ କରୁଥିବା ବୃକ୍ଷ ଲତାଗୁଡ଼ିକର କ୍ଷୟ ଘଟୁଛି । ଫଳରେ ପ୍ରାକୃତିକ ପରିବେଶ ଦିନକୁ ଦିନ ବିଷାକ୍ତ ହେବାରେ ଲାଗିଛି ।

ପରିବେଶ ମୁଖ୍ୟତଃ ଆମ ଚତୁଃପାର୍ଶ୍ୱର ଜଳ, ବାୟୁ ଓ ବୃକ୍ଷ ଲତାକୁ ବୁଝାଇଥାଏ । ଏହାକୁ ଆମେ ନାନା ଭାବରେ ଦୂଷିତ କରିଥାଉ । ସହରର ଜଳବାୟୁ, କଳକାରଖାନା ଓ ଅତ୍ୟଧିକ ଜନସଂଖ୍ୟା ଯୋଗୁ ବିଷାକ୍ତ ହେଉଥିବା ବେଳେ ମଫସଲର ଜଳବାୟୁ ବିଶେଷତଃ ଅଶିକ୍ଷା ଦ୍ୱାରା କଳୁଷିତ ହେଉଛି । ଉଦାହରଣ ସ୍ୱରୂପ, ଗ୍ରାମବାସୀମାନେ ପୋଖରୀର ଜଳକୁ ସ୍ନାନ ଓ ପାନୀୟ ଜଳ ରୂପେ ବ୍ୟବହାର କରିଥାନ୍ତି । କିନ୍ତୁ ଏହି ଜଳକୁ ବିଶୁଦ୍ଧ ରଖିବା ପାଇଁ ପ୍ରଯତ୍ନ କରି ନଥାନ୍ତି । ପୋଖରୀର ଗୋଟିଏ ଘାଟରେ ସ୍ନାନାଦି କାର୍ଯ୍ୟ କରିବାବେଳେ ଅନ୍ୟ ଘାଟରେ ଶୌଚାଦି କାର୍ଯ୍ୟ ସମାପନ କରିଥାନ୍ତି । ତଦ୍‌ବ୍ୟତୀତ ପୋଖରୀ କୂଳମାନଙ୍କରେ ମଳତ୍ୟାଗ କରିବା ଫଳରେ ବର୍ଷାଦିନେ ସେସବୁ ଧୋଇ ହୋଇ ପୋଖରୀକୁ ଦୂଷିତ କରେ । ପଶୁ ସଢ଼ା ପଦାର୍ଥ, ଅଳିଆ, ଇତ୍ୟାଦି ଯଥାଯଥ ଭାବେ ନରଖିବା ଫଳରେ ଏଣେ ତେଣେ ପଡ଼ି ସେ ସବୁରୁ ଦୁର୍ଗନ୍ଧ ନିର୍ଗତ ହୋଇଥାଏ । ସୁତରାଂ ପରିବେଶକୁ ନିର୍ମଳ ରଖିବା ପାଇଁ କେବଳ ଆଜିର ପରିବେଶ ବିଜ୍ଞାନୀମାନେ ଯେ ଉଦ୍‌ବିଗ୍ନ ହୋଇ ପଡ଼ିଛନ୍ତି ତାହା ନୁହେଁ, ପ୍ରାଚୀନ କବି ଓ ଲେଖକଙ୍କ ତୁଳୀରେ ସେ ସବୁର ସମୁଜ୍ଜ୍ୱଳ ରୂପ ରହିଛି ।

ରାଜଗୃହ ଓ ରାଜପରିବେଶ ନାନା ଘଟଣାର ମିଳନସ୍ଥଳ । ଶିକ୍ଷାର୍ଜନ ପାଇଁ ତାହା ଉପଯୁକ୍ତ ସ୍ଥାନ ନୁହେଁ । ତେଣୁ ସୁଶିକ୍ଷା ପାଇଁ ପ୍ରାଚୀନ ଯୁଗରେ କୁମାରମାନଙ୍କୁ ଶାନ୍ତ ପରିବେଶପୂର୍ଣ୍ଣ ମୁନି ଆଶ୍ରମକୁ ପ୍ରେରଣ କରାଯାଉଥିଲା । ଶିକ୍ଷାର୍ଥୀ ଓ ଶିକ୍ଷାର୍ଥୀନୀମାନେ ବେଦାଧ୍ୟୟନ କରିବା ସଙ୍ଗେ ସଙ୍ଗେ ପ୍ରକୃତିର ଜୀବଜନ୍ତୁ ଓ ବୃକ୍ଷଲତାକୁ ଆପଣାର କରିବା ପାଇଁ ଯତ୍ନଶୀଳ ହେଉଥିଲେ । ମଧୁସୂଦନଙ୍କ 'ସୀତା ବନବାସ' କବିତାରେ ସୀତାଙ୍କୁ ବୃକ୍ଷଲତାଗୁଡ଼ିକୁ ପୁତ୍ରବତ୍ ପାଳନ କରିବା ପାଇଁ ମହତ୍ ଉପଦେଶ ମହର୍ଷି ବାଲ୍ମିକୀ ପ୍ରଦାନ କରିଛନ୍ତି । ପ୍ରାକୃତିକ ବସ୍ତୁକୁ ସୁରକ୍ଷା ନକଲେ ଓ ନିଜର ଆବଶ୍ୟକତାଠାରୁ ଅଧିକ ଅପଚୟ କଲେ ଜନ ସମାଜର ବିପୁଳ କ୍ଷତି ଘଟିଥାଏ । ତେଣୁ ବିଶ୍ୱର ପ୍ରତ୍ୟେକ ସାହିତ୍ୟରେ ପ୍ରକୃତିପ୍ରେମ ପରିଲକ୍ଷିତ ହୁଏ । ସୁପ୍ରସିଦ୍ଧ

କଥାଶିଳ୍ପୀ ପ୍ରେମଚନ୍ଦ୍ରଙ୍କ ଲେଖନୀରେ ଗ୍ରାମ୍ୟ ପରିବେଶର ସୁରକ୍ଷା ପ୍ରାଧାନ୍ୟ ଲାଭ କରିଛି ।

ଜମିଦାର ପଣ୍ଡିତ ଦେବଦତ୍ତ ଶର୍ମା ସହରରେ ବାସ କରୁଥିଲେ । ସେ ସରକାରୀ ଚାକିରି ନକରି ଦେଶ ସେବାକୁ ନିଜ ଜୀବନର ବ୍ରତ ରୂପେ ଗ୍ରହଣ କରିଥିଲେ । ସେ ଏକ 'ସୋସିଆଲ୍ ଲିଗ୍' ଗଠନ କରି ଦେଶ ସେବା ପାଇଁ ଯୁବକମାନଙ୍କୁ ତାଲିମ୍ ଦେଉଥିଲେ । କିନ୍ତୁ ସହରରେ ଯେତେବେଳେ ପ୍ଲେଗ୍ ରୋଗ ବ୍ୟାପକ ହେଲା ଓ ଲୋକମାନେ ପୋକମାଛିପରି ମରିବାକୁ ଲାଗିଲେ ସେତେବେଳେ ଶର୍ମାଜୀ ନିଜ ଜୀବନକୁ ବିପନ୍ନ ମନେକଲେ ଓ ନିଜକୁ ବଞ୍ଚାଇବା ପାଇଁ ସହର ଛାଡ଼ି ମଫସଲ ଚାଲିଗଲେ । ଲେଖକଙ୍କ ଭାଷାରେ — "ଶର୍ମାଜୀଙ୍କର ସ୍ୱର୍ଗବାସୀ ପିତା ଜଣେ ସୁରସିକ ପୁରୁଷ ଥିଲେ । ଗୋଟିଏ ଛୋଟ ବଗିଚା, ଛୋଟ ପକ୍କା କୂଅ, ବଙ୍ଗଳା, ଶିବ ମନ୍ଦିର ତାଙ୍କ କୀର୍ତ୍ତିର ଚିହ୍ନ ସ୍ୱରୂପ ଗ୍ରାମରେ ରହିଥିଲା । ଗରମ ଦିନେ ସେ ସେଠାରେ ରହୁଥିଲେ । କିନ୍ତୁ ଶର୍ମାଜୀ ପ୍ରଥମ ଥର ପାଇଁ ସେଠାକୁ ଆସିଥିଲେ ।

ଶର୍ମାଜୀ ନିଜ କୋଠରୀରେ ବସି ପତ୍ର ଓ ପୁସ୍ତକ ଅଧ୍ୟୟନ କରୁଥିଲେ । ହଲାଣ୍ଡର କୃଷି ବିଧାନ, ଆମେରିକାର ଶିଳ୍ପ ବାଣିଜ୍ୟ ଏବଂ ଜର୍ମାନୀର ଶିକ୍ଷା ପ୍ରଣାଳୀ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ବିଷୟ ସଂପର୍କରେ ସେ ବିଚାର କରୁଥିଲେ । ଶର୍ମାଜୀଙ୍କର ମସ୍ତିଷ୍କ କୃଷି ସମ୍ବନ୍ଧୀୟ ଜ୍ଞାନର ଗନ୍ତାଘର ଥିଲା । ହଲାଣ୍ଡ ଓ ଡେନମାର୍କର ବୈଜ୍ଞାନିକ ପଦ୍ଧତିରେ ଚାଷ, ତାହାର ଉତ୍ପନ୍ନ ପରିମାଣ ଏବଂ ସେଠିକାର କୋଅପରେଟିଭ୍ ବ୍ୟାଙ୍କ ଆଦି ଜ୍ଞାନଗର୍ଭକ ବିଷୟ ତାଙ୍କ ଜିଭ ଅଗରେ ଥିଲା ।

× × × ×

ଏକା ଏକା ସେ ଗାଁ'ରେ ବୁଲିବାକୁ ଲାଗିଲେ । ଛୋଟ ଗାଁଟିଏ ଅଥଚ ସଫେଇର ନାଁ ନଥିଲା । ଚାରିଆଡୁ ଦୁର୍ଗନ୍ଧ ଉଠୁଥିଲା । ବାହା ଦୁଆର ମୁହଁରେ ଗୋବର ସଢୁଥିଲା । କେଉଁଠି କାଦୁଅ ଓ ଗୋବର ଗନ୍ଧ ବାୟୁକୁ ଦୁର୍ଗନ୍ଧପୂର୍ଣ୍ଣ କରୁଥିଲା । ଘର ପାଖରେ ଥିବା ଖତଗଦା ଉପରେ ଗୋବର ଜମା ହେଉଥିଲା । ସାରା ଗାଁ'ରେ ଦୁର୍ଗନ୍ଧ ବ୍ୟାପୀ ଯାଉଥିଲା । ଗାଁ'ର ଘର ତଥା ରାସ୍ତା ଅସମାନ ଓ ବେଢଙ୍ଗ ଥିଲା । ନର୍ଦ୍ଦମାର ପାଣି ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ଦୁର୍ଗନ୍ଧ ବ୍ୟାପୀଯାଉଥିଲା ।ଶର୍ମାଜୀ ନାକରେ ରୁମାଲ ଲଗାଇଲେ । ନିଶ୍ୱାସ ରୋକି ତୀବ୍ର ଗତିରେ ଚାଲିଲେ । ଶୀଘ୍ର ଦଉଡ଼ି ଯାଇ ଗୋଟିଏ ଝଙ୍କାଳିଆ ନିମଗଛ ଛାଇରେ ଠିଆହେଲେ । ଏ ପର୍ଯ୍ୟନ୍ତ ଭଲଭାବେ ନିଶ୍ୱାସ ନେଇ ପାରିନଥିଲେ । ଠିକ୍ ଏତିକି ବେଳେ ବାବୁଲାଲ୍ ଆସି ପହଞ୍ଚିଗଲା ଏବଂ ପଚାରିଲା, "କ'ଣ କଷ୍ଟ ଥିଲାକି ?"

ଶର୍ମାଜୀ ନିଶ୍ୱାସ ଭରି କହିଲେ — କଷ୍ଟ ଅପେକ୍ଷା ଅଧିକ ଭୟଙ୍କର ବିଷାକ୍ତ ବାୟୁ । ଓହୋ ! ଏ ଲୋକ ସବୁ ଏମିତି ଗନ୍ଧରେ କେମିତି ରହନ୍ତି ।

ବାବୁଲାଲ୍—ରହିବେ କଣ ? କୌଣସି ପ୍ରକାରେ ଦିନ କାଟିବା କଥା ।

ଶର୍ମାଜୀ—କିନ୍ତୁ ଏ ଜାଗାଟା ତ ସଫା ।

ବାବୁଲାଲ୍—ହଁ, ଆଜ୍ଞା ! ଏ ପାଖ ଗାଁ'ମୁଣ୍ଡ ପର୍ଯ୍ୟନ୍ତ ସଫା ।

ଶର୍ମାଜୀ—ସେ ପାଖଟା ଏତେ ମଇଳା କାହିଁକି ?

ବାବୁଲାଲ୍—ଦୋଷ ମାଫ କରିବେ ତ କହିବି ।

ଶର୍ମାଜୀ—ହସିକରି କହିଲେ, ଦାନ ମାଗୁନ ତ ? ସତ କହ, କଥା କଣ ? ଗୋଟାଏ ପାଖ ଏତେ ସ୍ୱଚ୍ଛ ଅଥଚ ଅନ୍ୟପାଖ ଏତେ ଦୁର୍ଗନ୍ଧ କାହିଁକି ?

ବାବୁଲାଲ୍—ଏଇଟା ମୋର ଅଂଶ । ସେଇଟା ଆପଣଙ୍କର ଅଂଶ । ମୋ ଅଂଶର ମୁଁ ନିଜେ ଯତ୍ନ ନେଉଛି କିନ୍ତୁ ଆପଣଙ୍କ ଅଂଶ ଚାକର ବାକର ଦେଖୁଛନ୍ତି ।

ଶର୍ମାଜୀ—ଅଚ୍ଛା, ତେବେ ଏଇ କଥା । ଆପଣ କଣ କରୁଛନ୍ତି ?

ବାବୁଲାଲ୍—କିଛି ନାହିଁ । କେବଳ ତାଗିଦ୍ କରୁଛି । ଯେଉଁଠି ଅଧିକ ମଇଳା ଦେଖୁଛି ସେଠି ନିଜେ ସଫା କରି ଦେଉଛି । ପରିଷ୍କାର ପାଇଁ ମୁଁ ଏକ ପୁରସ୍କାର ରଖିଛି । ତାହା ସବୁଠାରୁ ଅଧିକ ପରିଷ୍କାର ରଖିଥିବା ଘର ମାଲିକଙ୍କୁ ମିଳିଥାଏ ।

× × × ×

ଶର୍ମାଜୀ—ନିଜ ଚାଷୀମାନଙ୍କୁ ଏ ବିପତ୍ତିରେ ପଡ଼ିଥିବାର ଦେଖି ମତେ ଭାରି ଦୁଃଖ ଲାଗିଲା । ଯେଉଁମାନଙ୍କର ଦାନା ଖାଉଛି, ଯାହାଙ୍କ ଯୋଗୁ ଘୋଡ଼ାଗାଡ଼ି ଚଢ଼ି ଜମିଦାର ହୋଇ ବୁଲୁଛି, ସେମାନଙ୍କ ପାଇଁ ମୋର ତ କିଛି କରିବାର ଅଛି । ନିଜ ସ୍ୱାର୍ଥପରତା ଏବେ ମୋତେ ସ୍ପଷ୍ଟ ଦେଖାଯାଉଛି । ମୁଁ ନିଜ ଦୃଷ୍ଟିରେ ତଳକୁ ଖସିପଡ଼ିଛି । ମୁଁ ସାରା ଜାତିକୁ ଉଦ୍ଧାର କରିବା ପାଇଁ ବୋଝ ଉଠାଇଛି । ସାରା ଭାରତବର୍ଷ ପାଇଁ ପ୍ରାଣ ଦେବାକୁ ଗପ କରିଛି, କିନ୍ତୁ ନିଜ ଗାଁର ଖବର ରଖୁନାହିଁ । ଯେଉଁ ମାଟିର ରୁଟି ଖାଉଛି ତା'ପ୍ରତି ଏତେ ଉଦାସୀନଭାବ । ଏହି ଦୁରାବସ୍ଥାକୁ ମୁଁ ସମୂଳେ ନଷ୍ଟ କରିବାକୁ ଚାହେଁ ।

× × × ×

ମୋର ଶିକ୍ଷା ମୋତେ ପୁସ୍ତକ କୀଟରେ ପରିଣତ କରିଦେଲା ଏବଂ ମୋତେ ମାଦକ ନିଶା ଖୁଆଇଦେଲା । ମୁଁ ମନୁଷ୍ୟ ନୁହେଁ । ନିୟମର ପୋଥି ମାତ୍ର । ଆପଣ ମୋତେ ମଣିଷ କରି ଗଢ଼ନ୍ତୁ । ମୁଁ ଆଜିଠାରୁ ଏହିଠି ରହି ଗ୍ରାମର ଭାଇ ଭଉଣୀଙ୍କ ସେବା କରିବି ।

ପ୍ରେମଚନ୍ଦ୍ ଜଣେ ସଂସ୍କାରବାଦୀ ପୁରୁଷ ଥିଲେ । ସେ ଗ୍ରାମ୍ୟ ପରିବେଶ ବା ପ୍ରାକୃତିକ ପରିବେଶକୁ ନିର୍ମଳ ରଖିବା ପାଇଁ ଯେପରି ଉଦ୍ୟମ କରିଥିଲେ, ସାଂସ୍କୃତିକ ପରିବେଶକୁ ସୁରକ୍ଷା କରିବା ପାଇଁ ଅନୁରୂପ ଚେଷ୍ଟା କରିଥିଲେ । ତେଣୁ ତାଙ୍କ ରଚନାରେ ସମାଜର ପ୍ରତ୍ୟେକ ସ୍ତରର ବ୍ୟକ୍ତିଙ୍କ ଚରିତ୍ରକୁ ସଂସ୍କାର କରିବାକୁ ସେ ଯଥାସାଧ୍ୟ ପ୍ରୟାସ କରିଥିଲେ ।

ଉପବନ ବିହାର,
ପୁରୀ-୨ ।

# ଅଲିଭା ଏ ସାତ୍ତ୍ୱିକ ସଳିତା

*ବ୍ରଜମୋହନ ସାମନ୍ତରାୟ*

ଦୀପ ଶିଖା ଲିଭି ଆସେ । ବିଶ୍ୱଗ୍ରାସୀ କାଳର ଘନ ଅନ୍ଧକାର ଆଛନ୍ନ କରେ ଦୂର ଦିଗ୍‌ବଳୟକୁ । ଶତ ମାନବର ଆଶା ସ୍ମୃତିରେ ଗୁଞ୍ଜରି ଉଠେ । ଲିଭିଯାଏ ଦୀପ ଶିଖା, କିନ୍ତୁ ଘୃତ ମିଶ୍ରିତ ବାସ୍ନା ସୁବାସିତ କରେ, ସୁଗନ୍ଧାୟିତ କରେ ପ୍ରାଣ କନ୍ଦର, ବ୍ୟାପିଯାଏ ସେହି ସୁବାସିତ ତ୍ରିଲୋକ ଅନ୍ତରର ସୀମା ଲଙ୍ଘନ କରି । ବଳିଷ୍ଠ ବ୍ୟକ୍ତିତ୍ୱ ହେ ସାରଥି ତୁମର ଅଗଣିତ ନିରାଶ୍ରୟ, ନିରନ୍ନ, ନିର୍ଦ୍ଧନ ସନ୍ତାନ । ତୁମର ଟୋପାଏ ଲୁହ, ବିନ୍ଦୁଏ ରକ୍ତ, ନିରୁତା ଦଶ ସେହି ଶୋକିଲା ପେଟ ପାଇଁ ମାତ୍ର ।

## ତୁମେ ହିଁ ତୁମର ମନୋଜ୍ଞ ପରିଚୟ :

ନାମର କି ମାଦକତା ! ବ୍ୟକ୍ତିତ୍ୱର କି ପ୍ରଭାବ ! ତୁମକୁ ସୁମରିଲେ ମନେହୁଏ ଗୋପବନ୍ଧୁ ତୁମେ କ'ଣ ସତେ ଗୋପପୁରର ଅନବଦ୍ୟ ସର୍ଜ୍ଜନା ? ପ୍ରସନ୍ନ ମୁଖମଣ୍ଡଳ, ପ୍ରଶସ୍ତ ଲଲାଟ — ପ୍ରଶାନ୍ତିର ସ୍ନିଗ୍ଧ ପ୍ରତିଫଳନ । ବିସ୍ତୃତ ଭ୍ରୂଲତା ତଳେ ଭାସମାନ ନୟନ ଯୁଗଳ ସତ୍ୟର ସନ୍ଧାନ ଦିଏ, ଅଶ୍ରୁଳ କମ୍ପନ ସୃଷ୍ଟି କରେ । କମ୍ପିତ ମଧୁସିକ୍ତ ଓଷ୍ଠଧାର ଆତ୍ମଶକ୍ତିର ପ୍ରତି କମ୍ପନ, ପ୍ରତିବିମ୍ବନ । ଗାଢ଼ କଳା କେଶରାଶି, ସୁସଜ୍ଜିତ ଶ୍ମଶ୍ରୁ ଦର୍ଶନର ଏକ ତାତ୍ତ୍ୱିକ ଉପତ୍ୟକା । ଅକ୍ଷତ ଅବୟବ ଜୀବନ ପଥର ସାତ୍ତ୍ୱିକ ପଥ ପ୍ରଦର୍ଶକ । ଅବୟବ ପରିଚ୍ଛଦ ଓ ପରିପାଟି ସାରଲ୍ୟର ନିଛକ ପ୍ରତୀକ ! ନାତିଦୀର୍ଘ ପଦଯୁଗଳ ଜାତିର କର୍ମ ଦଣ୍ଡ । ତା'ର ମୃଦୁମନ୍ଦ ଗଜନା ପ୍ରଗତିମୁଖର ।

ତୁମେ କ'ଣ ସେହି ଗୋପବନ୍ଧୁ ଏ ଜାତିର, ଜାତି ଇତିହାସର ଏକ ମହିମାମୟ ଅଧ୍ୟାୟ ? ସେହି ଅଧ୍ୟାୟ ହୁଏତ ଏବେ ଜୀବନ୍ତରୂପେ ପ୍ରତିଭାତ ହେଉନାହିଁ, କିନ୍ତୁ ମୈତ୍ରୀ ଅଧ୍ୟାୟ, ତା'ର ଇତି ଏ ଜାତିକୁ ଦେଇଯାଇଛି ଏକ ପ୍ରଦୀପ ମନ୍ତ୍ର, ସଜାଡି ଦେଇଯାଇଛି ଏକ ଅବିସ୍ମରଣୀୟ ମୂଲ୍ୟବୋଧ । ବାସ୍ତବିକ୍, ତୁମ ଜୀବନର ଇତିହାସ ଜାତିର ଏକ ଅମ୍ଳାନ ଅଭିଲେଖାଗାର ।

## ଜନ୍ମଭୂମିର ଆହ୍ୱାନ :

ଜନ୍ମଭୂମିର ସଂସ୍କୃତି ଗୋପବନ୍ଧୁଙ୍କୁ ଉଦ୍‌ବୁଦ୍ଧ କରିଥିଲା । ଏହି ପ୍ରେରଣାର ଉତ୍ସ ଉଚ୍ଛ୍ୱସିତ ହୋଇ ଉଠିଲା । ଜନ୍ମଭୂମିର ଦୁର୍ଦ୍ଦଶା ତାଙ୍କୁ କ୍ଷୁବ୍ଧ କରିଥିଲା । ବେଦନାର ଜ୍ୱଳନରେ ସେ ଜଳି ଉଠିଥିଲେ ବେଦନାର ଦହନ ଭିତରୁ ସଂସ୍କୃତିକୁ ଉଦ୍ଧାର କରିବା ପାଇଁ, ଦୁର୍ଦ୍ଦଶାରୁ ମୋଚନ କ... ପାଇଁ, ଦୃଢ଼ ସଂକଳ୍ପ ନେଇଥିଲେ । ଏହା ହିଁ ଥିଲା ତାଙ୍କ ଜୀବନର ପୁଣ୍ୟବ୍ରତ । ସେ ସ୍ପଷ୍ଟଭାବେ ଦେଖୁଥିଲେ, ହୃଦୟଭରି ଅନୁଭବ କରିଥିଲେ "ଭାରତ ସରସେ ଉତ୍କଳ କମଳ, ତା ମଧ୍ୟେ ସଞ୍ଚିତ କୈବଲ୍ୟ—କେଶର ପୁଣ୍ୟଧାମ ନୀଳାଚଳ" । ଜଗନ୍ନାଥ ଦାସଙ୍କର ଭାଗବତ ତାଙ୍କୁ ଦର୍ଶନ ମାର୍ଗ ପ୍ରଦର୍ଶନ କରିଥିଲା । ତାଙ୍କର ସକଳ ଚିନ୍ତା, କର୍ମ ସାଧନା ସେହି ପବିତ୍ର ଦୀକ୍ଷାରେ ଦୀପ୍ତ ହୋଇଉଠିଲା । ଏପରିକି ତାଙ୍କର ଲିଖନ, ଭାଷଣ ସବୁଥିରେ ସେହି ପୁଣ୍ୟଗୀତି, ଦୃପ୍ତ ଦୀକ୍ଷା ପ୍ରତିଫଳିତ ହୋଇଥିଲା । ସଂସ୍କୃତିର ନିର୍ଯ୍ୟାସକୁ ସେ ସାଉଁଟି ଆଣିଥିଲେ ଜଗନ୍ନାଥ ଦାସଙ୍କର ପବିତ୍ର ଭାଗବତରୁ । ସେ ଥିଲେ ଜୀବନ ଦର୍ଶନ ପେଟିକାର ସଂଗ୍ରାହକ ।

## ଧର୍ମପ୍ରାଣ ଗୋପବନ୍ଧୁ :

ଧର୍ମର ସ୍ୱରୂପ ସେବା, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା ଧର୍ମପ୍ରାଣ ଗୋପବନ୍ଧୁଙ୍କର ମୂଳମନ୍ତ୍ର ଥିଲା । ସେହିଠାରେ ଉଭା ଗୋପବନ୍ଧୁ ଯେଉଁଠାରେ ମରୁଡ଼ି, ମହାମାରୀ, ମଡ଼କ, ଝଡ଼ି, ବଢ଼ି ହୃଦୟମନ୍ଥନ ସୃଷ୍ଟି କରୁଥାଏ । ଦୁର୍ଦ୍ଦିନ ଆସିଥିଲା, ଅନାହାର, ହାହାକାର, ମହାମାରୀ ପକ୍ଷବିସ୍ତାର କରିଥିଲା, କିନ୍ତୁ ଭାଙ୍ଗି ପଡ଼ିନଥିଲେ ଅଟଳ ଗୋପବନ୍ଧୁ, ଦରିଦ୍ରର ବନ୍ଧୁ । ଛାତ୍ର, ସହକର୍ମୀ, ସହଯୋଗୀମାନଙ୍କୁ ନେଇ ପହଞ୍ଚୁଥିଲେ ଗୋପବନ୍ଧୁ ଲକ୍ଷ୍ୟ ସ୍ଥଳରେ । ଝଡ଼ି ବର୍ଷା ପରି ତାଙ୍କର ନୟନ ଯୁଗଳରୁ ଝରୁଥାଏ ଦୁଃଖ, ସମବେଦନାର ଝଡ଼ି ବର୍ଷାଧାର । ସେ ଚିନ୍ତା କରୁଥିଲେ ଗାଁ ଗହଳର ଲୋକେ କି ଦଶା ଭୋଗୁଥିବେ ! ଗୋପବନ୍ଧୁ ଦୁଃଖଭାର ସହ୍ୟ କରିନପାରି, ଶଙ୍କିତ

ଚୀର୍ଣ୍ଣ, ଶୀର୍ଣ୍ଣ ଧୋତି ପିନ୍ଧି, ସାରଲ୍ୟର ପ୍ରତିକ ସ୍ୱଦରଟିଏ ଘୋଡ଼ାଇ ହୋଇ ରାଜ ଦାଣ୍ଡରେ ବୁଲିଥାନ୍ତି । ରାଜଦାଣ୍ଡରେ ନିରାଶ୍ରୟା ସ୍ତ୍ରୀ ଲୋକଟିଏ ଭୋକ ଉପାସରେ ଅର୍ଦ୍ଧ ଉଲଗ୍ନ ଅବସ୍ଥାରେ ବାଟ ଭାଙ୍ଗି ଚାଲୁଥିବାର ଦେଖିଲେ, ସଙ୍କୋଚ ନକରି ନିଜ କାନ୍ଧରୁ ସ୍ୱଦର ଖଣ୍ଡିକ କାଢ଼ି, ଅଶ୍ରୁଳ ନୟନରେ କାହାକୁ ନଗୁହିଁ, ଉପେକ୍ଷିତ, ନିରାଶ୍ରୟା ସ୍ତ୍ରୀ ଲୋକ ଉପରକୁ ପକାଇ ଦେଇଥିଲେ । କି ମହନୀୟତା ! କି ଅଭୂତପୂର୍ବ ତ୍ୟାଗ ! ସେ ଚିନ୍ତାକରି ନଥିଲେ 'ଲଜ୍ଜା ନିବାରଣ' ସମାଜର ଏକ ମୁଖ୍ୟ ଦାୟିତ୍ୱ । ପ୍ରକୃତି ତାଙ୍କର ମାତା । ପ୍ରକୃତିର ପାଣି ପବନରେ ସମସ୍ତେ ବଞ୍ଚିଛନ୍ତି । ବଢ଼ି ପାଣି ଛୁଟିଛି, ଗାଈ ଗୋରୁ ଅନ୍ୟାନ୍ୟ ପଶୁପକ୍ଷୀ ଭାସି ଯାଉଛନ୍ତି । ପାଣି ପ୍ରଦୂଷିତ, କିନ୍ତୁ ତାଙ୍କର ଘୃଣା ନାହିଁ । ସେଥିରୁ ମୁନ୍ଦାଏ ପାଣି ପିଇଦେଇ ତୃଷା ମେଣ୍ଟାଉଥିଲେ । ଘୃଣା, ଆତ୍ମାଭିମାନର ବହୁ ଦୂରରେ ଥିଲେ ସେ । ଯେଉଁ ବ୍ୟକ୍ତିତ୍ୱ ସକଳ ଦୁଃଖ, ଦୁର୍ଦ୍ଦଶା ପଙ୍କ ଭିତରୁ ଜନ୍ମ ନେଇଛି, ତା'ର ଅହଂକାର, ଘୃଣା, ଭେଦଭାବ କେଉଁଠୁ ଆସିବ ? ତାଙ୍କର ମୃତ୍ୟୁରେ ମହାତ୍ମା ଗାନ୍ଧୀ 'ୟଙ୍ଗ୍ ଇଣ୍ଡିଆ' ପତ୍ରିକାରେ ଲେଖିଥିଲେ, "ଏକ ମହନୀୟ ବ୍ୟକ୍ତିତ୍ୱର ତିରୋଧାନ" । ଏହି ବ୍ୟକ୍ତିତ୍ୱ ଓଡ଼ିଶାର ଏକ ମହନୀୟ ସ୍ରଷ୍ଟା । ସେହି ଓଡ଼ିଶା ଦୁଃଖ, ଯାତନା ଓ ଲୋତକର ଏକ ଭୂଖଣ୍ଡ ମାତ୍ର । ଓଡ଼ିଶା ପାଇଁ ଗୋପବନ୍ଧୁ ତାଙ୍କର ସମସ୍ତ କିଛି ଅଜାଡ଼ି ଦେଇଥିଲେ ସହାସ୍ୟ ବଦନ ଓ ଅକୁଣ୍ଠ ଚିତ୍ତରେ । ଆଣ୍ଡ୍ରୁଜ୍ ସାହେବ ଲେଖିଥିଲେ ତାଙ୍କର ମାର୍ମିକ ବାଣୀ, "ପଲ୍ଲୀବାସୀଙ୍କ ପ୍ରତି ଗୋପବନ୍ଧୁଙ୍କ କରୁଣାଅତି ଅନ୍ତରଙ୍ଗ" ।

## ସଂସ୍କୃତିର ମୂଳ ମନ୍ତ୍ର :

ସଂସ୍କୃତିକୁ ବିଶ୍ୱଗ୍ରାସୀ କାଳ ମୁଖରୁ ଉଦ୍ଧାର କରିବା ପାଇଁ, ଦୁର୍ଦ୍ଦଶାରୁ ମୁକ୍ତି ପାଇବା ପାଇଁ ଏକାନ୍ତ ଆବଶ୍ୟକ ଶିକ୍ଷା ଓ ତା'ର ପ୍ରସାର । ସେତିକି ନୁହେଁ, କେବଳ ଶିକ୍ଷାର ଆଭିମୁଖ୍ୟ ପରିବର୍ତ୍ତନ ହିଁ ତା'ର ଏକ ମାର୍ଗ । ବନ୍ୟା ବିପତ୍ତି ବେଳେ ମହାବିଦ୍ୟାଳୟ ଛାତ୍ରମାନେ ନାଟକ ମଞ୍ଚସ୍ଥ କରିବା ପାଇଁ ଉଦ୍ୟମ କରୁଥିବା ସମୟରେ ସେ ପ୍ରକାଶ କରିଥିଲେ, "କୂ ଳ ବୁଡ଼ିଲା ବେଳକୁ ଘୋଡ଼ାମୁହାଁ ପୁଅ ଜନ୍ମ ନିଏ" । ଏହା ଏକ କଟୁ ମନ୍ତବ୍ୟ । ସେଥିପାଇଁ ତାଙ୍କର ଆଦର୍ଶକୁ ବିଶ୍ୱ ପ୍ରତିଷ୍ଠା କରିବା ପାଇଁ ଶିକ୍ଷାରେ ଦିଗ୍‌ଦର୍ଶନ ଦେବା ପାଇଁ, ଛାତ୍ରାବସ୍ଥାରୁ ଆଦର୍ଶକୁ ଆଭିମୁଖ୍ୟ ରୂପେ ଗ୍ରହଣ କରି ବିଦ୍ୟାଳୟ ଗଠନ କରିବା ପାଇଁ ସେ ଚିନ୍ତା କରିଥିଲେ । ଚିନ୍ତା ତାଙ୍କର ସାର୍ଥକତା ଲାଭ କଲା । ଚିନ୍ତା ପ୍ରସୂତ "ସତ୍ୟବାଦୀ ବନ ବିଦ୍ୟାଳୟ" ୧୯୦୯ ଖ୍ରୀ: ଅ:ରେ ଗଢ଼ି ଉଠିଲା । ସେଥିରେ ପ୍ରାଧାନ୍ୟଲାଭ କଲା ଗୁରୁକୁଳର ଆଦର୍ଶ, ତ୍ୟାଗ, ସେବା, ଶ୍ରଦ୍ଧା ଓ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନର ମାନଦଣ୍ଡ 'ଶିକ୍ଷା' । ସତ୍ୟବାଦୀ ବନ ବିଦ୍ୟାଳୟ ହେଲା ଏକ ସାଂସ୍କୃତିକ ଜାଗରଣ ପୀଠ । ଶିକ୍ଷାର ସକଳ ସ୍ତରରେ ଏହି ମହାନ୍ ଦୀକ୍ଷାର ପ୍ରବର୍ତ୍ତନ ହେଲା । ଏହି ଆଦର୍ଶ ଆହୁରି ସ୍ପଷ୍ଟ ହେଲା ଦ୍ୱିତୀୟ ଅଭିଜ୍ଞ "ସମାଜ ସେବା" କର୍ମ ସାଧନରେ । ଦୁର୍ଭିକ୍ଷ, ମହାମାରୀ, ମଡ଼କ, ଆତଙ୍କ ମଧ୍ୟରେ ଶିକ୍ଷକ, ଛାତ୍ର ଏକତ୍ରିତ ହୋଇ ସ୍ୱେଚ୍ଛାସେବକ ରୂପେ ବାହାରିଲେ । ଏହି ଶିକ୍ଷା ହେଲା ମହାନ୍ ଦୀକ୍ଷାର ପ୍ରଧାନ ଅଙ୍ଗ । ଏହି ବିଦ୍ୟାଳୟ ଥିଲା ଛାତ୍ର, ଶିକ୍ଷକ ଗଢ଼ିବାର ମହନୀୟ କର୍ମଶାଳା । ସ୍ୱଳ୍ପକାଳ ଭିତରେ ଏହି ବିଦ୍ୟାଳୟର ଖ୍ୟାତି ସୁଦୂର ପ୍ରସାରୀ ହେଲା । ଓଡ଼ିଶା ବାହାରୁ ବହୁ ଶିକ୍ଷାବିତ୍, ସମାଜସେବୀ, ବୁଦ୍ଧିଜୀବୀ, ସଂସ୍କାରକ ଏହି ଆଦର୍ଶ ଆଭିମୁଖ୍ୟ ନେଇ ଗଠିତ ବିଦ୍ୟାଳୟର ନବ କଳେବର, ତା'ର ବିଧିବିଧାନ ଦେଖି ମୁଗ୍ଧ ନହୋଇ ଭୂୟସୀ ପ୍ରଶଂସା ନକରି ରହିପାରିଲେ ନାହିଁ । ଗୋପବନ୍ଧୁଙ୍କ ଜୀବନର ଏହା ଥିଲା ଏକ ନୂତନ ଦିଗନ୍ତ ।

## ଆମାୟିକ ବ୍ୟକ୍ତିତ୍ୱ :

ନାମର ବିଶାଳତ୍ୱ ! ଔଦାର୍ଯ୍ୟ ! ଗାମ୍ଭୀର୍ଯ୍ୟ ! ତାଙ୍କ ବ୍ୟକ୍ତିତ୍ୱରେ ଥିଲା ଚୁମ୍ବକ ଭଳି ଆକର୍ଷଣୀ ଶକ୍ତି । ତଡ଼ିତ୍ ଭଳି ଯାଦୁ ବିଦ୍ୟାର ଚମତ୍କାରିତା । ସେହି ମୋହିନୀ ଶକ୍ତିରେ ଆକର୍ଷିତ ହେଲେ, ମନ୍ତ୍ରମୁଗ୍ଧ ହେଲେ ନୀଳକଣ୍ଠ, ହରିହର, ଗୋଦାବରୀଶ ଓ କୃପାସିନ୍ଧୁ । ତା'ପରେ ଆସିଲେ ଆହୁରି ଅନେକ । ପଣ୍ଡିତ, ମନସ୍ୱୀ, କୃତବିଦ୍ୟ, ନିଷ୍ଠାପର ଯୁବକମାନେ ସମାବେଶରେ 'ସତ୍ୟବାଦୀ ବନ ବିଦ୍ୟାଳୟ' ମହାନ୍ ମନ୍ଦିର ରୂପେ ଉଭାହେଲା । ଗୋପବନ୍ଧୁ ଥିଲେ ବିଦ୍ୟା ମନ୍ଦିରର 'ଦଧିନଉତି' । ସେହି ବିଦ୍ୟାଳୟର ଅବସାନ ଘଟିଛି କାଳର କ୍ରୂର କଟାକ୍ଷରେ । ନୀଳକଣ୍ଠଙ୍କ ଭାଷାରେ, 'ଶ୍ମଶାନ ପାଲଟି ଯାଇଛି । ସେହି ପୁଣ୍ୟ ଭୂମିରେ ଗୋଟିଏ ହାଇସ୍କୁଲ୍ ମାତ୍ର 'ସତ୍ୟବାଦୀ' ନାମରେ ନାମିତ ହୋଇ ରହିଯାଇଛି । କର୍ପୂର ଉଡ଼ିଯାଇଛି, ମାତ୍ର କନା ଖଣ୍ଡିକ ପଡ଼ି ରହିଛି । ସ୍ମୃତି କିନ୍ତୁ ଅପାସୋରା । କବିଙ୍କ ଭାଷାରେ :

> 'ଭାଙ୍ଗିଛି ବାଉଁବାଟୀ, ସେ ଶିରୀ ଯାଇଛି ତୁଟି,
> ରହି ସେ ଯଶ ମିଶି ଜଳେ, ସ୍ଥଳେ, ପବନେ ।'

ସତ୍ୟବାଦୀ ପ୍ରତି ଏହି ଉକ୍ତି ଏକାନ୍ତ ପ୍ରଯୁଜ୍ୟ । ପଣ୍ଡିତ ନୀଳକଣ୍ଠ ତାଙ୍କ ଜୀବନ ସାୟାହ୍ନରେ ଲେଖିଛନ୍ତି, 'ସତ୍ୟବାଦୀ ବନ ବିଦ୍ୟାଳୟ ମୋ ପକ୍ଷେ ଏବେ ବି ଇତିହାସ ନୁହେଁ । ସତ୍ୟ ଓ ପ୍ରଗତିଶୀଳ କର୍ମର ମୂକସାକ୍ଷୀ ।'

## ସତ୍ୟବାଦୀର ଅବଦାନ :

ଅବିସ୍ମରଣୀୟ ଅବଦାନ ଜସୋତୀର୍ଣ୍ଣ ସାହିତ୍ୟ । ଜାତୀୟ ସଂସ୍କୃତିର ଅଭିବ୍ୟକ୍ତି ଏ 'ସାହିତ୍ୟ'ର ଆଧାର । ଏହି ଦୀକ୍ଷାରେ ପ୍ରଣୋଦିତ ହୋଇଥିଲେ ଗୋପବନ୍ଧୁ । ଏହି ମନ୍ତ୍ରରେ ଦୀକ୍ଷିତ ହୋଇଥିଲେ ତାଙ୍କର ସହକର୍ମୀବୃନ୍ଦ । ସେହି ପ୍ରାଣସ୍ପର୍ଶୀ ଭାବର ପ୍ରସୂନ ଏହି ସାହିତ୍ୟ । ସାହିତ୍ୟିକମାନେ ଏହାକୁ ସତ୍ୟବାଦୀ ଯୁଗ ରୂପେ ଆଖ୍ୟାୟିତ କରିଥିଲେ । ଗୋପବନ୍ଧୁଙ୍କ କବିତାରେ ଉଦ୍‌ବୋଧନୀ ସଙ୍ଗୀତର ମୂର୍ଚ୍ଛନା ପରିସ୍ଫୁଟ । ସମାଜର ସ୍ମୃତି, ଜନତାର ଦୁଃଖ ଦୁର୍ଦ୍ଦଶାର କାହାଣୀ ଉପସ୍ଥାପନ କରିବା ପାଇଁ ଅନ୍ୟାୟ, ଅବିଚାର ବିରୁଦ୍ଧରେ ସାହସିକ ଅଭିଯାନ କରିବା ପାଇଁ ଗୋପବନ୍ଧୁଙ୍କର ରଚନାଶୈଳୀ, ପଦ୍ୟ ସାହିତ୍ୟରେ ଆଣିଲା ନୂତନ ଦିଗ୍‌ଦର୍ଶନ । ସେ ଏକାଧାରରେ ସୁଲେଖକ ଓ ସୁବକ୍ତା । ତାଙ୍କର ଭାବର ସାମୃତ ଓଜସ୍ୱିନୀ ଭାଷା, ଭାବଉଦ୍ଦୀପକ ବିଗଳିତ କଣ୍ଠ ବିରାଟ ଜନତାକୁ କନ୍ଦାଇ ଓ ହସାଇ ମନ୍ତ୍ରମୁଗ୍ଧ କରିପାରୁଥିଲା । ଏହା ଥିଲା ତାଙ୍କ ସାହିତ୍ୟ ସୃଷ୍ଟିର ଏକ ବୈଶିଷ୍ଟ୍ୟ । ସମାଲୋଚକ ହିସାବରେ ତାଙ୍କର ବ୍ୟକ୍ତିତ୍ୱ ଅନବଦ୍ୟ । ଏପରିକି ଓଡ଼ିଶାର ବିଧାନ ସଭାରେ ସେ ସରକାରଙ୍କୁ କଟୁ ସମାଲୋଚନା କରିବାକୁ କୁଣ୍ଠିତ ହେଉନଥିଲେ । ତାଙ୍କର ଅନୁପସ୍ଥିତିରେ ଆଲୋଚନା ସଭା ଲାଟ୍ ସାହେବଙ୍କୁ ଆନନ୍ଦ ଦେଉନଥିଲା । ବାସ୍ତବିକ୍ ଏହି କୃତିତ୍ୱ ଓ ସକଳ ବିଭବ ସମ୍ଭାରର ମୂଳରେ ଥିଲା ତାଙ୍କର ଜାତୀୟ ସଂସ୍କୃତି

ପ୍ରତି ପ୍ରଗାଢ଼ ଅନୁରାଗ ଓ ଲୋକମାନଙ୍କର ଦୁଃଖ ଦୁର୍ଦ୍ଦଶା ପ୍ରତି ପ୍ରାଣସ୍ପର୍ଶୀ ସମବେଦନା ।

ତାଙ୍କ ଭାଷାରେ :

"ଏ ଜଗତ ବ୍ୟାପ ମହାମଖଶାଳ, ନର ନାରୀ ଯଜମାନ,
ସେହି କୃତୀ ଯେ ପର ହିତେ କରେ, ଜୀବନ
ଆହୁତି ଦାନ ।

## ଅସହଯୋଗ ଆନ୍ଦୋଳନ :

ଅସହଯୋଗ ଆନ୍ଦୋଳନ ଜାତୀୟ ଆନ୍ଦୋଳନର ଏକ ଆଭିମୁଖ୍ୟ । ୧୯୨୧ ମସିହା କଂଗ୍ରେସ ଅଧିବେଶନରେ ଯୋଗଦେଇ ଗୋପବନ୍ଧୁ ଫେରି ଆସିଲେ । ତାଙ୍କର ଦୁଇଟି ଅଭିଷ୍ଟ ସାଧନ ପାଇଁ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ ଦେବାକୁ ସେ ମନସ୍ଥ କଲେ । ତାଙ୍କ ରକ୍ତ ବିନ୍ଦୁରେ ଗଢ଼ି ଉଠିଥିବା 'ସତ୍ୟବାଦୀ ବନ ବିଦ୍ୟାଳୟ'କୁ ଜାତୀୟ ବିଦ୍ୟାଳୟରେ ପରିଣତ କରିବା ପାଇଁ ସଙ୍କଳ୍ପବଦ୍ଧ ହେଲେ । ମଦନମୋହନ ମାଲବ୍ୟ ବନାରସ ବିଶ୍ୱବିଦ୍ୟାଳୟକୁ ସ୍ୱାଧୀନତା ଆନ୍ଦୋଳନର ବହ୍ନିରେ ପ୍ରବେଶ କରିବାକୁ ଦେଲେନାହିଁ, ମାତ୍ର ଗୋପବନ୍ଧୁ ସତ୍ୟବାଦୀ ବିଦ୍ୟାଳୟକୁ ଅସହଯୋଗ ଆନ୍ଦୋଳନ ଭିତରକୁ ଟାଣିନେଲେ । ଏହି ନିଷ୍ପତ୍ତିରେ ବହୁ ମତ ପାର୍ଥକ୍ୟ ଦେଖାଦେଇଥିଲା, କିନ୍ତୁ ଗୋପବନ୍ଧୁ ପଥର ପରି ଅଟଳ ରହି ସତ୍ୟବାଦୀ ବନ ବିଦ୍ୟାଳୟକୁ ସ୍ୱାଧୀନତା ସଂଗ୍ରାମର ଅଙ୍ଗୀଭୂତ କରିବା ପାଇଁ ନିଜର ଦୁଇଟି ଅଭିଷ୍ଟ ସାଧନ ଉଦ୍ଦେଶ୍ୟରେ ଏକ ପ୍ରାଣରେ ମତ ପାର୍ଥକ୍ୟର ପ୍ରାଚୀରକୁ ଲଙ୍ଘନ କରିଥିଲେ । ସଙ୍କଳ୍ପ ହିଁ ସଙ୍କଳ୍ପ, ତାର ବିକଳ୍ପ ବା ଛଳନା ନାହିଁ ।

କର୍ଣ୍ଣଧାର ସବୁ କାଳରେ ଦୃଢ଼ ଓ ଅବିଚଳିତ । ଜଣେ ନିଷ୍ଠାପର ଜାତୀୟ ସମରର ସେନାପତି ହିସାବରେ, ଗୋପବନ୍ଧୁ ଆଗେଇ ଚାଲିଲେ । ଭାରତର ଜନନାୟକ, ସ୍ୱାଧୀନତା ସଂଗ୍ରାମୀମାନଙ୍କ ସହ ଯନ୍ତ୍ରଣା, ଯାତନା, ପ୍ରପୀଡ଼ନ ଭୋଗକରି କାରାବରଣ କଲେ । ତିଳେମାତ୍ର ନଥିଲା ତାଙ୍କର ଅବସାଦ, ଦୁଃଖ ଓ କ୍ଷୁଧା । ତାଙ୍କର କର୍ମକ୍ଷେତ୍ରର କେନ୍ଦ୍ରସ୍ଥଳୀ କର୍ମ ପର୍ଯ୍ୟାୟରେ ସତ୍ୟବାଦୀରୁ ପୁରୀ ଓ ପୁରୀରୁ କଟକକୁ ଘୁଞ୍ଚିଲା । ଏହାର ବ୍ୟାପ୍ତି ଉତ୍କଳ ସୀମା ଅତିକ୍ରମ କରି ଭାରତର ବିଭିନ୍ନ ସ୍ଥାନକୁ ବ୍ୟାପ୍ତ ହେଲା । କିଏ କହିବ କାଳର ନିଷ୍ପତ୍ତି ! ୧୯୨୮ ମସିହା ଜୁନ୍ ୧୭ ତାରିଖ ଓଡ଼ିଶା ନୀଳାକାଶରେ ନୁହେଁ, ଭାରତର ନୀଳାକାଶରେ ଏକ ସୂର୍ଯ୍ୟପତନ ହେଲା । ପ୍ରତ୍ୟାବର୍ତ୍ତନ କଲେ ଗୋପବନ୍ଧୁ ତାଙ୍କର ଅତି ପ୍ରିୟ, ପ୍ରାଣର କେନ୍ଦ୍ର ବିନ୍ଦୁ ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରାକୃତିକ ସୁମୋହନ ପରିବେଶ ମଧ୍ୟକୁ । ସେହିଠାରେ ଜାତୀୟ ଆକାଶରୁ ଏକ ଉଜ୍ଜ୍ୱଳ ତାରକାର କକ୍ଷଚ୍ୟୁତ ହେଲା । ଶେଷ ନିଶ୍ୱାସ ତ୍ୟାଗ କଲେ ବାବନ ବର୍ଷରେ । ଏକ ମହିମାମୟ ଜୀବନର ଅବସାନ ଘଟିଲା । ଜାତି ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ "ଜନ୍ମିଷ୍ଠ ଅଙ୍କ ତା ୯-୧୦-୧୮୭୭ ଓ ତିରୋଧାନ ଅଙ୍କ ତା ୧୭-୬-୧୯୨୮ ।" କବିଙ୍କ କଣ୍ଠରେ ତାଙ୍କ ସ୍ମୃତିର ଅଶ୍ରୁଳ ପ୍ରତିଲିପି :

"ସ୍ୱଗୁଣ ବିକାଶି ନିମିଷେ ମରିବା ଶ୍ରେୟ,
ଅର୍ଥହୀନ ଏ ଦୀର୍ଘ ଜୀବନ ବିଶ୍ୱରେ ଅତି ହେୟ ।"

ଗୋପବନ୍ଧୁଙ୍କ ଜୀବନୀ ଏକ ଜୀବନ୍ତ ଇତିହାସ । ଜାତିର ରକ୍ତବିନ୍ଦୁ ତ୍ୟାଗ, ତିତିକ୍ଷା, ସହନଶୀଳତା, ସେବା, ଶ୍ରଦ୍ଧା ଓ ସାହସରେ ପରିପୁଷ୍ଟ । ଚିର ନମସ୍ୟ, ଚିର ଧ୍ୟେୟ, ଚିର ଶ୍ରେୟ, ଚିର ପ୍ରିୟ ତୁମେ କୋଟି ଜନତାର ସାଥି ଓ ଏ ଜାତିର ତୁମେ ଅମ୍ଳାନ ଆଲେଖ୍ୟ, ସାର୍ଥକତାର ଅଭିଲେଖାଗାର, ଏକ ମହାନ ଅନୁଷ୍ଠାନ । ପୂଜ୍ୟ ପୂଜାର ଯୁଗାନ୍ତକାରୀ ସଂସ୍କାର । ତୁମେ ଚିର ଯୋଗୀ, ଅମର, ଅକ୍ଷୟ ଓ ଅଜେୟ । ଯଶ ଦେହ ତୁମର ଚିର ଆୟୁଷ୍ମାନ ।

ଉଚ୍ଚ ହେବା ପାଇଁ କର ଯେବେ ଆଶା,
ଉଚ୍ଚ କର ଆଗେ ନିଜ ମାତୃଭାଷା ।

—ଗଙ୍ଗାଧର ମେହେର

# କିଷାନ ବିକାଶ ପତ୍ର

- ମୂଳ ଜମା ୫ ୧/୨ ବର୍ଷରେ ଦୁଇଗୁଣ ହୁଏ । ସୁଧର ହାର ଶତକଡ଼ା ବାର୍ଷିକ ୧୩.୪୩ ଚକ୍ରବୃଦ୍ଧି । ୧୦୦ ଟଙ୍କା, ୫୦୦ ଟଙ୍କା, ୧,୦୦୦ ଟଙ୍କା, ୫,୦୦୦ ଟଙ୍କା ଏବଂ ୧୦,୦୦୦ ଟଙ୍କା ମୂଲ୍ୟର "କିଷାନ ବିକାଶ ପତ୍ର" ଡାକଘରେ କିଣିବାକୁ ମିଳିବ ।
- ଜମା ଦେବାର ସର୍ବୋଚ୍ଚ ସୀମା ନାହିଁ ।
- ବ୍ୟକ୍ତି ବିଶେଷ, ବ୍ୟାଙ୍କିଂ କମ୍ପାନୀ, କର୍ପୋରେସନ୍, ରେଜିଷ୍ଟ୍ରିଭୁକ୍ତ ଅନୁଷ୍ଠାନ, ଲୋକାଲ୍‌ବଡି ଏବଂ କୋଅପରେଟିଭ୍ ଅନୁଷ୍ଠାନ ପ୍ରଭୃତି ଏହି ସାର୍ଟିଫିକେଟ୍‌ରେ ଟଙ୍କା ଜମା ଦେଇପାରିବେ ।
- ୨ ୧/୨ ବର୍ଷ ପରେ ସାର୍ଟିଫିକେଟ୍ ଭଙ୍ଗାଯାଇ ପାରିବାର ସୁବିଧା ଅଛି । ଏ କ୍ଷେତ୍ରରେ ସମାନୁପାତିକ ସୁଧ ମଧ୍ୟ ମିଳିବ ।
- ସାର୍ଟିଫିକେଟ୍ ହଜିଗଲେ, ଚୋରି ହୋଇଗଲେ, ନଷ୍ଟ କିମ୍ବା ବିରୂପ ହୋଇଗଲେ ଆଉ ଏକ ସାର୍ଟିଫିକେଟ୍ ମିଳିବାର ସୁବିଧା ଅଛି ।
- ଜମାକାରୀଙ୍କୁ ଚିହ୍ନୋଟ ପତ୍ର ମିଳିବାର ବ୍ୟବସ୍ଥା ଅଛି । କ୍ଷମତାପ୍ରାପ୍ତ ଏଜେଣ୍ଟମାନଙ୍କ ଜରିଆରେ ମଧ୍ୟ ଏହି ସାର୍ଟିଫିକେଟ୍ କିଣାଯାଇ ପାରିବ ।

**ନିକଟସ୍ଥ ଡାକଘରେ ଅନୁସନ୍ଧାନ କରନ୍ତୁ ।**

## ପ୍ରୋତ୍ସାହନ ଯୋଜନା :

କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ନିର୍ଦ୍ଦିଷ୍ଟ ଆର୍ଥିକ ବର୍ଷରେ ଯଦି ଏହି ସାର୍ଟିଫିକେଟ୍‌ରେ ସର୍ବନିମ୍ନ ୧୦ ଲକ୍ଷ ଜମା କରନ୍ତି, ଆମ ରାଜ୍ୟ ସରକାର ସେହି ବ୍ୟକ୍ତି କିମ୍ବା ଅନୁଷ୍ଠାନକୁ ଜମା ଉପରେ ଶତକଡ଼ା ୧ ଭାଗ ନଗଦ ଅର୍ଥ ଆକାରରେ ଦେଇଥାନ୍ତି ।

ସ୍ୱଳ୍ପ ସଞ୍ଚୟ ସଙ୍ଗଠନ

ଅର୍ଥ ବିଭାଗ, ଓଡ଼ିଶା ସରକାର

# ଦାରିଦ୍ର୍ୟ ଦୂରୀକରଣ ଦିଗରେ ଅଗ୍ରଗତି

*ଶ୍ରୀ ଚଣ୍ଡୀଚରଣ ରାଉତରାୟ*

ଭାରତ ସ୍ୱାଧୀନ ହେବାର ୪୩ ବର୍ଷ ବିତିଗଲାଣି । ୧୯୪୭ ମସିହା ଅଗଷ୍ଟ ୧୫ର ଭାସ୍ୱର ସ୍ମୃତି ଆଜି ବି ଆମକୁ ଅଗ୍ରଗତି ପଥରେ ଉତ୍ସାହିତ କରୁଛି । ଆତ୍ମନିର୍ଭରଶୀଳତା ପାଇଁ ଆମର ପ୍ରୟାସ ଅପ୍ରତିହତ ରହିଛି । କିନ୍ତୁ ଦାରିଦ୍ର୍ୟର ଉତ୍ପୀଡ଼ନ ଏଯାଏଁ ଶେଷ ହୋଇନାହିଁ । ପ୍ରାକୃତିକ ସମ୍ପଦର ବିନିଯୋଗରେ ସମୃଦ୍ଧ ଭବିଷ୍ୟତ ନିର୍ମାଣର ସ୍ୱପ୍ନ କ୍ରମଶଃ ବାସ୍ତବତାର ରୂପାୟିତ ହେଉଛି । ସୁପରିକଳ୍ପିତ ଯୋଜନା ଦ୍ୱାରା ସୁଫଳ ମିଳିବାର ଆଶା ରହିଛି ।

ଭାରତବର୍ଷର ଲୋକସଂଖ୍ୟା ୧୯୮୧ ମସିହା ଜନଗଣନା ଅନୁସାରେ ଯାହା ଥିଲା ଏବେ ୧୯୯୧ ମସିହା ବେଳକୁ ୨୦୦ କୋଟିରେ ପହଞ୍ଚିବାର ସମ୍ଭାବନା ।

ବହୁ ସଂଗ୍ରାମ ଓ ସାଧନା ପରେ ଓଡ଼ିଶା ୧୯୩୬ ମସିହାରେ ଏକ ସ୍ୱତନ୍ତ୍ର ପ୍ରଦେଶ ହେଲା । ଓଡ଼ିଶାର ଅର୍ଥନୀତି ସମୀକ୍ଷା କଲେ ଜଣାପଡ଼େ ଯେ ଓଡ଼ିଶା ଭାରତର ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ବହୁଦିନ ଧରି ଏକ ଅନଗ୍ରସର ରାଜ୍ୟ ହୋଇ ରହିଛି । ହରିଆନା, ପଞ୍ଜାବ, ମହାରାଷ୍ଟ୍ର ପ୍ରଭୃତି ରାଜ୍ୟମାନଙ୍କରେ ଦାରିଦ୍ର୍ୟ ସୀମାରେଖା ତଳେ ଅଳ୍ପ ସଂଖ୍ୟକ ଲୋକ ଥିବାବେଳେ ଆମ ରାଜ୍ୟରେ ବହୁ ସଂଖ୍ୟକ ଲୋକ ଏବେ ସୁଦ୍ଧା ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି । ଭାରତ ସରକାରଙ୍କ ସମୀକ୍ଷକ ଦଳଙ୍କର ରିପୋର୍ଟ ଅନୁଯାୟୀ ଓଡ଼ିଶାର ଶତକଡ଼ା ୮୫ ଭାଗ ଲୋକ ଦାରିଦ୍ର୍ୟର ସୀମାରେଖା ତଳେ ଅଛନ୍ତି ।ଷଷ୍ଠ ଯୋଜନା ପୂର୍ବରୁ ଓଡ଼ିଶାର ୬୬ ଭାଗ ଲୋକ ଦାରିଦ୍ର୍ୟର ସୀମାରେଖା ତଳେ ଥିଲେ । ଆମର ଅର୍ଥନୀତି ଅତି ଦୁର୍ବଳ ଓ ପ୍ରାଣହୀନ ହୋଇପଡ଼ିଥିଲା । ଓଡ଼ିଶାର ମୁଣ୍ଡ ପିଛା ଆୟ ଭାରତର ସବୁ ରାଜ୍ୟଠାରୁ କମ୍ । କେବଳ ବିହାରର ସ୍ଥାନ ଓଡ଼ିଶା ପଛରେ ଅଛି । ଜଳ, ଖଣିଜ, ବନଜାତ ସଂପଦ ସବୁ ଓଡ଼ିଶାରେ ପ୍ରଚୁର ରହିଥିଲା ବେଳେ ଏବଂ ସେହି ରାଜ୍ୟର ସ୍ଥାନ ଦେଶର ଅନ୍ୟ ରାଜ୍ୟ ତୁଳନାରେ ଉନ୍ନତର ଥିବାବେଳେ ପ୍ରାକୃତିକ ସମ୍ପଦର ଉପଯୁକ୍ତ ବ୍ୟବହାର ହୋଇ ପାରୁନାହିଁ । ଫଳରେ ସମୃଦ୍ଧ ରାଜ୍ୟ ରୂପେ ଓଡ଼ିଶା ଅଗ୍ରଗଣ୍ୟ ହୋଇପାରୁନାହିଁ । ୧୯୮୧ ମସିହା ଜନଗଣନା ଅନୁସାରେ ଓଡ଼ିଶାର ଲୋକସଂଖ୍ୟା ୨ କୋଟି ୬୩ ଲକ୍ଷରୁ ଅଧିକ ଏବଂ ଶତକଡ଼ା ୭୬ ଜଣ ଓଡ଼ିଶାରେ କୃଷି ଉପରେ ନିର୍ଭର କରନ୍ତି ।

ରାଷ୍ଟ୍ରୀୟ ମୋର୍ଚ୍ଚା ସରକାରଙ୍କ ଅମଳରେ କୌଣସି ଯୋଜନା ସମ୍ପୂର୍ଣ୍ଣ ହେବା ପୂର୍ବରୁ ତାହାର ଆନୁମାନିକ ଖର୍ଚ୍ଚ ଯେପରି ଅଧିକ ନହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ପ୍ରଧାନମନ୍ତ୍ରୀ ଶ୍ରୀ ବିଶ୍ୱନାଥ ପ୍ରତାପ ସିଂହ ମତ ଦେଇଛନ୍ତି । ଦେଶରେ ୪୦ ହଜାର କୋଟି ଟଙ୍କାର କଳାଧନ ରହିଛି । ତେଣୁ କଳାଧନକୁ ବାସଗୃହ ନିର୍ମାଣ ଯୋଜନାରେ ବିନିଯୋଗ କରାଯିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ପ୍ରଫେସର ମଧୁ ଦଣ୍ଡବତେ କଲିକତା ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ସ୍ୱର୍ଣ୍ଣ ନିୟନ୍ତ୍ରଣ ଆଇନ୍ ଉଠାଇ ଦେବାର ଲକ୍ଷ୍ୟ ହେଉଛି କ୍ଷୁଦ୍ର ସ୍ୱର୍ଣ୍ଣକାରମାନଙ୍କୁ ଅଯଥା ହଇରାଣରୁ ମୁକ୍ତ କରିବା । ସ୍ୱର୍ଣ୍ଣ ରପ୍ତାନି ହ୍ରାସ କରାଯିବ । ଭାରତରୁ ଲୁଚକୁ ରପ୍ତାନି କରାଯାଉଥିବା ସୁନାର ପରିମାଣ ଯଥେଷ୍ଟ ହ୍ରାସ କରାଯିବ । ନିର୍ମିତ ମୂଲ୍ୟ ମଧ୍ୟ ହ୍ରାସ ପାଇବ ।

ଅଷ୍ଟମ ଯୋଜନାର ଚିଠା ପ୍ରସ୍ତାବରେ ଉତ୍ପାଦନ ବୃଦ୍ଧିର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଧାର୍ଯ୍ୟ କରିବା ପାଇଁ ଏବଂ ଦରିଦ୍ର ଶ୍ରେଣୀର ଲୋକମାନଙ୍କ ବିକାଶମୂଳକ କାର୍ଯ୍ୟରୁ ଯେପରି ଫାଇଦା ଉଠାପାଇ ପାରିବେ ସେଥିପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀ ପ୍ରଫେସର ମଧୁ ଦଣ୍ଡବତେ ଓ ଶିଳ୍ପମନ୍ତ୍ରୀ ଅଜିତ୍ ସିଂହ ଗୁରୁତ୍ୱ ଆରୋପ କରିଛନ୍ତି ।

ଭାରତର ପ୍ରଧାନମନ୍ତ୍ରୀ ତାଙ୍କର ଅଭିଭାଷଣରେ କହିଛନ୍ତି "ଭାରତ ଏହାର ଗ୍ରାମଗୁଡ଼ିକରେ ବାସକରେ । ଆଜିକାଲି ଏହା ଶ୍ରମଶକ୍ତି ଓ ପ୍ରତିଭା ବାହାରକୁ ଗଲିଯାଉଛି । ଏହି ଅବସ୍ଥା

ରହିଲେ ଗ୍ରାମଗୁଡିକର ଅର୍ଥନୈତିକ ହିସାବରେ ଦୁର୍ବଳ ହୋଇ ରହିଥିବେ, ଦେଶରେ ବିନିଯୋଗ କରାଯାଉଥିବା ଅର୍ଥର ଅର୍ଦ୍ଧେକ ଗ୍ରାମାଞ୍ଚଳରେ ଲଗାଇବା ପାଇଁ ସଂକଳ୍ପ ନେଇଛନ୍ତି । ଚାଷୀ ଏବଂ ଶ୍ରମିକମାନଙ୍କର ଅବସ୍ଥା ଖରାପ ଆଡକୁ ଗତି କରୁଛି । ଦୁର୍ବଳମାନଙ୍କୁ ସାହାଯ୍ୟ କରିବା ପାଇଁ ଅଦମ୍ୟ ଚେଷ୍ଟା ଚାଲିଛି । ସେମାନେ ପରିଶ୍ରମ ବଦଳରେ ଋଣଭାର ଓ ଦାରିଦ୍ର୍ୟ ମିଳିଛି । କ୍ଷୁଦ୍ରଚାଷୀ, ଭୂମିହୀନ ଶ୍ରମିକ, କ୍ଷେତ ମଜୁରିଆ, କାରିଗର, କୁମ୍ଭାକାର ଓ ତନ୍ତୀମାନଙ୍କୁ ଋଣ ଯୋଗାଇ ଦିଆଯିବ । କୃଷି, ଶିଳ୍ପ ଉତ୍ପାଦର ପ୍ରସାର କରିବାକୁ ପଡିବ । କୃଷି ଏବଂ କୃଷିଭିତ୍ତିକ ଶିଳ୍ପଗୁଡିକୁ ଗଠନମୂଳକ ଭାବରେ ସାହାଯ୍ୟ କରାଯିବ । ତଫସିଲଭୁକ୍ତ ଜାତି ଓ ଉପଜାତିର ବହୁସଂଖ୍ୟକ ଲୋକମାନଙ୍କର ବାସସ୍ଥଳ ନାହିଁ । ସେମାନଙ୍କୁ ଘର ଯୋଗାଇବାକୁ ପଡିବ । ଦୁର୍ବଳ ଶ୍ରେଣୀର ଲୋକମାନେ ଦୁଃଖସାଗର ଭିତରେ ଗାଧୋଉଥିଲାବେଳେ ତାଙ୍କୁ ସାମାଜିକ ନ୍ୟାୟ ଦିଆଯିବ । ମହିଳାମାନଙ୍କୁ ଜାତୀୟ ମୁଖ୍ୟଧାରାରେ ଅନ୍ତର୍ଭୁକ୍ତ କରିବାକୁ ହେବ । ସଂଖ୍ୟାଲଘୁ ସଂପ୍ରଦାୟର ଲୋକମାନଙ୍କୁ ସାହାଯ୍ୟ କରିବାକୁ ସରକାର ସଂକଳ୍ପବଦ୍ଧ । ବେକାରମାନଙ୍କ ପାଇଁ କାର୍ଯ୍ୟ ସୃଷ୍ଟି କରିବାକୁ ହେବ କିନ୍ତୁ ସମସ୍ତଙ୍କୁ ସରକାରୀ ଚାକିରି ମିଳିବାର ସମ୍ଭାବନା ନାହିଁ । ଲୋକମାନଙ୍କର ଏକ ରାଜନୈତିକ ଅଧିକାର ରହିବ ତେବେ ଆସେମାନେ ଆଶା କରିବା ଏକତାରେ ଆମେ ତିଷ୍ଠିବା" ।

ସମଗ୍ର ରାଜ୍ୟରେ ମୋଟ କୃଷି ଜମିର କେବଳ ୨୦ ଭାଗ ଉପରେ ଜଳସେଚନର ବ୍ୟବସ୍ଥା ରହିଛି । ବଡ ବଡ ପ୍ରକଳ୍ପଗୁଡିକ ଠିକ୍ ସମୟରେ ସମ୍ପୂର୍ଣ୍ଣ ନହେଲେ ମଧ୍ୟ ଛୋଟ ଛୋଟ ପ୍ରକଳ୍ପଗୁଡିକ ସମ୍ପୂର୍ଣ୍ଣ କରି କୃଷିର ଉତ୍ପାଦନ ବୃଦ୍ଧି କରିବା ଆବଶ୍ୟକ । ଓଡିଶାର ଜଙ୍ଗଲ ଭୂମିର ପରମାଣ ୪୨ ଭାଗ ଥିଲାବେଳେ ଶତକଡା ୨୦ ଭାଗକୁ କମି ଆସିଛି ଏବଂ ଜଙ୍ଗଲ ଧ୍ୱଂସ ହେବାରୁ ପରିବେଶ ଦୂଷିତ ହେବାରେ ଲାଗିଛି । ଅର୍ଥମନ୍ତ୍ରୀ ଶ୍ରୀଯୁକ୍ତ ଦଣ୍ଡବତେ ଖର୍ଚ୍ଚକାଟ ପାଇଁ କଠୋର ନିର୍ଦ୍ଦେଶ ଦେଇଛନ୍ତି । ଆମର ଆୟ ହେଉଥିବା ଗୋଟିଏ ଟଙ୍କାରୁ ୩୫ ପଇସା ଯାଉଛି ଋଣ କରିଥିବା ସୁଧ ଆଡକୁ ଓ ପରିଶୋଧ ବାବଦକୁ । ୪୩ ପଇସା ଯାଉଛି ବିଭିନ୍ନ ରାଜ୍ୟମାନଙ୍କୁ ତାଙ୍କର ଅଂଶ ସ୍ୱରୂପ, ବାକି ଯେଉଁ ୨୨ ପଇସା ରହୁଛି ତାହା କେନ୍ଦ୍ର ସରକାରଙ୍କ ଯୋଜନା ଓ ଅନ୍ୟ କାର୍ଯ୍ୟ ପାଇଁ ରହୁଛି । ଦେଶର ଆର୍ଥିକ ପରିସ୍ଥିତି ସପ୍ତମ ପଞ୍ଚବାର୍ଷିକ ଯୋଜନା ଶେଷରେ ଯାହା ହେବାର ଥିଲା ତାହା ଆହୁରି ଖରାପ ଆଡକୁ ଗତି କରୁଛି । ବଜେଟ୍‌ରେ ଟିକସ ଭାର ବଢାଇ ମଧ୍ୟ ଅର୍ଥମନ୍ତ୍ରୀ ସମ୍ବଳର ଅଭାବ ଭୋଗୁଛନ୍ତି କରି ରାଜ୍ୟ ସରକାର ଓ ସମସ୍ତ ମନ୍ତ୍ରଣାଳୟମାନଙ୍କୁ ସରକାରୀ ଖର୍ଚ୍ଚ ଶତକଡା ୧୦ ଭାଗ କମାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ ବର୍ଷକୁ ୫,୦୦୦ (ପାଞ୍ଚ ହଜାର) କୋଟି ଟଙ୍କା ବଞ୍ଚିବ । ପେଟ୍ରୋଲ ଓ ଡିଜେଲ ଉପରେ ମଧ୍ୟ କଟକଣା ଜାରି କରାଯାଇଅଛି, ଅତୀତରେ ଗ୍ରାମାଞ୍ଚଳର ବେକାରୀ ଦୂରୀକରଣ ପାଇଁ ଜବାହାର ରୋଜଗାର ଯୋଜନା ନାମରେ ଏକ ନୂଆ ଯୋଜନା କରାଗଲା । ଅନ୍ୟ ପ୍ରଦେଶମାନେ ଓଡିଶା ତୁଳନାରେ ବେଶୀ ଅର୍ଥ ନେଇଛନ୍ତି କିନ୍ତୁ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ମଧ୍ୟରୁ ଜଣକୁ ବର୍ଷରେ ଅନ୍ତତଃପକ୍ଷେ ୨୦ ଦିନ ପାଇଁ ମଧ୍ୟ କାମ ଯୋଗାଇ ଦିଆଯାଇନାହିଁ ।

ନୂତନ ସରକାରଙ୍କ ଶାସନ ନୀତିରୁ ମନେହୁଏ ଯେ ସେମାନେ ସରକାରୀ କଳରୁ ଦୁର୍ନୀତି ଲୋପ କରିବେ । ଗ୍ରାମାଞ୍ଚଳ ଓ ଦରିଦ୍ର ଚାଷୀ ମୂଲିଆ କାରିଗରଙ୍କ ସ୍ୱାର୍ଥରକ୍ଷା ନିମନ୍ତେ ଗ୍ରାମାଞ୍ଚଳରେ ଦେଶର ଉନ୍ନୟନ ଖର୍ଚ୍ଚର ଅଧା ବିନିଯୋଗ କରାଯିବ ଏବଂ ଗ୍ରାମ ପଞ୍ଚାୟତ ପ୍ରଭୃତି ସ୍ତରରେ ଲୋକ ପ୍ରତିନିଧିମୂଳକ ସଂସ୍ଥାଗୁଡିକୁ ଅଧିକ ମଜବୁତ କରାଯିବ । ସମସ୍ତ ଯୋଜନା କାର୍ଯ୍ୟରେ ପରିଣତ ହେଲା କି ନାହିଁ ତାହା ଅନୁଧ୍ୟାନ କରିବାକୁ ପଡିବ । ନୂତନ ଲୋକପ୍ରିୟ ସରକାରଙ୍କର ଅଭିମୁଖ୍ୟ ହେଉଛି କ୍ଷୁଦ୍ରଚାଷୀ, ନାମକୁ ମାତ୍ର ଚାଷୀ ବୋଲାଉଥିବା ଏବଂ ଭୂମିହୀନ ଚାଷୀ କାରିଗରମାନଙ୍କୁ ଦଶ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ଛାଡ କରିବେ । କେଉଁମାନେ ଏଥିରେ ଉପକୃତ ହେବେ ତାହା ଚିହ୍ନଟ କରାଯାଉଛି । ୧୯୯୦–୯୧ ମସିହା ବଜେଟ୍‌ରେ ଶତକଡା ୫୦ ଭାଗ ପୁଞ୍ଜି କୃଷି ଓ ଗ୍ରାମାଞ୍ଚଳର ଉନ୍ନତି ପାଇଁ ଯୋଗାଇ ଦିଆଯିବ । ଭୂମିହୀନମାନେ ଋଣ ବୋଝ ମୁଣ୍ଡାଇ ବସିଛନ୍ତି ତାଙ୍କୁ ମୁକ୍ତ କରିବାକ ଯୋଜନା ହେଲାଣି । ବ୍ୟାଙ୍କର ମୁଖ୍ୟମାନଙ୍କୁ ଋଣଗ୍ରସ୍ତ ଲୋକଙ୍କୁ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯାଉଛି । ପଞ୍ଚାୟତ ସଂସ୍ଥାକୁ ଅର୍ଥ ଯୋଗାଇବେ, ତାଙ୍କୁ ପ୍ରତ୍ୟକ୍ଷ କ୍ଷମତା ଦିଆଯିବ । ଶ୍ରମିକମାନଙ୍କ ମଜୁରୀ ୧୧ ଟଙ୍କା ଥିବା ସ୍ଥଳେ ତାହା କୃଷି ମୂଲ୍ୟ କମିଶନ ଦୈନିକ ମଜୁରୀ ୧୩ ଟଙ୍କା କରିବାକୁ ପରାମର୍ଶ ଦେଇଥିଲେ ମଧ୍ୟ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ତାକୁ ୨୫ ଟଙ୍କା କରିଛନ୍ତି । ଜନସଂଖ୍ୟା ବୃଦ୍ଧି ରୋକିବାକୁ ହେବ । ଆଦିବାସୀ ହରିଜନମାନଙ୍କୁ ଉଠାଇବାକୁ ପଡିବ । ତାଙ୍କର ପିଲାମାନଙ୍କୁ ୨,୦୦୦ଟଙ୍କାରୁ କମ୍ ଆୟ ଥିଲେ ବୃତ୍ତି ମିଳିବ । ବିଧବା, ବାର୍ଦ୍ଧକ୍ୟ ଭତ୍ତା, କୁଷ୍ଠ ରୋଗୀଙ୍କ ଥଇଥାନ ଓ ଭତ୍ତା କାର୍ଯ୍ୟକାରୀ ହେବ । ବେକାର ଯୁବକମାନଙ୍କୁ କର୍ମ ସଂସ୍ଥାନ ଯୋଗାଇ ଦିଆଯିବ । ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଦୂରୀକରଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ବହୁବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । N. R. E. P. ଜାତୀୟ ଗ୍ରାମାଞ୍ଚଳ ନିଯୁକ୍ତି କାର୍ଯ୍ୟକ୍ରମ – R. L. E. G. P. ଗ୍ରାମାଞ୍ଚଳର ଭୂମିହୀନ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନାରୁ କାର୍ଯ୍ୟକାରୀ ହେଉଛି । I. R. D. P. ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ସମସ୍ତ ବ୍ଲକରେ ଚାଲିଛି । E. R. R. P. ଗ୍ରାମାଞ୍ଚଳରେ ଦରିଦ୍ରତମ ଲୋକମାନଙ୍କ ଅର୍ଥନୈତିକ ଥଇଥାନ୍ ନାମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ସମାଜ କଲ୍ୟାଣ ପାଇଁ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ପ୍ରଚଳନ ହୋଇଛି ଏବଂ ବହୁ ହିତାଧିକାରୀଙ୍କୁ ଚିହ୍ନଟ କରାଯାଉଛି । ବୃଦ୍ଧ, ବୃଦ୍ଧା, ବିଧବା, କୁଷ୍ଠ ରୋଗୀମାନଙ୍କୁ ମାସିକ ଭତ୍ତା ପ୍ରଦାନ କରାଯାଉଛି । ସମ୍ପୂର୍ଣ୍ଣ ଅନ୍ଧ ଏବଂ ଶାରୀରିକ ଅକ୍ଷମ, ନିଃସ୍ୱ ବ୍ୟକ୍ତିଙ୍କୁ ଏବଂ ବିକଳାଙ୍ଗଙ୍କ ପାଇଁ ଏହି କଲ୍ୟାଣ କାର୍ଯ୍ୟକ୍ରମ କରାଯାଉଛି । ୧୯୮୪ ମସିହା ଅକ୍ଟୋବର ୨ ତାରିଖ ଠାରୁ ରାଜ୍ୟରେ ବିକଳାଙ୍ଗ ଭତ୍ତା ପ୍ରବର୍ତ୍ତନ କରାଯାଉଛି । ଅକ୍ଷମମାନଙ୍କୁ ସହାୟକଯୁକ୍ତ ସାମଗ୍ରୀ ଦିଆଯାଉଛି ।ବ୍ୟକ୍ତିଗତ ସୁରକ୍ଷା ଭରଣା ଯୋଜନାରେ ଗୋଟିଏ ପରିବାରର ୧୮ ବର୍ଷରୁ ୬୦ ବର୍ଷର ରୋଜଗାର କ୍ଷମ ବ୍ୟକ୍ତିଙ୍କର ଆକସ୍ମିକ ଦୁର୍ଘଟଣାରେ ମୃତ୍ୟୁ ବରଣ କଲେ ୩,୦୦୦ଟଙ୍କା କ୍ଷତିପୂରଣର ବ୍ୟବସ୍ଥା ହୋଇଛି ।

ଭାରତର ଗ୍ରାମାଞ୍ଚଳରେ ଦାରିଦ୍ର୍ୟର ଉତ୍କଟ ଚିତ୍ର ମିଳେ । ବଞ୍ଚି ରହିବାକୁ ରୋଟି, କପଡା, ମକାନ୍ ବା ଖାଦ୍ୟ ବସ୍ତ୍ର ଆଶ୍ରୟ ଦରକାର । ନୂତନ ସରକାର ବଳିଷ୍ଠ ପଦକ୍ଷେପ ନେଇ ସମସ୍ତଙ୍କର କଲ୍ୟାଣ ସାଧନ କରିବେ ବୋଲି ବିଶ୍ୱାସ ।

ଆଡ୍‌ଭୋକେଟ୍,
ବେଲେ ସାହି,
କଟକ ।

# ଦିନେ ଦିନେ

ମମତା ଦାଶ

ଦିନେ ଦିନେ
ମୋର ହାଡ଼ ସବୁ
ଧାଡ଼ି ଧାଡ଼ି ଗଛ ହୋଇଯାନ୍ତି
ଲମ୍ବା ଏକ ଗରମ ପିଚୁ ରାସ୍ତା କଡେ କଡେ ।
ମାଂସ ମୋର ପଙ୍କ ପାଲଟି ଯାଏ
ଏକ ଛୋଟ ପୋଖରୀର ଶେଷ ଅତଳରେ ଓ
ପଦ୍ମର ବୀଜ ଧାରଣ କରେ ।
ମୃତ ପ୍ରାୟ ଅନେକ ରୋଗୀଙ୍କର ଶୁଷ୍କ ଚମ ତଳେ
ଚଞ୍ଚଳ ହୋଇ ଉଠେ ମୋର ରକ୍ତ ।

ମୋର ଲୁହ
ଫାଶୀ ପାଇବାକୁ ଯାଉଥିବା ହତ୍ୟାକାରୀର
ଆଖିରୁ ଝରିଯାଏ,
ନିରୋଳା ଅନୁତାପ ପରି ।
ଦିନେ ଦିନେ ତ,
ଅହରହ ବିଚ୍ଛେଦରେ ମଉଳି ଯାଉଥିବା
କୌଣସି ପ୍ରେମୀର ଓଠରେ ହଠାତ୍
ଝଲସି ଯାଏ ମୋର ହସ ।

ଈଶ୍ୱର ଦିନେ ଦିନେ
ମୋର ସ୍ୱରକୁ ନେଇଯାନ୍ତି,
ମୂକକୁ ବାଗ୍ମୀ କରିବା ଉଦ୍ଦେଶ୍ୟରେ,
ମୋ ମନର ଅବାରିତ ଗତିକୁ
ଖଞ୍ଜି ଦିଅନ୍ତି ସେ,
ଗିରି ଲଂଘିବାକୁ ଯାଉଥିବା ପଙ୍ଗୁର
ଅସମର୍ଥ ପାଦ ଦୁଇଟିରେ ।

ସେଦିନ ହିଁ ମୋର ଉଲ୍ଲସିତ ହୃତ୍‌ପିଣ୍ଡ
ମୋ ଶତ୍ରୁମାନଙ୍କର ଛାତି ଭିତରେ
ଦୁକ୍‌ଦୁକ୍ କରେ,
ସେଦିନ ହିଁ ମୋର ବିଶ୍ୱାସ
ଜଳନ୍ତା ଏକ ଝଡ଼ ଭଳି
ଉତ୍ତେଜିତ ହୁଏ ସହସ୍ର ଅନ୍ଧାରରେ,
ପୃଥିବୀର ସବୁ କ୍ଳାନ୍ତି, କଳହ, କୋଳାହଳ ଗର୍ଭରେ ।

ଦିନେ ଦିନେ, ଏପରି
ନିଜକୁ ଦେଖେ ଏଠାରେ ସେଠାରେ,
ତଥାପି ବି କିଛି ବାକୀ ରହିଯାଏ ।
ବାକୀ ରହିଯାଏ ଯାହା,
ତାହା ଏ ବିପୁଳ ମୃତ୍ତିକା ଉପରେ
ପଡ଼ି ରହେ ଏକାକି,
ନିଆଁ ଝୁଲଟିଏ ସତେକି !
ସଦାବେଳେ ଟିକ୍‌ଟିକ୍ ହୁଏ ।

ଟିକ୍‌ଟିକ୍ ହୁଏ ଓ
ସଦାବେଳେ କହୁଥାଏ,
"ମୁଁ ଭଲପାଏ" ।

ମାର୍ଫତ୍ : ଡ. ଆର୍. ଏନ୍. ଦାଶ,
ବୁର୍ଲା, ସମ୍ବଲପୁର ।



ସ୍ୱାଧୀନତା ଦିବସ ୧୯୯୦ରେ ମାନ୍ୟବର ମନ୍ତ୍ରୀ ଶ୍ରୀ ଶରତ କୁମାର କରଙ୍କ
ଢେଙ୍କାନାଳଠାରେ ପୁରସ୍କାର ବିତରଣ ।

# ଅପରାଧୀର ସାମାଜିକ ଥଇଥାନ

ଡି: ଏ: ନରସିଂହମ୍
ଅନୁବାଦ : ଶ୍ରୀ ଗିରିଜା ଶଙ୍କର ଦାଶ

ଅପରାଧର ସନ୍ଧାନ ତଥା ନିରାକରଣରେ ସମାଜର ଯେ କେବଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ତାହା ନୁହେଁ ବରଂ ଅପରାଧୀର ଥଇଥାନରେ ତାହାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବସ୍ତୁତଃ ସକଳ ପ୍ରକାର ଜନ ସମ୍ପର୍କିତ କାର୍ଯ୍ୟକଳାପରେ ସାଧାରଣ ଲୋକଙ୍କର ସହଯୋଗ ବିଶେଷ ମୂଲ୍ୟବାନ୍ । ମାର୍ଗୋଲିନ୍‌ଙ୍କ ମତରେ ଅପରାଧୀକୁ ଥଇଥାନ କରିବାରେ ଅପରାଧୀ, ଅପରାଧୀର ସଂଶୋଧନ ପାଇଁ କାର୍ଯ୍ୟ କରୁଥିବା କର୍ମୀ ଓ ସମାଜର ଯୌଥ ବା ମିଳିତ ଦାୟିତ୍ୱ ରହିଛି । ସମାଜ ଯଦି ଏଥିପାଇଁ ନିଜର ଦାୟିତ୍ୱ ଗ୍ରହଣ ନକରେ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ ନକରେ, ତେବେ ସଫଳତାର ସହିତ ଅପରାଧୀର ଥଇଥାନ କରିବା ସମ୍ଭବପର ହେବ ନାହିଁ ।

ଅପରାଧ ନିୟନ୍ତ୍ରଣ ଓ ଅପରାଧୀକୁ ଥଇଥାନ କରିବାରେ ଜନ ସହଯୋଗ ଆବଶ୍ୟକ ହେଉଥିବାରୁ ଦେଶର ଆଇନ ମଧ୍ୟ ଏହି ଜନ ସହଯୋଗର ଗୁରୁତ୍ୱ ସମ୍ବନ୍ଧରେ ସୂଚନା ଦେଇଥାଏ । ଫୌଜଦାରୀ କାର୍ଯ୍ୟବିଧି ଆଇନର ୩୭, ୩୮, ୩୯ ଓ ୪୩ ଧାରାରେ ଜନସାଧାରଣଙ୍କ ସାହାଯ୍ୟ ଓ ସହଯୋଗ ସମ୍ପର୍କରେ ଉଲ୍ଲେଖ ରହିଛି । ୧୮୬୧ ମସିହାରେ ପ୍ରଣୀତ ପୋଲିସ ଆଇନର ୧୭ ଧାରାରେ ମଧ୍ୟ ଶାନ୍ତି ଶୃଙ୍ଖଳା ବଜାୟ ରଖିବାରେ ସମାଜର ସହଯୋଗ ସମ୍ବନ୍ଧରେ ବିଧାନ ହୋଇଛି ।

## ସମାଜର ସହଯୋଗ :

ଏହାର ବ୍ୟାପକ ଅର୍ଥ ହେଉଛି ନାଗରିକ ବା ବିଭିନ୍ନ ଶ୍ରେଣୀର ଲୋକେ ଅପରାଧୀ ଓ ପୂର୍ବତନ ଅପରାଧୀମାନଙ୍କ ପ୍ରତି କିଭଳି ବ୍ୟବହାର କରୁଛନ୍ତି, ସେମାନଙ୍କର ଉଚିତ ସଂଶୋଧନ ତଥା ଥଇଥାନ ପାଇଁ କଣ କରୁଛନ୍ତି ଏବଂ ସେମାନଙ୍କୁ ଭଲ ବାଟକୁ ଆଣିବା ପାଇଁ କି ପ୍ରକାର ଉଦ୍ୟମ କରୁଛନ୍ତି ଇତ୍ୟାଦି । ଏ ଦିଗରେ ପୋଲିସ ଓ ବିଚାର ବିଭାଗ ତଥା ପ୍ରୋବେସନ୍ ଅଧିକାରୀଙ୍କ କାର୍ଯ୍ୟକୁ ବୃତ୍ତିଗତ ବା ପେଶାଦାର କାର୍ଯ୍ୟ ବୋଲି କୁହାଯାଇ ପାରେ । ଏହାଛଡ଼ା ସମାଜର ଜନସାଧାରଣ ଏ ସମ୍ପର୍କରେ ଅନ୍ୟାନ୍ୟ ପଦ୍ଧତି ଜାଣିଥାଇ ପାରନ୍ତି ।

ଅପରାଧୀଙ୍କର ଥଇଥାନ କାର୍ଯ୍ୟକ୍ରମରେ ସ୍ଥାନୀୟ ଜନସାଧାରଣଙ୍କର ସହନଶୀଳତା ସମ୍ପର୍କୀୟ ଜ୍ଞାନ ବା ଧାରଣା ବିଶେଷ ଗୁରୁତ୍ୱପୂର୍ଣ୍ଣ । ଉଦାହରଣ ସ୍ୱରୂପ ଜଣେ ଅପରାଧୀକୁ ଥଇଥାନ କରିବା ଲାଗି କାର୍ଯ୍ୟ କରୁଥିବା ପ୍ରୋବେସନ ଅଧିକାରୀଙ୍କ ଅପେକ୍ଷା ସ୍ଥାନୀୟ ଅଧିବାସୀଙ୍କର ଏହି ସହନଶୀଳତା ସମ୍ପର୍କରେ ଅଧିକ ଜ୍ଞାନ ବା ଧାରଣା ଥାଇପାରେ ଓ ସେମାନେ ତାହା ଉତ୍ତମ ଭାବରେ କାର୍ଯ୍ୟରେ ଲଗାଇ ପାରନ୍ତି । ସମାଜ ଅନେକ ସମୟରେ ସାମାଜିକ ପ୍ରତିରକ୍ଷା ବ୍ୟବସ୍ଥାକୁ କେବଳ ସରକାରଙ୍କର କାର୍ଯ୍ୟ ବୋଲି ବିବେଚନା କରେ ।

ଅପରାଧୀ ସଂଶୋଧନ କ୍ଷେତ୍ରରେ ଦୀର୍ଘ ଦିନର ଅଭିଜ୍ଞତାରୁ ଜଣାଯାଏ ଯେ ଏ ଦିଗରେ କୌଣସି ଗୋଟିଏ ଆନୁଷ୍ଠାନିକ ସଂସ୍ଥାର କାର୍ଯ୍ୟରୁ ଆଶାନୁରୂପ ସୁଫଳ ମିଳେ ନାହିଁ । ତେଣୁ ଅଣଆନୁଷ୍ଠାନିକ କାର୍ଯ୍ୟର ଗୁରୁତ୍ୱ ସମ୍ପର୍କରେ ଯୁକ୍ତି କରାଯାଏ । ଏହି ଉଭୟ କ୍ଷେତ୍ରରେ ଜନ ସହଯୋଗକୁ ବା ଜନ ସମ୍ପୃକ୍ତି ଅପରାଧୀର ସଂଶୋଧନ ସମ୍ପର୍କୀୟ ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ ଦକ୍ଷ ଓ ଫଳପ୍ରଦ କରିଥାଏ । ଏହି ପ୍ରଚେଷ୍ଟାରେ ସମାଜର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ମୁଖ୍ୟତଃ ତିନୋଟି କାରଣରୁ ଏପରି ହୋଇଥାଏ । ପ୍ରଥମତଃ ଅପରାଧୀ ସମାଜରେ ହିଁ ସୃଷ୍ଟି ହୋଇଥାଏ ଏବଂ ସମାଜରେ ଅପରାଧ ସୃଷ୍ଟିର ଅନେକ କାରଣ ବି ରହିଛି । ଏହି କାରଣଗୁଡ଼ିକ ହେଲା ଅର୍ଥନୈତିକ ବୈଷମ୍ୟ, ଶୋଷଣ ଓ ପାରିବାରିକ ଜୀବନରେ ବିପର୍ଯ୍ୟୟ ଇତ୍ୟାଦି । ଦ୍ୱିତୀୟତଃ ଅପରାଧୀମାନଙ୍କର ସଂଶୋଧନ ପାଇଁ ଥିବା ବିଭିନ୍ନ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବାରେ ସମାଜର ସମର୍ଥନ ବିଶେଷ ଗୁରୁତ୍ୱପୂର୍ଣ୍ଣ । ଅପରାଧୀ ସଂଶୋଧନ ପଦ୍ଧତି ଯଦି ସମାଜର ସ୍ୱୀକୃତି ନ ପାଏ

ତେବେ ଅପରାଧୀମାନଙ୍କର ଥଇଥାନ ବ୍ୟବସ୍ଥା ଆଦୌ ଚିନ୍ତା କରାଯାଇ ପାରିବ ନାହିଁ । ତୃତୀୟତଃ, ଅପରାଧୀ ପରିଶେଷରେ ସମାଜକୁ ହିଁ ଫେରିବ । ଅପରାଧୀକୁ ଗ୍ରହଣ କରିବା ପାଇଁ ଓ ଅର୍ଥନୈତିକ ଏବଂ ସାମାଜିକ ସ୍ତରରେ ତାଙ୍କର ଥଇଥାନ ଲାଗି ସମାଜ ଯଦି ମାନସିକ ସ୍ତରରେ ପ୍ରସ୍ତୁତ ନହୁଏ, ତେବେ ଅପରାଧୀଙ୍କର ଥଇଥାନ ପାଇଁ ହେଉଥିବା ସମସ୍ତ ଉଦ୍ୟମ ବ୍ୟର୍ଥ ହୋଇଯିବ । ତେଣୁ ଅପରାଧର ନିରାକରଣ ବା ପ୍ରତିରୋଧ ଅପରାଧୀର ସଂଶୋଧନ ଓ ସଂସ୍କାର ଏବଂ ଥଇଥାନ — ଏହି ତିନି ସ୍ତରରେ ସମାଜକୁ ସଂପୃକ୍ତ କରାଇବାକୁ ହେବ ।

ସାମାଜିକ ପ୍ରତିରକ୍ଷା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯିବା ପାଇଁ ଦୁଇଟି କ୍ଷେତ୍ର ରହିଛି । ପ୍ରଥମଟି ହେଉଛି, ଆଇନର ବିରୁଦ୍ଧାଚରଣ କରୁଥିବା ବ୍ୟକ୍ତିକୁ ଗିରଫ କରିବା ଓ ଦ୍ୱିତୀୟଟି ହେଉଛି ଅପରାଧର ନିରାକରଣ ବା ପ୍ରତିରୋଧ, ଅପରାଧୀର ସଂଶୋଧନ ଓ ସଂସ୍କାର ଏବଂ ଥଇଥାନ । ଅପରାଧୀର ସଂଶୋଧନ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କର କାର୍ଯ୍ୟ କ୍ଷେତ୍ର ହେଲା ଦ୍ୱିତୀୟଟି । ଏଠାରେ ସଂଶୋଧନ ଶବ୍ଦର ଅର୍ଥ ହେଉଛି ଅପରାଧୀକୁ ଆଇନ ମାନି ଚଳୁଥିବା ନାଗରିକରେ ପରିଣତ କରିବା । ଇଲିସଟ୍‌ଙ୍କ ମତରେ ସଂଶୋଧନ ହେଉଛି ଏକ ସାମାଜିକ ବ୍ୟବସ୍ଥା ବା ପଦ୍ଧତି ଯାହା ଦ୍ୱାରା ଆଧୁନିକ ସମାଜ ସରକାରୀ ଭାବେ ଚିହ୍ନଟ ହୋଇଥିବା ଓ ଅସ୍ଥାୟୀ ଭାବେ ପ୍ରତିବନ୍ଧକଯୁକ୍ତ ହୋଇଥିବା ଆଇନଲଙ୍ଘନକାରୀମାନଙ୍କୁ ତାହାର (ସମାଜର) ସଭ୍ୟ ରୂପେ ଗ୍ରହଣ କରିନେଇଥାଏ । ଅପରାଧୀ, ଥଇଥାନ କାର୍ଯ୍ୟକ୍ରମରେ ଅପରାଧୀ ପ୍ରତି ସମାଜର ସୁରକ୍ଷା ଲୋଡ଼ାଯାଇଥାଏ, ଅପରାଧୀର ଶୃଙ୍ଖଳା ସ୍ଥାନ ଯେପରି ଆପଣାଛାଏଁ ବୃଦ୍ଧି ପାଇବ ଓ ପୂର୍ବର ଅପରାଧୀ ଯେପରି ଅଧିକରୁ ଅଧିକ ଆଇନ ସମ୍ମତ ବ୍ୟବହାର ପ୍ରଦର୍ଶନ କରିପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଇଥାଏ । ଏହି କାର୍ଯ୍ୟକ୍ରମର ଲକ୍ଷ ହେଉଛି ସ୍ୱାଭାବିକ ଜୀବନଯାତ୍ରା ପାଇଁ ଅପରାଧୀର ସୁପ୍ରବୃତ୍ତିର ପୁନରୁଦ୍ଧାର କରିବା ସନ୍ଦେହ ଓ ଧ୍ୱଂସାତ୍ମକ କାର୍ଯ୍ୟକଳାପରେ ଲିପ୍ତଥିବା ଅପରାଧୀ ଜୀବନରେ ପୂର୍ଣ୍ଣତା ଓ ସମୃଦ୍ଧି ଆଣିବା ଏବଂ ତାକୁ ସମାଜର କଲ୍ୟାଣକର କାର୍ଯ୍ୟରେ ଲଗାଇବା ।

ଆଧୁନିକ କାରାଗାରବିତ୍‌ମାନଙ୍କର ବିଶ୍ୱାସ ଯେ କାରାଗାରର ପ୍ରାଚୀର ଭେଦ କରି ଅପରାଧୀ ସଂଶୋଧନ ସମ୍ପର୍କୀୟ ସ୍ଲୋଗାନ୍ ସମାଜ ମଧ୍ୟରେ ପ୍ରବେଶ ନ କରିବା ପର୍ଯ୍ୟନ୍ତ ଅପରାଧୀର ସଂଶୋଧନ ଏକ ସୁଦୂର ସ୍ୱପ୍ନ ହୋଇ ରହିବ ଓ ଅପରାଧୀର ଥଇଥାନ ମଧ୍ୟ ଏକ କାଳ୍ପନିକ ଧ୍ୱନି (ସ୍ଲୋଗାନ) ହୋଇ ରହିବ । ସମାଜରେ ସଂଶୋଧନ ସମ୍ପର୍କୀୟ ମୂଳଭିତ୍ତି ପ୍ରତିଷ୍ଠିତ ନହେବା ପର୍ଯ୍ୟନ୍ତ କାରାଗାରରୁ ମୁକ୍ତ ହୋଇଥିବା ଅପରାଧୀ ଓ ସମାଜ ଉଭୟଙ୍କର କ୍ଷତି ଘଟୁଥିବ ! ଏ ସବୁ ବିଷୟରେ ଜାଣିଥିବା ଅପରାଧତତ୍ତ୍ୱବିତ୍‌ମାନେ କହନ୍ତି ଯେ ଅପରାଧୀମାନଙ୍କୁ ସଂଶୋଧନ କରିବା ଓ ସେମାନଙ୍କୁ ଥଇଥାନ କରିବା ବ୍ୟବସ୍ଥା ଦୁର୍ବଳ ହୋଇଥିବାରୁ ଅପରାଧୀମାନେ ପୁନର୍ବାର ଅପରାଧ ପ୍ରବଣ ହୋଇ ପଡୁଛନ୍ତି ଓ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଉଛି । ସମାଜରେ ଅପରାଧୀମାନଙ୍କୁ ଗ୍ରହଣ କରିବା ସକାଶେ ସମାଜର ସମ୍ମତି ବା ସ୍ୱୀକୃତି ବିନା କଳଙ୍କିତ ଅପରାଧୀମାନଙ୍କର ଅର୍ଥନୈତିକ ଥଇଥାନ ବା ସମାଜରେ ସେମାନଙ୍କୁ ଖାପଖୁଆଇ ଚଳାଇନେବା ଅସମ୍ଭବପର ହୋଇ ପାରିବ — ଏ କଥା ଅପରାଧୀ ଥଇଥାନ ଦାୟିତ୍ୱରେ ଥିବା ସଂଶୋଧନକାରୀମାନେ ବିଶ୍ୱାସ କରିପାରୁ ନାହାନ୍ତି ।

ଅପରାଧୀମାନଙ୍କର ସଂଶୋଧନ ଓ ଥଇଥାନ ପ୍ରକ୍ରିୟାରେ ସମାଜର ସହଯୋଗ ହାସଲ କରିବାକୁ ହେଲେ ପରିବାର, ସମାଜର ବିଭିନ୍ନ ଶ୍ରେଣୀ (ଗ୍ରୁପ୍) ଅନୁଷ୍ଠାନ ତଥା ସାମାଜିକ ସଂସ୍ଥାମାନଙ୍କୁ ବିଶ୍ୱରାଜସ୍ୱ ଓ ପ୍ରୋବେସନ୍ ଅଧିକାରୀ ଇତ୍ୟାଦିଙ୍କ ସହିତ ଘନିଷ୍ଠ ସମ୍ପର୍କ ରକ୍ଷା କରି କାର୍ଯ୍ୟ କରିବାକୁ ପଡ଼ିବ । ଅପରାଧୀମାନଙ୍କୁ ଭଲବାଟକୁ ଆଣିବା ବ୍ୟବସ୍ଥା (ପ୍ରୋବେସନ୍) ସମାଜ ଭିତ୍ତିକ ହୋଇଥିବା ଯୋଗୁଁ ବିଶ୍ୱର ବିଭାଗୀୟ ରାଷ୍ଟ୍ରକୁ ସମାଜ କେଉଁଭଳି ଭାବରେ ଗ୍ରହଣ କରୁଛି, କିପରି ଭାବରେ ତାକୁ ପସନ୍ଦ କରୁଅଛି ଓ ସେହି ରାଷ୍ଟ୍ର ସହିତ କେଉଁପରି ଭାବରେ ସହଯୋଗ କରୁଅଛି ତାହା ଉପରେ ଏହାର ସଫଳତା ବିଶେଷ ଭାବେ ନିର୍ଭର କରେ । ବିଦେଶୀ ରାଷ୍ଟ୍ର ତଥା ଭାରତରେ ବର୍ତ୍ତମାନ ଉପଲବ୍ଧି କରାଗଲାଣି ଯେ ସମାଜ ଭିତ୍ତିକ 'ପ୍ରୋବେସନ୍' ବ୍ୟବସ୍ଥା କାରାଗାର ବ୍ୟବସ୍ଥା ଅପେକ୍ଷା ଅଧିକ ଉତ୍କୃଷ୍ଟ ଏବଂ ବ୍ୟୟ ଦୃଷ୍ଟିରୁ ଉତ୍ତମ ମଧ୍ୟ ।

ଆଜିକାଲି ଅଧିକାଂଶ ଦେଶରେ 'ପ୍ରୋବେସନ୍' କାର୍ଯ୍ୟକ୍ରମରେ କୌଣସି ନା କୌଣସି ପ୍ରକାରେ ଜନ ସହଯୋଗ ରହିଛି । ନେଦରଲାଣ୍ଡ ଓ ଜାପାନ୍‌ରେ ପ୍ରୋବେସନ୍ ଅଧିକାରୀମାନେ ପ୍ରୋବେସନ କାର୍ଯ୍ୟକ୍ରମ ପରିଚାଳନା କରନ୍ତି କିନ୍ତୁ ଏହାକୁ ତଦାରଖ କରନ୍ତି ଓ ଆବଶ୍ୟକୀୟ ଉପଦେଶ ଦିଅନ୍ତି ବିଶିଷ୍ଟ ନାଗରିକମାନେ । ଏପରିକି ଓଡ଼ିଶା ସମେତ ଭାରତରେ ମଧ୍ୟ ଅପରାଧୀ ପ୍ରୋବେସନ୍ ନିୟମାବଳୀରେ ବ୍ୟବସ୍ଥା ରହିଛି ଯେ ସ୍ୱତନ୍ତ୍ର ଦୃଷ୍ଟି ଆବଶ୍ୟକ କରୁଥିବା କୌଣସି ନିର୍ଦ୍ଦିଷ୍ଟ ପ୍ରୋବେସନ୍‌ର ଅପରାଧୀର ଦେଖାଶୁଣା ପାଇଁ ବିଶ୍ୱରାଜସ୍ୱ ଯେ କୌଣସି ବେସରକାରୀ ବିଶିଷ୍ଟ ବ୍ୟକ୍ତିଙ୍କୁ ଅବୈତନିକ ପ୍ରୋବେସନ୍ ଅଧିକାରୀ ରୂପେ ନିଯୁକ୍ତ କରିପାରିବେ ।

ଯାହା ହେଉନା କାହିଁକି ଜନ ସମର୍ଥନର ଏ ପ୍ରକାର ଉଦାହରଣକୁ ସାଧାରଣ ଜନତାର ସମର୍ଥନ ବୋଲି କହିହେବ ନାହିଁ । କାରଣ ସମାଜର ସଂଖ୍ୟା ଗରିଷ୍ଠ ବ୍ୟକ୍ତି, ସାମାଜିକ ପ୍ରତିରକ୍ଷା କାର୍ଯ୍ୟକ୍ରମ ସହିତ ନିଜକୁ ସାମିଲ କରିନାହାନ୍ତି । ତେଣୁ ଏହି କାର୍ଯ୍ୟ କ୍ରମ ଜନ ସହଯୋଗରୁ ଫଳପ୍ରଦ ଉପଯୋଗ ଲାଗି ପଥ ଉନ୍ମୁକ୍ତ କରୁଥିବାରୁ ଏଥିପାଇଁ ସାଧାରଣ ଜନତାର ସହଯୋଗ ହାସଲ କରିବାକୁ ହେବ । ଅପରାଧୀର ଯତ୍ନ ନେଇ ତାଙ୍କ ପାଇଁ ଉପଯୁକ୍ତ ନିଯୁକ୍ତିର ବ୍ୟବସ୍ଥା କରି ଓ ପୂର୍ବ ଅପରାଧୀମାନଙ୍କ ପାଇଁ ସାହାଯ୍ୟ ବ୍ୟବସ୍ଥା କରିବା ଦ୍ୱାରା ଜନସାଧାରଣ ବସ୍ତୁତଃ ଅପରାଧୀମାନଙ୍କୁ ପୁନର୍ବାର ସାମାଜିକ ଜୀବନଧାରା ସହିତ ସାମିଲ କରାଇ ପାରିବେ ।

ସାମାଜିକ ପ୍ରତିରକ୍ଷା କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ସଂପୃକ୍ତ କରିବା ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲାରେ ସାମାନ୍ୟ ଉଦ୍ୟମ ଆରମ୍ଭ କରାଯାଇଛି । ରୋଟାରୀ କ୍ଲବ୍ ଓ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ସହାୟତାରେ ଜନସାଧାରଣଙ୍କୁ ଅପରାଧୀମାନଙ୍କ ଥଇଥାନର ଆବଶ୍ୟକତା ସପକ୍ଷରେ ସଚେତନ କରାଯାଉଛି । ୧୯୮୮ ଅପ୍ରେଲ୍ ମାସରେ କାରାଗାରରୁ ମୁକ୍ତି ପାଇଥିବା କେତେକ ବନ୍ଦୀ ଓ ଅପରାଧୀ ପ୍ରୋବେସନ୍ ଅଫ୍ ଅଫେଣ୍ଡରସ୍ ଆକ୍ଟ) ଅନୁଯାୟୀ ଖଲାସ ହୋଇଥିବା କେତେକ ବ୍ୟକ୍ତିଙ୍କୁ ଅପରାଧ ପ୍ରବଣ ବ୍ୟକ୍ତି ଭାବରେ ଚିହ୍ନଟ କରାଯାଇଥିଲା । ସେମାନେ ଅପରାଧ

କରିବାରେ ମୁଖ୍ୟ କାରଣ ଥିଲା । ଦାରିଦ୍ର୍ୟ ଓ ବେକାରୀ । ସେମାନଙ୍କୁ ଋଣ ଦେବା ସକାଶେ ଏକ ସ୍ୱତନ୍ତ୍ର ଋଣ ମେଳା ଅନୁଷ୍ଠିତ ହୋଇଥିଲା ଏବଂ ବରହମ୍ପୁରର ଏକ ଜାତୀୟକରଣ ବ୍ୟାଙ୍କ୍ (ଆନ୍ଧ୍ର ବ୍ୟାଙ୍କ୍) ସେମାନଙ୍କୁ ଟ ୨,୫୦୦ଙ୍କାରୁ ଆରମ୍ଭ କରି ଟ ୫,୦୦୦ଙ୍କା ପର୍ଯ୍ୟନ୍ତ ଋଣ ଦେଇଛନ୍ତି । ସେମାନଙ୍କ ମଧ୍ୟରୁ କେତେକଙ୍କୁ ସାଇକେଲ ରିକ୍ସା ଯୋଗାଇ ଦିଆ ଯାଇଥିଲା । ନୂତନ ବୃତ୍ତି ବା ବ୍ୟବସାୟ ଆରମ୍ଭ କରିବା ପାଇଁ ଏହି ଋଣ ଯୋଗାଇ ଦିଆଯାଇଥିଲା । କେବଳ ଜଣେ ବ୍ୟକ୍ତିଙ୍କୁ ଛାଡ଼ି ଦେଲେ ଋଣ ନେଇଥିବା ଅନ୍ୟ ଅପରାଧୀମାନେ ବର୍ତ୍ତମାନ ଶାନ୍ତିପୂର୍ଣ୍ଣ ସୁଖମୟ ଜୀବନଯାପନ କରୁଛନ୍ତି ଏବଂ ସେମାନେ ନେଇଥିବା ଋଣ ପରିଶୋଧ କରୁଛନ୍ତି ।

ସେହିଭଳି ମଧ୍ୟ ୧୯୮୯ ଅକ୍ଟୋବର ମାସରେ ବରହମ୍ପୁର ମିଡ୍-ଟାଉନ ରୋଟାରୀ କ୍ଲବ୍ ଅପରାଧୀ ଥଇଥାନ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆଗେଇ ଆସିଥିଲେ । ଏହି କ୍ଲବ୍ ନିମ୍ନଲିଖିତ ବନ୍ଦୀମାନଙ୍କୁ ସାହାଯ୍ୟ କରିଥିଲେ । ନରହତ୍ୟା ଅପରାଧରେ ସମ୍ପୃକ୍ତ ବନ୍ଦୀ ଶ୍ରୀ ଗଗନ ଚନ୍ଦ୍ର ପଟ୍ଟନାୟକ, ଯେ କି ବରହମ୍ପୁର ସର୍କଲ୍ ଜେଲ୍‌ରୁ ମୁକ୍ତି ପାଇଥିଲେ । ତାଙ୍କୁ ଚେଜରାତି ଦୋକାନ ଆରମ୍ଭ କରିବା ପାଇଁ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଇଥିଲା । କୋରାପୁଟ ଜିଲ୍ଲା ସଦର ମହକୁମା ଜେଲ୍ (କୋରାପୁଟ ଡିଷ୍ଟ୍ରିକ୍ଟ ଜେଲ୍)ରୁ ଖଲାସ ହୋଇଥିବା ଦୁର୍ଦ୍ଦାନ୍ତ ଡ଼କାୟତ ରାମଚନ୍ଦ୍ର ପଣ୍ଡାଙ୍କୁ ଗୋଟିଏ ସିଲେଇ ମେସିନ୍ ପ୍ରଦାନ କରାଯାଇଥିଲା । ନରହତ୍ୟା ଅପରାଧରେ ଜଡ଼ିତ ଦୁର୍ଦ୍ଦାନ୍ତ ଅପରାଧୀ ଦାଶରଥି ଦାସ, ଯିଏ ବରହମ୍ପୁର ସର୍କଲ୍ ଜେଲ୍‌ରୁ ଖଲାସ ହୋଇଥିଲେ ତାଙ୍କୁ ଗୋଟିଏ ସାଇକେଲ ରିକ୍ସା ଦିଆଯାଇଥିଲା । ଏହି ସବୁ ପୂର୍ବତନ ଅପରାଧୀମାନେ ବର୍ତ୍ତମାନ ଶାନ୍ତିରେ ବସବାସ କରୁଛନ୍ତି ଏବଂ ଏହି ସହଯୋଗ ଓ ସହାୟତା ପାଇଁ ସେମାନେ ସମାଜ ନିକଟରେ କୃତଜ୍ଞ । ଉପରୋକ୍ତ କାର୍ଯ୍ୟକ୍ରମଗୁଡ଼ିକରୁ ଜଣାଯାଏ ଯେ ସମାଜ ସାମାଜିକ ପ୍ରତିରକ୍ଷା କାର୍ଯ୍ୟକ୍ରମଗୁଡ଼ିକ ବିଷୟରେ କ୍ରମଶଃ ସଚେତନ ହେଉଛି । ପୂର୍ବତନ ଅପରାଧୀମାନଙ୍କ ପ୍ରତି ଜନସାଧାରଣଙ୍କର ଶତ୍ରୁଭାବ ଓ ସେମାନଙ୍କୁ ପ୍ରତ୍ୟାଖ୍ୟାନ କରିବାର ମନୋବୃତ୍ତିକୁ ସମାଜରେ ଥିବା ଅପରାଧ ସଂଶୋଧନ ଅଧିକାରୀ ସଫଳତାର ସହିତ ପ୍ରଶମିତ ଓ ହ୍ରାସ କରାଇ ପାରନ୍ତି । ପ୍ରଥମ ଥର ପାଇଁ ଅପରାଧ କରିଥିବା ଅପରାଧୀମାନଙ୍କ ସମ୍ପର୍କରେ ଜନସାଧାରଣଙ୍କର ଯେଉଁ ଅଯଥା ସନ୍ଦେହ ଓ ଶତ୍ରୁ ଭାବ ରହିଥାଏ ତହିଁର ଅସୁବିଧା ସମ୍ପର୍କରେ ଏହି ଅଧିକାରୀମାନେ ଜନସାଧାରଣଙ୍କୁ ଶିକ୍ଷା ଦେବା ଆବଶ୍ୟକ । ସେମାନେ ଜନସାଧାରଣଙ୍କୁ ବୁଝାଇଦେବା ଉଚିତ ଯେ ସମାଜ ନିଜର ଉନ୍ନତି ପାଇଁ କେବଳ "ଅପରାଧୀ ଧରୁଥିବା ମେସିନ୍" ଉପରେ ନିର୍ଭର କରେ ନାହିଁ । ବରଂ କାରା ମୁକ୍ତି ହୋଇଥିବା ଅପରାଧୀମାନେ ଯେପରି ନିଜକୁ ସଂଶୋଧନ କରି ପାରିବେ ସେଥିପାଇଁ ସେମାନଙ୍କୁ ସୁଯୋଗ ଦେବା ସକାଶେ ସେମାନଙ୍କ ମନରେ ଆସ୍ଥା ଓ ବିଶ୍ୱାସ ସୃଷ୍ଟି କରିଥାଏ ଏବଂ ସେମାନଙ୍କୁ ସାହାଯ୍ୟ କରିଥାଏ । ଅପରାଧୀମାନଙ୍କର ଥଇଥାନ କାର୍ଯ୍ୟକ୍ରମରେ ପୋଲିସ୍ ମଧ୍ୟ ସମ୍ପୃକ୍ତ ହେବା ଆବଶ୍ୟକ ।

ସରକାର ନିଜର ବଜେଟ୍ ଓ ଯୋଜନାରେ ସାମାଜିକ ପ୍ରତିରକ୍ଷା କାର୍ଯ୍ୟକ୍ରମଗୁଡ଼ିକୁ ଅଗ୍ରାଧିକାର ଦେବା ଉଚିତ । ଏହି କାର୍ଯ୍ୟକ୍ରମଗୁଡ଼ିକୁ କେବେ ହେଲେ ମୂଲ୍ୟହୀନ ବିବେଚନା କରାଯିବା ଉଚିତ ନୁହେଁ । ଅପରାଧୀ ସଂଶୋଧନ ଓ ଥଇଥାନ କାର୍ଯ୍ୟକ୍ରମଗୁଡ଼ିକରେ ବ୍ୟୟ ସଙ୍କୋଚ କରାଯିବା ଅର୍ଥ ହେଉଛି ଏହି ବ୍ୟୟ-ସଙ୍କୋଚ କରାଯିବା ଯୋଗୁ ଆମକୁ ବରାବର ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡୁଥିବ — ଏ କଥା ଆମେ ସତର୍କତାର ସହିତ ମନେ ରଖିବା ଉଚିତ ।

---

ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଭୁବନେଶ୍ୱର ।

ପୁଣ୍ୟ ଜନ୍ମ ମାଟି ପୁଣ୍ୟ ଦେବାଳୟ
ଉଦ୍ଧରିବା ପାଇଁ କଲେ ତନୁ କ୍ଷୟ,
ମାନବ ଜୀବନ ହୁଅଇ ସଫଳ
ଏ ମହା ଦୀକ୍ଷା କି ବୁଝିବ ଉତ୍କଳ ?

—ଗୋପବନ୍ଧୁ

# ପରିବେଶର ସୁରକ୍ଷା

କୁମାରୀ ଶୁଭଲକ୍ଷ୍ମୀ ମହାନ୍ତି

ସୁସ୍ଥ ସମାଜ ଗଠନ ତଥା ଶାନ୍ତିପୂର୍ଣ୍ଣ ଜୀବନ ପାଇଁ ପରିବେଶର ଭୂମିକା ଅପରିହାର୍ଯ୍ୟ । ପରିବେଶ ସହିତ ମଣିଷର ସମ୍ପର୍କ ଅତି ନିବିଡ଼ । ମୁଦ୍ରାର ଦୁଇପାର୍ଶ୍ୱ ପରି ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଆମ ଚତୁଃପାର୍ଶ୍ୱରେ ଆମକୁ ଘେରି ରହିଥିବା ମାଟି, ପାଣି, ବାୟୁ, ଆଲୋକ, ବୃକ୍ଷଲତା ଛୋଟବଡ଼ ସମସ୍ତ ପଶୁପକ୍ଷୀ ଏ ସମସ୍ତ ଆମର ପରିବେଶ । ଏମାନେ ସମସ୍ତେ ମଣିଷ ଜୀବନ ପାଇଁ ମୁଖ୍ୟ ଉପାଦାନ । ପ୍ରକୃତିର ଗନ୍ତାଘରେ ଅନେକ ପ୍ରାକୃତିକ ସମ୍ପଦ ରହିଛି । ସେଗୁଡ଼ିକ ହେଲା ମୃତ୍ତିକା ସମ୍ପଦ, ଖଣିଜ ସମ୍ପଦ, ଜଳ ସମ୍ପଦ, ଜଙ୍ଗଲ ସମ୍ପଦ ଇତ୍ୟାଦି । ଖଣିଜ ସମ୍ପଦକୁ ବାଦ୍ ଦେଇ ଅନ୍ୟ ତିନୋଟିଯାକ ସମ୍ପଦ ମଣିଷ ଜୀବନକୁ ପ୍ରତ୍ୟକ୍ଷ ଭାବେ ନିୟନ୍ତ୍ରଣ କରିଥାଏ । ମଣିଷ ସେଗୁଡ଼ିକର ବିନିଯୋଗ କରି ସୁସ୍ଥ ଜୀବନ ଯାପନ କରେ । ପରିବେଶକୁ ମୁଖ୍ୟତଃ ତିନି ଭାଗରେ ଭାଗ କରାଯାଇଥାଏ । ଭୌତିକ ପରିବେଶ, ସଜୀବ ପରିବେଶ ଏବଂ ସାମାଜିକ ପରିବେଶ । ମାଟି, ପାଣି, ପବନ, ଆଲୋକ ଏ ସବୁ ଭୌତିକ ପରିବେଶର ଅନ୍ତର୍ଭୁକ୍ତ । ଏହାର ଜୀବନ ନଥାଏ । ଏହା ନିର୍ଜୀବ । ବୃକ୍ଷଲତା ଅନ୍ୟାନ୍ୟ ଉଦ୍ଭିଦ, ଜୀବଜନ୍ତୁ, ପଶୁପକ୍ଷୀ ଏ ସମସ୍ତେ ହେଲେ ସଜୀବ ପରିବେଶ । ଗୋଟିଏ ଅଞ୍ଚଳରେ ରହୁଥିବା ମଣିଷକୁ ନେଇ ଯେଉଁ ପରିବେଶ ଗଢ଼ା ତାହାକୁ ସାମାଜିକ ପରିବେଶ କୁହାଯିବ । ଭୌତିକ, ସଜୀବ, ସାମାଜିକ ଏହିପରି ତିନି ଭାଗରେ ଚିହ୍ନିତ ହେଉଥିଲେ ମଧ୍ୟ ମୁଖ୍ୟତଃ ପରିବେଶ କହିଲେ ଭୌତିକ ଓ ସଜୀବ ପରିବେଶକୁ ବୁଝାଇଥାଏ । ଭୌତିକ ଓ ସଜୀବ ପରିବେଶ ମଣିଷର ହାତ ତିଆରି ନୁହେଁ କିନ୍ତୁ ସାମାଜିକ ପରିବେଶଟିକୁ ମଣିଷ ତିଆରି କରିଛି । ପରିବାରର ଶୃଙ୍ଖଳା, ଆଗ୍ରହ ବ୍ୟବହାର ଯେପରି ମଣିଷକୃତ ସେହିପରି ସମାଜରେ କ'ଣ ଚଳିବ କ'ଣ ନଚଳିବ, କେଉଁଟି କରଣୀୟ ବା କେଉଁଟି ଗର୍ହିତ ଏ ସବୁ ମଣିଷକୃତ ଆମ ପରିବାରକୁ ଆମ ସମାଜକୁ କିପରି ନିୟନ୍ତ୍ରଣ କରିବା ଏ ସବୁ ଆମର ଦାୟିତ୍ୱ । ଏହା ଆମ ବିଗ୍ରହର କଥା । ଭୌତିକ ତଥା ସଜୀବ ପରିବେଶ ଅର୍ଥାତ୍ ମାଟି, ପାଣି, ପବନ, ଆଲୋକ ଉତ୍ତାପ, ବୃକ୍ଷଲତା, ଜୀବଜନ୍ତୁ, ପଶୁପକ୍ଷୀ ଏ ସବୁ ପ୍ରକୃତିଦତ୍ତ । ତେବେ ଏଇ ଭୌତିକ ସଜୀବ ପରିବେଶକୁ ମିଶାଇ ସାମାଜିକ ପରିବେଶ ସୃଷ୍ଟି ହୋଇଛି ।

ସୃଷ୍ଟିର ଆରମ୍ଭ ଅର୍ଥାତ୍ ଆଦାମ ଓ ଇଭ୍ ଯୁଗରୁ ମଣିଷ ଯାଯାବର ପରି ବଣଜଙ୍ଗଲରେ ବୁଲି ସମୟ ଅତିବାହିତ କରୁଥିଲା । ଯେତେବେଳେ ସେ ବସତି ସ୍ଥାପନ କଲା, ଏକାଠି ରହିବାର ସୁଯୋଗ ଲାଭ କଲା, ସେତେବେଳେ ସେ ନିଜର ପରିବେଶ କଥା ଚିନ୍ତା କଲା । ଦଶହଜାର ବର୍ଷ ପୂର୍ବରୁ ଜେରିକେ ଓ ଜାରମୋରେ ପ୍ରଥମେ ଚାଷ ଆରମ୍ଭ କଲେ । ଏଇ ଚାଷ କରିବାକୁ ଶିଖିବାରୁ ମଣିଷ ବସତି ସ୍ଥାପନ କରିବାକୁ ସକ୍ଷମ ହେଲା । ମଣିଷ ସଭ୍ୟତାର ଦୀର୍ଘ ଇତିହାସକୁ ପର୍ଯ୍ୟାଲୋଚନା କଲେ ଦେଖାଯାଏ ଯେ ଯାଯାବର ଓ ପଶୁପାଳନ ଅଧିବାସୀ କ୍ରମେ କ୍ରମେ ଚାଷ କରି କୃଷି ସଭ୍ୟତା ମଧ୍ୟ ଦେଇ ଶିଳ୍ପ ସଭ୍ୟତା, ଯନ୍ତ୍ର ଜଗତ ଓ ପରିଶେଷରେ ଆଧୁନିକ କମ୍ପ୍ୟୁଟର ରୋବଟ୍ ଓ ଇଲେକ୍ଟ୍ରୋନିକ୍ସ ଯୁଗରେ ଆସି ପହଞ୍ଚି ପାରିଛି । ଏଇ ବାଟରେ ସମୟର ଓ ମଣିଷ ସଭ୍ୟତାର ବିରାଟ ପରିବର୍ତ୍ତନ ସଂଘଟିତ ହୋଇଛି । ଏହି ଯାନ୍ତ୍ରିକ ସଭ୍ୟତାର ବିକାଶରେ ବଡ଼ ବଡ଼ ଶିକ୍ଷାନୁଷ୍ଠାନ ଗଢ଼ି ଉଠିଛି ସତ ମାତ୍ର ଏହାର ପ୍ରସାର ଫଳରେ କେତେକ କୁପ୍ରଭାବ ମଣିଷ ସଭ୍ୟତାର ମେରୁଦଣ୍ଡକୁ ଦୋହଲାଇ ଦେବାକୁ ବସିଛି । ଯଦି ଗୋଟିଏ ଯାଗାରେ ଘଞ୍ଚ ଜଙ୍ଗଲ ଅଛି ତାକୁ ସଫା କରି ଶିକ୍ଷାନୁଷ୍ଠାନ କିମ୍ବା ଚାଷଜମି, ଘରଦ୍ୱାର କରିବାକୁ ଆଜି ସମସ୍ତେ ତତ୍ପର । ସେହିପରି ଯେଉଁଠି ହ୍ରଦ ବା ନଦୀ ନାହିଁ ସେଠି ପାହାଡ଼ ପାଖରେ ବନ୍ଧ ବାନ୍ଧି କୃତ୍ରିମ ହ୍ରଦ ତିଆରି କରାଯାଇଛି । ହୀରାକୁଦ, ରେଙ୍ଗାଲୀ ଜଳଭଣ୍ଡାର ତାର ଜ୍ୱଳନ୍ତ ପ୍ରମାଣ । ମଣିଷ ନିଜର ଇଚ୍ଛା ଅନୁସାରେ ପ୍ରାକୃତିକ ପରିବେଶକୁ ବଦଳାଇବାରେ ଲାଗିଛି । ସ୍ୱାଧୀନତା ପରେ ପରେ ମୁଖ୍ୟ ସମସ୍ୟା ଥିଲା ଆଧୁନିକ ଢାଞ୍ଚାରେ ଦେଶର ବିକାଶ କିପରି ତ୍ୱରାନ୍ୱିତ ହେବ । ବିକାଶ ଅର୍ଥ ବୁଝାଉଥିଲା କୃଷି ଓ ଶିଳ୍ପ ତଥା

ସବୁ କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି । ଉତ୍ପାଦନ ସହିତ ଜନ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ଆମ ଦେଶ ସ୍ୱାଧୀନ ହେବା ସମୟରେ ଲୋକ ସଂଖ୍ୟା ଥିଲା ୩୩ କୋଟି । ଆଜି ତାହା ୭୦ କୋଟିରେ ପହଞ୍ଚିଲାଣି । ଅର୍ଥାତ୍ ଦୁଇଗୁଣରୁ ଅଧିକ । ତେଣୁ ପରିବେଶ ଉପରେ ଏହାର ଚାପ ଯେ ନିଶ୍ଚୟ ପଡ଼ିବ ଏଥିରେ ସନ୍ଦେହ ନାହିଁ । କାରଣ ମଣିଷ ବଞ୍ଚିବା ପାଇଁ ବାୟୁ, ଜଳ, ଉତ୍ତାପ, ଖାଦ୍ୟ ଉପରେ ନିର୍ଭର କରେ । ଏ ସମସ୍ତ ଆମେ ଆମ ଚାରିପଟେ ଥିବା ଭୌତିକ ଓ ସଜୀବ ପରିବେଶରୁ ପାଇଥାଉ । ସିନ୍ଧୁ ଓ ମେସୋପଟାମିଆ ସଭ୍ୟତାର ଲୋକେ ନିଜର ପରିବେଶ ଓ ପ୍ରାକୃତିକ ସମ୍ବଳର ନିର୍ବିଚାରରେ ଉପଯୋଗ କରିବାରୁ ଶେଷରେ ଏହି ଦୁଇଟି ମହାନ୍ ସଭ୍ୟତାର ବିଲୋପ ଘଟିଲା । କଥାରେ ଅଛି ଜଙ୍ଗଲରୁ ସଭ୍ୟତା ସୃଷ୍ଟି ଓ ସଭ୍ୟତାର ବିଲୟରୁ ମରୁଭୂମି ଜନ୍ମ ନିଏ ।

ବିଂଶ ଶତାବ୍ଦୀର ଶେଷ ଭାଗରେ ବହୁ ଶିଳ୍ପାନୁଷ୍ଠାନର ପ୍ରତିଷ୍ଠା, ବିଭିନ୍ନ ରାସାୟନିକ ଦ୍ରବ୍ୟର ବ୍ୟବହାର ଭୂଗର୍ଭରେ, ସମୁଦ୍ରରେ ନିଉକ୍ଲିୟର ବୋମା ଓ ଅଣୁବୋମାର ପରୀକ୍ଷା ନାମରେ ବିସ୍ଫୋରଣ, ନଭୋମଣ୍ଡଳରେ ସ୍ୱୟଂ ଚାଳିତ ଦ୍ରୁତଗାମୀ ଯାନମାନଙ୍କର ଯାତାୟାତ ଫଳରେ ଜଳ, ସ୍ଥଳ, ଆକାଶ ତଥା ବାୟୁମଣ୍ଡଳରେ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି । ଗଢ଼ି ଉଠିଥିବା ଶିଳ୍ପାନୁଷ୍ଠାନମାନଙ୍କରୁ ନିର୍ଗତ ଧୂଆଁ, କଳକାରଖାନାମାନଙ୍କର ଚିମିନି ଧୂଆଁ, ଧୂଳିକଣା, ଦୁଇ ଚକିଆ ଚାରି ଚକିଆ ଗାଡ଼ି ଘୋଡ଼ାରୁ ନିର୍ଗତ ଧୂଆଁ, ମାରାତ୍ମକ ଗ୍ୟାସ୍, କାର୍ବନ ମନୋକ୍ସାଇଡ୍, ସଲ୍ଫୁରିକ୍ ଡାଇଅକ୍ସାଇଡ୍, ଅଙ୍ଗାରକାମ୍ଳ ଓ ବିଷାକ୍ତ ରାସାୟନିକ କୀଟନାଶକ ଓ ଅନ୍ୟାନ୍ୟ ଦ୍ରବ୍ୟ ଜଳ, ସ୍ଥଳ, ବାୟୁମଣ୍ଡଳରେ ମିଶି ପରିବେଶ ଦୂଷିତ ହେବାରେ ଲାଗିଛି । ଜଙ୍ଗଲ କାଟି ସଫା କରିଦେବା ଦ୍ୱାରା ଉଦ୍ଭିଦ ଜଗତର କ୍ଷୟ ହେଉଛି । ଉଦ୍ଭିଦ ଓ ପ୍ରାଣୀ ପରସ୍ପର ନିର୍ଭରଶୀଳ । କାରଣ ଉଦ୍ଭିଦ ଅଙ୍ଗାରକାମ୍ଳ ଗ୍ରହଣ କରି ଅମ୍ଳଜାନ ତ୍ୟାଗ କରେ । ପ୍ରାଣୀ ଜଗତ ପାଇଁ ତ୍ୟାଗ କରେ । ଫଳରେ ପ୍ରକୃତି ବାୟୁମଣ୍ଡଳରେ ଭାରସାମ୍ୟ ରକ୍ଷା କରେ । ଏକ ସମୀକ୍ଷାରୁ ଜଣାପଡ଼ିଛି ଏକ ଏକର ଜଙ୍ଗଲ ବର୍ଷରେ ଆଠ ଟନ୍ ଅମ୍ଳଜାନ ତ୍ୟାଗ କରେ ଏବଂ ଚାରି ଟନ୍ ଅଙ୍ଗାରକାମ୍ଳ ଗ୍ରହଣ କରେ । ଆମ ରାଜଧାନୀ ନିକଟରେ ଗଢ଼ି ଉଠିଥିବା ଚନ୍ଦକା ହସ୍ତୀ ଅଭୟାରଣ୍ୟ ଯାହାର ଆୟତନ ୧୯୨ କିଲୋମିଟର ଜଙ୍ଗଲ । ଏହି ଜଙ୍ଗଲ ଦିନକୁ ୨,୫୦୦ ଟନ୍ ଅମ୍ଳଜାନ ଛାଡ଼ିଥାଏ । ଏହା ସମାଜ ପାଇଁ ଜଙ୍ଗଲର ପ୍ରତ୍ୟକ୍ଷ ଅବଦାନ । ପ୍ରତିବର୍ଷ ବନ୍ୟା, ବାତ୍ୟା, ମରୁଡ଼ି ଇତ୍ୟାଦି ପ୍ରାକୃତିକ ବିପର୍ଯ୍ୟୟ ଲାଗିରହିଛି । ଏଥିପାଇଁ ଆମେମାନେ ହିଁ ଦାୟୀ । ନିଜର ପରିବେଶକୁ ନିଜେ ନଷ୍ଟ କରି ଆମେ ପ୍ରାକୃତିକ ବିପର୍ଯ୍ୟୟର ଶୀକାର ହେଉଛୁ । ପ୍ରକୃତିର ସ୍ୱତନ୍ତ୍ର ନିୟମ ରହିଛି । ତାହାହେଲା ଇକୋଲଜିକାଲ୍ ବାଲାନ୍ସ । ପ୍ରକୃତି ତା' ରାଜ୍ୟରେ ନିଜେ ନିଜର ଭାରସାମ୍ୟ ରକ୍ଷା କରେ । ଆମ ଦେଶର ଭୂପୃଷ୍ଠ ଜଳ ଉତ୍ସର ତିନି ଚତୁର୍ଥାଂଶ ଏବେ ପ୍ରଦୂଷିତ ହୋଇପଡ଼ିଛି ବୋଲି ଜଣାଯାଇଛି । ବିଭିନ୍ନ ନଦୀ ଜଳର ମାନ ପରୀକ୍ଷାରୁ ଜଣାଯାଏ ଯେ ବଡ଼ ବଡ଼ ସହରର ଶିଳ୍ପାନୁଷ୍ଠାନରୁ ନିର୍ଗତ ଆବର୍ଜନା ଓ ପରିତ୍ୟକ୍ତ ପାଣି ନଦୀ ଜଳକୁ ପ୍ରଦୂଷିତ ଓ ବିଷାକ୍ତ କରୁଛି । ନଦୀମାନଙ୍କର ନିମ୍ନ ଅବବାହିକାର ଜଳ ପ୍ରଦୂଷଣଯୁକ୍ତ । ଦେଶର ଭୂମିତଳ ଜଳ ଉତ୍ସ ମଧ୍ୟ ପ୍ରଦୂଷଣ ମୁକ୍ତ ନୁହେଁ । କୃଷି କ୍ଷେତ୍ରରେ ବ୍ୟବହାର କରାଯାଉଥିବା ସାର କୀଟନାଶକ ଔଷଧର ପ୍ରଭାବରେ ମାଟିତଳେ ରହିଥିବା ଜଳ ଉତ୍ସ ମଧ୍ୟ ଅନେକାଂଶରେ ପ୍ରଦୂଷିତ ହେଉଛି । ଫଳରେ ଜଳ ପ୍ରଦୂଷଣ ଯୋଗୁଁ ମଣିଷର ସ୍ୱାସ୍ଥ୍ୟ ଏବଂ ଜୀବମଣ୍ଡଳ ପ୍ରଭାବିତ ହେବାରେ ଲାଗିଛି । ନଦୀ, ନାଳ, ପୋଖରୀ, ହ୍ରଦ, ସମୁଦ୍ରର ଜଳ ଦୂଷିତ ହେବା ସ୍ୱାଭାବିକ । ଆଉ ମଧ୍ୟ ସୂର୍ଯ୍ୟ କିରଣ ଦ୍ୱାରା ଏହା ବିଶୁଦ୍ଧ ହେବା ମଧ୍ୟ ବିଧି ନିର୍ଦ୍ଦିଷ୍ଟ । ବାୟୁ ପ୍ରଦୂଷଣ କଥା ମଧ୍ୟ ଠିକ୍ ସେହିପରି । ସାଧାରଣ ଭାବରେ ଏକହଜାର ଭାଗରେ ତିନିଭାଗ ଅଙ୍ଗାରକାମ୍ଳ ବାଷ୍ପ ରହିବା କଥା । ସ୍ଥଳ ଭାଗର ଏକ ତୃତୀୟାଂଶ ବୃକ୍ଷଲତାରେ ପୂର୍ଣ୍ଣ ରହିବା କଥା । ମାତ୍ର ଗତ ଶହେବର୍ଷ ମଧ୍ୟରେ ବାୟୁରେ ଏହି ଅଙ୍ଗାରକାମ୍ଳର ପରିମାଣ ପ୍ରାୟ ଦେଢ଼ଗୁଣ ରହିଛି । ଅର୍ଥାତ୍ ହଜାରେ ଭାଗରୁ ପ୍ରାୟ ସାଢ଼େ ଚାରି ଭାଗରେ ପହଞ୍ଚିପାରିଛି । ଏହି କାରଣ ପାଇଁ ପୃଥିବୀର ଉତ୍ତାପ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ଆବଶ୍ୟକ ଅମ୍ଳଜାନ କମୁଛି । ମାତ୍ର ଜନସଂଖ୍ୟା ବଢ଼ି ଚାଲିଛି । ଆମର ଗଣନା ଅନୁଯାୟୀ ୨,୦୦୦ ବର୍ଷ ଆଗରୁ ପୃଥିବୀର ଜନସଂଖ୍ୟା ୩୦୦ ନିୟୁତ ଥିଲା । ୧୭ଶ ଖ୍ରୀଷ୍ଟାବ୍ଦରେ ୫୦୦ ନିୟୁତରେ ପହଞ୍ଚିଲା । ୧୯୫୦ରେ ଏହା ହଠାତ୍ ୨,୫୦୦ ନିୟୁତକୁ ବୃଦ୍ଧି ପାଇଥିଲା । ୧୯୮୭ରେ ୫,୦୦୦ ନିୟୁତରେ ପହଞ୍ଚିଲା । ୧୯୯୦ରେ ସେହିପରି ବୃଦ୍ଧି ପାଇବାରେ ଲାଗିଛି । ତେବେ ଏତେ ମଣିଷଙ୍କୁ ଅମ୍ଳଜାନ ଯୋଗାଇବ କିଏ ? ବିଶୁଦ୍ଧ ବାୟୁ କେଉଁଠୁ ଆସିବ ? ଆମେ କାଟି ସଫା କରିଦେଉଥିବା ଜଙ୍ଗଲ, ଗଛଲତା, ବୃକ୍ଷରାଜି ଆମ ପାଇଁ କେତେ ଆବଶ୍ୟକ ତାହା ସହଜରେ ଅନୁମେୟ । ପରିବେଶର ଅନ୍ୟ ଅଙ୍ଗ ମୃତ୍ତିକା । ସକଳ ଜୀବନର ଆଧାର ଏବଂ ପ୍ରାକୃତିକ ପରିବେଶର ପ୍ରଧାନ ଅଙ୍ଗ ମୃତ୍ତିକା । ଉଦ୍ଭିଦ ଓ ପ୍ରାଣୀ ଜଗତକୁ ଖାଦ୍ୟ ଓ ଆଶ୍ରୟ ଯୋଗାଇଥାଏ । ପ୍ରତ୍ୟକ୍ଷ ହେଉ ବା ପରୋକ୍ଷ ଭାବରେ ହେଉ ଖାଦ୍ୟ, ବସ୍ତ୍ର, ପାନୀୟ ଓ ସମସ୍ତ ପ୍ରଯୋଜନୀୟ ବସ୍ତୁ ସେ ମୃତ୍ତିକାରୁ ହିଁ ପାଇଥାଏ । ଯେଉଁଠି ମୃତ୍ତିକା ନାହିଁ ସେଠି ଜୀବନ ବିପର୍ଯ୍ୟସ୍ତ । ବସେ ଓ ପ୍ରେରୀ ଅଞ୍ଚଳର କୃଷ୍ଣ କାର୍ପାସ ମୃତ୍ତିକା, କାନାଡ଼ା ଓ ଋଷିଆର ଧୂସର ମୃତ୍ତିକା, ଉଷ୍ଣକଟୀୟ ମରୁଭୂମିରେ ଲୋହିତ ରଙ୍ଗର ମୃତ୍ତିକା ଏ ସବୁ ସ୍ଥାନ ପକ୍ଷେ ଆଶୀର୍ବାଦ । ମୃତ୍ତିକା ସଂରକ୍ଷଣ କରିବା, ମୃତ୍ତିକା କ୍ଷୟ ନହେବା ପ୍ରତି ଦୃଷ୍ଟି ଦେବା ସର୍ବାଦୌ ଆବଶ୍ୟକ । ପ୍ରଦୂଷଣ ନିୟନ୍ତ୍ରଣ ଓ ନିରାକରଣ ସହିତ ଅର୍ଥନୈତିକ ଅଭିବୃଦ୍ଧିର କୌଣସି ସ୍ୱୟଂକ୍ରିୟ ଯୋଗସୂତ୍ର ନାହିଁ । ପ୍ରଦୂଷଣ ନିରାକରଣ ଓ ଅର୍ଥନୈତିକ ଅଭିବୃଦ୍ଧି ଉଭୟ ମାନବ ସମାଜ ପାଇଁ ଅପରିହାର୍ଯ୍ୟ ହୋଇଥିବାରୁ କୌଣସି ଗୋଟିକୁ ଅବହେଳା କରାଯାଇ ନପାରେ । ତେବେ ପରିବେଶ ପ୍ରତି ଅଧିକ ସଚେତନ ହେବା ବାଞ୍ଛନୀୟ । ବିଭିନ୍ନ କାରଣରୁ ବିଂଶ ଶତାବ୍ଦୀର ଶେଷ ଭାଗରେ ପୃଥିବୀର ପରିବେଶର ପ୍ରଦୂଷଣର ମାତ୍ରା ଏବେ ବିପଜ୍ଜନକ ଅବସ୍ଥାରେ ପହଞ୍ଚିଛି ।

ଆନନ୍ଦର କଥା ପ୍ରଦୂଷଣ ଜନିତ ସମସ୍ୟାର ଗୁରୁତ୍ୱ ଉପଲବ୍ଧି କରି ଏହାର ଭୟାବହତାକୁ ହୃଦୟଙ୍ଗମ କରି ଏଥିପାଇଁ ସରକାରଙ୍କ ପକ୍ଷରୁ ବିଶେଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ସାରା ପୃଥିବୀରେ "ବିଶ୍ୱ ପରିବେଶ ଦିବସ" ପାଳନ କରାଯାଇ ବିଭିନ୍ନ କାର୍ଯ୍ୟକ୍ରମମାନ ପ୍ରସ୍ତୁତ ହେଉଛି । ୧୯୭୨ ମସିହାରୁ ପ୍ରଥମ କରି ଏହି "ବିଶ୍ୱ ପରିବେଶ ଦିବସ" ପାଳିତ ହେଲା । ସୁଇଡେନ୍‌ର ଷ୍ଟକ୍‌ହୋମ୍‌ଠାରେ ଆୟୋଜିତ ଏଇ ସମ୍ମିଳନୀରେ ପୃଥିବୀରେ ଆମ ଭାରତକୁ ମିଶାଇ ୧୩୩ଟି ରାଷ୍ଟ୍ର ପ୍ରତିନିଧିତ୍ୱ କରିଥିଲେ ।

ଭାରତୀୟ ସମ୍ବିଧାନର ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ଆମର ଜଙ୍ଗଲ, ବନ୍ୟଜନ୍ତୁ, ନଦୀ, ହ୍ରଦର ସୁରକ୍ଷା ଆବଶ୍ୟକ । ଏ ସବୁର ସୁରକ୍ଷା ପାଇଁ ଅନେକଗୁଡ଼ିଏ ଆଇନ୍ ପ୍ରଣୟନ ମଧ୍ୟ କରାଯାଇଛି । ରେଡ଼ିଓ, ଟେଲିଭିଜନ୍, ସମ୍ବାଦପତ୍ର, ସଭାସମିତି ପତ୍ରପତ୍ରିକାର ବିଜ୍ଞାପନ ମାଧ୍ୟମରେ ଗଣସଚେତନତା ସୃଷ୍ଟି କରାଯାଉଛି । ଏହାର ନିରାକରଣ ପାଇଁ ଜନତାଙ୍କ ସହଯୋଗ ମଧ୍ୟ ସରକାର ଲୋଡୁଛନ୍ତି । ଶିଳ୍ପ ଉନ୍ନୟନ ସହ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଛି । ପରିବେଶ ସୁରକ୍ଷା ପ୍ରତି ଗଣ ସଚେତନତା ବିଶେଷ ଭାବରେ ବୃଦ୍ଧି ପାଇଥିବାରୁ ଏହା ରାଜନୈତିକ କାର୍ଯ୍ୟ ସୂଚୀରେ ପ୍ରଥମ ସ୍ଥାନ ଅଧିକାର କରିଛି । "ନୂତନ ଜଙ୍ଗଲ ନୀତି" ପ୍ରଣୟନ କରାଯାଇ ଜଙ୍ଗଲ ସଂରକ୍ଷଣ ହେଉଛି । ବିଭିନ୍ନ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟକୁ ଲକ୍ଷ୍ୟ କରି ବୈଜ୍ଞାନିକମାନଙ୍କର ସତର୍କତା ଦୃଷ୍ଟିରୁ ଆମ ସରକାର ବର୍ତ୍ତମାନ ଜଙ୍ଗଲର ସୁରକ୍ଷା ଓ ବୃକ୍ଷରୋପଣ ପ୍ରତି ଗୁରୁତ୍ୱ ଦେଇ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି ।

ପରିବେଶ ସଂରକ୍ଷଣ କରିବା ତଥା ଦୂଷିତ କରଣକୁ ରୋକିବା ଦିଗରେ ପଦକ୍ଷେପମାନ ପ୍ରବର୍ତ୍ତନ କରିବା ସଙ୍ଗେ ସଙ୍ଗେ ଜଙ୍ଗଲ ସଂରକ୍ଷଣ, ବନ୍ୟା ନିୟନ୍ତ୍ରଣ, ଅକ୍ଷୟ ଶକ୍ତି, ସ୍ୱାସ୍ଥ୍ୟକର ଜଳ ଯୋଗାଣ ନିମନ୍ତେ ଅଧିକ ପରିମାଣର ଅର୍ଥ ଯୋଗାଇ ଦେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ଜଙ୍ଗଲ ସୁରକ୍ଷା କରିବା ତଥା ଜାଳେଣି କାଠ ଓ ଗଡ଼କାଠ ଅଳ୍ପ ପରିମାଣରେ ବ୍ୟବହାର କରିବା ହେଉଛି ଗୋଷ୍ଠୀ ଜୀବନର ଦାୟିତ୍ୱ । ଏ ସମ୍ପର୍କରେ ଆଇନଗୁଡ଼ିକୁ ପ୍ରବର୍ତ୍ତନ କରିବା ପାଇଁ "ରାଜ୍ୟ ପ୍ରଦୂଷଣ ବୋର୍ଡ଼" ଉପରେ ନ୍ୟସ୍ତ କରାଯାଇଛି । ଏହା ବ୍ୟତୀତ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ଅନେକଗୁଡ଼ିଏ ନିୟମ ପ୍ରଣୟନ କରାଯାଇଛି । ସମସ୍ତ ଆଇନ୍‌କାନୁନ୍ କାର୍ଯ୍ୟକାରୀ କରିବା ପାଇଁ ପ୍ରବର୍ତ୍ତନ କଳକୁ ତ୍ୱରାନ୍ୱିତ କରାଯାଉଛି । ସର୍ବସାଧାରଣ ତଥା ବେସରକାରୀ ଜମିରେ ବ୍ୟାପକ ଆକାରରେ ବୃକ୍ଷ ରୋପଣ କାର୍ଯ୍ୟ ସରକାର ହାତକୁ ନେଇଛନ୍ତି । ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା "ସାମାଜିକ ବନ ପ୍ରକଳ୍ପ" ଅନୁଯାୟୀ ମାଗଣାରେ ଚାରା ବଣ୍ଟନ କରି ସ୍ଥାନୀୟ ଜନସାଧାରଣଙ୍କୁ ଉକ୍ତ ପ୍ରକଳ୍ପ ସହ ସଂଶ୍ଳିଷ୍ଟ କରାଯାଉଛି । ଜାଳେଣି କାଠ ଓ ଗୋଖାଦ୍ୟ ନିମନ୍ତେ ବ୍ୟାପକ ବୃକ୍ଷ ରୋପଣ କରିବା ପାଇଁ କେନ୍ଦ୍ର ସରକାର "ଜାତୀୟ ପତିତ ଜମି ଉନ୍ନୟନ ବୋର୍ଡ଼" ଗଠନ କରିଛନ୍ତି । ଉଭୟ ନଗରାଞ୍ଚଳ ଓ ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି । ନିଜ ନିଜ ଅଞ୍ଚଳରେ ଘେରି ରହିଥିବା ଜଙ୍ଗଲର ସୁରକ୍ଷା ଲାଗି ଯେଉଁ ବ୍ୟକ୍ତି ବିଶେଷ ତଥା ସଙ୍ଗଠନଗୁଡ଼ିକ ପ୍ରଶଂସନୀୟ ଆଗ୍ରହ ପ୍ରକାଶ କରିଛନ୍ତି ସେମାନଙ୍କୁ 'ପ୍ରକୃତିମିତ୍ର' ପୁରସ୍କାର ପ୍ରତିବର୍ଷ ପ୍ରଦାନ କରାଯାଉଛି । ପରିବେଶ ନୀତି ସହିତ ଅନେକ ପ୍ରଶ୍ନ ଜଡ଼ିତ । ପରିବେଶ ସୁରକ୍ଷିତ ରହିଲେ ଆଗାମୀ ବଂଶଧରଙ୍କ ପାଇଁ ସହାୟକ ହେବ । ଆମେ ଯଦି ସବୁ ପ୍ରାକୃତିକ ସମ୍ପଦକୁ ନିଜେ ଭୋଗ ଦଖଲ କରି ଶେଷ କରିଦେବା ତେବେ ଉତ୍ତର ପୁରୁଷଙ୍କ ପାଇଁ ଆଉ କିଛି ରହିବ ନାହିଁ । ଆମ ସରକାର ପରିବେଶ ପ୍ରତି ଗୁରୁତ୍ୱ ଦେଇ ରାଜ୍ୟରେ 'ବିଜ୍ଞାନ ଓ ପରିବେଶ' ନାମରେ ଏକ ସ୍ୱତନ୍ତ୍ର ବିଭାଗ ସୃଷ୍ଟି କରିଛନ୍ତି । ଏହି ବିଭାଗ ଜଳ, ବାୟୁ ଯେପରି ଦୂଷିତ ନହେବ ଜଙ୍ଗଲ ଓ ବନ୍ୟଜନ୍ତୁର ଯେପରି ସୁରକ୍ଷା ହେବ ଏ ସବୁ ଦାୟିତ୍ୱ ତୁଲାଇବା ସଙ୍ଗେ ସଙ୍ଗେ ଆବଶ୍ୟକୀୟ ବିକଳ୍ପ ପନ୍ଥା ଗ୍ରହଣ କରିବାର କ୍ଷମତା ପାଇଛି । ଜଳ, ଜାଳେଣି କାଠ ଓ ବିଭିନ୍ନ ବସ୍ତୁର କିପରି ସଦ୍‌ବ୍ୟବହାର ହୋଇପାରିବ ସେ ସମ୍ପର୍କରେ ଗବେଷଣା କରି ବିହିତ କାର୍ଯ୍ୟପନ୍ଥା ଗ୍ରହଣ କରିବାର ଦାୟିତ୍ୱ ଏଇ ବିଭାଗର । ଏହା ବ୍ୟତୀତ ଗ୍ରାମରେ, ସହରରେ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟମାନଙ୍କରେ ପରିବେଶ କ୍ଲବ୍ ଗଠନ କରିବାର ସିଦ୍ଧାନ୍ତ ନିଆଯାଇଛି । ପରିବେଶ ସୁରକ୍ଷା ପାଇଁ ପ୍ରତ୍ୟେକ ଜିଲ୍ଲାର ଗୋଟିଏ ବ୍ଲକ୍‌କୁ ଓ ଗୋଟିଏ ଗ୍ରାମକୁ ଏହିପରି ଦୁଇଟି ପୁରସ୍କାର ପାଞ୍ଚ ହଜାର ଟଙ୍କା ଆକାରରେ ଦିଆଯିବାର ବ୍ୟବସ୍ଥା ହୋଇଛି । ରାଜ୍ୟରେ 'ବନବନ୍ଧୁ' ପୁରସ୍କାର ଘୋଷଣା କରାଯାଇଛି । ଜଙ୍ଗଲ ସୁରକ୍ଷା ଦିଗରେ କୃତିତ୍ୱକୁ ଲକ୍ଷ୍ୟ କରି ଏହି ପୁରସ୍କାର ଦିଆଯାଏ । ପ୍ରଥମ ପୁରସ୍କାର ୫,୦୦୦ ଟଙ୍କା, ଦ୍ୱିତୀୟ ପୁରସ୍କାର ୩,୦୦୦ ଓ ତୃତୀୟ ପୁରସ୍କାର ୨,୦୦୦ ଟଙ୍କା ରଖାଯାଇଛି । ପ୍ରତିବର୍ଷ "ବନମହୋତ୍ସବ" ଦିବସରେ ଏହି ପୁରସ୍କାର ବିତରଣ କରାଯାଏ । ପରିବେଶ ପ୍ରତି ବ୍ୟକ୍ତିର ବ୍ୟବହାର ଓ ସମ୍ପର୍କ କେବଳ ତତ୍ତ୍ୱଧର୍ମୀ ନହୋଇ ବାସ୍ତବବାଦୀ ହେବା ଉଚିତ । ପରିବେଶ ନୀତି ପାରମ୍ପରିକ "ନିର୍ଦ୍ଦେଶ ଓ ନିୟନ୍ତ୍ରଣ" ପ୍ରଥା ଉପରେ ଆଧାରିତ । ଏଇ ନିୟନ୍ତ୍ରଣମୂଳକ ନୀତିର ଦୁଇଟି ଦିଗ ରହିଛି । ପ୍ରଥମତଃ କେତେକ ଅନିର୍ବାର୍ଯ୍ୟ ପରିବେଶ ନୀତି ଓ ନିୟମ ଧାର୍ଯ୍ୟ କରାଯାଇ ତାହାର କାର୍ଯ୍ୟକାରିତା ପାଇଁ ସରକାରୀ ସଂସ୍ଥା ଓ ନ୍ୟାୟ ବ୍ୟବସ୍ଥାର ନିର୍ଦ୍ଦେଶ ରହିଛି । ଦ୍ୱିତୀୟତଃ ପରିବେଶ ପ୍ରଦୂଷଣକାରୀଠାରୁ କ୍ଷତିପୂରଣ ଆଦାୟର ବ୍ୟବସ୍ଥା ରହିଛି । ପରିବେଶ ପ୍ରଦୂଷଣ ହେବା ପରେ ସମ୍ପୃକ୍ତ ସଂସ୍ଥା ପ୍ରତି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏହା ବ୍ୟତୀତ ପ୍ରଦୂଷଣର କାରଣ, ମାତ୍ରା ଇତ୍ୟାଦିର ଅନୁସନ୍ଧାନ କରି ଏହାର ନିରାକରଣ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଛି । ପ୍ରଦୂଷଣକାରୀ ଶିଳ୍ପସଂସ୍ଥାଗୁଡ଼ିକୁ ଆବଶ୍ୟକୀୟ ପ୍ରଦୂଷଣ ନିରୋଧ ଯନ୍ତ୍ରପାତି ଓ ଜ୍ଞାନ କୌଶଳ ଯୋଗାଇ ଦିଆଯାଉଛି । ଏଥିପାଇଁ ସରକାରୀ ପ୍ରୋତ୍ସାହନ ମଧ୍ୟ ସରକାରଙ୍କ ପକ୍ଷରୁ ଦେବାପାଇଁ ସରକାର ନିଷ୍ପତ୍ତି କରିଛନ୍ତି । କେତେକ ନିର୍ଦ୍ଦିଷ୍ଟ ଧରଣର ରାସାୟନିକ ଦ୍ରବ୍ୟ ବ୍ୟବହାର ନକରିବା ପାଇଁ ଶିଳ୍ପ ପ୍ରତିଷ୍ଠାନମାନଙ୍କୁ କଟକଣା କରାଯାଇଛି । ପରିବେଶ ପ୍ରଦୂଷଣର ନିରାକରଣ ପାଇଁ ଅନେକ ଅପ୍ରିୟ ତଥା କଠୋର ପଦକ୍ଷେପ ନେବା ପାଇଁ ସରକାର ସ୍ଥିର କରିଛନ୍ତି । ଏଥିପାଇଁ ଜନସାଧାରଣଙ୍କ ସହଯୋଗ କାମ୍ୟ । ଶିଳ୍ପସଂସ୍ଥାଗୁଡ଼ିକରେ ପ୍ରଦୂଷଣ ନିୟନ୍ତ୍ରଣ ଯନ୍ତ୍ରପାତି ଲଗାଇଲେ ବ୍ୟୟ ବୃଦ୍ଧି ପାଇଁ ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ ନିଶ୍ଚିତ ଭାବରେ ବଢ଼ିବ । ତେବେ ଅନ୍ୟ ପକ୍ଷରେ ଆମର ପରିବେଶ ପ୍ରଦୂଷଣମୁକ୍ତ ହେବ । ଜନ ଜୀବନ ରକ୍ଷା ହେବ । ଯଦି ସରକାରଙ୍କ ପ୍ରଣୀତ ନୀତି ନିୟମକୁ ଶିଳ୍ପୋଦ୍ୟୋଗୀମାନେ ଅନୁସରଣ କରନ୍ତି ତେବେ ବୈପ୍ଳବିକ ପରିବର୍ତ୍ତନ ସହ ବିଭିନ୍ନ ଉଦ୍ୟୋଗ ଓ ବିଭାଗ ମଧ୍ୟରେ ସମନ୍ୱୟ ତଥା ସହଯୋଗ ରକ୍ଷା ହୋଇପାରିବ । ଜନସାଧାରଣ ଓ ସରକାର ଏଥିରେ ସମ୍ପୃକ୍ତ ହେବେ । କଳକାରଖାନା ଓ ଶିଳ୍ପସଂସ୍ଥାରେ କଞ୍ଚା ମାଲ୍‌ର ପୂର୍ଣ୍ଣ ଉପଯୋଗ ଏବଂ ପରିତ୍ୟକ୍ତ ଦ୍ରବ୍ୟର ପୁନଃ ବିନିଯୋଗ ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ ପଡ଼ିବ । ପରିବେଶ ପ୍ରଦୂଷଣ ରୋକିବା ପାଇଁ ବାହାରୁଥିବା ନୂତନ ଯନ୍ତ୍ରପାତି ଓ ଜ୍ଞାନକୌଶଳକୁ ବାଧ୍ୟତାମୂଳକ ବ୍ୟବହାର କରିବାକୁ ହେବ । ଜଳ, ବାୟୁ ପରିବେଶର ଦୁଇଟି ପ୍ରଧାନ ବିଭାଗ । ଏଇ ଦୁଇ ବିଭାଗରେ ହସ୍ତକ୍ଷେପ ନକରି ଶିଳ୍ପ ପ୍ରତିଷ୍ଠା କରାଯାଇପାରେ । ପ୍ରକୃତିର ଏଇ

ଦୁଇଟି ମୁକ୍ତ ତଥା ଅମୂଲ୍ୟ ସମ୍ପଦର ସୁରକ୍ଷା ପାଇଁ ଶିଳ୍ପକୁ ମଧ୍ୟ ମୂଲ୍ୟ ଦେବାକୁ ପଡ଼ିବ । ଏହାର ସୁରକ୍ଷା ପାଇଁ ଅର୍ଥ ବ୍ୟୟ କରିବାକୁ ପଡ଼ିବ ।

ଶିଳ୍ପ ପ୍ରଗତିର ସୂଚକ । କିନ୍ତୁ ଶିଳ୍ପ ପ୍ରତିଷ୍ଠା ଦ୍ୱାରା ଦେଶର ପରିବେଶ ବିଶେଷ ଭାବରେ କ୍ଷତିର ସମ୍ମୁଖୀନ ହେଉଛି । ସେହିଭଳି ପରିବହନ ଶିଳ୍ପ ପ୍ରଗତିର ବାହାକ । ଏହା ମଧ୍ୟ ପ୍ରଦୂଷଣରେ ଅନ୍ୟ ଏକ ମୁଖ୍ୟ ଉତ୍ସ । ଶିଳ୍ପ ଓ ଆର୍ଥନୈତିକ ଉନ୍ନୟନ ପାଇଁ ଆମକୁ ଖଣିଜ ଓ ଜଙ୍ଗଲ ସଂପଦର ବିନିଯୋଗ କରିବାକୁ ପଡ଼ିବ । ସେଇ ଦୃଷ୍ଟିରୁ ଶିଳ୍ପ ଉନ୍ନୟନ ... ଚିନ୍ତା କଲେ ପରିବେଶଗତ ପ୍ରଶ୍ନଟି ଆପଣାଛାଏଁ ଯୋଡ଼ି ହୋଇଯାଉଛି । ଦୁଇଟି ମଧ୍ୟରେ ସମନ୍ୱୟ ରକ୍ଷା କରାନଗଲେ ପରିଣତି ନିଶ୍ଚିତ ଭୟାବହ ହେବ । ତେଣୁ ପ୍ରଥମତଃ ଆମ ଆବଶ୍ୟକତା ଅନୁଯାୟୀ ପ୍ରାକୃତିକ ସଂପଦର ବିନିଯୋଗ ଓ ପ୍ରକୃତି ଆମକୁ କେତେ ଦେଇ ପାରିବ ତାର ସାମର୍ଥ୍ୟକୁ ବିଚାର କରି ସମ୍ବଳର ଉପଯୋଗ କରାଯିବା ଉଚିତ । ଶିଳ୍ପ ବିକାଶ ଓ ଅର୍ଥନୈତିକ ଉନ୍ନୟନ ନାମରେ ପ୍ରକୃତି ଓ ପରିବେଶର ଧ୍ୱଂସ ସାଧନ ଯେପରି ନହୁଏ ସେଥିପ୍ରତି ଦୃଷ୍ଟିଦେବା ଉଚିତ । ଧନୀ ରାଷ୍ଟ୍ରମାନଙ୍କ ପାଖରେ ପ୍ରଚୁର ଅର୍ଥ ସମ୍ବଳ ଥିବାରୁ ସେମାନେ ଅପେକ୍ଷାକୃତ ଦରିଦ୍ର ରାଷ୍ଟ୍ରମାନଙ୍କର ପ୍ରାକୃତିକ ସମ୍ବଳ ଓ ପରିବେଶକୁ ନିଜ ସ୍ୱାର୍ଥ ପାଇଁ ବ୍ୟବହାର କରୁଛନ୍ତି । ନିଜର ବିଳାସବ୍ୟସନ ବନ୍ଦ କରିବା ପାଇଁ ଅନ୍ୟ ରାଷ୍ଟ୍ରକୁ ଶୋଷଣ କରୁଛନ୍ତି । ଏହି ପ୍ରକ୍ରିୟାକୁ ବନ୍ଦ କରିବା ପାଇଁ ଆନ୍ତର୍ଜାତୀୟ ସ୍ତରରେ ଉଦ୍ୟମ ଲୋଡ଼ା । ସର୍ବୋପରି ପରିବେଶ ଓ ପ୍ରାକୃତିକ ସନ୍ତୁଳନ ତଥା ଶିଳ୍ପ ଉନ୍ନୟନ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା ପାଇଁ ଏକ ସମନ୍ୱିତ ବିଜ୍ଞାନ ଭିତ୍ତିକ, ବୈଷୟିକ ଜ୍ଞାନ ସମ୍ବଳିତ ଯୋଜନାର ଆବଶ୍ୟକତା ରହିଛି । ଏଥିପାଇଁ ଜନ ସଂଖ୍ୟାକୁ ସୀମିତ କରି ପ୍ରାକୃତିକ ସମ୍ବଳ ଓ ସଂପଦର ବ୍ୟବହାର ତଥା ବିନିଯୋଗ ଶୈଳୀକୁ ବଦଳାଇବାକୁ ହେବ । ଗବେଷଣା ଓ ଉନ୍ନୟନ ବ୍ୟବସ୍ଥା ଦ୍ୱାରା ଶକ୍ତି, ଶିଳ୍ପ, ପରିବହନ କ୍ଷେତ୍ରରେ ପ୍ରଦୂଷଣର ମାର୍ଗକୁ ଯଥାସାଧ୍ୟ ରୋକିବାକୁ ହେବ । ଅଧିକନ୍ତୁ ପରିବେଶ ଓ ପରିସ୍ଥିତି ସଂପର୍କରେ ବିଶ୍ୱବ୍ୟାପୀ ଜନ ସଚେତନତା ସୃଷ୍ଟି କରି ଏ କ୍ଷେତ୍ରରେ ଜନ ସହଯୋଗ ସୃଷ୍ଟି କରିବା ଉଚିତ ।

---

କ୍ୱାର୍ଟର ନଂ ୪୨/୪,
ଟାଇପ୍-ଥ୍ରିଃ ଭିଃ ଏଃ,
ୟୁନିଟ୍ ୨, ଭୁବନେଶ୍ୱର ।

ପରିବେଶ ପ୍ରଦୂଷଣର ନିରାକରଣ ପାଇଁ ଅନେକ ଅପ୍ରିୟ ତଥା କଠୋର ପଦକ୍ଷେପ ନେବାକୁ ପଡ଼ିବ । ଏଥିପାଇଁ ସମସ୍ତଙ୍କର ସହଯୋଗ କାମ୍ୟ । ଶିଳ୍ପ ସଂସ୍ଥାରେ ପ୍ରଦୂଷଣ ନିୟନ୍ତ୍ରଣ ଯନ୍ତ୍ରପାତି ଲଗାଇଲେ ବ୍ୟୟ ବୃଦ୍ଧି ପାଇଁ ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ ବଢ଼ିବାକୁ ବାଧ୍ୟ ହେବ ବୋଲି ଶିଳ୍ପୋଦ୍ୟୋଗୀମାନେ କହୁଛନ୍ତି । ତେଣେ ନୂଆ ଆଇନ୍ ଅନୁସାରେ ପ୍ରଦୂଷଣ ନିରାକରଣ ଯନ୍ତ୍ରପାତିମାନ ବ୍ୟବହାର କରିବାକୁ ରୁଗ୍ଣ ଶିଳ୍ପ ସଂସ୍ଥାଗୁଡ଼ିକ ଅକ୍ଷମ । ଏହା ଛଡ଼ା ଶିଳ୍ପ ସଂସ୍ଥାର ଯୋଜନା ପ୍ରଣୟନକାରୀ ଓ ନିଷ୍ପତ୍ତିଗ୍ରହଣକାରୀଙ୍କ ମଧ୍ୟରେ ପରିବେଶ ସୁରକ୍ଷା ନେଇ ସଚେତନତାର ବିଶେଷ ଅଭାବ ରହୁଛି । × × × ସବୁ ସମସ୍ୟାର ସମାଧାନ ପାଇଁ ଏକ ନୂତନ ସମନ୍ୱିତ ପରିବେଶ ନୀତି ପ୍ରଣୟନର ଆବଶ୍ୟକତା ରହିଛି ।

—ନୀଳମଣି ରାଉତରାୟ




## କଳାହାଣ୍ଡିରେ କପା ଚାଷ

ଆମ ଦେଶର ଅନ୍ୟ ଜିଲ୍ଲାମାନଙ୍କ ତୁଳନାରେ କଳାହାଣ୍ଡି ଜିଲ୍ଲା ପଛୁଆ ଜିଲ୍ଲା ଭାବରେ ପରିଚିତ । କାରଣ ଏହି ଜିଲ୍ଲାରେ ପ୍ରତି ବର୍ଷ ବର୍ଷା ଅଭାବ ଜନିତ କାରଣରୁ କିଛି ଅଂଶ ମରୁଡ଼ିର କଷାଘାତର ସମ୍ମୁଖୀନ ହୋଇଥାଏ । ଲଗାତାର ମରୁଡ଼ି ଯୋଗୁଁ ଅଭାବଗ୍ରସ୍ତ ଚାଷୀ ନିଃସହାୟ ହୋଇ ବସିଥିବା ବେଳେ ସରକାରଙ୍କ ତରଫରୁ କୃଷି ବିଭାଗର "କପା ଚାଷ ଯୋଜନା" ଏ ଅଞ୍ଚଳ ଚାଷୀମାନଙ୍କୁ ଯୋଗାଇ ଦେଇଛି ନୂତନ ପ୍ରେରଣା । କେସିଙ୍ଗା ବ୍ଲକ୍ ଅନ୍ତର୍ଗତ ପଟବାମାଳ ପଞ୍ଚାୟତର ବୋଡିଙ୍ଗପଦର ଗ୍ରାମରେ ଜଣେ ସେହିଭଳି ଚାଷୀଙ୍କୁ ସାକ୍ଷାତକାର ପରେ ଏହା ସ୍ପଷ୍ଟ ପ୍ରମାଣିତ ହୋଇଛି । ଉକ୍ତ ଗ୍ରାମର ଶ୍ରୀ ବିଷ୍ଣୁ ସାହୁ ଜଣେ କ୍ଷୁଦ୍ର ଚାଷୀ । ପୈତୃକ ସମ୍ପତ୍ତି କହିଲେ ମାତ୍ର ଚାରି ଏକର ଜମି । ବାରମ୍ବାର ଧାନ ଚାଷରୁ ବିଫଳ ହୋଇ ଶେଷରେ ସେ ଆରମ୍ଭ କଲେ "କପା ଚାଷ" । ଚାରି ଏକରର ଜମିରୁ ସେ ଧାନ ପାଉଥିଲେ ମାତ୍ର କୋଡ଼ିଏ ବସ୍ତା । ସ୍ତ୍ରୀ ଓ ତିନି ଝିଅ, ପୁଅ ସହିତ ପାଞ୍ଚ ପ୍ରାଣୀ କୁଟୁମ୍ବ । ଚଳିବାକୁ ବଡ଼ କଷ୍ଟ. ଅଭାବରୁ ନିଜକୁ ରକ୍ଷା କରିବାକୁ ସେ ସମସ୍ତ ମିଳିଲେ ମୂଲ ଲାଗୁଥିଲେ । ଏଭଳି ପରିସ୍ଥିତିରେ ଗ୍ରାମ କୃଷି ଅଧିକାରୀଙ୍କ ପରାମର୍ଶ ନେଇ ୧୯୮୬-୮୭ରେ ପ୍ରଥମ କରି ନିଜ ତିନି ଏକର ଜମିରେ ସେ ଆରମ୍ଭ କଲେ କପା ଚାଷ । ପ୍ରଥମ ବର୍ଷ ସେ ପାଇଲେ ନଅ କ୍ୟୁଣ୍ଟାଲ୍ କପା । ଯେଉଁ ଜମିରେ ଧାନ ଚାଷ କରି ସେ ବିଫଳ ହୋଇଥିଲେ, ସେଇ ଜମିରେ ସେ କପା ଚାଷ କରି, ନିଜର ଅସୁବିଧା ଦୂର କରିବା ସଙ୍ଗେ ସଙ୍ଗେ ନିଜ ଆର୍ଥିକ ଅବସ୍ଥାର ମଧ୍ୟ ପରିବର୍ତ୍ତନ କରିପାରିଛନ୍ତି । ଦ୍ୱିତୀୟ ବର୍ଷ ସେ ପୁଣି ଥରେ ତାଙ୍କର ଥିବା ସର୍ବମୋଟ ଚାରି ଏକର ଜମିରେ କପା ଚାଷ କଲେ । ପାଟିଣ୍ଟିଟି ଗ୍ରାମ୍ୟ ବ୍ୟାଙ୍କରୁ ତାଙ୍କୁ ଋଣ ଆକାରରେ ୫୦୦୦ ଟଙ୍କା ଦିଆଯାଇଛି । ଏକର ପିଛା ସେ ୧,୫୦୦ରୁ ୨୦୦୦ ଟଙ୍କା ଖର୍ଚ୍ଚ କରି ଏକର ପିଛା ସାତ କ୍ୟୁଣ୍ଟାଲ୍ କପା ଆମଦାନୀ କରିପାରିଛନ୍ତି । ଚଳିତ ବର୍ଷ ସେ ସର୍ବମୋଟ ୨୨ କ୍ୟୁଣ୍ଟାଲ୍ ୨୨ କେ: ଜି: କପାକୁ ସେ କ୍ୟୁଣ୍ଟାଲ୍ ପ୍ରତି ୭୭୫ ଟଙ୍କା ଦରରେ ବିକ୍ରୀ କରିଛନ୍ତି । ବ୍ୟାଙ୍କରେ ଥିବା ପୂର୍ବ ଋଣ ସବୁ ତୁଟି କରି ଦ୍ୱିତୀୟ ବାର ମୋଟର୍ ପମ୍ପ ପାଇଁ ଋଣ ନେଇଛନ୍ତି । ନିଜ ଜମିରେ ଥିବା "ଡଗ୍‌ୱେଲ୍"ରେ ୩ ଏଚ୍: ପି: ପମ୍ପ ସାହାଯ୍ୟରେ ଜଳସେଚନ କରି କିଛି ଅଂଶ ଗହମ ଓ ପନିପରିବା ଚାଷ କରି ସେ ଲାଭବାନ ହୋଇଛନ୍ତି ।

ଚଳିତ ବର୍ଷ ବଡ଼ ଝିଅକୁ ବିବାହ ଦେବାର ନିଷ୍ପତ୍ତି ନେଇଛନ୍ତି । ଅନ୍ୟ ଦୁଇ ପିଲାଙ୍କୁ ସ୍ଥାନୀୟ ବିଦ୍ୟାଳୟରେ ନାମ ଲେଖାଇଛନ୍ତି, ତାଙ୍କ ଅବସ୍ଥାର କ୍ରମଶଃ ୧୯୮୬-୮୭ଠାରୁ ଉନ୍ନତି ହେବାରେ ଲାଗିଛି । ଗ୍ରାମର ଅନ୍ୟ ଚାଷୀମାନଙ୍କୁ ତାଙ୍କର ଏହି ପ୍ରଗତି ନୂତନ ପ୍ରେରଣା ନୂତନ ଉତ୍ସାହ ଯୋଗାଇଛି । ତାଙ୍କୁ ଅନୁସରଣ କରି ଏହି ଗ୍ରାମର ପ୍ରାୟ ୩୦ ଜଣ ଚାଷୀ ପ୍ରାୟ ୫୦/୬୦ ଏକର ଜମିରେ କପା ଚାଷ ଆରମ୍ଭ କରିଛନ୍ତି । ଶ୍ରୀ ସାହୁଙ୍କ ଭଳି ଜଣେ ସାହସୀ ଚାଷୀଙ୍କ ପ୍ରେରଣାରୁ ଏ ଅଞ୍ଚଳ କପା ଚାଷରେ ଦ୍ରୁତ ଅଗ୍ରଗତି କରିଛି ଏବଂ ମରୁଡ଼ିଜନିତ ଦୁଃଖରେ ଭାଙ୍ଗି ନପଡ଼ି କପା ଚାଷ କରି ସୁଖର ସଂସାର ଗଢ଼ିପାରିଛନ୍ତି ।

## ବୁଢ଼ା ମୁହଁରେ ହସ

୬୦ ବର୍ଷ ବୟସ୍କ ବୃଦ୍ଧ ଶ୍ରୀ ଦସ୍ଥାରି ଜେନାଙ୍କ ଘର ବାଗଶାଳା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାପୁଜୀପେଣ୍ଠ ଗ୍ରାମରେ । ଜମିବାଡ଼ି କିଛି ନାହିଁ । ଜେନାଙ୍କର ପରିବାରରେ ବୃଦ୍ଧା ସ୍ତ୍ରୀ, ଦୁଇ ପୁଅ ଓ ଦୁଇ ଝିଅ । ଦୁଇ ପୁଅ ବାହାହେବା ପରେ କୁଲି କାମ କରିବା ନିମନ୍ତେ ଅନ୍ୟ ଜିଲ୍ଲାକୁ ଚାଲିଯାଇଛନ୍ତି ।

ଦୁଇ ଝିଅଙ୍କର ବିବାହ ମଧ୍ୟ ସରିଯାଇଛି । ଶ୍ରୀ ଜେନା ତାଙ୍କର ପରିବାରର ଚଳାଇବା ନିମନ୍ତେ ପ୍ରତ୍ୟେକ ହାଟକୁ ଯାଇ ବଳଦ କିଣିଆ ଓ ଅନ୍ୟ ହାଟରେ ସେଇ ବଳଦକୁ ବିକିବା ଦ୍ୱାରା ସେଥିରୁ

ଯାହା ଲାଭ ପାଆନ୍ତି ସେଇଥିରେ ସେ ଦୁଃଖ କଷ୍ଟରେ ନିଜ ପରିବାରକୁ ଚଳାନ୍ତି ।

ଗତ ୧୯୮୭ ମସିହାରେ ଶ୍ରୀ ଜେନା ବଳଦ କିଣିବା ନିମନ୍ତେ ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ୍ ଯାଇଥିଲେ । କିନ୍ତୁ ଦୁର୍ଭାଗ୍ୟବଶତଃ ମଟର ଦୁର୍ଘଟଣାରେ ସେ ଗୋଟିଏ ଗୋଡ଼ ହରାଇଲେ । ଦୁର୍ଘଟଣାରୁ ବଞ୍ଚିଯାଇ ଘରକୁ ଫେରିଲେ, ମାତ୍ର ବ୍ୟବସାୟ ବନ୍ଦ ହୋଇଯିବାରୁ ଖାଇବେ କ'ଣ ସେ ଚିନ୍ତାରେ ସେ ଅତ୍ୟନ୍ତ ମ୍ରିୟମାଣ ହୋଇଗଲେ ।

ବୃଦ୍ଧା ସ୍ତ୍ରୀଙ୍କର ରୋଜଗାର କରିବାର କ୍ଷମତା ନାହିଁ । ଗ୍ରାମବାସୀମାନେ ଶ୍ରୀ ଜେନାଙ୍କର ଅସହାୟ ଅବସ୍ଥା ଦେଖି ସରକାରଙ୍କର ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା ମାଧ୍ୟମରେ ସରକାରଙ୍କ ତରଫରୁ କିଛି ସାହାଯ୍ୟ କରାଇଦେବା ନିମନ୍ତେ ଗ୍ରାମ ପଞ୍ଚାୟତର ଗ୍ରାମସେବକଙ୍କୁ ଅନୁରୋଧ କଲେ । ଗ୍ରାମସେବକ ଶ୍ରୀ ଜେନାଙ୍କୁ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା ମାଧ୍ୟମରେ ଗୋଷାଣି ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ଜରିଆରେ ଏକ କ୍ଷୁଦ୍ର ବ୍ୟବସାୟ ନିମନ୍ତେ ୨,୮୦୦ ଟଙ୍କା ଋଣ ମଞ୍ଜୁର ନିମନ୍ତେ ପାରଳାଖେମୁଣ୍ଡିସ୍ଥ ଆନ୍ଧ୍ର ବ୍ୟାଙ୍କକୁ ସୁପାରିଶ କଲେ । ବ୍ୟାଙ୍କ କର୍ତ୍ତୃପକ୍ଷ ଗତ ତା ୨୬–୨–୧୯୯୦ ରିଖରେ ଶ୍ରୀ ଜେନାଙ୍କୁ ୨,୮୦୦ ଟଙ୍କା ଡେକରାତି ଦୋକାନ ନିମନ୍ତେ ଏ ଋଣ ମଞ୍ଜୁର କଲେ । ଋଣ ଟଙ୍କାରୁ ଶ୍ରୀ ଜେନା ୬୦୦ ଟଙ୍କା ରିହାତି ମଧ୍ୟ ପାଇଲେ ।

ବର୍ତ୍ତମାନ ବୃଦ୍ଧ ଶ୍ରୀ ଜେନା ଓ ତାଙ୍କ ସ୍ତ୍ରୀ ଦୋକାନରେ କାରବାର ଚଳାଇ ଦୈନିକ ୨୦ରୁ ୨୫ ଟଙ୍କାର ଜିନିଷ ବିକ୍ରୟ କରୁଛନ୍ତି ଏବଂ ସେଥିରୁ ଯାହା ଲାଭ ପାଆନ୍ତି ସେଥିରେ ସୁରୁଖୁରୁରେ ଚଳୁଛନ୍ତି । ଥରକୁ ଥର ଦୋକାନ ନିମନ୍ତେ ଆବଶ୍ୟକୀୟ ଜିନିଷ ପାରଳାଖେମୁଣ୍ଡିରୁ କିଣି ନେବାପାଇଁ ଗ୍ରାମବାସୀମାନେ ଶ୍ରୀ ଜେନାଙ୍କୁ ସାହାଯ୍ୟ କରନ୍ତି ।

ଋଣ ବାବଦକୁ ବର୍ତ୍ତମାନ ସୁଦ୍ଧା ଶ୍ରୀ ଜେନା ୧୬୦ ଟଙ୍କା ପରିଶୋଧ କରିସାରିଛନ୍ତି । ଅବଶିଷ୍ଟ ଟଙ୍କା ଶୀଘ୍ର ଯେପରି ପରିଶୋଧ କରିପାରିବେ ସେଥିପାଇଁ ସେ ଉଦ୍ୟମରତ ।

ଶ୍ରୀ ରାମକୃଷ୍ଣ ମହାପାତ୍ର
ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ପାରଳାଖେମୁଣ୍ଡି ।

## ପ୍ରଗତି ପଥେ
## ଢେଙ୍କାନାଳର ତିନୋଟି ଉପଜାତି

ସୃଷ୍ଟି ପ୍ରାରମ୍ଭରୁ ମାନବ ଜାତି ଧରା ପୃଷ୍ଠରେ ନିଜର ଆଧିପତ୍ୟ ଜାହିର କରିଛି । କାଳାନ୍ତରରେ ସେମାନଙ୍କର କାର୍ଯ୍ୟକଳାପକୁ ନେଇ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ଜାତି ସୃଷ୍ଟି କରାଗଲା । ସେମାନଙ୍କ ଛଡ଼ା ଅନ୍ୟ କେତେକ ଅଛୁଆଁ ଶ୍ରେଣୀର ଅନ୍ତର୍ଭୁକ୍ତ ହେଲେ । ଅଛୁଆଁମାନଙ୍କ ଭିତରକୁ ହରିଜନ ଓ ଆଦିବାସୀ ସମ୍ପ୍ରଦାୟ ଆସିଲେ । ହରିଜନ ଜନସମାଜରେ ବାସ କରୁଥିବା ବେଳେ ଆଦିବାସୀମାନେ ବଣ ଜଙ୍ଗଲରେ ବାସ କଲେ ।

ଏହି ଆଦିବାସୀମାନେ ଆମ ଭାରତରେ ପ୍ରାଗ୍ ଐତିହାସିକ କାଳରୁ ରହି ଆସୁଛନ୍ତି । ଦ୍ରାବିଡ଼ ତଥା ଆର୍ଯ୍ୟମାନଙ୍କ ଆଗମନର ହଜାର ହଜାର ବର୍ଷ ପୂର୍ବରୁ ଦେଶର ଭିନ୍ନ ଭିନ୍ନ ଅଞ୍ଚଳରେ ଏମାନେ ଗଛ ଉପରେ ହେଉ ବା କୋରଡ଼ ଭିତରେ ହେଉ ବସବାସ କରି ଆସୁଥିଲେ । ଏବେ କିନ୍ତୁ ଏମାନଙ୍କ ବସବାସ ପ୍ରଣାଳୀରେ ବହୁ ଉନ୍ନତି ଘଟିଛି । ଏମାନେ ମୁଖ୍ୟତଃ ପାହାଡ଼ିଆ ତଥା ଜଙ୍ଗଲିଆ । ପ୍ରକୃତିର ସନ୍ତାନ ବୋଲି ଏମାନେ ଗର୍ବ ଅନୁଭବ କରନ୍ତି । ବଣ ଜଙ୍ଗଲକୁ କାଟି ସଫାକରି ତାରି ଭିତରେ ପ୍ରାକୃତିକ ପରିବେଶ ଦ୍ୱାରା ପ୍ରଭାବିତ ହୋଇ ନିଜ ନିଜର ସରସ ସୁନ୍ଦର ଜୀବନ ଅତିବାହିତ କରୁଛନ୍ତି ।

ଏଇ ଆଦିବାସୀ ନାଁଟା ଶୁଣିଲେ ଆମର ସ୍ୱତଃ ମନେ ପଡ଼ିଯାଏ କନ୍ଧ, କୋହ୍ନ, ସାନ୍ତାଳ, ଗଣ୍ଡ, ମୁଣ୍ଡା, ବଣ୍ଡା ଇତ୍ୟାଦି କେତୋଟି ସମ୍ପ୍ରଦାୟର କଥା । କାରଣ ଆମେ କେବଳ ଏଇ ଅଳ୍ପ କେତୋଟି ଆଦିବାସୀ ସମ୍ପ୍ରଦାୟ ସମ୍ବନ୍ଧରେ କିଛି କିଛି ଜାଣୁ । କିନ୍ତୁ ଏଇ ଆଦିବାସୀମାନେ ଯେ ଶହ ଶହ ସମ୍ପ୍ରଦାୟରେ ବିଭକ୍ତ ଏହା ଶୁଣିଲେ ଆମକୁ ଆଶ୍ଚର୍ଯ୍ୟ ଲାଗେ । ଏକ ଅନୁଧ୍ୟାନରୁ ଜଣାଯାଏ ଯେ, ଆମ ଦେଶରେ ପ୍ରାୟ ୪୭୯ଟି ଆଦିବାସୀ ସମ୍ପ୍ରଦାୟ ରହିଛନ୍ତି । ସେଗୁଡ଼ିକ ମଧ୍ୟରୁ ପ୍ରାୟ ୬୨ଟି ସମ୍ପ୍ରଦାୟ କେବଳ ଓଡ଼ିଶାରେ ବସବାସ କରନ୍ତି ।

ଅନ୍ୟ କେତୋଟି ଜିଲ୍ଲାଭଳି ଢେଙ୍କାନାଳ ଜିଲ୍ଲାରେ ମଧ୍ୟ କେତୋଟି ଆଦିବାସୀ ସମ୍ପ୍ରଦାୟ ବାସ କରନ୍ତି । ସେଗୁଡ଼ିକ ମଧ୍ୟରୁ ତିନୋଟି ସମ୍ପ୍ରଦାୟ ଉପରେ ସାମାନ୍ୟ ଆଲୋକପାତ କରାଯାଇ ପାରେ ।

### କିଷାନ୍

କିଷାନ୍ ହେଉଛନ୍ତି ଏକ ଉପଜାତିର ସମ୍ପ୍ରଦାୟ, ଓଡ଼ିଶା ସାରା ଏମାନେ ଦେଖାଯାନ୍ତି, ମୁଖ୍ୟତଃ ଢେଙ୍କାନାଳ ଜିଲ୍ଲାରେ ଏମାନେ ବେଶୀ ସଂଖ୍ୟାରେ ଥିବାର ଜଣାଯାଏ । ଏମାନେ ସାଧାରଣତଃ ଓଡ଼ିଆ । ମୁଣ୍ଡା, ଓରାଓଁ, ଖରିଆ ପ୍ରଭୃତି ଜାତି ପରି ସମଜାତି ତଥା ଭୂୟାଁ, ଗଣ୍ଡ, କନ୍ଧମାନଙ୍କଠାରୁ ନିମ୍ନ ମାନର । ଇ: ଟି: ଡାଲଟନ୍ କହନ୍ତି — "ଆକୃତି ଦୃଷ୍ଟିରୁ କିଷାନ୍‌ମାନଙ୍କର କୋହ୍ନମାନଙ୍କ ସହିତ ସାଦୃଶ୍ୟ ଅଛି ।

ଓରାଓଁ ଭାଷା ସହିତ କିଷାନ୍ ଭାଷାର କେତେକ ସାମଞ୍ଜସ୍ୟ ରହିଅଛି । ହୋ, ଜୁଆଙ୍ଗ ତଥା ତେଲୁଗୁ ଭାଷାରେ ମଧ୍ୟ କେତେକ କିଷାନ୍ କଥାବାର୍ତ୍ତା ହୋଇଥାନ୍ତି । ଏମାନେ ବସବାସ କରୁଥିବା ଅଞ୍ଚଳରେ ଶିକ୍ଷାର ପ୍ରସାର ନଥିବାରୁ ପାଠଶାଠ ପଢ଼ି ପାରନ୍ତି ନାହିଁ । ଏବେ କାଁ ଭାଁ ପଢ଼ାପଢ଼ି କଲେଣି । ନିଜର ନାଁ ମଧ୍ୟ ଦସ୍ତଖତ କରି ଶିଖିଲେଣି । ଯାଯାବର ଭାବେ ଚଳ ପ୍ରଚଳ କରିବା ପାଇଁ ଭଲ ପାଉଥିଲେ ବି ସଦାବେଳେ ସଭ୍ୟ ସମାଜର ପଡ଼ୋଶୀ ଭାବେ ରହିବା ପାଇଁ ଚେଷ୍ଟା କରନ୍ତି । ସାମାଜିକ ଜୀବନ ଯାପନ ଅତିବାହିତ କରିବା ଅବସରରେ ବିଭିନ୍ନ ସମ୍ପ୍ରଦାୟର ଲୋକ ପାଖରେ ନାହିଁ । ଏଥି ନେଇ ମନ ଦୁଃଖ କରନ୍ତି ନାହିଁ କି ନିଜ ସ୍ୱାତନ୍ତ୍ର୍ୟ ହରାନ୍ତି ନାହିଁ । ସଦା ସର୍ବଦା ହିନ୍ଦୁ ପଡ଼ୋଶୀଙ୍କ ଦ୍ୱାରା ସାମାଜିକ ଚଳଣିରେ ଏମାନେ ପ୍ରଭାବିତ ।

କିଷାନ୍‌ମାନେ ଭାରି ପରିଶ୍ରମୀ, ସମତଳ ଅଞ୍ଚଳରେ ଥିବା ନିଜ ଜମିରେ ଚାଷବାସ କରି ପେଟ ପୋଷନ୍ତି । କେତେକ ମଧ୍ୟ

ହେଲେ, ରାଜମିସ୍ତ୍ରୀ କାମ କରିବାକୁ ସହରକୁ ଯିବା ଆସିବା ଆରମ୍ଭ କରିଦେଲେଣି । ତେବେ ବି ସହରୀ ସଭ୍ୟତା ସେମାନଙ୍କୁ ଗ୍ରାସ କରିପାରୁ ନାହିଁ । ଗାଁକୁ ଫେରିଯାଇ ବାହା ସାହା ହୁଅନ୍ତି । ମୁଖ୍ୟତଃ ସେମାନଙ୍କ ଚଳଣିରେ ବାଲ୍ୟ ବିବାହ ପ୍ରଥା ଏବେ ପ୍ରଚଳିତ । ସେମାନଙ୍କ ମଧ୍ୟରେ ଛାଡ଼ପତ୍ର ଦିଆ ନିଆ ନାହିଁ କହିଲେ ଚଳେ । ପୁରୁଷମାନେ ଗୋଟିଏ ସ୍ତ୍ରୀ ଥିବାବେଳେ ଆଉଗୋଟିଏ ଘରକୁ ଆଣନ୍ତି ନାହିଁ କି ରକ୍ଷିତା ମଧ୍ୟ ରଖନ୍ତି ନାହିଁ । ବାଲ୍ୟ ବିବାହର ଅର୍ଥ ହେଉଛି କୁଆଁରୀ ଝିଅ ଘରଯୋଗ୍ୟା ହୋଇ ଯିବା ମାତ୍ରେ ହିଁ ତାର ବିବାହ କାର୍ଯ୍ୟ ସମାପନ କରିଦିଆଯାଏ । ସେମାନଙ୍କର ପୁରୁଣା ଲୋକମାନେ ଏଥିନେଇ ନିଷ୍ପତ୍ତି ନେଇଥାନ୍ତି । ପୁଅ ଝିଅଙ୍କର ମନ ମାନିବା ବା ରାଜି ଅରାଜିକୁ କେହି କର୍ଣ୍ଣପାତ କରନ୍ତି ନ । ବିବାହ ବେଳେ କନ୍ୟାପିତା ପୂର୍ବନିର୍ଣ୍ଣିତ କ୍ଷତିପୂରଣ ପାଇବାର ପରମ୍ପରା ଅଛି । କେବଳ ବିବାହ କ୍ଷେତ୍ରରେ ନୁହେଁ, ସମସ୍ତ କ୍ଷେତ୍ରରେ ଏପରିକି ଜଟିଳତମ, ବିବାଦୀୟ ପରିସ୍ଥିତିରେ ମଧ୍ୟ ଏମାନେ ବୟସ୍କ ଲୋକମାନଙ୍କୁ ସମ୍ମାନ ପ୍ରଦର୍ଶନ କରିଥାନ୍ତି । ପଡ଼ୋଶୀମାନଙ୍କର ସାମାଜିକ ଉତ୍ସବକୁ ମଧ୍ୟ ମୁଖିଆ ଲୋକଙ୍କୁ ପ୍ରେରଣ କରିଥାନ୍ତି । ସେଇ ମୁଖିଆମାନଙ୍କୁ 'ଶିଆଣା' ନାମରେ ନାମିତ କରିଥିବାର ମଧ୍ୟ ଶୁଣାଯାଏ । ଆଉ ଦଳେ ଅଛନ୍ତି, ସେମାନଙ୍କୁ "ମାଡ଼ି" କୁହନ୍ତି । ସେମାନେ ହେଲେ ଟୁଣ୍ଡୁକା ଗୁଣିଆ ବଇଦ । ଝଡ଼ା ଫୁଙ୍କା କରନ୍ତି । କିଷାନ୍‌ମାନଙ୍କର ପୁରୋହିତ କାର୍ଯ୍ୟ ମଧ୍ୟ ସମାପନ କରନ୍ତି । ଆଉ କେତେକଙ୍କୁ 'ପାଣିଗିର' କୁହନ୍ତି । ସେମାନେ ଅନ୍ୟ ନାମରେ ହେଲେ ଘାଟ ବନ୍ଧୁଆଳ । କିଷାନ୍‌ମାନେ ବସବାସ କରୁଥିବା ଅଞ୍ଚଳରେ ବହି ଯାଉଥିବା ନଈ, ନାଳ ବା ଝରଣା କୂଳରେ ସେମାନେ ଘରକରି ରହିଥାନ୍ତି । ପିତୃ ପୁରୁଷଙ୍କର ଶ୍ରାଦ୍ଧ ସେଇଠି ସମାପନ କରନ୍ତି । ଅସ୍ଥି ମଧ୍ୟ ବିସର୍ଜନ କରନ୍ତି । ସେଇ ଘାଟ ହେଉଛି ସେମାନଙ୍କର ଗଙ୍ଗା ।

## ମଲହାର

ମଲହାର ଅନ୍ୟତମ ଆଦିବାସୀ ସମ୍ପ୍ରଦାୟ । ଏମାନେ ଦେଖିବାକୁ ଗୋରା ତଥା ପିଙ୍ଗଳ ରଙ୍ଗର । ବେଶଭୂଷାରେ ଏମାନଙ୍କର ଫରକ କିଛି ନଥାଏ । ପଡ଼ୋଶୀ ହିନ୍ଦୁମାନଙ୍କ ପରି ଧୋତି, ଶାଢ଼ି ପରିଧାନ କରନ୍ତି । ଅଳଙ୍କାର ମଧ୍ୟ ସେହିପରି । ଏ ସବୁରେ ରୂପା, ପିତଳର ଧାତୁର ପରିମାଣ ବେଶୀ । ସେମାନଙ୍କର ଶିକ୍ଷା, ଦୀକ୍ଷା ପ୍ରାୟ ନାହିଁ । କାରଣ ହେଲା ସେମାନେ ଯାଯାବର ଶ୍ରେଣୀର । ଗୋଟିଏ ଜାଗାରେ ଘର ବାନ୍ଧି ରହିବାକୁ ଭଲ ପାଆନ୍ତି ନାହିଁ । ଏବେ ଯଦିଓ ସେମାନେ ଘରଦ୍ୱାର କରି ସ୍ଥାୟୀ ଭାବରେ ରହିଲେଣି, ତଥାପି ଗୋଟିଏ ଜାଗାରେ ନରହି ସେମାନେ ଅଲଗା ଅଲଗା ଘରଦ୍ୱାର କରି ରହୁଛନ୍ତି । ବିଶେଷ କରି ଗାଁମୁଣ୍ଡରେ ଥିବା ପାହାଡ଼, ମୁଣ୍ଡିଆମାନଙ୍କରେ ରହିବାକୁ ଭଲପାଆନ୍ତି । ସେମାନେ ଚାଷବାସ କରନ୍ତି ନାହିଁ । ବଣ ଜଙ୍ଗଲରୁ ମହୁ, ଫଳମୂଳ ଆଣି ହାଟ ବଜାର ତଥା ଗାଁଗଣ୍ଡା ବୁଲି ବିକ୍ରୀ କରି ପେଟ ପୋଷୁଛନ୍ତି ।

ସେମାନେ ସାଧାରଣତଃ ଆମିଷପ୍ରିୟ । ମୂଷା ଓ ସାପକୁ ଛାଡ଼ି ଦେଲେ ଏମାନେ ଆଉ ସବୁ ପଶୁ ପକ୍ଷୀର ମାଂସ ଖାଆନ୍ତି । ଅନ୍ତ କେତେକ ଅଛନ୍ତି କୁକୁଡ଼ା ଓ ଛେଳି ମାଂସକୁ ଆଦୌ ଛୁଅନ୍ତି ନାହିଁ । ଆମିଷ ସହିତ ସୁରାପାନ କରିବାକୁ ଏମାନେ ଖୁବ୍ ଭଲ ପାଆନ୍ତି । ଗାଁ ଗଣ୍ଡାମାନଙ୍କରେ ମିଳୁଥିବା ତାଡ଼ି ଏମାନଙ୍କର ପ୍ରିୟ ପାନୀୟ । ଏମାନେ ପୁନିଅଁ ପର୍ବରେ ତାଡ଼ି ପିଇ ମସଗୁଲ ହୋଇ ରହନ୍ତି । ହିନ୍ଦୁମାନଙ୍କ ପରି ମଲହାରମାନେ ଗହ୍ମା ପୁନେଇ, ରଜପର୍ବ ଇତ୍ୟାଦି ପାଳନ କରନ୍ତି ।

ମଲହାରମାନଙ୍କ ମୁଖିଆଙ୍କୁ 'ବେହେରା' କୁହାଯାଏ । ମୁଖିଆଙ୍କ କଥାକୁ ଅକ୍ଷରେ ଅକ୍ଷରେ ପାଳନ କରିବାରେ ଏମାନେ ପଛାନ୍ତି ନାହିଁ । ଏମାନଙ୍କର ଦୁଇଜଣ ଦେହୁରୀ – ଜଣେ କନ୍ଧ ସମ୍ପ୍ରଦାୟର, ଅନ୍ୟ ଜଣେ ତାଙ୍କରି ମଲହାର ଜାତିର । କନ୍ଧ ଦେହୁରୀ ଏମାନଙ୍କର ଆରାଧ୍ୟ ଦେବୀ ମଙ୍ଗଳା, ବନଦେବୀ ତଥା କାଳିକାଙ୍କୁ ପୂଜା ଅର୍ଚ୍ଚନା କରୁଥିବାବେଳେ ମଲହାର ଦେହୁରୀ ଘର ଭିତରର ଠାକୁରଙ୍କୁ ପୂଜା କରିଥାଏ ।

ମୋଟା ମୋଟିରେ ଏମାନେ ନିଜକୁ ଜାରା ଶବରର ବଂଶଧର ବୋଲି କୁହନ୍ତି । ଏମାନେ ତେଣୁ ଓଡ଼ିଶାର ଆଦିମ ଜାତିମାନଙ୍କ ମଧ୍ୟରୁ ଅନ୍ୟତମ ବୋଲି ମନେ ହୁଅନ୍ତି । ଢେଙ୍କାନାଳ ଜିଲ୍ଲାର ରାସୋଳ ଥାନା ଅନ୍ତର୍ଗତ ରଙ୍ଗଥଳି ଗ୍ରାମରେ ଏମାନେ ଦେଖାଯାଆନ୍ତି । ଢେଙ୍କାନାଳ ଜିଲ୍ଲା ବ୍ୟତୀତ ମୟୂରଭଞ୍ଜ, ସୁନ୍ଦରଗଡ଼, ଫୁଲବାଣି, କୋରାପୁଟ, ଗଞ୍ଜାମ, ପୁରୀ, କଟକ ଇତ୍ୟାଦି ଜିଲ୍ଲାରେ ଏମାନେ ବାସ କରନ୍ତି ।

ଏମାନଙ୍କର ନିଜସ୍ୱ ଭାଷା ଅଛି, ଯାହା ସେମାନଙ୍କ ବ୍ୟତୀତ ଅନ୍ୟ କେହି ବୁଝି ପାରନ୍ତି ନାହିଁ । ଏବେ ସ୍ଥାୟୀ ଭାବରେ ଗୋଟିଏ ଜାଗାରେ ବସବାସ କରିବା ଦ୍ୱାରା ପାଖାପାଖି ଲୋକମାନେ ସେମାନଙ୍କ ଭାଷା ଟିକେ ଟିକେ ବୁଝିବାରେ ସକ୍ଷମ ହେଉଛନ୍ତି । ବିବାହ କ୍ଷେତ୍ରରେ ଏମାନେ ରିଗାଚରିତର ପ୍ରଥା ଅନୁସରଣ କରନ୍ତି । ନିଜ ସମ୍ପ୍ରଦାୟ ବ୍ୟତୀତ ବାହାର ଜାତିର କନ୍ୟାକୁ ଗ୍ରହଣ କରନ୍ତି ନାହିଁ । କଳି ହୁଡ଼ୀ ବ୍ୟଭିଚାରୀ, ଅଳସୁଆମାନଙ୍କୁ ଛାଡ଼ପତ୍ର ଦେଇଥାଆନ୍ତି । ପିଲା ଜନ୍ମ ହେଲେ ଅଶୌଚ ପାଳନ କରିଥାଆନ୍ତି । କେହି ମରିଗଲେ ତା ପାଇଁ ଶୋକ ମଧ୍ୟ ପାଳିଥାଆନ୍ତି । ସେଇ ସମୟରେ ସେମାନେ ଅନ୍ୟ କାହାକୁ ସେବା କରିନଥାନ୍ତି ।

## କୋରା

ଢେଙ୍କାନାଳ ଜିଲ୍ଲାର ଛେଣ୍ଡିପଦା, କିଶୋରନଗର ଓ ଆଠମଲ୍ଲିକକୁ ନେଇ ଗଠିତ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ଗାଁ ଗଣ୍ଡାମାନଙ୍କରେ ମୁଖ୍ୟତଃ ଏଇ ଲୋକମାନେ ଦେଖାଯାଆନ୍ତି । ଉପଜାତିର ହୋଇଥିଲେ ମଧ୍ୟ ଶିକ୍ଷିତ ପରି ଜୀବନ ଯାପନ କରନ୍ତି । ଦଶହରା, ରାହାସ ପୂର୍ଣ୍ଣିମା, ମାର୍ଗଶୀର ଗୁରୁବାର, ପୁଷ ପୁନିଅଁ, ହୋଲି, ଚୈତ୍ର ମଙ୍ଗଳବାର ପ୍ରଭୃତି ଓଷା ବ୍ରତ ପାଳନ କରନ୍ତି । ପୂଜକ ବା ଦେହୁରୀ ଦ୍ୱାରା ଦେବାଦେବୀଙ୍କୁ ପୂଜା କରନ୍ତି । ପିଲା ଜନ୍ମ ହେଲେ ଏକୋଇଶ ଦିନ ଧରି ଅଶୌଚ ପାଳନ କରନ୍ତି । କନ୍ୟା ହୋଇଥିଲେ ବାରୋଦିନ ପରେ ମାଆ ଛୁଆଁ ଛୁଇଁ କରନ୍ତି । କନ୍ୟା ହୋଇଥିଲେ ବାରୋଦିନ ପରେ ମାଆ ଛୁଆଁ ଛୁଇଁ କରେ । ପୁଅ ହୋଇଥିଲେ ଏକୋଇଶିଆ ପାଳନ କରାଯାଏ । କାର୍ତ୍ତିକ ମାସରେ ଏମାନେ ପିତୃପୁରୁଷଙ୍କ ଶ୍ରାଦ୍ଧ ପାଳନ କରନ୍ତି । ନିଜର ଆର୍ଥିକ ସ୍ୱଚ୍ଛଳତାକୁ ନେଇ ଏମାନେ ମୃତ ବ୍ୟକ୍ତିର ଶବଟିକୁ ପୋତିଦିଅନ୍ତି ବା ପୋଡ଼ି ଦିଅନ୍ତି ବା ସମାଧି ଦିଅନ୍ତି । ଏଇ

ଦିନମାନଙ୍କରେ ମଧ୍ୟ ମାଛ ମାଂସ ଖାଆନ୍ତି ନାହିଁ । ଯେତେ ଯାହା ପରିସ୍ଥିତି ଉପୁଜିଲେ ମଧ୍ୟ ଏମାନେ ଘୁଷୁରୀ ଗୋମାଂସ ମୋଟେ ଖାଆନ୍ତି ନାହିଁ ।

ଏମାନଙ୍କର ପେଶା ହେଲା ମାଟି ଖୋଳିବା ଓ କୃଷି କରିବା । ଏମାନେ ବେଳେ ବେଳେ ମଧ୍ୟ ଶିକାର କରନ୍ତି ଏବଂ ନଈନାଳରୁ ମାଛ ଧରନ୍ତି । ବାସଗୃହଗୁଡ଼ିକୁ ଝାଟିମାଟିରେ ଛୋଟ ଛୋଟ ଆକାରରେ ତିଆରି କରନ୍ତି । ନିଜ ନିଜ ଭିତରେ ଗଣ୍ଡଗୋଳ ହେଲେ ଆପୋଷ ସମାଧାନ ନିଜ ସମ୍ପ୍ରଦାୟର ମୁଖିଆମାନଙ୍କ ଦ୍ୱାରା କରିଥାନ୍ତି । କେତେବେଳେ ମୁଖିଆଙ୍କ ନିଷ୍ପତ୍ତିରେ ସନ୍ଦେହ ଉପୁଜେ, ବାହାରୁ ଜଣଙ୍କୁ ଡାକି ସମାଧାନ କରାଯାଏ । କୋର୍ଟ କଚେରୀକୁ ମୋଟେ ଯିବା ଦରକାର ପଡ଼େନି । ଏମାନଙ୍କ ଭିତରେ ଧଳୋ, ମଲୋ, ଶିଖରିଆ, ବାଦାମିଆ ସମ୍ପ୍ରଦାୟ ବା ଗୋତ୍ର ଥିଲେ ମଧ୍ୟ ଏମାନେ ନିଜକୁ ସୁପ୍ରାଚୀନ ବୋଲି ଦାବୀ କରନ୍ତି । ତେବେ ବି ବିବାହ କ୍ଷେତ୍ରରେ ଅନ୍ୟ ସମ୍ପ୍ରଦାୟ ସହିତ ସମ୍ପର୍କ ସ୍ଥାପନ କରିବାର ଦେଖାଯାଏ ।କନ୍ୟା ମୂଲ୍ୟ ପ୍ରଥାରେ କନ୍ୟାପିତାଙ୍କୁ ଯତ୍‌କିଞ୍ଚିତ ଅର୍ଥଦେଇ ବର କନ୍ୟାକୁ ବୋହୂ କରି ନେଇଆସେ । କୋରାମାନେ ବିବାହ କାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ହିନ୍ଦୁ ରୀତିରେ ସମାପନ କରନ୍ତି । ବ୍ରାହ୍ମଣ ଦ୍ୱାରା ହୋମ ତଥା ବାରିକର ସାହାଯ୍ୟ ନେଇ ବାହା ହୋଇଥାଆନ୍ତି । ବର ପ୍ରଥମେ କନ୍ୟା କପାଳରେ ସିନ୍ଦୁର ମାରିଥାଏ । ଛାଡ଼ପତ୍ର ଦିଆନିଆ ଥିବାରୁ ବହୁ ବିବାହ ପ୍ରଥାକୁ ବି ସ୍ୱାଗତ କରନ୍ତି । ବିଧବା ତାର ଦିଅରଙ୍କୁ ବାହା ହୋଇଥାଏ । ଛାଡ଼ପତ୍ର କ୍ଷେତ୍ରରେ କେବଳ ସ୍ୱାମୀର ଅଧିକାର । ଛାଡ଼ପତ୍ର ଦେବା ପରଠାରୁ ଛଅମାସ ପର୍ଯ୍ୟନ୍ତ ଭରଣ ପୋଷଣ ଦାୟିତ୍ୱ ମଧ୍ୟ ବର ନେଇଥାଏ ତା ହାତକୁ । କୋରାମାନେ ସଦାସର୍ବଦା ପିତୃକେନ୍ଦ୍ରିକ ।

ଏବେ ସେମାନେ ଶିକ୍ଷିତ ହୋଇ ଚାକିରି ବାକିରି କରିଲେଣି । ମାଟିରୁ ଖଇର ବାହାର କରୁଥିବା ବୃତ୍ତିକୁ ସେମାନେ ଏଥି ମଧ୍ୟରେ ଭୁଲିଗଲେଣି, ଯଦିଓ ଏମାନେ ଏବେ ମଧ୍ୟ ସେଇ ଖଇରା ଭାବରେ ପରିଚିତ ହେଉଛନ୍ତି ।

---

କ୍ୱାର୍ଟର ନଂ ଇ/୧୬୬,
ୟୁନିଟ୍‌-୮, ଭୁବନେଶ୍ୱର-୭୫୧ ୦୧୨ ।



ସ୍ୱାଧୀନତା ଦିବସ ୧୯୯୦ରେ ଢେଙ୍କାନାଳଠାରେ ବାଜି ରାଉତ ସ୍ମୃତି ସ୍ତମ୍ଭରେ ଶ୍ରୀ ଶରତ କୁମାର କରଙ୍କ ପୁଷ୍ପମାଲ୍ୟ ଅର୍ପଣ ।




## ଦୁର୍ନୀତି ବିରୋଧୀ ସଂଗ୍ରାମ କଠୋରତର ହେବ

ସାରା ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ ଜନସାଧାରଣଙ୍କ ହାତରେ କ୍ଷମତା ଦେବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଘୋଷଣା କରିଛନ୍ତି । ଭୁବନେଶ୍ୱର କଲ୍ୟାଣ ମଣ୍ଡପଠାରେ ସେପ୍ଟେମ୍ବର ୮ ଓ ୯ ତାରିଖରେ ଅନୁଷ୍ଠିତ ଓଡ଼ିଶା ଗ୍ରାମୀଣ ମଜଦୁର ସଙ୍ଘର ରାଜ୍ୟସ୍ତରୀୟ ସମାବେଶକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଲେ ଯେ, ଲୋକଙ୍କ ହାତକୁ କ୍ଷମତା ଦେବା ପାଇଁ ଭାରତ ସରକାର ଖୁବ୍ ଅଳ୍ପ ଦିନ ମଧ୍ୟରେ ପାର୍ଲିଆମେଣ୍ଟରେ ପଞ୍ଚାୟତିରାଜ ଓ ନଗରପାଳିକା ବିଲ୍ ଆଗତ କରିବେ । ଓଡ଼ିଶାରେ ମଧ୍ୟ ସେହି ଢାଞ୍ଚାରେ ଆଇନ ପ୍ରବର୍ତ୍ତିତ ହୋଇ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ପାଇଁ ନିର୍ବାଚନ କରାଯିବ ଏବଂ ଏହି ସବୁ ଲୋକ ପ୍ରତିନିଧିମୂଳକ ଅନୁଷ୍ଠାନମାନଙ୍କରେ ଶତକଡ଼ା ତିରିଶ ଭାଗ ମହିଳା ପ୍ରତିନିଧିତ୍ୱ ପାଇଁ ବ୍ୟବସ୍ଥା ରଖାଯିବ । ଗତ ତିରିଶ ବର୍ଷ ତଳେ ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟର ପଞ୍ଚାୟତିରାଜ ବ୍ୟବସ୍ଥା ସମ୍ପର୍କରେ ସ୍ମରଣ କରାଇ ଶ୍ରୀ ପଟ୍ଟନାୟକ କହିଲେ ଯେ, ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ପଞ୍ଚାୟତ, ମହିଳା ସମିତି, ଯୁବକ ସଙ୍ଘ ମଧ୍ୟରେ ପ୍ରତିଯୋଗିତାମୂଳକ ମନୋଭାବ ଜାଗ୍ରତ କରିବାକୁ ହେବ । ଶାସନର ପ୍ରତ୍ୟେକ ସ୍ତରରେ ଦୁର୍ନୀତି ବ୍ୟାପିଯାଇଥିବାରୁ ଦୁର୍ନୀତି ବିରୁଦ୍ଧରେ ରାଜ୍ୟ ସରକାରଙ୍କ ସଂଗ୍ରାମ କଠୋରତର ହେବ ବୋଲି ସେ କହିଥିଲେ । କୃଷୀ ନିଜର ଉତ୍ପାଦିତ ଫସଲର ଉଚିତ ମୂଲ୍ୟ ପାଇବା ପାଇଁ ଓ ସର୍ବନିମ୍ନ ମଜୁରୀ ୨୫ ଟଙ୍କାକୁ କାର୍ଯ୍ୟକାରୀ କରିବା ସଙ୍ଗେ ସଙ୍ଗେ ଗ୍ରାମୀଣ ମଜଦୁରଙ୍କୁ ବର୍ଷ ତମାମ କାମ ଯୋଗାଇ ଦେବା ପାଇଁ ସରକାରଙ୍କ ସଙ୍କଳ୍ପ ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ ।

ମୁଖ୍ୟମନ୍ତ୍ରୀ ପୁଣି କହିଲେ ଯେ ପାରାଦ୍ୱୀପ ବନ୍ଦର ଗଭୀରତର କରିବା ପାଇଁ ୭୦ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିବା ସ୍ଥଳେ ଏହାର କାର୍ଯ୍ୟକାରିତାର ବିଳମ୍ବ ଯୋଗୁ ଖର୍ଚ୍ଚ ଅଟକଳ ଚାରିଗୁଣ ବୃଦ୍ଧି ପାଇଲାଣି । ତେଣୁ ସିଦ୍ଧାନ୍ତ ଅନୁଯାୟୀ ଯୋଜନାକୁ ଠିକ୍ ସମୟରେ ରୂପାୟିତ ନକଲେ ଯୋଜନା ଖର୍ଚ୍ଚ ବୃଦ୍ଧି ପାଇବା ସ୍ୱାଭାବିକ । କଠିନ ପରିଶ୍ରମ ଦ୍ୱାରା ଓ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ ଦ୍ୱାରା ଓଡ଼ିଶାର ଉନ୍ନତି ସମ୍ଭବ ହେବ ବୋଲି ସେ କହିଲେ ।

ସମାବେଶରେ ଭାଗ ନେଇ ଓଡ଼ିଶାର ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ କହିଲେ ଯେ, ଶ୍ରମ ଶକ୍ତି ମାଟି ସହ ମାଟି ହୋଇ ଲଢ଼େଇ କରୁଥିଲେ ମଧ୍ୟ ଏହା ସାମାଜିକ ନ୍ୟାୟ ପାଇବାରୁ ବଞ୍ଚିତ ହୋଇ ଅବହେଳାର ଶିକାର ହୋଇଛି । ଅସଂଗଠିତ ଶ୍ରମ ଶକ୍ତିକୁ ସଙ୍ଗଠିତ କରି ସେମାନଙ୍କୁ ଦାରିଦ୍ର୍ୟ ଓ ନୈରାଶ୍ୟରୁ ମୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟା ଜାରି ରହିଛି ବୋଲି ସୂଚନା ଦେଇ ସେ ଦାଦନ ସମସ୍ୟା ଦୂର କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

## ରିଲିଫ୍ କୋର୍ଡ଼ ସଂଶୋଧନ

ଜଳସେଚନ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ବିଜୟ ମହାପାତ୍ର କହିଲେ ଯେ, ଶାସନରୁ ଦୁର୍ନୀତିର ବିଲୋପ ପାଇଁ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି । ରାଜ୍ୟରେ କୃଷୀ ଅର୍ଥନୀତି ଓ ଶ୍ରମିକ ଅର୍ଥନୀତିକୁ ପରିବର୍ତ୍ତନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ସମ୍ପର୍କରେ ସୂଚନା ଦେଇ ଶ୍ରୀ ମହାପାତ୍ର କହଲେ ଯେ, ଏହାକୁ ଆଖି ଆଗରେ ରଖି ରାଜ୍ୟର ଯୋଜନା ପ୍ରଣୟନ କରାଯାଉଛି ଏବଂ ପଞ୍ଚାୟତ ଓ ବ୍ଲକ୍ ସ୍ତରରେ କୃଷୀ କମିଟିମାନ ଗଠନ କରାଯିବ । କୃଷୀ ଓ ଶ୍ରମିକର ସ୍ୱାର୍ଥକୁ ଦୃଷ୍ଟିରେ ରଖି ପଚାଶ ବର୍ଷ ତଳର ଓଡ଼ିଶା ରିଲିଫ୍ କୋର୍ଡକୁ ସଂଶୋଧନ କରାଯିବ ।ରାଜ୍ୟରେ ଶିକ୍ଷିତ ବେକାରଙ୍କ କର୍ମ ନିଯୁକ୍ତି ସମ୍ପର୍କରେ ସେ କହିଲେ ଯେ, ପ୍ରଥମ ଦଫାରେ ୭୦୦ ଇଞ୍ଜିନିୟରଙ୍କୁ ସେପ୍ଟେମ୍ବର ଶେଷ ସୁଦ୍ଧା ଚାକିରି

ଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହାଛଡ଼ା ଏକଲକ୍ଷ ଯୁବକଙ୍କ ନିଯୁକ୍ତି ସୁବିଧା ସମ୍ପର୍କରେ ସୁପାରିଶ କରିବା ପାଇଁ ଗଢ଼ାଯାଇଥିବା କ୍ୟାବିନେଟ କମିଟି ତାଙ୍କର ରିପୋର୍ଟ ତିନିମାସ ମଧ୍ୟରେ ଦାଖଲ କରିବେ ବୋଲି ସେ ସୂଚନା ଦେଇଥିଲେ । ଅନ୍ୟାୟ ଉପାୟରେ କଳାଧନ ଅର୍ଜନ କରିଥିବା ଲୋକମାନଙ୍କର ଧନକୁ ବାଜ୍ୟାପ୍ତି କରିବା ପାଇଁ ଆଗାମୀ ବିଧାନ ସଭା ଅଧିବେଶନରେ ଆଇନ୍ ତିଆରି ହେବ ବୋଲି ସେ କହିଥିଲେ ।

ପ୍ରାରମ୍ଭରେ ଓଡ଼ିଶା ଗ୍ରାମୀଣ ମଜଦୁର ସଙ୍ଘର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇ ବିଧାୟକ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ କହିଲେ ଯେ, ଓଡ଼ିଶାର ତିନିକୋଟି ଲୋକମାନଙ୍କ ମଧ୍ୟରୁ ଗ୍ରାମୀଣ ମଜଦୁରଙ୍କ ସଂଖ୍ୟା ଏକକୋଟି ପନ୍ଦର ଲକ୍ଷ ହୋଇଥିବା ବେଳେ ପନ୍ଦର ଲକ୍ଷ ମଜଦୁର ସଙ୍ଗଠିତ କ୍ଷେତ୍ରରେ ଖଣି ଶ୍ରମିକ ଓ ଶିଳ୍ପ ଶ୍ରମିକ ଭାବରେ କାମ କରୁଛନ୍ତି ଓ ପ୍ରାୟ ଏକକୋଟି ମଜଦୁର କାଠକଟାଳି, କେନ୍ଦୁପତ୍ର ତୋଳାଳି, କୃଷି ଶ୍ରମିକ, କମାର, କୁମ୍ଭାର, ବାରିକ ଭାବରେ କାର୍ଯ୍ୟ କରୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଜନତା ଦଳ ସରକାର ଲୋକମାନଙ୍କ ମଧ୍ୟରେ ନୂଆ ଉତ୍ସାହ ଓ ନୂଆ ଜୀବନ ସୃଷ୍ଟି କରିଛି । ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ଅଧାରୁ ଅଧିକ ଟଙ୍କା ରଖିଛନ୍ତି । ତେଣୁ ସଚେତନତା ଓ ସଙ୍ଗଠନ ଦ୍ୱାରା ଗ୍ରାମୀଣ ମଜଦୁରମାନଙ୍କର ଉନ୍ନତି ସାଧିତ ହୋଇପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ । ସଙ୍ଘ ଦ୍ୱାରା ପାଞ୍ଚୋଟି କର୍ମଶାଳା ଓ କେତେକ ତାଲିମ ଶିବିର ଅନୁଷ୍ଠିତ ହେବ ବୋଲି ଶ୍ରୀ ଘଡ଼ାଇ ସୂଚନା ଦେଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ପରିବହନ ମନ୍ତ୍ରୀ ଶ୍ରୀ ଭାଗବତ ବେହେରା, ଜଙ୍ଗଲ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମଙ୍ଗଳା କିଷାନ, ଶ୍ରମ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ସାମଲ ଓ ଅନେକ ବିଧାୟକ ଏହି ସମାବେଶରେ ଯୋଗ ଦେଇଥିଲେ । ପୂର୍ବତନ ବିଧାୟକ ଶ୍ରୀ ମକର ସେଠୀ ସମାବେଶରେ ସଭାପତିତ୍ୱ କରିଥିଲେ ।

## ଦରିଦ୍ରର ଉନ୍ନତିକୁ ଅଗ୍ରାଧିକାର ଦିଆଯିବ

ଓଡ଼ିଶାରେ ଗରିବ ଜନସାଧାରଣଙ୍କ ଉନ୍ନତିକୁ ଆଖି ଆଗରେ ରଖି ଯୋଜନା ପ୍ରଣୟନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି ।

ଅଗଷ୍ଟ ମାସ ୨୨ ତାରିଖରେ ରାଜ୍ୟ ସଚିବାଳୟଠାରେ ଅନୁଷ୍ଠିତ ପୁନର୍ଗଠିତ ରାଜ୍ୟ ଯୋଜନା ବୋର୍ଡ଼ର ପ୍ରଥମ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଲେ ଯେ, ଆମ ରାଜ୍ୟରେ ବସବାସ କରୁଥିବା ବହୁ ସଂଖ୍ୟକ ଗରିବ ଜନସାଧାରଣଙ୍କର ଉନ୍ନତି ପାଇଁ ସମସ୍ତଙ୍କୁ ଧ୍ୟାନ ଦେବାକୁ ପଡ଼ିବ । କେବଳ କଠିନ ପରିଶ୍ରମ ଓ ଉପଯୁକ୍ତ ଯୋଜନା ପ୍ରଣୟନ ଓ ତାକୁ କାର୍ଯ୍ୟକାରୀ କରିବା ଦ୍ୱାରା ରାଜ୍ୟର ଆର୍ଥନୈତିକ ପ୍ରଗତି ସମ୍ଭବ ହୋଇପାରିବ । ଏଥି ନିମନ୍ତେ ସରକାରୀ କର୍ମଚାରୀ ଓ ଜନସାଧାରଣଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରହିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ବୈଠକ ଆରମ୍ଭରେ ରାଜ୍ୟ ଯୋଜନାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ଶ୍ରୀ ବି. ଶିବରମଣ କହିଲେ ଯେ, ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ ରାଜ୍ୟ ଅର୍ଥନୀତିର ବିକାଶ ପାଇଁ ଡାଲି ଓ ତୈଳବୀଜର ଉତ୍ପାଦନ ବୃଦ୍ଧି କରାଯିବା ସଙ୍ଗେ ସଙ୍ଗେ ସୂର୍ଯ୍ୟମୁଖୀ, ଚିନାବାଦାମ ଓ ସୋୟାବିନ ଭଳି ଅର୍ଥକରୀ ଫସଲର ଉତ୍ପାଦନ ବୃଦ୍ଧି କରିବାକୁ ପଡ଼ିବ ଏବଂ ଉପଯୁକ୍ତ ଫସଲ ବିନ୍ୟାସ ଓ ଜଳ ସମ୍ପଦର ଉପଯୁକ୍ତ ବିନିଯୋଗ ଦ୍ୱାରା ବର୍ଷରେ ତିନୋଟି ଅର୍ଥକରୀ ଫସଲ ଉତ୍ପାଦନ କରାଯାଇପାରିବ । ରାଜ୍ୟର ଜଳସେଚନ ବ୍ୟବସ୍ଥାର ସୁପରିଚାଳନା, ଉପଯୁକ୍ତ ବଜାର ଓ ଗମନାଗମନର ସୁବିଧା ଅତ୍ୟନ୍ତ ଅପରିହାର୍ଯ୍ୟ ବୋଲି ସେ ମତ ପ୍ରକାଶ କରିଥିଲେ । ଭୂତଳ ଜଳ ସମ୍ପଦର ଉପଯୁକ୍ତ ବ୍ୟବହାର ଓ ବନୀକରଣ ଯୋଜନା ଦ୍ୱାରା ଉପଯୁକ୍ତ ସୁବିଧା ସୃଷ୍ଟି କରିବା ଉପରେ ମଧ୍ୟ ସେ ଗୁରୁତ୍ୱ ଆରୋପ କରିଥିଲେ । ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ପୁଣି କହିଲେ ଯେ, ରାଜ୍ୟରେ ମତ୍ସ୍ୟଚାଷ ପାଇଁ ବିପୁଳ ସୁଯୋଗ ଥିଲେ ମଧ୍ୟ ସେ ବାବଦରେ ବିଶେଷ କିଛି ଉନ୍ନତି ହୋଇପାରିନାହିଁ । ତେଣୁ ଯୋଜନାରେ ମତ୍ସ୍ୟଚାଷକୁ ଗୁରୁତ୍ୱ ଦେବା ସଙ୍ଗେ ସଙ୍ଗେ ଗ୍ରାମ୍ୟ କୁଟୀର ଓ ହସ୍ତ ଶିଳ୍ପର ଉନ୍ନତି ସାଧନ କରାଯାଇ ତାହାକୁ ରପ୍ତାନୀ ଭିତ୍ତିକ କରାଯିବା ଉଚିତ ବୋଲି ସେ ମତ ପ୍ରକାଶ କରିଥିଲେ ।

ଆଲୋଚନାରେ ଭାଗ ନେଇ ରାଜ୍ୟ ଯୋଜନା ବୋର୍ଡ଼ ସଭ୍ୟ ତଥା ବିଶିଷ୍ଟ ଅର୍ଥନୀତିଜ୍ଞ ଡକ୍ଟର ନୀଳକଣ୍ଠ ରଥ କହିଲେ ଯେ, ଯୋଜନାର ସଫଳକୁ ଆଖି ଆଗରେ ରଖି ଉନ୍ନୟନ ପାଇଁ ସୁଚିନ୍ତିତ ନୀତି ନିର୍ଦ୍ଧାରଣ କରାଯିବା ଦରକାର । ପଡ଼ୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶ ଓ ପଶ୍ଚିମବଙ୍ଗ ତୁଳନାରେ ଆମ ରାଜ୍ୟରେ ଖରିଫ ଫସଲ ଉତ୍ପାଦନ କମ୍ ହେଉଥିବାରୁ ଜଳସେଚନର ଉପଯୁକ୍ତ ପରିଚାଳନା ଏବଂ ଉନ୍ନତ ବିହନ ଓ ସାର ବ୍ୟବହାର କରିବା ପାଇଁ କୃଷକଙ୍କୁ ଉପଯୁକ୍ତ ତାଲିମ ଦେବା ଦରକାର । ଜଳସେଚନ ପ୍ରକଳ୍ପଗୁଡ଼ିକ ଦ୍ୱାରା ସୃଷ୍ଟି ହେଉଥିବା ବୁଡ଼ି ଅଞ୍ଚଳର ଜନସାଧାରଣଙ୍କ ଥଇଥାନ ପାଇଁ ସେମାନଙ୍କୁ ଜଳସେଚିତ ଅଞ୍ଚଳରେ ସମାନ ପରିମାଣର ଜମି ଯୋଗାଇ ଦେବାକୁ ସେ ପରାମର୍ଶ ଦେଇଥିଲେ । ରାଜ୍ୟରେ ଗମନାଗମନ, ସ୍ୱାସ୍ଥ୍ୟ ଓ ପଶୁ ଚିକିତ୍ସା ପାଇଁ ଏକ ଦଶବର୍ଷିଆ କାର୍ଯ୍ୟକ୍ରମ ସମ୍ପର୍କରେ ଚିନ୍ତା କରିବାକୁ ସେ ଅନୁରୋଧ କରିଥିଲେ ।

ଅନ୍ୟତମ ସଭ୍ୟ ଶ୍ରୀ ଅଜିତ୍ ମହାପାତ୍ର ରାଜ୍ୟରେ କ୍ଷୁଦ୍ର ଶିଳ୍ପର ବିକାଶ ସମ୍ପର୍କରେ ଆଲୋଚନା କରି ରାଜ୍ୟର ଲୋକମାନଙ୍କୁ ଆଧୁନିକ ତାଲିମ୍ ଦେବା ପାଇଁ ପରାମର୍ଶ ଦେଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ଅଦ୍ୱୈତ ପ୍ରସାଦ ସିଂହ, ଜଳସେଚନ ମନ୍ତ୍ରୀ ଶ୍ରୀ ବିଜୟ ମହାପାତ୍ର, କୃଷି ଓ ସମବାୟ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ମଲ୍ଲିକ, ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେନ୍ଦ୍ରନାଥ ନାୟକ, ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ଘାସିରାମ ମାଝି, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ଭାଗବତ ବେହେରା, ପୂର୍ତ୍ତ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ନଳିନୀ ମହାନ୍ତି, ଯୋଜନା ଓ ସମନ୍ୱୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଯାଦବ ମାଝି, ମତ୍ସ୍ୟ ଓ ପଶୁପାଳନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ର, ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ କମଳା ଦାସ, ଆଦିବାସୀ ଓ ଜଙ୍ଗଲ ଓ ପରିବେଶ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମଙ୍ଗଳା କିଷାନ,

ହରିଜନ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଛୋଟରାୟ ମାଝି, ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ସୟଦ୍ ମୁସ୍ତାଫିଜ୍ ଅହମ୍ମଦ, ହସ୍ତତନ୍ତ ଓ ବୟନ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସହରାଇ ଓରାମ୍, ଯୋଜନା ବୋର୍ଡ଼ ସଭ୍ୟ ଶ୍ରୀ ଜି: ଏନ୍: ମିଶ୍ର, ଡକ୍ଟର ପି: କେ: ମହାନ୍ତି ଓ ଶ୍ରୀ ଅଜିତ ଦାସ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

## ରତ୍ନଶିଳା ଚୋରି ବିରୁଦ୍ଧରେ ଦୃଢ଼ ପଦକ୍ଷେପ

ରାଜ୍ୟରେ ମୂଲ୍ୟବାନ ପଥରର ଚୋରା କାରବାର ରୋକିବା ପାଇଁ ଦୃଢ଼ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗତ କାଲି ସଚିବାଳୟ କମିଟି ପ୍ରକୋଷ୍ଠରେ ଅନୁଷ୍ଠିତ ଇସ୍ପାତ ଓ ଖଣି ବିଭାଗର ଅଣଆନୁଷ୍ଠାନିକ ପରାମର୍ଶଦାତା କମିଟି ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଲେ ଯେ ରାଜ୍ୟର କଳାହାଣ୍ଡି, ବଲାଙ୍ଗୀର ଓ ଫୁଲବାଣୀ ଜିଲ୍ଲାରେ ବହୁ ମୂଲ୍ୟବାନ ମାଣିକ୍ୟ, ବୈଦୁର୍ଯ୍ୟ ଓ ଗାର୍ଣ୍ଣେଟ ପଥରର ବ୍ୟାପକ ଚୋରା କାରବାର ଚାଲିଛି । ବାହାରର ଲୋକମାନେ ସ୍ଥାନୀୟ ନିରୀହ ଅଧିବାସୀମାନଙ୍କୁ ଉପଯୋଗ କରି ବିପୁଳ ପରିମାଣରେ ମୂଲ୍ୟବାନ ପଥର ନେଇଯାଉଥିବାରୁ ନିକଟରେ ବିଧାନ ସଭାରେ ଗୃହୀତ ହୋଇଥିବା ଓଡ଼ିଶା ଖଣିଜ ଦ୍ରବ୍ୟ ଚୋରା କାରବାର ନିରୋଧ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଥିଲେ । ସେହିପରି କଟକ ଓ କେନ୍ଦୁଝର ଜିଲ୍ଲାରେ କ୍ରୋମାଇଟ୍ ପଥରର ଚୋରା କାରବାରକୁ ରୋକିବା ପାଇଁ ଶ୍ରୀ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ ।

ରାଜ୍ୟରେ କ୍ରୋମାଇଟ୍ ଖଣି ପଟ୍ଟା ଦାନ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଲେ ଯେ ଏଣିକି ଖଣି ପଟ୍ଟା ଦେବା ସମୟରେ ସମ୍ପୃକ୍ତ ପକ୍ଷର ଉତ୍ପାଦନ କ୍ଷମତା ବିଷୟରକୁ ନିଆଯିବ ଏବଂ ଉତ୍ପାଦନ କ୍ଷମତା ଭିତ୍ତିରେ କ୍ରୋମାଇଟ୍ ଖଣି ପଟ୍ଟା ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ସେ ପ୍ରକାଶ କରିଥିଲେ । ଆନ୍ତର୍ଜାତିକ ବଜାରରେ ମାଙ୍ଗାନିଜ୍‌ର ଦାମ୍ ବଢ଼ିଥିବାରୁ ଅତୀତରେ ଦିଆଯାଇଥିବା ମାଙ୍ଗାନିଜ୍ ଖଣି ପଟ୍ଟା ସମ୍ପର୍କରେ ସମୀକ୍ଷା କରାଯିବ ବୋଲି ସେ କହିଥିଲେ । ଓଡ଼ିଶାରେ ଇସ୍ପାତ ଶିଳ୍ପର ପ୍ରସାର, ପାରାଦ୍ୱୀପ ବନ୍ଦରର ବିକାଶ ଓ ଜଖପୁରା– ବାଂଶପାଣି ରେଳପଥର ନିର୍ମାଣ ଉପରେ ନିର୍ଭରଶୀଳ ବୋଲି ଶ୍ରୀ ପଟ୍ଟନାୟକ ମତ ଦେଇଥିଲେ । ରାଜ୍ୟରେ ଯୁବ ଶିଳ୍ପୋଦ୍ୟୋଗୀମାନଙ୍କୁ ଖଣିଭିତ୍ତିକ ଶିଳ୍ପ ଦିଗରେ ପ୍ରୋତ୍ସାହନ ଦେବାକୁ ବିଧାୟକ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ ।

ଆଲୋଚନାରେ ଅଂଶ ଗ୍ରହଣ କରି ବିଧାୟକ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ମୂଲ୍ୟବାନ ପଥରର ଚୋରା କାରବାର ବୃଦ୍ଧି ପାଉଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ । ସେ କହିଲେ ଯେ ପ୍ରଚଳିତ ଆଇନ ଅନୁଯାୟୀ ଲକ୍ଷ ଲକ୍ଷ ଟଙ୍କାର ମୂଲ୍ୟବାନ ପଥର ଚୋରା କାରବାର କରୁଥିବା ବ୍ୟବସାୟୀ ପାଇଁ ୧୦ ହଜାର ଟଙ୍କା ଜାମିନ୍ ଦେଇ ଖସି ଯିବାରେ କୌଣସି ଅସୁବିଧା ନାହିଁ । ଅପର ପକ୍ଷରେ ସ୍ଥାନୀୟ ନିରୀହ ଲୋକମାନେ ଏହି କାରବାରରେ ଶିକାର ହେଉଛନ୍ତି । ତେଣୁ ଏଥିପାଇଁ ଆଇନର ପରିବର୍ତ୍ତନ କରିବା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ଓଡ଼ିଶା ଖଣି ନିଗମ ଓ: ଏମ୍: ସି: ଆଇରନ୍ କର୍ପୋରେସନ୍‌ର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଥିଲେ ।

ଏହି ବୈଠକରେ ବିଧାୟକ ସର୍ବଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ଦାଶରଥି ଜେନା, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ରମାକାନ୍ତ ମିଶ୍ର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶ୍ରୀ ପ୍ୟାରୀମୋହନ ମହାପାତ୍ର, ଓଡ଼ିଶା ଖଣି ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ କେ: କେ: ଭଟ୍ଟାଚାର୍ଯ୍ୟ, ଖଣି ଓ ଇସ୍ପାତ ବିଭାଗ ଶାସନ ସଚିବ ଶ୍ରୀ ଏନ୍: ଆଇ: ରାଓଙ୍କ ସମେତ ସମ୍ପୃକ୍ତ ବିଭାଗର ବହୁ ପଦାଧିକାରୀ ବୈଠକରେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ସମସ୍ତ ଯୋଜନାର ସଫଳ ରୂପାୟନ ଆବଶ୍ୟକ

—ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଛୋଟରାୟ ମାଝୀ

ରାଜ୍ୟ ହରିଜନ ଓ ଆଦିବାସୀ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଛୋଟରାୟ ମାଝୀ ୪୪ତମ ସ୍ୱାଧୀନତା ଦିବସ ଉପଲକ୍ଷେ କୋରାପୁଟଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ଉତ୍ସବରେ ଜାତୀୟ ପତାକା ଉତ୍ତୋଳନ କରି ସଜ୍ଜିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ । ସମବେତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ମାଝୀ କଷ୍ଟଲବ୍ଧ ସ୍ୱାଧୀନତାର ଅସଲ ସ୍ୱାଦ ଜନସାଧାରଣଙ୍କ ନିକଟରେ ସମାନ ଭାବେ ପହଞ୍ଚାଇବାକୁ ପ୍ରଶାସନିକ କଳକୁ ପରାମର୍ଶ ଦେଇଥିଲେ । ସ୍ୱାଧୀନତା ଆନ୍ଦୋଳନର ପୂର୍ବସୂରୀମାନଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସଙ୍ଗେ ସଙ୍ଗେ ସ୍ୱାଧୀନତା ଆନ୍ଦୋଳନର କେତେକ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ଘଟଣାବଳୀ ଉପରେ ସେ ଆଲୋକପାତ କରିଥିଲେ । ଦେଶର ପରିବର୍ତ୍ତିତ ପରିସ୍ଥିତିରେ ନୂତନ ସରକାରଙ୍କ ଜନମଙ୍ଗଳ ଯୋଜନାଗୁଡ଼ିକର ସଫଳ ରୂପାୟନ ପାଇଁ ଓ ଭବିଷ୍ୟତର ବଂଶଧରମାନଙ୍କ ନିକଟରେ ନିଜକୁ ଉତ୍ତରଦାୟୀ ମାନି କର୍ତ୍ତବ୍ୟ ସମ୍ପାଦନରେ ବ୍ରତୀ ହେବାକୁ ସେ ସମସ୍ତଙ୍କୁ ନିବେଦନ କରିଥିଲେ ।

ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ବିଶ୍ୱନାଥ ପ୍ରତାପ ସିଂହ ଓ ନୂତନ ଉତ୍କଳର ନିର୍ମାତା ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ପ୍ରଚେଷ୍ଟାରେ ଭାରତ ମାନଚିତ୍ରରେ ଓଡ଼ିଶାକୁ ଏବଂ ବିଶ୍ୱ ଦରବାରରେ ଭାରତକୁ ଏକ ସ୍ୱତନ୍ତ୍ର ସ୍ଥାନ ଦେବା ପାଇଁ ହେଉଥିବା ସମସ୍ତ ଯୋଜନା ଯେପରି ସଫଳ ରୂପେ କାର୍ଯ୍ୟକାରୀ ହୁଏ, ସେଥିପାଇଁ ସେ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

ସରକାରଙ୍କର ଜନହିତକର ଯୋଜନା ସର୍ବସାଧାରଣଙ୍କ ଉପରେ କିପରି ପ୍ରଭାବ ପକାଇଛି, ସେ ବିଷୟରେ ପ୍ରତ୍ୟକ୍ଷ ଭାବେ ଅନୁଧ୍ୟାନ କରିବା ପାଇଁ ଅଗଷ୍ଟ ମାସ ୨୬ ଓ ୨୭ ତାରିଖ ଦୁଇଦିନ ଧରି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମାଝୀ କୋରାପୁଟ ନିର୍ବାଚନ ମଣ୍ଡଳୀର ଅତ୍ୟନ୍ତ ଦୁର୍ଗମ ପାର୍ବତ୍ୟାଞ୍ଚଳରେ ଅବସ୍ଥିତ ଆଦିବାସୀ ଅଧ୍ୟୁଷିତ ଗ୍ରାମମାନ ପଦଯାତ୍ରା କରି ପରିଦର୍ଶନ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଜନସାଧାରଣଙ୍କ ଦରଖାସ୍ତ, ସ୍ଥାନୀୟ ସମସ୍ୟା, ନୂତନ ସରକାରଙ୍କ

ବୈପ୍ଳବିକ କାର୍ଯ୍ୟକ୍ରମ ଉପରେ ସେମାନଙ୍କ ମତାମତ ସଂଗ୍ରହ କରିଥିଲେ । କୋରାପୁଟ ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରେ ଅବସ୍ଥିତ ଚିନ୍ଦିରୀ ଓ ପାନ ଚିନ୍ଦିରୀ, କୋରାପୁଟ ସଦର ଓ ଦଶମନ୍ତପୁର ବ୍ଲକର ମଣ୍ଡିପୁଟ, ଦଳେଇପୁଟ, ମହାଦେଇପୁଟ, ଗିର୍ଲାପୁଟ, ପାଲିମାଛଚା, ମାଲବାନାଗିରି, ଦେପାଗୁଡ଼ା, ଆଡ଼ମୁଣ୍ଡା, ପାଇକପୁଟୀ ଓ ଗାଦିଆଗୁଡ଼ା ପ୍ରଭୃତି ଗ୍ରାମମାନଙ୍କରେ ପଦଯାତ୍ରା କରି ଶ୍ରୀ ମାଝୀ ଜନସାଧାରଣଙ୍କର ସମସ୍ୟାଗୁଡ଼ିକ ଅନୁଧ୍ୟାନ କରିଥିଲେ ।

ଅନୁନ୍ନତ ଅଞ୍ଚଳରେ ଶିକ୍ଷାର ପ୍ରସାର ପାଇଁ ସମ୍ପୃକ୍ତ କର୍ମଚାରୀମାନେ ଉତ୍ସର୍ଗୀକୃତ ମନୋଭାବ ନେଇ ଅନଗ୍ରସର ଅଞ୍ଚଳର ଅଗ୍ରଗତି ପାଇଁ କାର୍ଯ୍ୟ କରିବାକୁ ଶ୍ରୀ ମାଝୀ ପରାମର୍ଶ ଦେଇଥିଲେ ।

ପଦଯାତ୍ରା ସମୟରେ କୋରାପୁଟ ବିଜ୍ଞାପିତ ଅଞ୍ଚଳ ମଧ୍ୟରେ ଅବସ୍ଥିତ ସାଚିନ୍ଦିରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ଶ୍ରୀ ମାଝୀ ସେଠାକାର ଅବ୍ୟବସ୍ଥା ପ୍ରତି ବିଶେଷ କ୍ଷୋଭ ପ୍ରକାଶ କରିଥିଲେ । ଆଡ଼ମୁଣ୍ଡା ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଶିକ୍ଷକମାନଙ୍କ ଅନୁପସ୍ଥିତି ତଥା ପାଇକପୁଟୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାୟ ଗତ ଦୁଇବର୍ଷ ହେଲା ଖୋଲାଯାଇ ନଥିବା ବିଷୟ ଗ୍ରାମବାସୀଙ୍କଠାରୁ ଅବଗତ ହୋଇଥିଲେ ଏବଂ ଏତାଦୃଶ ଅବହେଳା ସକାଶେ ସମ୍ପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲ୍ଲା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରତ୍ୟେକ ଗ୍ରାମରେ ଗ୍ରାମମୁଖିଆମାନଙ୍କୁ ଜଙ୍ଗଲ ସୁରକ୍ଷା, ନୂତନ ଜଙ୍ଗଲ ସୃଷ୍ଟି ତଥା ବନ୍ୟ ସମ୍ପଦର ସୁରକ୍ଷା ଦାୟିତ୍ୱ ସେମାନେ ସମ୍ପୂର୍ଣ୍ଣ ରୂପେ ନେବାକୁ ପରାମର୍ଶ ଦେଇଥିଲେ ।

## କୃଷି ଶିଳ୍ପ ନିଗମକୁ ଅଧିକ ସକ୍ରିୟ କରାଯିବ

ରାଜ୍ୟର କୃଷୀମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ଗ୍ରାମାଞ୍ଚଳରେ ବ୍ୟାପକ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଓଡ଼ିଶା କୃଷି ଶିଳ୍ପ ନିଗମ (ଆଗ୍ରୋ ଇଣ୍ଡଷ୍ଟ୍ରିଜ୍)କୁ ଅଧିକ କାର୍ଯ୍ୟଦକ୍ଷ ଓ ସକ୍ରିୟ କରାଯିବ ବୋଲି ଅଧ୍ୟକ୍ଷ ଶ୍ରୀ ଜୟଦେବ ପଣ୍ଡା କହିଛନ୍ତି । ଏଥିପାଇଁ ବହୁ ନୂତନ ପ୍ରକଳ୍ପ ହାତକୁ ନିଆଯାଇଛି ଏବଂ ନିଗମର କାର୍ଯ୍ୟକ୍ରମକୁ ବହୁଳ ଭାବରେ ସମ୍ପ୍ରସାରଣ କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି ।

କେନ୍ଦ୍ର ସରକାରଙ୍କ ସହାୟତାରେ ରାଜ୍ୟ ସରକାର ଏବଂ କୃଷି ଶିଳ୍ପ ନିଗମର ମିଳିତ ଉଦ୍ୟମରେ ରାଜ୍ୟରେ ଏକ ବୃହତ୍ ଖାଦ୍ୟ ପ୍ରସେସିଂ କାରଖାନା ନିର୍ମାଣ କରାଯିବ । ନିଗମ ପକ୍ଷରୁ ରାଜ୍ୟରେ ପ୍ରତିଷ୍ଠିତ ପୂର୍ବାଞ୍ଚଳର ଅନ୍ୟତମ ଶ୍ରେଷ୍ଠ ଗୋଖାଦ୍ୟ ଏବଂ କୁକୁଡ଼ା ଖାଦ୍ୟ ଉତ୍ପାଦନ କାରଖାନା ପରି ଚିଲିକା ଉପକୂଳରେ ଏକ ମତ୍ସ୍ୟ ଖାଦ୍ୟ ଉତ୍ପାଦନ କାରଖାନା, ଗଞ୍ଜାମ ଜିଲ୍ଲାରେ ଆଉ ଏକ ଚିନି କଳ, ୫୫ ଲକ୍ଷ ଟଙ୍କା ବ୍ୟୟରେ ରାଉରକେଲାରେ ମକା ଜାତୀୟ ଶସ୍ୟରୁ ତତ୍‌କ୍ଷଣାତ୍ ପ୍ରସ୍ତୁତ ଖାଦ୍ୟ କାରଖାନା ଏବଂ ଢେଙ୍କାନାଳରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଡାଲି ପ୍ରସେସିଂ କାରଖାନାଗୁଡ଼ିକର ନିର୍ମାଣ ପାଇଁ ବିହିତ ପଦକ୍ଷେପ ନିଆଯାଇଛି ବୋଲି ସେ କହିଛନ୍ତି । ଭୁବନେଶ୍ୱର ଓ ବ୍ରହ୍ମପୁରସ୍ଥିତ ନିଗମର ଗୋଖାଦ୍ୟ ଓ କୁକୁଡ଼ା ଖାଦ୍ୟ ଉତ୍ପାଦନ କାରଖାନାଗୁଡ଼ିକୁ ଆଧୁନିକୀକରଣ କରାଯାଇ ଏହାର ଉତ୍ପାଦନ କ୍ଷମତାକୁ ଦ୍ୱିଗୁଣିତ କରାଯିବ । ଫଳରେ ଚଳିତ ବର୍ଷ ଏହାର ଉତ୍ପାଦନ ବାର୍ଷିକ ୩୦ ହଜାର ଟନ୍‌କୁ ବୃଦ୍ଧି ପାଇବ ।

ପ୍ରାୟ ଦୁଇ କୋଟି ଟଙ୍କା ବ୍ୟୟରେ ବିଦ୍ୟୁତ୍ ଚାଳିତ ପମ୍ପ ସାହାଯ୍ୟରେ ବ୍ରାହ୍ମଣୀ ନଦୀର ଜଳକୁ ଉପଯୋଗ କରି ସୁନ୍ଦରଗଡ଼ ଜିଲ୍ଲାର ନଦୀ କୂଳବର୍ତ୍ତୀ ପ୍ରାୟ ୫ ହଜାର ଏକର ଜମିକୁ ଜଳସେଚନ ଯୋଗାଇ ଦେବା ନିମନ୍ତେ ବ୍ୟବସ୍ଥା ହେଉଥିବା ସେ ପ୍ରକାଶ କରିଛନ୍ତି । ରିହାତି ମୂଲ୍ୟରେ କୃଷୀମାନଙ୍କୁ ନିଗମ ପକ୍ଷରୁ ଟ୍ରାକ୍ଟର ଯୋଗାଇ ଦିଆଯାଉଛି । ଆଦିବାସୀ ଓ ହରିଜନ କୃଷୀଙ୍କୁ ଟ୍ରାକ୍ଟର କିଣିବା ପାଇଁ ୫ ହଜାର ଟଙ୍କା ଏବଂ ଅନ୍ୟ କୃଷୀଙ୍କୁ ୩ ହଜାର ଟଙ୍କା ଅନୁଦାନ ଆକାରରେ ଛାଡ଼ କରାଯାଉଛି । ଏହାଛଡ଼ା ଅନ୍ୟୁନ ୧୫ ଜଣ ଆଦିବାସୀ ଓ ହରିଜନ କୃଷୀ ଅଥବା ୩୦ ଜଣ ସାଧାରଣ କୃଷୀ ସମବାୟ ସମିତି ଗଢ଼ିଲେ, ଉକ୍ତ ସମିତିକୁ ମୋଟ ୯୦ ହଜାର ଟଙ୍କା ଟ୍ରାକ୍ଟର କିଣିବା ପାଇଁ ଅନୁଦାନ ଆକାରରେ ଦିଆଯିବ । ଏହାର ସୁଯୋଗ ନେଇ କୃଷୀମାନେ ଟ୍ରାକ୍ଟର କିଣିବା ପାଇଁ ଶ୍ରୀ ପଣ୍ଡା କୃଷୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

ସମ୍ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନିଗମ ସମୀକ୍ଷା ବୈଠକରେ ଶ୍ରୀ ପଣ୍ଡା ଯୋଗ ଦେଇ କୃଷି ଶିଳ୍ପ ନିଗମ ମୁଖ୍ୟତଃ ରାଜ୍ୟର ଶତକଡ଼ା ଅଶୀଭାଗ କୃଷିଜୀବିଙ୍କ ସେବାକାରୀ ସଂସ୍ଥା ହୋଇ ଥିବାରୁ ଏବଂ ଏହାର କାର୍ଯ୍ୟଦକ୍ଷତା ଉପରେ କୃଷୀମାନଙ୍କ ଉନ୍ନତି ବିଶେଷ ଭାବରେ ନିର୍ଭର କରୁଥିବା ଦୃଷ୍ଟିରୁ ନିଗମକୁ ଅଧିକ ଦକ୍ଷ ଓ ସକ୍ରିୟ କରିବା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ । ନିଗମର ଆର୍ଥିକ ପରିସ୍ଥିତି ସୁଧାରିବା ଦିଗରେ ଓ ଏହାକୁ ଏକ ଆର୍ଥିକ ସ୍ୱଚ୍ଛଳ ସଂସ୍ଥାରେ ପରିଣତ କରିବା ପାଇଁ କେତେକ ପ୍ରସ୍ତାବ ଉପସ୍ଥାପନ କରି ସେ ରାଜ୍ୟ ସରକାରଙ୍କ ସାହାଯ୍ୟ କାମନା କରିଥିଲେ । ଅତୀତରେ ପରିଚାଳନାଗତ ଅବ୍ୟବସ୍ଥା ଏବଂ ଉପଯୁକ୍ତ କାର୍ଯ୍ୟଦକ୍ଷତାର ଅଭାବ ଯୋଗୁଁ ନିଗମର ବିପୁଳ କ୍ଷତି ହୋଇଥିବା ଦର୍ଶାଇ ଏହି କ୍ଷତି ପରିମାଣକୁ ଭରଣା କରିବା ପାଇଁ ନିଗମର ମୂଳ ଧନକୁ ୫ କୋଟି ଟଙ୍କାରୁ ୧୦ କୋଟି ଟଙ୍କାକୁ ବୃଦ୍ଧି କରିବା ନିମନ୍ତେ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ ।

## ରାଜ୍ୟ ହରିଜନ ମଙ୍ଗଳ ଉପଦେଷ୍ଟା ପରିଷଦ

ସଚିବାଳୟ ସମ୍ମିଳନୀ କକ୍ଷରେ ରାଜ୍ୟ ହରିଜନ ମଙ୍ଗଳ ଉପଦେଷ୍ଟା ବୋର୍ଡ଼ ବୈଠକ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅଗଷ୍ଟ ମାସ ୮ ଓ ୯ ତାରିଖରେ ଅନୁଷ୍ଠିତ ହୋଇ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିମାନ ଗ୍ରହଣ କରାଯାଇଛି ।

ବୈଠକର ବିବରଣୀରୁ ଜଣାପଡ଼ିଛି ଯେ ଗତ ତା ୧୫-୮-୧୯୯୦ ରିଖଠାରୁ ଆସନ୍ତା ତା ୩୧-୦୩-୧୯୯୦ ରିଖ ପର୍ଯ୍ୟନ୍ତ ହରିଜନ ଓ ଆଦିବାସୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର କର୍ମନିଯୁକ୍ତି ଅଭିଯାନ ଓଡ଼ିଶାରେ ଆରମ୍ଭ ହୋଇଛି । ଏହି ବୈଠକରେ କେତେକ ଅନଗ୍ରସର ସମ୍ପ୍ରଦାୟକୁ ଅନୁସୂଚିତ ଜାତି ତାଲିକାଭୁକ୍ତ କରିବା ପାଇଁ ଆଲୋଚନା କରାଯାଇଥିଲା ।

ବୈଠକରେ ଉପସ୍ଥିତ ଥିବା ବେସରକାରୀ ସଭ୍ୟମାନଙ୍କୁ ଏ ସମ୍ପର୍କରେ ସେମାନଙ୍କର ମତାମତ ହରିଜନ ଓ ଆଦିବାସୀ କଲ୍ୟାଣ ବିଭାଗକୁ ଆସନ୍ତା ୧୫ ଦିନ ମଧ୍ୟରେ ଜଣାଇବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି । ଏହାଛଡ଼ା, ବାଲେଶ୍ୱର ଜିଲ୍ଲାର ବସ୍ତା ଥାନାରେ ଭୂମିହୀନ ହରିଜନ ଓ ଆଦିବାସୀମାନଙ୍କୁ ସିଲିଂ ବହିର୍ଭୂତ ଜମିରୁ ଉଚ୍ଛେଦ ପାଇଁ କରାଯାଇଥିବା ମକଦ୍ଦମାକୁ ତୁରନ୍ତ ପ୍ରତ୍ୟାହାର କରିନେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ବ୍ଲକ୍‌ମାନଙ୍କରେ ହରିଜନ ଓ ଆଦିବାସୀମାନଙ୍କୁ କୁଟୀର ଶିଳ୍ପ ମାଧ୍ୟମରେ କାମଧନ୍ଦା ଯୋଗାଇ ଦେବା ପାଇଁ ଖଦୀ ଓ କୁଟୀର ଶିଳ୍ପ, ପୋଷାକ ପ୍ରସ୍ତୁତି, ଅନ୍ୟାନ୍ୟ ଗ୍ରାମ୍ୟ ଶିଳ୍ପଗୁଡ଼ିକ ସମେତ ସ୍ଥାନୀୟ ଭାବରେ ମିଳୁଥିବା କଞ୍ଚାମାଲକୁ ଭିତ୍ତି କରି ନୂତନ ଧନ୍ଦା ମାଧ୍ୟମରେ ନିଯୁକ୍ତି ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ । ଏହାଛଡ଼ା, ବିଭିନ୍ନ ବ୍ଲକ୍‌ମାନଙ୍କରେ ହରିଜନ ଓ ଆଦିବାସୀମାନଙ୍କ ଗୃହକୁ କୁଟୀର ଜ୍ୟୋତି ଯୋଜନା ମାଧ୍ୟମରେ ଦୁଇବର୍ଷ ଭିତରେ ବିଦ୍ୟୁତ୍ ଶକ୍ତି ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ଏହି ବୈଠକରେ ହରିଜନ ଓ ଆଦିବାସୀ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଛୋଟରାୟ ମାଝୀ, ଉପଦେଷ୍ଟା ସମିତିର ବେସରକାରୀ ଲୋକ ପ୍ରତିନିଧି ସଭ୍ୟ ବୃନ୍ଦଙ୍କ ସମେତ ରାଜ୍ୟ ମୁଖ୍ୟ ଶାସନ ସଚିବ, ଅତିରିକ୍ତ ଉନ୍ନୟନ କମିଶନର୍, ବିଭାଗୀୟ ଶାସନ ସଚିବ ଓ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ପଦସ୍ଥ ଅଫିସରମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଧୂମହୀନ ଚୁଲ୍ଲୀ

ଗ୍ରାମୀଣ ଗୃହମାନଙ୍କରେ ପରିବେଶ ନିର୍ମଳ ରଖିବା ସହିତ କମ୍ ଜାଳେଣି କାଠରେ ରୋଷେଇ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଧୂମହୀନ ନାଡ଼ ଚୁଲ୍ଲୀ ଓ ପ୍ରିୟାଗ୍ନି ଉଠା ଚୁଲ୍ଲୀ ବ୍ୟବହାର ନିମନ୍ତେ ଲୋକମାନଙ୍କ ମଧ୍ୟରେ ଆଗ୍ରହ ବୃଦ୍ଧି ପାଉଥିବାର ଜଣାଯାଇଛି । ଗତ ଅଗଷ୍ଟ ମାସରେ ୪,୬୨୯ଟି ଧୂମହୀନ ନାଡ଼ ଚୁଲ୍ଲୀ ପ୍ରତିଷ୍ଠା କରାଯିବା ସଙ୍ଗେ ସଙ୍ଗେ ୧୧୨୮ଟି ପ୍ରିୟାଗ୍ନି ଉଠା ଚୁଲ୍ଲୀ ବିକ୍ରୟ ହୋଇଛି । ପୁରୀ ଓ କଟକ ଜିଲ୍ଲାରେ ସର୍ବାଧିକ ଯଥାକ୍ରମେ ୨,୯୦୮ଟି ଓ ୧,୦୬୨ଟି ଏଭଳି ଚୁଲ୍ଲୀ ପ୍ରତିଷ୍ଠା କରାଯାଇଥିବାର ଜଣାଯାଇଛି ।

## ସ୍ମୃତି ପୁରସ୍କାର

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ଡ୍ରାଇଭର୍ ସ୍ୱର୍ଗୀୟ ଗୋଲବଦନ ଟାଲିଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ପ୍ରତିବର୍ଷ ନିଗମର ଶ୍ରେଷ୍ଠ, କର୍ତ୍ତବ୍ୟନିଷ୍ଠ, ସଚ୍ଚୋଟ ଏବଂ ଦକ୍ଷ ବିବେଚିତ ଡ୍ରାଇଭରଙ୍କୁ ନଗଦ ପାଞ୍ଚ ହଜାର ଟଙ୍କା ପୁରସ୍କାର ପ୍ରଦାନ ନିମନ୍ତେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ଭାଗବତ ବେହେରା ନିଷ୍ପତ୍ତି କରିଛନ୍ତି । ଏଠାରେ ସ୍ମରଣ କରାଯାଇପାରେ ଯେ ପରିବହନ ନିଗମର ଭୁବନେଶ୍ୱର–ଦେଓଗଡ଼ ବସ୍ ଚାଳକ ଶ୍ରୀ ଟାଲି କର୍ତ୍ତବ୍ୟରତ ଅବସ୍ଥାରେ ଅଗଷ୍ଟ ମାସ ୨୨ ତାରିଖ ଦିନ ରାଜ୍ୟର ସ୍ୱାର୍ଥରକ୍ଷା ନିମନ୍ତେ ଆତ୍ମବଳି ଦେଇଥିଲେ ।

ଦେଓଗଡ଼ଠାରେ ସ୍ୱର୍ଗତ ଟାଲିଙ୍କ ଦଶାହ ଦିବସରେ ନିଗମ ପକ୍ଷରୁ ସ୍ଥାନୀୟ ବିଧାୟକ ଓ ସମ୍ବଲପୁର ଜିଲ୍ଲାପାଳଙ୍କ ଉପସ୍ଥିତିରେ ନିଗମର ପଦସ୍ଥ ଅଧିକାରୀ ଟାଲିଙ୍କ ବିଧବା ପତ୍ନୀଙ୍କୁ ୨୦,୦୦୦ ଟଙ୍କା ପ୍ରଦାନ କରିବା ପାଇଁ ପରିବହନ ମନ୍ତ୍ରୀ ଶ୍ରୀ ବେହେରା ନିର୍ଦ୍ଦେଶ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ "ରିଲିଫ୍ ପାଣ୍ଠି"ରୁ ମଞ୍ଜୁର ହୋଇଥିବା ଆର୍ଥିକ ସହାୟତା ବାହାରେ ଏହି ଅର୍ଥ ଦିଆଯାଉଛି ।

## ବଦଳ ବ୍ୟବସ୍ଥା ରଦ୍ଦ ହେବ

ରାଜ୍ୟ ସରକାରଙ୍କ ତୃତୀୟ ଓ ଚତୁର୍ଥ ଶ୍ରେଣୀ ପଦବୀ ପାଇଁ ଓଡ଼ିଶା ଶୂନ୍ୟସ୍ଥାନ ଆରକ୍ଷଣ (ଆଦିବାସୀ ଓ ହରିଜନମାନଙ୍କ ପାଇଁ) ଅଧିନିୟମ, ୧୯୭୫ ଧାରା ୬ରେ ଥିବା ବଦଳ ବ୍ୟବସ୍ଥା ରଦ୍ଦ କରିବା ପାଇଁ ରାଜ୍ୟ ଆଦିବାସୀ ଉପଦେଷ୍ଟା ପରିଷଦ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ରାଜ୍ୟ ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସେପ୍ଟେମ୍ବର ମାସ ୭ ତାରିଖରେ ଅନୁଷ୍ଠିତ ଆଦିବାସୀ ଉପଦେଷ୍ଟା ପରିଷଦ ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିମାନ ଗ୍ରହଣ କରାଯାଇଛି । କଳାହାଣ୍ଡି ତଥା ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳରେ ପୋଡୁ ଚାଷ କରି ପ୍ରତିପୋଷଣ ହେଉଥିବା ଆଦିବାସୀମାନଙ୍କୁ ପୋଡୁ ଚାଷରୁ ନିବର୍ତ୍ତାଇ ସେମାନଙ୍କୁ ଜୁଡ଼କି ପଟ୍ଟା ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଲେ ଯେ ଜଙ୍ଗଲ ବିଭାଗ ତରଫରୁ ବ୍ୟାପକ ବନୀକରଣ ଯୋଜନା ପ୍ରସ୍ତୁତ କରାଯାଇ ଆଦିବାସୀମାନଙ୍କୁ ଏହି କାର୍ଯ୍ୟରେ ଲଗାଯାଇ ପାରିବ । ଏହାଦ୍ୱାରା ସେମାନେ ପୋଡୁ ଚାଷରୁ ନିବୃତ୍ତ ହୋଇ କାମଧନ୍ଦା ପାଇପାରିବେ ଏବଂ ନିଜର ଜୀବିକା ନିର୍ବାହ କରିପାରିବେ । ଏହାଛଡ଼ା, ଜାଳେଣି କାଠ ଓ ଫଳ ଗଛ ଲଗାଇ ଆଦିବାସୀମାନଙ୍କୁ ବିରୁଦ୍ଧରେ ରହିଥିବା ଜଙ୍ଗଲ ଓ ଅବକାରୀ ବିଭାଗୀୟ ମକଦ୍ଦମାଗୁଡ଼ିକ ଉଠାଇ ନେବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।

ଆଦିବାସୀ ବହୁଳ ଅଞ୍ଚଳମାନଙ୍କରେ ଶିକ୍ଷାର ପ୍ରସାର ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଲେ ଯେ ପ୍ରାଥମିକ ଶିକ୍ଷା ସମଗ୍ର ଶିକ୍ଷା ବ୍ୟବସ୍ଥାର ମୂଳଭିତ୍ତି ହୋଇଥିବାରୁ ଆଦିବାସୀ ବହୁଳ ଅଞ୍ଚଳରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ଦୃଢ଼ୀଭୂତ କରାଯିବା ଉଚିତ । ମୟୂରଭଞ୍ଜ ଜିଲ୍ଲାର ସେବକମାନଙ୍କୁ ସ୍ଥାନୀୟ ଆଦିବାସୀ ଭାଷା, ସାନ୍ତାଳି, ମୁଣ୍ଡା ଓ ହୋ ଶିକ୍ଷାଦାନ ଦିଆଯାଉଥିବା କଥା ବୈଠକରେ ପ୍ରକାଶ ପାଇଥିଲା ।

ଆଦିବାସୀ ବହୁଳ ଅଞ୍ଚଳରେ କ୍ଷେତ୍ର ପ୍ରଦର୍ଶନ ଦ୍ୱାରା ବିସ୍ତୃତ ଜାଗାରେ ଚାଷ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ଆଦିବାସୀମାନଙ୍କୁ ବିହନ, ସାର ଓ କୀଟନାଶକ ଔଷଧ ମାଗଣାରେ ଯୋଗାଇ ଦିଆଯାଇ ଉନ୍ନତ ପ୍ରଣାଳୀରେ ଚାଷ କରିବା ପାଇଁ ତାଲିମ ଦିଆଯାଉଛି ଏବଂ ଏହାଦ୍ୱାରା ସେମାନଙ୍କ ମଧ୍ୟରେ ନୂତନ ଉତ୍ସାହ ସୃଷ୍ଟି ହୋଇଛି ।

ଆଲୋଚନାରେ ଅଂଶ ଗ୍ରହଣ କରି ବେସରକାରୀ ସଭ୍ୟମାନେ ମୟୂରଭଞ୍ଜ ଜିଲ୍ଲାରେ ସବାଇ ଘାସ ଓ ଟସର ଉତ୍ପାଦନ ପାଇଁ ଆଦିବାସୀମାନଙ୍କୁ ପ୍ରୋତ୍ସାହନ ଦେବା ଓ ନଦୀ ବନ୍ଧ ଯୋଜନାମାନଙ୍କରେ ନିର୍ଦ୍ଦିଷ୍ଟ ଥଇଥାନ ନୀତି ମାଧ୍ୟମରେ ବାସଚ୍ୟୁତମାନଙ୍କୁ ସେହି ଯୋଜନାରେ ସମ୍ପୃକ୍ତ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। କେତେକ ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି ତାଲିକାଭୁକ୍ତ କରିବା ପାଇଁ ବେସରକାରୀ ସଭ୍ୟମାନେ ସେମାନଙ୍କର ମତାମତ ୧୫ ଦିନ ଭିତରେ ଦେବା ପାଇଁ ଅନୁରୋଧ କରିଥିଲେ।

## ପଞ୍ଚାୟତିରାଜ ପରାମର୍ଶଦାତା କମିଟି

ସଚିବାଳୟରେ ସେପ୍ଟେମ୍ବର ମାସ ୭ ତାରିଖରେ ଅନୁଷ୍ଠିତ ପଞ୍ଚାୟତିରାଜ ବିଭାଗରେ ପ୍ରଥମ ଅନୌପଚାରିକ ପରାମର୍ଶଦାତା କମିଟି ବୈଠକରେ ଅଧ୍ୟକ୍ଷତା କରି ପଞ୍ଚାୟତିରାଜ ମନ୍ତ୍ରୀ ଡକ୍ଟର ଦାମୋଦର ରାଉତ କହିଲେ ଯେ ଗାଁ ଗହଳର ଗରିବ ଓ ଅବହେଳିତ ଲୋକଙ୍କ ସମେତ ଦୁସ୍ଥ ଓ ନିରାଶ୍ରୟ ମହିଳା, ବିଧବା, ଶାରୀରିକ ଅକ୍ଷମ ବ୍ୟକ୍ତି ଏବଂ ଶିଶୁମାନଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ରହିଛି। କିନ୍ତୁ ଏ ସମସ୍ତ କାର୍ଯ୍ୟକ୍ରମ ଯଥାଯଥ ଭାବେ କାର୍ଯ୍ୟକାରୀ ହେଉନଥିବା ଏହାର ସୁଫଳ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଡକ୍ଟର ରାଉତ କହିଲେ ଯେ ଏହି ସମସ୍ତ କାର୍ଯ୍ୟକ୍ରମ ସହିତ ସମ୍ପୃକ୍ତ କର୍ମଚାରୀମାନେ ସେବା ମନୋଭାବ ସହ ନିଷ୍ଠାର ସହ ଉଦ୍ୟମ କଲେ ଏହି କାର୍ଯ୍ୟକ୍ରମର ସୁଫଳ ସମାଜର ଏହି ଦୁସ୍ଥ ଓ ନିରାଶ୍ରୟ ଲୋକମାନଙ୍କ ପାଖରେ ପହଞ୍ଚିପାରିବ। ସେ ଆହୁରି କହିଲେ ଯେ ଏ ସମସ୍ତ ଉନ୍ନୟନ କାର୍ଯ୍ୟକ୍ରମ ସମ୍ପର୍କରେ ଗାଁ ଗହଳର ଲୋକେ ଅବହିତ ନଥିବାରୁ ସେମାନେ ସ୍ୱତଃପ୍ରବୃତ୍ତ ହୋଇ ଏ ସବୁର ସୁଯୋଗ ଗ୍ରହଣ କରିପାରୁନାହାନ୍ତି। ତେଣୁ, ବିଭିନ୍ନ ପ୍ରଚାର ମାଧ୍ୟମରେ ଏହି ସବୁ କାର୍ଯ୍ୟକ୍ରମର ପ୍ରଚାର ଦିଗରେ ଡାଃ ରାଉତ ଗୁରୁତ୍ୱ ଆରୋପ କରିଥିଲେ।

ଚଳିତ ଆର୍ଥିକ ବର୍ଷରେ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ଜରିଆରେ ୧,୧୪,୫୮୯ ପରିବାରଙ୍କ ଅର୍ଥନୈତିକ ଥଇଥାନ ପାଇଁ ଋଣ ସହାୟତା ପ୍ରଦାନ କରାଯିବ ବୋଲି ବିଭାଗୀୟ ମନ୍ତ୍ରୀ ପ୍ରକାଶ କରିଥିଲେ। ଜବାହର ରୋଜଗାର ଯୋଜନା ପାଇଁ ଚଳିତ ବର୍ଷ ରଖାଯାଇଥିବା ୩୩୦ କୋଟି ୯୪ ଲକ୍ଷ ଟଙ୍କାର ବ୍ୟୟ ବରାଦ ମଧ୍ୟରୁ ୧୧ କୋଟି ୯୬ ଲକ୍ଷ ଟଙ୍କା ଇନ୍ଦିରା ଆବାସ ଯୋଜନାରେ ଏବଂ ପ୍ରାୟ ୨୬ କୋଟି ୧୯ ଲକ୍ଷ ଟଙ୍କା ସେଚକୂପ ବାବଦରେ ବିନିଯୋଗ କରାଯିବ ବୋଲି ମଧ୍ୟ ସେ କହିଥିଲେ।

ଏହି କମିଟି ବୈଠକରେ ବିଧାୟକ ଶ୍ରୀ ଅର୍ଜୁନ ଚରଣ ସେଠୀ ଏବଂ ଶ୍ରୀ ଘନଶ୍ୟାମ ସାହୁଙ୍କ ସମେତ ବିଭାଗୀୟ ଶାସନ ସଚିବ ଶ୍ରୀ ଡି. ପି. ଭଟ୍ଟାଚାର୍ଯ୍ୟ ଓ ପଦସ୍ଥ କର୍ମକର୍ତ୍ତା ଯୋଗଦାନ କରିଥିଲେ।

## ପୁରପଲ୍ଲୀରେ ସ୍ୱାସ୍ଥ୍ୟ ସଚେତନତା ପାଇଁ ପଦକ୍ଷେପ

ବାରବାଟୀ ଷ୍ଟାଡିୟମ୍‌ର କ୍ଲବ୍ ହାଉସ୍‌ଠାରେ ଅଗଷ୍ଟ ମାସ ୨୨ ତାରିଖରେ ଅନୁଷ୍ଠିତ "ରାଜ୍ୟସ୍ତରୀୟ ପରିବାର କଲ୍ୟାଣ ଗ୍ରାମ୍ୟ ନେତା ଶିବିର"ରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ଘାସିରାମ ମାଝୀ ଗ୍ରାମବାସୀମାନଙ୍କ ମନରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା ପାଇଁ ଗ୍ରାମ୍ୟ ନେତାମାନଙ୍କୁ ଆହ୍ୱାନ ଦେଇଥିଲେ। ଗ୍ରାମାଞ୍ଚଳରେ ଯୋଗାଇ ଦିଆଯାଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ସେବା ଓ ସୁବିଧା ସୁଯୋଗର ସଦୁପଯୋଗ ନିମନ୍ତେ ଗ୍ରାମବାସୀଙ୍କୁ ଗ୍ରାମ୍ୟ ନେତାମାନେ ହିଁ ବୁଝାଇବା ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଯୋଜନାର ଅଗ୍ରଗତିକୁ ଗ୍ରାମାଞ୍ଚଳରେ ତ୍ୱରାନ୍ୱିତ କରିପାରିବେ ବୋଲି ମନ୍ତ୍ରୀ ଶ୍ରୀ ମାଝୀ ପରାମର୍ଶ ଦେଇଥିଲେ।

କେବଳ କୋରାପୁଟ ଜିଲ୍ଲା ବ୍ୟତୀତ ଓଡ଼ିଶାର ଅନ୍ୟ ୧୨ଟି ଜିଲ୍ଲାର ୩୩ ଜଣ ଗ୍ରାମ୍ୟ ନେତା ଏଥିରେ ଯୋଗଦେଇ ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ସେବା ଓ ପରିବାର କଲ୍ୟାଣ କାର୍ଯ୍ୟକ୍ରମଗୁଡ଼ିକର ସମସ୍ୟା ଓ ତା'ର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଶିବିରରେ ୧୨ଟି ଯାକ ଜିଲ୍ଲାର ଗଣଶିକ୍ଷା ଓ ସୂଚନା ଅଧିକାରୀମାନେ ମଧ୍ୟ ଯୋଗ ଦେଇଥିଲେ। ଏହି ଉତ୍ସବରେ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ପବିତ୍ର କୁମାର ମୁଖାର୍ଜୀ ସଭାପତିତ୍ୱ କରିଥିଲେ।

## ପ୍ରାୟ ୧,୯୬,୩୦୦ଙ୍କ ପାଇଁ କୃଷିଋଣ ଛାଡ଼

ରାଜ୍ୟ ସରକାର ଓଡ଼ିଶାର କୃଷକ, କୃଷି ଶ୍ରମିକ, ଗ୍ରାମ୍ୟ କାରିଗର ଓ ଆନୁଷଙ୍ଗିକ କୃଷି କର୍ମରେ ନିୟୋଜିତ ବ୍ୟକ୍ତିମାନଙ୍କର ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ଛାଡ଼ କରିବାକୁ ନିଷ୍ପତ୍ତି କରି ଭାରତ ସରକାର ପ୍ରଣୟନ କରିଥିବା ନୀତି ନିୟମ ଅନୁସରଣରେ ନିମ୍ନଲିଖିତ ସର୍ତ୍ତରେ କୃଷିଋଣ ଛାଡ଼ କରିବା ନିମନ୍ତେ ସ୍ଥିର କରିଛନ୍ତି :

(୧) ୧୯୮୬ ମସିହା ଅକ୍ଟୋବର ୨ ତାରିଖ ପୂର୍ବରୁ ରହିଥିବା ଖିଲାପି ଋଣ,

(୨) ୧୯୮୬ ମସିହା ଅକ୍ଟୋବର ୨ ତାରିଖ ଏବଂ ୧୯୮୯ ମସିହା ଅକ୍ଟୋବର ୨ ତାରିଖ ମଧ୍ୟରେ ଅନ୍ୟୁନ ୨ ବର୍ଷ ମରୁଡ଼ି କିମ୍ବା ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟ ହେତୁ ଶତକଡ଼ା ୫୦ ଭାଗରୁ ଊର୍ଦ୍ଧ୍ୱ ଫସଲ ହାନୀ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କର ଖିଲାପି ଋଣ,

(୩) ୧୯୮୯ ମସିହା ଅକ୍ଟୋବର ୨ ତାରିଖ ସୁଦ୍ଧା ମୃତ ବ୍ୟକ୍ତିଙ୍କର ଋଣ,

(୪) ୧୯୮୯ ମସିହା ଅକ୍ଟୋବର ୨ ତାରିଖ ମଧ୍ୟରେ ଦେବାଳିଆ ସାବ୍ୟସ୍ତ ହୋଇଥିବା ବ୍ୟକ୍ତି ବା ସେଥିପାଇଁ ମାମଲା ଦାୟର ହୋଇଥିବା ବ୍ୟକ୍ତିଙ୍କର ଋଣ,

(୫) ଋଣରୁ ସୃଷ୍ଟି ହୋଇଥିବା ସମ୍ପତ୍ତିକୁ ସମ୍ପୂର୍ଣ୍ଣ ହରାଇଥିବା ଗ୍ରାମ୍ୟ କାରିଗରମାନଙ୍କର ଖିଲାପି ଋଣ।

ଗତ ସେପ୍ଟେମ୍ବର ମାସ ୮ ତାରିଖରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ବ୍ୟାଙ୍କ୍ କର୍ମକର୍ତ୍ତାମାନଙ୍କର ସମାବେଶ ସୂତ୍ରରୁ ପ୍ରକାଶ ଯେ ରାଜ୍ୟର ପ୍ରାୟ ୧୯ ଲକ୍ଷ ୬୩ ହଜାର କୃଷିଜୀବୀ ଓ ଗ୍ରାମ୍ୟ କାରିଗର ଏହି ଋଣଛାଡ଼ ଦ୍ୱାରା

ଉପକୃତ ହେବେ ଏବଂ ଛାଡ଼ କରାଯାଉଥିବା ଋଣର ପରିମାଣ ପ୍ରାଣ ୬୬୮ କୋଟି ଟଙ୍କା । ଏଥି ମଧ୍ୟରୁ ସମବାୟ ପରିସରଭୁକ୍ତ ପ୍ରାୟ ୯ ଲକ୍ଷ ସଭ୍ୟ ୯୯୮ କୋଟି ଟଙ୍କା ଋଣ ଛାଡ଼ ପାଇବେ । ଓଡ଼ିଶା ସରକାରଙ୍କୁ ଏ ବାବଦରେ ୯୯ କୋଟି ଟଙ୍କାର ବ୍ୟୟଭାର ବହନ କରିବାକୁ ହେବ ଏବଂ ଅବଶିଷ୍ଟ ଟଙ୍କା ଭାରତ ସରକାର ବହନ କରିବେ ।

ଇତିମଧ୍ୟରେ ରାଜ୍ୟର ସମସ୍ତ ବ୍ୟବସାୟିକ ବ୍ୟାଙ୍କ୍, ଗ୍ରାମ୍ୟ ବ୍ୟାଙ୍କ୍ ଓ ସମବାୟ ବ୍ୟାଙ୍କ୍ ସେମାନଙ୍କର ଋଣଛାଡ଼ ତାଲିକା ପ୍ରସ୍ତୁତ କରିସାରିଛନ୍ତି । ପ୍ରତ୍ୟେକ ବ୍ଲକ୍‌ରେ ଏଥିପାଇଁ ସମ୍ପୃକ୍ତ ସଂସ୍ଥାମାନଙ୍କର ଏକାଧିକ ବୈଠକ ବସି ତାଲିକାଗୁଡ଼ିକର ଯାଞ୍ଚ କରାଯାଇଛି । ବର୍ତ୍ତମାନ ବିଭିନ୍ନ ବ୍ୟାଙ୍କର ଅଧିକାରୀ ଋଣ ଖାତାରେ ଋଣ ନେଇଥିବା ବ୍ୟକ୍ତିଙ୍କର ବ୍ୟକ୍ତିଗତ ହିସାବ ଦରଜ କରିବେ ଓ ଋଣ ଗ୍ରହୀତାଙ୍କୁ ସେମାନଙ୍କର ଋଣଛାଡ଼ ସମ୍ପର୍କରେ ଜଣାଇଦେବେ । ଯେଉଁ ବ୍ୟକ୍ତି ଏକାଧିକ ବ୍ୟାଙ୍କରୁ ଋଣ ନେଇଥିବେ, ସେମାନଙ୍କୁ ସମ୍ପୃକ୍ତ ବ୍ୟାଙ୍କମାନଙ୍କରୁ ଆନୁପାତିକ ଋଣଛାଡ଼ ମିଳିବ । ଯେଉଁମାନଙ୍କର ଖିଲାପି ଋଣର ପରିମାଣ ସୁଧ ସହିତ ନିର୍ଦ୍ଧାରିତ ତାରିଖ ସୁଦ୍ଧା ୧୦ ହଜାର ଟଙ୍କାରୁ ଅଧିକ ହୋଇଥିବ, ସେମାନେ ଋଣ ବାବଦରେ ୧୦ ହଜାର ଟଙ୍କା ଛାଡ଼ ପାଇବେ ଓ ଅବଶିଷ୍ଟ ଟଙ୍କା ସୁଧ ସମେତ ପଇଠ କଲେ ସେମାନଙ୍କର ଋଣ ହିସାବ ଫଇସଲା ହେବ ।

ଏହା ଫଳରେ ଓଡ଼ିଶାର କୃଷୀମାନେ ଋଣମୁକ୍ତ ହେବା ସଙ୍ଗେ ସଙ୍ଗେ ନୂଆ ଋଣ ପାଇବାକୁ ହକ୍‌ଦାର ହେବେ । ସେଥିପାଇଁ ଆସନ୍ତା ଖରିଫ୍ ଋତୁ ଓ ଆସନ୍ତା ରବି ଋତୁରେ କୃଷୀମାନଙ୍କୁ ଆବଶ୍ୟକ ଋଣ ବ୍ୟାଙ୍କମାନେ ଯୋଗାଇ ଦେବେ । ତେଣୁ ରାଜ୍ୟ ସରକାର କୃଷୀମାନଙ୍କୁ କୃଷି ଋଣ ଛାଡ଼ ଯୋଜନାର ପୂର୍ଣ୍ଣ ସୁଯୋଗ କରି ଚଳିତ ଖରିଫ୍ ଋତୁରେ ଆବଶ୍ୟକ ଋଣ ପାଇଁ ତୁରନ୍ତ ଦରଖାସ୍ତ ଓ ଆନୁଷଙ୍ଗିକ କାଗଜପତ୍ର ଦାଖଲ କରିବା ପାଇଁ ପରାମର୍ଶ ଦେଇଛନ୍ତି ।

## ଓଭର ବ୍ରିଜ୍ ନିର୍ମାଣ

ରାଉରକେଲାସ୍ଥିତ ବାସନ୍ତୀ କଲୋନୀଠାରେ ରେଳବାଇ ଫାଟକ ଉପରେ ଏକ ଓଭର ବ୍ରିଜ୍ (ଫ୍ଲାଇ ଓଭର) ନିର୍ମାଣ କରିବା ପ୍ରସ୍ତାବକୁ କେନ୍ଦ୍ର ରେଳବାଇ ମନ୍ତ୍ରୀ ଶ୍ରୀ ଜର୍ଜ ଫର୍ଣ୍ଣାଣ୍ଡିଜ୍ ଅନୁକୂଳ ମତ ପୋଷଣ କରିଛନ୍ତି । ଏହି ବ୍ରିଜ୍ ନିର୍ମାଣ ପାଇଁ ବିଶଦ ବୈଷୟିକ ବିବରଣୀ ପ୍ରସ୍ତୁତ କରି ଯଥାଶୀଘ୍ର କେନ୍ଦ୍ର ରେଳବାଇ ମନ୍ତ୍ରଣାଳୟକୁ ଉପସ୍ଥାପନ କରିବା ନିମନ୍ତେ ସେ ପରାମର୍ଶ ଦେଇଛନ୍ତି । ଶ୍ରୀ ଫର୍ଣ୍ଣାଣ୍ଡିଜ୍ ଏକ ପତ୍ର କେନ୍ଦ୍ର ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଦିଲିପ ରାୟଙ୍କୁ ଏହି ଓଭର ବ୍ରିଜ୍ ନିର୍ମାଣ ପାଇଁ ଅର୍ଥ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ବହନ କରିବେ ବୋଲି ଜଣାଇ ଦେଇଛନ୍ତି ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଜନବହୁଳ ରାଉରକେଲାସ୍ଥିତ ବାସନ୍ତୀ କଲୋନୀକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ରେଳ ଲାଇନ୍ ଅତିକ୍ରମ କରୁଥିବା ହେତୁ ଜନସାଧାରଣଙ୍କର ଯାତାୟାତ ଏବଂ ଯାନବାହନ ଚଳାଚଳ କ୍ଷେତ୍ରରେ ବହୁ ସମୟ ଧରି ବ୍ୟାଘାତ ସୃଷ୍ଟି ହେଉଥିବା ଦୃଷ୍ଟିରୁ ଶ୍ରୀ ରାୟ ରାଉରକେଲା ବିଧାନ ସଭା ସଦସ୍ୟ ଭାବରେ ପୂର୍ବରୁ କେନ୍ଦ୍ର ରେଳବାଇ ମନ୍ତ୍ରଣାଳୟକୁ ଏକ ଫ୍ଲାଇ ଓଭର ନିର୍ମାଣର ପ୍ରସ୍ତାବ ଦେଇଥିଲେ । ସମ୍ପ୍ରତି ତାଙ୍କ ଦିଲ୍ଲୀ ଗସ୍ତ କାଳରେ ଶ୍ରୀ ରାୟ ରେଳବାଇ ମନ୍ତ୍ରୀଙ୍କ ସହ ସାକ୍ଷାତ କରି ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ।

## ଆଦିବାସୀ ଅଞ୍ଚଳରେ ଦୁଇଟଙ୍କାରେ ଚାଉଳ ଯୋଗାଣ

ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଥିବା ୧୧୮ଟି ବ୍ଲକ୍‌ରେ ଥିବା ବିଭିନ୍ନ ବିଦ୍ୟାଳୟର ଅନ୍ତେବାସୀ ଛାତ୍ରଛାତ୍ରୀଙ୍କ ଲାଗି କିଲୋ ଦୁଇଟଙ୍କା ଦରରେ ଚାଉଳ ଓ ରିହାତି ଦରରେ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଇ ଦେବା ପାଇଁ ସରକାର ସ୍ଥିର କରିଛନ୍ତି ବୋଲି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଘୋଷଣା କରିଛନ୍ତି ।

ବଡ଼ବିଲଠାରେ ଅଗଷ୍ଟ ମାସ ୨୦ ତାରିଖ ଦିନ କଳିଙ୍ଗ ଡିଭିଏସନ୍ କ୍ଲବ୍‌ର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ହରିଚନ୍ଦନ କହିଲେ ଯେ ଆଦିବାସୀ ଅଞ୍ଚଳରେ ଶିକ୍ଷାର ଆଶାନୁରୂପ ପ୍ରସାର ନହେବା ଫଳରେ ସଂରକ୍ଷିତ ସ୍ଥାନ ଖାଲି ପଡ଼ିଥିଲେ ମଧ୍ୟ ପୂରଣ କରି ଦିଆଯାଇପାରୁନାହିଁ । ମାତ୍ର ୨୫୦ଟି ଶିକ୍ଷା କର୍ମୀ ପଦବୀ ପାଇଁ କେନ୍ଦୁଝର ଜିଲ୍ଲାରେ ସଂରକ୍ଷିତ ପ୍ରାର୍ଥୀ ମିଳୁନଥିବା ଏହାର ଜ୍ୱଳନ୍ତ ପ୍ରମାଣ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ ।

ସ୍ୱାଧୀନତାର ୫୩ ବର୍ଷ ପରେ ମଧ୍ୟ ଅନେକ ଆଦିବାସୀ ବସ୍ତିରେ ଶିକ୍ଷା, ସ୍ୱାସ୍ଥ୍ୟ ସେବା ପ୍ରଭୃତିର ସୁଯୋଗ ପହଞ୍ଚି ନାହିଁ ବୋଲି ଶ୍ରୀ ହରିଚନ୍ଦନ ପ୍ରକାଶ କରିଥିଲେ । ଏହି ପରିପ୍ରେକ୍ଷୀରେ ହରିଚନ୍ଦନପୁର ବ୍ଲକ୍‌ର କହେଇଗୋଲା ଜୁଆଙ୍ଗ ବସ୍ତିରେ କେତେକ ଅପମୃତ୍ୟୁ ଘଟିଥିବା ଅଭିଯୋଗ ତାଙ୍କ ନଜରକୁ ଆସିଛି ଏବଂ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ସେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିବା ପ୍ରକାଶ କରିଥିଲେ ।

ଖଣି ଖାଦାନ୍‌ରେ ନିଯୋଜିତ ଶ୍ରମିକମାନଙ୍କ ସ୍ୱାର୍ଥରକ୍ଷା ଲାଗି ରାଜ୍ୟ ସରକାର ସଚେତନ ଅଛନ୍ତି ବୋଲି ପ୍ରକାଶ କରି ଶ୍ରୀ ହରିଚନ୍ଦନ କହିଲେ ଯେ କଳିଙ୍ଗ ଆଇରନ୍ ୱାର୍କସର ପ୍ରତିଷ୍ଠାତା ଶ୍ରୀ ବିଜୁ ପଟ୍ଟନାୟକ ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରି ଭାରତ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଦେବା ପାଇଁ ନୂତନ ଇସ୍ପାତ କାରଖାନା ପାଇଁ ଉଦ୍ୟମ ଚଳାଇଛନ୍ତି । ଇସ୍ପାତ କାରଖାନା ସହ ରାଜ୍ୟରେ କୃଷି ଓ ଗ୍ରାମ୍ୟଭିତ୍ତିକ ଶିଳ୍ପ ପ୍ରସାର କରି କର୍ମ ନିଯୁକ୍ତି କ୍ଷେତ୍ରକୁ ବ୍ୟାପକ କରିବା ସହ ବେକାରୀ ଦୂରୀକରଣ ଲାଗି ସରକାରଙ୍କ ପରିକଳ୍ପନା ସମ୍ପର୍କରେ ସେ ସୂଚାଇଥିଲେ ।

ଆଦିବାସୀ ବହୁଳ ଅଞ୍ଚଳରେ ଚିନି, କିରୋସିନିର ବ୍ୟାପକ କଳାବଜାର ଚାଲିଛି ବୋଲି ତାଙ୍କ କେନ୍ଦୁଝର ଗସ୍ତ ସମୟରେ ଯୋଗାଣ ମନ୍ତ୍ରୀ କେତେକ ଲୋକଙ୍କଠାରୁ ପ୍ରତ୍ୟକ୍ଷ ତଥ୍ୟ ସଂଗ୍ରହ କରିଛନ୍ତି ଏବଂ ଏ ପରିପ୍ରେକ୍ଷୀରେ କଳାବଜାରୀ, ଅସାଧୁ ବ୍ୟବସାୟୀ ଓ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ ଧରାଇ ଦେବା ଲାଗି ଜନସାଧାରଣ ସହଯୋଗ କରିବାକୁ ସେ ନିବେଦନ କରିଥିଲେ ।

ସଭାରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସହରାଇ ଓରାମ ବଡବିଲ ଅଞ୍ଚଳରେ ଖଣି ଖାଦାନ୍ ଓ କାରଖାନାର ବିକାଶ ଦିଗରେ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଭୂମିକା ସମ୍ପର୍କରେ ସୂଚନା ଦେଇଥିଲେ ଏବଂ ବିପୁଳ ପ୍ରାକୃତିକ ବିଭବର ଅଧିକାରୀ କେନ୍ଦୁଝର ଜିଲ୍ଲାର ଅଧିବାସୀମାନଙ୍କ ସାମାଜିକ ଓ ଅର୍ଥନୈତିକ ପ୍ରଗତି ପାଇଁ ସରକାର ସଂକଳ୍ପବଦ୍ଧ ବୋଲି କହିଥିଲେ ।

ଶ୍ରୀ ବସନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ କଳିଙ୍ଗ ଆଇରନ୍ ୱାର୍କସ୍‌ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ରମେଶ ଦାସ ସ୍ୱାଗତ ଭାଷଣ ଦେଇ କଳିଙ୍ଗ ଆଇରନ୍ ୱାର୍କସ୍‌ର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଥିଲେ ।

## ସମୂହ ଟୀକାଦାନ ଓ ପରିବାର କଲ୍ୟାଣ

ସମୂହ ଟୀକାଦାନ ଓ ପରିବାର କଲ୍ୟାଣ କାର୍ଯ୍ୟକ୍ରମ ରାଜ୍ୟରେ କାର୍ଯ୍ୟକାରୀ କରାଯାଉଥିବା ବିଂଶସୂତ୍ରୀ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ । ଗତ ଜୁଲାଇ ମାସରେ ଏହି କାର୍ଯ୍ୟକ୍ରମରେ ୫୫ ହଜାର ଶିଶୁଙ୍କୁ ଡ଼ିଃ ପିଃ ଟିଃ, ୬୬ ହଜାର ଶିଶୁଙ୍କୁ ଯକ୍ଷ୍ମା ପ୍ରତିଷେଧକ ଓ ୫୫ ହଜାର ଶିଶୁଙ୍କୁ ପୋଲିଓ ପ୍ରତିଷେଧକ ଟୀକା ଦିଆଯାଇଛି । ଏହାକୁ ମିଶାଇ ଚଳିତ ଆର୍ଥିକ ବର୍ଷର (୧୯୯୦-୯୧) ପ୍ରଥମ ଚାରି ମାସ ମଧ୍ୟରେ ମୋଟ ୧ ଲକ୍ଷ ୪୭ ହଜାର ଜଣଙ୍କୁ ଡ଼ିଃ ପିଃ ଟିଃ, ୧ ଲକ୍ଷ ୪୬ ହଜାର ଜଣଙ୍କୁ ପୋଲିଓ ଏବଂ ୧ ଲକ୍ଷ ୯୭ ହଜାର ଶିଶୁଙ୍କୁ ଯକ୍ଷ୍ମା ପ୍ରତିଷେଧକ ଟୀକା ଦିଆଯାଇଛି ବୋଲି ଗତ ଜୁଲାଇ ମାସ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅଗ୍ରଗତି ସମ୍ପର୍କୀୟ ବିବରଣୀରୁ ଜଣାପଡ଼ିଛି । ଏ କ୍ଷେତ୍ରରେ ବର୍ତ୍ତମାନ ସୁଦ୍ଧା ଚଳିତ ବର୍ଷ ପାଇଁ ଥିବା ଧାର୍ଯ୍ୟ ଲକ୍ଷ୍ୟର ଯଥାକ୍ରମେ ଶତକଡ଼ା ୮୮-୫୩ ଭାଗ, ୮୮-୪୯ ଭାଗ ଓ ୨୪-୯୨ ଭାଗ ପୂରଣ ହୋଇଛି ।

ଏହି ବିବରଣୀରୁ ଆହୁରି ମଧ୍ୟ ପ୍ରକାଶ ଯେ ପରିବାର କଲ୍ୟାଣ କାର୍ଯ୍ୟକ୍ରମରେ ଚଳିତ ଆର୍ଥିକ ବର୍ଷର ପ୍ରଥମ ଚାରି ମାସରେ ୨୧, ୬୮୫ ଜଣଙ୍କୁ ଜନ୍ମନିରୋଧ ଅସ୍ତ୍ରୋପଚାର କରାଯାଇଛି । ତନ୍ମଧ୍ୟରେ କେବଳ ଗତ ଜୁଲାଇ ମାସରେ ଅସ୍ତ୍ରୋପଚାର କରାଯାଇଥିବା ୮,୪୦୧ ଜଣ ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ଗତ ଏପ୍ରିଲ୍ ମାସଠାରୁ ଜୁଲାଇ ପର୍ଯ୍ୟନ୍ତ ଚାରି ମାସ ମଧ୍ୟରେ ୩୨ ହଜାର ମହିଳା ଆଇଃ ୟୁଃ ଡ଼ିଃ ବ୍ୟବହାର କରିଛନ୍ତି । କେବଳ ଗତ ମାସରେ ଆଇଃ ୟୁଃ ଡ଼ିଃ ବ୍ୟବହାର କରିଥିବା ମହିଳାଙ୍କ ସଂଖ୍ୟା ହେଉଛି ୧୨,୬୬୨ ।

ରାଜ୍ୟରେ ୧୦୭ଟି ବ୍ଲକ୍‌ରେ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବା ସଙ୍ଗେ ସଙ୍ଗେ ୮,୮୦୪ଟି ଅଙ୍ଗନବାଡ଼ି କେନ୍ଦ୍ର କାର୍ଯ୍ୟ କରୁଛି ବୋଲି ଉକ୍ତ ବିବରଣୀରୁ ପ୍ରକାଶ ।

## ପର୍ଯ୍ୟଟନ କେନ୍ଦ୍ର ପାଇଁ ଦାରିଙ୍ଗିବାଡି ଅନୁକୂଳ

—ଉପମନ୍ତ୍ରୀ ଶ୍ରୀ ବେହେରା

ଘନ ଜଙ୍ଗଲରେ ଆଚ୍ଛାଦିତ ଫୁଲବାଣୀ ଜିଲ୍ଲା ଦାରିଙ୍ଗିବାଡିର ମନୋରମ ପ୍ରାକୃତିକ ପରିବେଶ ଏବଂ ଅନୁକୂଳ ଜଳବାୟୁ ଦୃଷ୍ଟିରୁ ଏହା ପର୍ଯ୍ୟଟନ କେନ୍ଦ୍ର ନିମନ୍ତେ ବିଶେଷ ଅନୁକୂଳ ବୋଲି ରାଜ୍ୟ କ୍ରୀଡ଼ା, ସଂସ୍କୃତି ଓ ପର୍ଯ୍ୟଟନ ଉପମନ୍ତ୍ରୀ ଶ୍ରୀ ପଦ୍ମନାଭ ବେହେରା କହିଛନ୍ତି ।

ଅଗଷ୍ଟ ମାସ ୧୩ ତାରିଖରେ ଶ୍ରୀ ବେହେରାଙ୍କ ଫୁଲବାଣୀ ଜିଲ୍ଲାର ଦାରିଙ୍ଗିବାଡି ଅଞ୍ଚଳ ପରିଦର୍ଶନ କାଳରେ ସ୍ଥାନୀୟ ଜନସାଧାରଣ ଏକ ପର୍ଯ୍ୟଟନ କେନ୍ଦ୍ର ରୂପେ ଦାରିଙ୍ଗିବାଡିର ଉନ୍ନତି ବିଧାନ କରିବା ପାଇଁ ଦାବୀ କରିଥିଲେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଦାରିଙ୍ଗିବାଡି ଉଚ୍ଚତମ ସ୍ଥାନରେ ଥିବାରୁ ଏହାର ଜଳବାୟୁ ଅତ୍ୟନ୍ତ ଥଣ୍ଡା ଏବଂ ଶୀତଋତୁରେ ଏଠାରେ ତୁଷାରପାତ ହୋଇଥାଏ । ତେଣୁ ଦାରିଙ୍ଗିବାଡି ଓଡ଼ିଶାର କାଶ୍ମୀର ରୂପେ ପରିଚିତ । ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ମନୋରମ ପରିବେଶ ଉପଭୋଗ କରିବା ନିମନ୍ତେ ବହୁ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି । କିନ୍ତୁ ଏଠାରେ ସାମୟିକ ରହଣି ଅଥବା ରାତି ଯାପନ ନିମନ୍ତେ ସରକାରୀ କିମ୍ବା ବେସରକାରୀ ବିଶ୍ରାମାଗାର କିମ୍ବା ଉନ୍ନତ ହୋଟେଲ ନଥିବାରୁ ପର୍ଯ୍ୟଟକମାନେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ତେଣୁ, ସରକାରୀ ଉଦ୍ୟମରେ ଦାରିଙ୍ଗିବାଡିର ବିକାଶ ଘଟାଇ ଏଠାରେ ଏକ ପର୍ଯ୍ୟଟନ କେନ୍ଦ୍ର ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ଗୋଟିଏ ଉତ୍ତମ ପାନ୍ଥ ନିବାସ ନିର୍ମାଣ କରିବାକୁ ଜନସାଧାରଣ ଦାବୀ କରିଆସୁଛନ୍ତି ।

ଏହି ଅବସରରେ ଉପମନ୍ତ୍ରୀ ଶ୍ରୀ ବେହେରା ଦାରିଙ୍ଗିବାଡିଠାରେ ଆୟୋଜିତ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବା ସଙ୍ଗେ ସଙ୍ଗେ ୧୬ ଜଣଙ୍କୁ ବାର୍ଦ୍ଧକ୍ୟଭତ୍ତା ଓ ୨୬ ଜଣଙ୍କୁ ଜମିପଟ୍ଟା ବଣ୍ଟନ କରିଥିଲେ । ଶ୍ରୀ ବେହେରା ସ୍ଥାନୀୟ ଆଶ୍ରମ ସ୍କୁଲ ମଧ୍ୟ ପରିଦର୍ଶନ କରି ଅଧିକ ଶିକ୍ଷକ ଆବଶ୍ୟକ ଥିବା ଉପଲବ୍ଧି କରିଥିଲେ । ବିଶେଷ କରି ଷଷ୍ଠ, ଅଷ୍ଟମ ଓ ନବମ ଶ୍ରେଣୀ ନିମନ୍ତେ ଜଣେ ଲେଖାଏଁ ବିଃ ଏଃ, ବିଃ ଇଡିଃ, ବିଃ ଏସ୍‌ସିଃ, ବିଃ ଇଡିଃ ଓ ମାଟ୍ରିକ୍ ସିଃ ଟିଃ ଶିକ୍ଷକ ଆବଶ୍ୟକ ହେଉଥିବା ଏବଂ ଶିକ୍ଷକ ଅଭାବରୁ ପରୀକ୍ଷା ଫଳାଫଳ ସନ୍ତୋଷଜନକ ହେଉ ନଥିବା ସେ ଉପଲବ୍ଧି କରିଥିଲେ । ଏହା ବ୍ୟତୀତ ସ୍କୁଲ ଗୃହର ବିଦ୍ୟୁତିକରଣ ଓ ଖେଳପଡିଆ ଅଭାବ ସମ୍ପର୍କରେ ଅଭିଯୋଗ ହୋଇଥିଲା । ଶ୍ରୀ ବେହେରା ଏସବୁ ଅଭାବ ଅସୁବିଧାର ପ୍ରତିକାର ନିମନ୍ତେ କାର୍ଯ୍ୟାନୁଷ୍ଠାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ।

## ନୂତନ ଗୋ-ପ୍ରଜନନ ନୀତି

କଟକସ୍ଥ ପଶୁ ପାଳନ ଓ ପଶୁ ଚିକିତ୍ସା ନିର୍ଦ୍ଦେଶାଳୟଠାରେ ବିଭାଗୀୟ ନିର୍ଦ୍ଦେଶକ ଡଃ ଜୀବନାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ରାଜ୍ୟରେ ନୂତନ ଗୋ ପ୍ରଜନନ ନୀତି ନିର୍ଦ୍ଧାରଣ କରିବା ନିମନ୍ତେ ଏକ ସମ୍ମେଳନ ଗତ ୨୦ ତାରିଖ ଦିନ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭାଗୀୟ ପଦସ୍ଥ ଅଧିକାରୀଙ୍କ ସମେତ ପଶୁ ଚିକିତ୍ସା ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ନୃସିଂହ ଚରଣ ପଣ୍ଡା ଓ ଅଧ୍ୟାପକମାନେ ଯୋଗ ଦେଇଥିଲେ । ୧୯୮୨ ମସିହାରେ ସ୍ଥିର ହୋଇଥିବା ଗୋ ପ୍ରଜନନ ନୀତି ଉପରେ ପର୍ଯ୍ୟାଲୋଚନା କରାଯାଇଥିଲା । ବିଭିନ୍ନ ରାଜ୍ୟର ଦୁଗ୍ଧ ଉତ୍ପାଦନ ତୁଳନାରେ ଓଡ଼ିଶାରେ ଦୁଗ୍ଧ ଉତ୍ପାଦନ ବହୁତ କମ୍ । ତେଣୁ ରାଜ୍ୟର ଲୋକେ, ବିଶେଷତଃ ଶିଶୁମାନେ ଦୈନିକ ଅଳ୍ପ ପରିମାଣର ଦୁଗ୍ଧ ପାଉଛନ୍ତି । ଏହା ଫଳରେ ସେମାନଙ୍କର ଶାରୀରିକ ତଥା ମାନସିକ ଅଭିବୃଦ୍ଧି

ବ୍ୟାହତ ହେଉଛି । ଏହି ପରିପ୍ରେକ୍ଷୀରେ ରାଜ୍ୟରେ ଦୁଗ୍ଧର ଚାହିଦାକୁ ଦୃଷ୍ଟିରେ ରଖି ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ଉଦ୍ଦେଶ୍ୟରେ ରାଜ୍ୟର ସମସ୍ତ ସ୍ଥାନରେ ଜର୍ସି, ସିନ୍ଧି ଶୁକ୍ର ସାହାଯ୍ୟରେ ସଙ୍କର ଗୋ ପ୍ରଜନନ ନୀତିକୁ ଗ୍ରହଣ କରିବା ପାଇଁ ସର୍ବସମ୍ମତ ଭାବେ ସ୍ଥିର ହେଲା । ଏହାଛଡ଼ା ସଙ୍କର ଜର୍ସି ଅଣ୍ଡିରା ବାଛୁରୀମାନେ ଯୋଡ଼ମାନଙ୍କ ପରି କୃଷି କାର୍ଯ୍ୟ ପାଇଁ ଉପଯୁକ୍ତ ବିବେଚିତ ହେଉଥିବାରୁ ଉଲ୍ଲିଖିତ ଗୋ ପ୍ରଜନନ ନୀତିରେ କୌଣସି ପ୍ରତିବନ୍ଧକ ସୃଷ୍ଟି ହେଉନାହିଁ ବୋଲି ସମସ୍ତେ ଏକମତ ହୋଇଥିଲେ । ମଇଁଷି ପ୍ରଜନନ କ୍ଷେତ୍ରରେ ଉନ୍ନତ ଜାତୀୟ ଅଣ୍ଡିରା ମଇଁଷିମାନଙ୍କ ଦ୍ୱାରା ପ୍ରଜନନ କରାଯିବାର ମଧ୍ୟ ସଭାରେ ସ୍ଥିର ହେଲା ।

## ରାଜ୍ୟ ଗେଜେଟିଅର୍ସ ଉନ୍ମୋଚନ

ଶ୍ରୀ ନୃସିଂହ ଚରଣ ବେହୁରିଆଙ୍କ ମୁଖ୍ୟ ସମ୍ପାଦନାରେ ପ୍ରକାଶିତ ଓଡ଼ିଶା ରାଜ୍ୟ ଗେଜେଟିଅର୍ସକୁ ଅଗଷ୍ଟ ମାସ ୨୯ ତାରିଖରେ ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମା ଉନ୍ମୋଚନ କରିଛନ୍ତି । ଏହା ପୂର୍ବରୁ ଭିନ୍ନ ୧୦ ଗୋଟି ଜିଲାମାନଙ୍କର ଗେଜେଟିଅର୍ସ ପ୍ରକାଶ ପାଇଥିଲା । ରାଜ୍ୟ ଗେଜେଟିଅର୍ସ ପ୍ରକାଶ କରିବା ଏକ ଅଭିନବ ପ୍ରଚେଷ୍ଟା ଓ ଖୁବ୍ କମ୍ ରାଜ୍ୟରେ ଏହା ପ୍ରକାଶିତ ହୋଇଛି । ରାଜ୍ୟ ପ୍ରାଚୀନ ଇତିହାସଠାରୁ ଆରମ୍ଭ କରି ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ରାଜ୍ୟର ଭୂମି, ଭୂଗୋଳ, ଭୂତତ୍ତ୍ୱ, ଜଙ୍ଗଲ ଭଳି ପ୍ରାକୃତିକ ସମ୍ପଦ ତଥା ଲୋକ, ଧର୍ମ, ଜାତି, ସାଧାରଣ ଜୀବନ, ଶାସନ ପ୍ରଣାଳୀ, ବୃଷ୍ଟିପାତ, କୃଷି, ଜଳସେଚନ, ଶିଳ୍ପ, ବାଣିଜ୍ୟ, ଅର୍ଥନୀତି, ପରିବହନ, ବିଭିନ୍ନ ସ୍ତରରେ ଶାସନ ବ୍ୟବସ୍ଥା ଓ ଏହାର ବିବର୍ତ୍ତନ, ସଂସ୍କୃତି ଓ ଦର୍ଶନୀୟ ସ୍ଥାନ ଇତ୍ୟାଦି ବିଷୟରେ ବିବରଣୀମାନ ଏହି ରାଜ୍ୟ ଗେଜେଟିଅର୍ସରେ ସନ୍ନିବେଶିତ ହୋଇଛି । ରାଜ୍ୟର ସାଂସ୍କୃତିକ ଇତିହାସ ଜଗନ୍ନାଥ ସଂସ୍କୃତି ଉପରେ ପର୍ଯ୍ୟବେସିତ । ସଂସ୍କୃତ ସାହିତ୍ୟ, କଳା, ସ୍ଥାପତ୍ୟ, ନୃତ୍ୟ ଏବଂ ସଙ୍ଗୀତ ଇତ୍ୟାଦି କ୍ଷେତ୍ରରେ ଭାରତୀୟ ସଂସ୍କୃତିକୁ ଓଡ଼ିଶାର ଦାନ ଉଲ୍ଲେଖଯୋଗ୍ୟ । ୧୭ ଅଧ୍ୟାୟ ବିଶିଷ୍ଟ ରାଜ୍ୟ ଗେଜେଟିଅର୍ସର ତିନୋଟି ଭାଗରେ ଏ ବିଷୟରେ ବର୍ଣ୍ଣିତ ହୋଇଛି । ଏହାର ଅନ୍ୟ ଦୁଇଟି ଭାଗ ଖୁବ୍ ଶୀଘ୍ର ପ୍ରକାଶ ପାଇବ ।

## ଗୁଡ଼ିପୁଟ ପ୍ରଦର୍ଶନ କେନ୍ଦ୍ରକୁ ଲାଭଜନକ ସଂସ୍ଥାରେ ପରିଣତ କରାଯାଉ

—କୃଷି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପାଙ୍ଗୀ

ଗିଜାମ ଜିଲା ଗୁଡ଼ିପୁଟଠାରେ ଥିବା ମୃତ୍ତିକା ସଂରକ୍ଷଣ ବିଭାଗର ପ୍ରଦର୍ଶନ କେନ୍ଦ୍ରଟିକୁ ଏକ ଲାଭଜନକ ସଂସ୍ଥାରେ ପରିଣତ କରିବା ପାଇଁ ସକ୍ରିୟ ପଦକ୍ଷେପ ନେବାକୁ କୃଷି ଓ ସମବାୟ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜୟରାମ ପାଙ୍ଗୀ ବିଭାଗୀୟ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

ଅଗଷ୍ଟ ମାସ ୧୪ ତାରିଖରେ ଏହି କେନ୍ଦ୍ରଟିକୁ ଅଘୋଷିତ ଭାବରେ ପରିଦର୍ଶନ କରି ଏହାର ବିଭିନ୍ନ କାର୍ଯ୍ୟ ଶ୍ରୀ ପାଙ୍ଗୀ ଅନୁଧ୍ୟାନ କରିଥିଲେ ଏବଂ ଆୟ ଅପେକ୍ଷା ପ୍ରତି ମାସରେ ଅଧିକ ବ୍ୟୟ ହେଉଥିବା ଯୋଗୁଁ ବାର୍ଷିକ ହାରାହାରି ଏକଲକ୍ଷ ଟଙ୍କା କେନ୍ଦ୍ରର କ୍ଷତି ହେଉଥିବା ଜାଣି ସେ ଉଦ୍‌ବେଗ ପ୍ରକାଶ କରିଥିଲେ । ଏହି କେନ୍ଦ୍ରର ଆୟ ବ୍ୟୟ ହିସାବ ତନଖି କରି ହିସାବ ରକ୍ଷାରେ ଅନିୟମିତତା ଓ ତ୍ରୁଟି ସେ ଲକ୍ଷ କରିଥିଲେ । ରସିଦ୍ ବହି ସରିଯାଇଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଏ ପର୍ଯ୍ୟନ୍ତ ତାହା ଯୋଗାଇ ଦିଆଯାଇ ନଥିବା ଜାଣି ସେ ଅସନ୍ତୋଷ ପ୍ରକା[...] କରିଥିଲେ ।

ରାଜ୍ୟର ସମସ୍ତ ଫାର୍ମର ଗତ ୩ ବର୍ଷର ଆୟ ଓ ବ୍ୟ[...] ବିବରଣୀ ରାଷ୍ଟ୍ରମନ୍ତ୍ରୀଙ୍କ ଅନୁଧ୍ୟାନ ପାଇଁ ପ୍ରଦାନ କରିବା[...] ଶ୍ରୀ ପାଙ୍ଗୀ ସମ୍ପୃକ୍ତ ବିଭାଗୀୟ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି[...] ଉପରିସ୍ଥ କର୍ମଚାରୀଙ୍କ ପରିଦର୍ଶନ ବିବରଣୀ ସମ୍ପୃକ୍ତ ସଂସ୍ଥାମାନ[...] ଠିକ୍ ସମୟରେ ଆସୁ ନଥିବା ଯୋଗୁଁ ସେ ଏହା ଏକ ଗୁରୁତ[...] ଅବହେଳା ବୋଲି ମତ ପ୍ରକାଶ କରିଛନ୍ତି ।

୧୫୦ ଏକରରୁ ଊର୍ଦ୍ଧ୍ୱ ଜମି ଉପରେ ଗଢ଼ି ଉଠିଥିବା ଏହି ବିରା[...] ଫାର୍ମରେ ମୁଖ୍ୟତଃ ଗୋଲମରିଚ ଓ କଫି ପରି ଅର୍ଥକରୀ ଫସ[...] ଚାଷୀମାନଙ୍କ ପ୍ରଦର୍ଶନ ପାଇଁ ଚାଷ କରାଯାଇଥାଏ । ଏହା ବ୍ୟତୀ[...] ଆମ୍ବ ଓ ପିଜୁଳି ଆଦି ଫଳ, ମକା ଓ ବିଭିନ୍ନ ପନିପରିବା ମଧ୍ୟ ଚା[...] କରାଯାଇଥାଏ । ୫ ଏକରରୁ ଊର୍ଦ୍ଧ୍ୱ ଜମି ପରିମିତ ଏ[...] ପୋଖରୀରେ ମାଛ ଚାଷ କରାଯାଉଛି । ୧୬ ଏକରରୁ ସାମାନ[...] ଅଧିକ ଜମି କେବଳ ଟସର୍ ଚାଷ ପାଇଁ ସମ୍ପୃକ୍ତ ବିଭାଗ[...] ଦିଆଯାଇଛି । ରାଷ୍ଟ୍ରମନ୍ତ୍ରୀଙ୍କ ପରିଦର୍ଶନ ସମୟରେ କେ[...] ଦାୟିତ୍ୱରେ ଥିବା କନିଷ୍ଠ ମୃତ୍ତିକା ସଂରକ୍ଷଣ ଅଧିକାରୀ, ୬ ଜ[...] ସ୍ଥାୟୀ କର୍ମଚାରୀ ଏବଂ ୧୧ ଜଣ ଅସ୍ଥାୟୀ ଶ୍ରମିକ ଉପସ୍ଥି[...] ଥିଲେ । ସ୍ଥାୟୀ କର୍ମଚାରୀଙ୍କ ଉପସ୍ଥାନ ବହି ଓ ଅସ୍ଥାୟୀ ଶ୍ରମିକ ପାଇଁ ଉଦ୍ଦିଷ୍ଟ "ମଷ୍ଟର୍ ରୋଲ୍" ଉପଯୁକ୍ତ ଭାବେ ବ୍ୟବହୃ[...] ହେଉନଥିବା ଜାଣି ଅନ୍ୟାନ୍ୟ ଫାର୍ମ ଭଳି ଏଠାରେ ମଧ୍ୟ ଉପସ୍ଥା[...] ବହି ଏବଂ ଅସ୍ଥାୟୀ ଶ୍ରମିକ ହାଜିରା ଖାତା କଡ଼ାକଡ଼ି ଭାବ[...] ପ୍ରଚଳନ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ସହିତ ସରଳ ଦେବ୍

ପଶ୍ଚିମ ବଙ୍ଗର ଗ୍ରନ୍ଥାଗାର ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସରଳ ଦେ[...] ଅଗଷ୍ଟ ମାସ ୧୮ ତାରିଖ ଦିନ ପୂର୍ବାହ୍ନରେ ଓଡ଼ିଶାର ମୁଖ୍ୟମ[...] ଶ୍ରୀ ବିଜୁ ପଟ୍ଟନାୟକଙ୍କ ସହ ତାଙ୍କ ସଚିବାଳୟସ୍ଥ ପ୍ରକୋଷ୍ଠ[...] ସାକ୍ଷାତ କରିଥିଲେ । ଆଲୋଚନା ପ୍ରସଙ୍ଗରେ ଶ୍ରୀ ଦେ[...] ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କର କଟକ ଓଡ଼ିଆ ବଜାରରେ ଥି[...] ବାସଗୃହକୁ କେନ୍ଦ୍ର ସରକାର ହାତକୁ ନେଇ ଏକ ଜାତୀ[...] ସ୍ମୃତିପୀଠରେ ପରିଣତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ସହଯୋ[...] କାମନା କରିଥିଲେ । ସମ୍ପ୍ରତି ନେତାଜୀଙ୍କ ବାସଗୃହ ଏକ ଟ୍ର[...] ଦ୍ୱାରା ପରିଚାଳିତ ହେଉଛି ଏବଂ ନେତାଜୀଙ୍କର ଭାଇ ସ୍ୱର୍ଗ[...] ଶରତଚନ୍ଦ୍ର ବସୁ ତାଙ୍କ ମୃତ୍ୟୁ ପୂର୍ବରୁ ଏହି ବାସଗୃହଟିକୁ ସମ୍ପ୍[...] ଟ୍ରଷ୍ଟକୁ ହସ୍ତାନ୍ତରୀତ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ [...] ପ୍ରସ୍ତାବ ଅନୁଯାୟୀ ଯଥୋଚିତ ପଦକ୍ଷେପ ନେବା ପାଇଁ ଶ୍ରୀ ଦେବ[...] ପ୍ରତିଶ୍ରୁତି ଦେଇଥିଲେ ।

ଚଳିତ ବର୍ଷ ଶହୀଦ କ୍ଷୁଦିରାମ ବସୁଙ୍କ ଜନ୍ମ ଶତବାର୍ଷିକୀ ପାଳ[...] ଅବସରରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ଶହ[...] କ୍ଷୁଦିରାମଙ୍କ ଏକ ଜାତୀୟ ସେମିନାରର ଆୟୋଜନ କରିବା ପ[...] ଶ୍ରୀ ଦେବ ପ୍ରସ୍ତାବ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଏହା ନଭେମ[...] ମାସ ଶେଷ ଆଡ଼କୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଓ ଉ[...] ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ କରାଯାଇପାରେ ବୋ[...] ମତ ପ୍ରକାଶ କରିଥିଲେ ।

ସଭାରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସହରାଇ ଓରାମ ବଡବିଲ ଅଞ୍ଚଳରେ ଖଣି ଖାଦାନ୍ ଓ କାରଖାନାର ବିକାଶ ଦିଗରେ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଭୂମିକା ସମ୍ପର୍କରେ ସୂଚନା ଦେଇଥିଲେ ଏବଂ ବିପୁଳ ପ୍ରାକୃତିକ ବିଭବର ଅଧିକାରୀ କେନ୍ଦୁଝର ଜିଲ୍ଲାର ଅଧିବାସୀମାନଙ୍କ ସାମାଜିକ ଓ ଅର୍ଥନୈତିକ ପ୍ରଗତି ପାଇଁ ସରକାର ସଂକଳ୍ପବଦ୍ଧ ବୋଲି କହିଥିଲେ ।

ଶ୍ରୀ ବସନ୍ତ କୁମାର ଦାସଙ୍କ 'ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ କଳିଙ୍ଗ ଆଇରନ୍ ୱାର୍କସ୍‌ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ରମେଶ ଦାସ ସ୍ୱାଗତ ଭାଷଣ ଦେଇ କଳିଙ୍ଗ ଆଇରନ୍ ୱାର୍କସ୍‌ର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଥିଲେ ।

## ସମୂହ ଟୀକାଦାନ ଓ ପରିବାର କଲ୍ୟାଣ

ସମୂହ ଟୀକାଦାନ ଓ ପରିବାର କଲ୍ୟାଣ କାର୍ଯ୍ୟକ୍ରମ ରାଜ୍ୟରେ କାର୍ଯ୍ୟକାରୀ କରାଯାଉଥିବା ବିଂଶସୂତ୍ରୀ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ । ଗତ ଜୁଲାଇ ମାସରେ ଏହି କାର୍ଯ୍ୟକ୍ରମରେ ୫୫ ହଜାର ଶିଶୁଙ୍କୁ ଡ଼ି: ପି: ଟି:, ୬୬ ହଜାର ଶିଶୁଙ୍କୁ ଯକ୍ଷ୍ମା ପ୍ରତିଷେଧକ ଓ ୫୫ ହଜାର ଶିଶୁଙ୍କୁ ପୋଲିଓ ପ୍ରତିଷେଧକ ଟୀକା ଦିଆଯାଇଛି । ଏହାକୁ ମିଶାଇ ଚଳିତ ଆର୍ଥିକ ବର୍ଷର (୧୯୯୦-୯୧) ପ୍ରଥମ ଚାରି ମାସ ମଧ୍ୟରେ ମୋଟ ୧ ଲକ୍ଷ ୪୭ ହଜାର ଜଣଙ୍କୁ ଡ଼ି: ପି: ଟି:, ୧ ଲକ୍ଷ ୪୬ ହଜାର ଜଣଙ୍କୁ ପୋଲିଓ ଏବଂ ୧ ଲକ୍ଷ ୯୭ ହଜାର ଶିଶୁଙ୍କୁ ଯକ୍ଷ୍ମା ପ୍ରତିଷେଧକ ଟୀକା ଦିଆଯାଇଛି ବୋଲି ଗତ ଜୁଲାଇ ମାସ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅଗ୍ରଗତି ସମ୍ପର୍କୀୟ ବିବରଣୀରୁ ଜଣାପଡ଼ିଛି । ଏ କ୍ଷେତ୍ରରେ ବର୍ତ୍ତମାନ ସୁଦ୍ଧା ଚଳିତ ବର୍ଷ ପାଇଁ ଥିବା ଧାର୍ଯ୍ୟ ଲକ୍ଷର ଯଥାକ୍ରମେ ଶତକଡ଼ା ୧୮-୫୩ ଭାଗ, ୧୮-୪୯ ଭାଗ ଓ ୨୪-୯୨ ଭାଗ ପୂରଣ ହୋଇଛି ।

ଏହି ବିବରଣୀରୁ ଆହୁରି ମଧ୍ୟ ପ୍ରକାଶ ଯେ ପରିବାର କଲ୍ୟାଣ କାର୍ଯ୍ୟକ୍ରମରେ ଚଳିତ ଆର୍ଥିକ ବର୍ଷର ପ୍ରଥମ ଚାରି ମାସରେ ୨୧, ୬୮୫ ଜଣଙ୍କୁ ଜନ୍ମନିରୋଧ ଅସ୍ତ୍ରୋପଚାର କରାଯାଇଛି । ତନ୍ମଧ୍ୟରେ କେବଳ ଗତ ଜୁଲାଇ ମାସରେ ଅସ୍ତ୍ରୋପଚାର କରାଯାଇଥିବା ୮,୪୯୧ ଜଣ ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ଗତ ଏପ୍ରିଲ୍ ମାସଠାରୁ ଜୁଲାଇ ପର୍ଯ୍ୟନ୍ତ ଚାରି ମାସ ମଧ୍ୟରେ ୩୨ ହଜାର ମହିଳା ଆଇ: ୟୁ: ଡି: ବ୍ୟବହାର କରିଛନ୍ତି । କେବଳ ଗତ ମାସରେ ଆଇ: ୟୁ: ଡି: ବ୍ୟବହାର କରିଥିବା ମହିଳାଙ୍କ ସଂଖ୍ୟା ହେଉଛି ୧୨,୬୬୨ ।

ରାଜ୍ୟରେ ୧୦୫ଟି ବ୍ଲକ୍‌ରେ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବା ସଙ୍ଗେ ସଙ୍ଗେ ୮,୮୦୫ଟି ଅଙ୍ଗନବାଡ଼ି କେନ୍ଦ୍ର କାର୍ଯ୍ୟ କରୁଛି ବୋଲି ଉକ୍ତ ବିବରଣୀରୁ ପ୍ରକାଶ ।

## ପର୍ଯ୍ୟଟନ କେନ୍ଦ୍ର ପାଇଁ ଦାରିଙ୍ଗିବାଡ଼ି ଅନୁକୂଳ

—ଉପମନ୍ତ୍ରୀ ଶ୍ରୀ ବେହେରା

ଘନ ଜଙ୍ଗଲରେ ଆଚ୍ଛାଦିତ ଫୁଲବାଣୀ ଜିଲ୍ଲା ଦାରିଙ୍ଗିବାଡ଼ିର ମନୋରମ ପ୍ରାକୃତିକ ପରିବେଶ ଏବଂ ଅନୁକୂଳ ଜଳବାୟୁ ଦୃଷ୍ଟିରୁ ଏହା ପର୍ଯ୍ୟଟନ କେନ୍ଦ୍ର ନିମନ୍ତେ ବିଶେଷ ଅନୁକୂଳ ବୋଲି ରାଜ୍ୟ କ୍ରୀଡ଼ା, ସଂସ୍କୃତି ଓ ପର୍ଯ୍ୟଟନ ଉପମନ୍ତ୍ରୀ ଶ୍ରୀ ପଦ୍ମନାଭ ବେହେରା କହିଛନ୍ତି ।

ଅଗଷ୍ଟ ମାସ ୧୩ ତାରିଖରେ ଶ୍ରୀ ବେହେରାଙ୍କ ଫୁଲବାଣୀ ଜିଲ୍ଲାର ଦାରିଙ୍ଗିବାଡ଼ି ଅଞ୍ଚଳ ପରିଦର୍ଶନ କାଳରେ ସ୍ଥାନୀୟ ଜନସାଧାରଣ ଏକ ପର୍ଯ୍ୟଟନ କେନ୍ଦ୍ର ରୂପେ ଦାରିଙ୍ଗିବାଡ଼ିର ଉନ୍ନତି ବିଧାନ କରିବା ପାଇଁ ଦାବୀ କରିଥିଲେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଦାରିଙ୍ଗିବାଡ଼ି ଉଚ୍ଚତମ ସ୍ଥାନରେ ଥିବାରୁ ଏହାର ଜଳବାୟୁ ଅତ୍ୟନ୍ତ ଥଣ୍ଡା ଏବଂ ଶୀତଋତୁରେ ଏଠାରେ ତୁଷାରପାତ ହୋଇଥାଏ । ତେଣୁ ଦାରିଙ୍ଗିବାଡ଼ି ଓଡ଼ିଶାର କାଶ୍ମୀର ରୂପେ ପରିଚିତ । ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ମନୋରମ ପରିବେଶ ଉପଭୋଗ କରିବା ନିମନ୍ତେ ବହୁ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି । କିନ୍ତୁ ଏଠାରେ ସାମୟିକ ରହଣି ଅଥବା ରାତି ଯାପନ ନିମନ୍ତେ ସରକାରୀ କିମ୍ବା ବେସରକାରୀ ବିଶ୍ରାମାଗାର କିମ୍ବା ଉଚ୍ଚମାନର ହୋଟେଲ ନଥିବାରୁ ପର୍ଯ୍ୟଟକମାନେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ତେଣୁ, ସରକାରୀ ଉଦ୍ୟମରେ ଦାରିଙ୍ଗିବାଡ଼ିର ବିକାଶ ଘଟାଇ ଏଠାରେ ଏକ ପର୍ଯ୍ୟଟନ କେନ୍ଦ୍ର ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ଗୋଟିଏ ଉତ୍ତମ ପାନ୍ଥ ନିବାସ ନିର୍ମାଣ କରିବାକୁ ଜନସାଧାରଣ ଦାବୀ କରିଆସୁଛନ୍ତି ।

ଏହି ଅବସରରେ ଉପମନ୍ତ୍ରୀ ଶ୍ରୀ ବେହେରା ଦାରିଙ୍ଗିବାଡ଼ିଠାରେ ଆୟୋଜିତ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବା ସଙ୍ଗେ ସଙ୍ଗେ ୧୬ ଜଣଙ୍କୁ ବାର୍ଦ୍ଧକ୍ୟଭତ୍ତା ଓ ୨୬ ଜଣଙ୍କୁ ଜମିପଟ୍ଟା ବଣ୍ଟନ କରିଥିଲେ । ଶ୍ରୀ ବେହେରା ସ୍ଥାନୀୟ ଆଶ୍ରମ ସ୍କୁଲ ମଧ୍ୟ ପରିଦର୍ଶନ କରି ଅଧିକ ଶିକ୍ଷକ ଆବଶ୍ୟକ ଥିବା ଉପଲବ୍ଧି କରିଥିଲେ । ବିଶେଷ କରି ଷଷ୍ଠ, ଅଷ୍ଟମ ଓ ନବମ ଶ୍ରେଣୀ ନିମନ୍ତେ ଜଣେ ଲେଖାଏଁ ବି: ଏ:, ବି: ଇଡି:, ବି: ଏସ୍‌ସି:, ବି: ଇଡି: ଓ ମାଟ୍ରିକ୍ ସି: ଟି: ଶିକ୍ଷକ ଆବଶ୍ୟକ ହେଉଥିବା ଏବଂ ଶିକ୍ଷକ ଅଭାବରୁ ପରୀକ୍ଷା ଫଳାଫଳ ସନ୍ତୋଷଜନକ ହେଉ ନଥିବା ସେ ଉପଲବ୍ଧି କରିଥିଲେ । ଏହା ବ୍ୟତୀତ ସ୍କୁଲ ଗୃହର ବିଦ୍ୟୁତିକରଣ ଓ ଖେଳପଡ଼ିଆ ଅଭାବ ସମ୍ପର୍କରେ ଅଭିଯୋଗ ହୋଇଥିଲା । ଶ୍ରୀ ବେହେରା ଏସବୁ ଅଭାବ ଅସୁବିଧାର ପ୍ରତିକାର ନିମନ୍ତେ କାର୍ଯ୍ୟାନୁଷ୍ଠାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ।

## ନୂତନ ଗୋ-ପ୍ରଜନନ ନୀତି

କଟକସ୍ଥ ପଶୁ ପାଳନ ଓ ପଶୁ ଚିକିତ୍ସା ନିର୍ଦ୍ଦେଶାଳୟଠାରେ ବିଭାଗୀୟ ନିର୍ଦ୍ଦେଶକ ଡକ୍ଟର ଜୀବନାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ରାଜ୍ୟରେ ନୂତନ ଗୋ ପ୍ରଜନନ ନୀତି ନିର୍ଦ୍ଧାରଣ କରିବା ନିମନ୍ତେ ଏକ ସମ୍ମେଳନ ଗତ ୨୦ ତାରିଖ ଦିନ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭାଗୀୟ ପଦସ୍ଥ ଅଧିକାରୀଙ୍କ ସମେତ ପଶୁ ଚିକିତ୍ସା ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ନୃସିଂହ ଚରଣ ପଣ୍ଡା ଓ ଅଧ୍ୟାପକମାନେ ଯୋଗ ଦେଇଥିଲେ । ୧୯୮୨ ମସିହାରେ ସ୍ଥିର ହୋଇଥିବା ଗୋ ପ୍ରଜନନ ନୀତି ଉପରେ ପର୍ଯ୍ୟାଲୋଚନା କରାଯାଇଥିଲା । ବିଭିନ୍ନ ରାଜ୍ୟର ଦୁଗ୍ଧ ଉତ୍ପାଦନ ତୁଳନାରେ ଓଡ଼ିଶାରେ ଦୁଗ୍ଧ ଉତ୍ପାଦନ ବହୁତ କମ୍ । ତେଣୁ ରାଜ୍ୟର ଲୋକେ, ବିଶେଷତଃ ଶିଶୁମାନେ ଦୈନିକ ଅଳ୍ପ ପରିମାଣର ଦୁଗ୍ଧ ପାଉଛନ୍ତି । ଏହା ଫଳରେ ସେମାନଙ୍କର ଶାରୀରିକ ତଥା ମାନସିକ ଅଭିବୃଦ୍ଧି

ବ୍ୟାହତ ହେଉଛି । ଏହି ପରିପ୍ରେକ୍ଷୀରେ ରାଜ୍ୟରେ ଦୁଗ୍ଧର ଚାହିଦାକୁ ଦୃଷ୍ଟିରେ ରଖି ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ଉଦ୍ଦେଶ୍ୟରେ ରାଜ୍ୟର ସମସ୍ତ ସ୍ଥାନରେ ଜର୍ସି, ସିନ୍ଧି ଶୁକ୍ର ସାହାଯ୍ୟରେ ସଙ୍କର ଗୋ ପ୍ରଜନନ ନୀତିକୁ ଗ୍ରହଣ କରିବା ପାଇଁ ସର୍ବସମ୍ମତ ଭାବେ ସ୍ଥିର ହେଲା । ଏହାଛଡା ସଙ୍କର ଜର୍ସି ଅଣ୍ଡିରା ବାଛୁରୀମାନେ ପୋଡ଼ମାନଙ୍କ ପରି କୃଷି କାର୍ଯ୍ୟ ପାଇଁ ଉପଯୁକ୍ତ ବିବେଚିତ ହେଉଥିବାରୁ ଉକ୍ତିଖିତ ଗୋ ପ୍ରଜନନ ନୀତିରେ କୌଣସି ପ୍ରତିବନ୍ଧକ ସୃଷ୍ଟି ହେଉନାହିଁ ବୋଲି ସମସ୍ତେ ଏକମତ ହୋଇଥିଲେ । ମଇଁଷି ପ୍ରଜନନ କ୍ଷେତ୍ରରେ ଉନ୍ନତ ଜାତୀୟ ଅଣ୍ଡିରା ମଇଁଷିମାନଙ୍କ ଦ୍ୱାରା ପ୍ରଜନନ କରାଯିବାର ମଧ୍ୟ ସଭାରେ ସ୍ଥିର ହେଲା ।

## ରାଜ୍ୟ ଗେଜେଟିଅର୍ସ ଉନ୍ମୋଚନ

ଶ୍ରୀ ନୃସିଂହ ଚରଣ ବେହୁରିଆଙ୍କ ମୁଖ୍ୟ ସମ୍ପାଦନାରେ ପ୍ରକାଶିତ ଓଡ଼ିଶା ରାଜ୍ୟ ଗେଜେଟିଅର୍ସକୁ ଅଗଷ୍ଟ ମାସ ୨୯ ତାରିଖରେ ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମା ଉନ୍ମୋଚନ କରିଛନ୍ତି । ଏହା ପୂର୍ବରୁ ବିଭିନ୍ନ ୧୦ ଗୋଟି ଜିଲାମାନଙ୍କର ଗେଜେଟିଅର୍ସ ପ୍ରକାଶ ପାଇଥିଲା । ରାଜ୍ୟ ଗେଜେଟିଅର୍ସ ପ୍ରକାଶ କରିବା ଏକ ଅଭିନବ ପ୍ରଚେଷ୍ଟା ଓ ଖୁବ୍ କମ୍ ରାଜ୍ୟରେ ଏହା ପ୍ରକାଶିତ ହୋଇଛି । ରାଜ୍ୟ ପ୍ରାଚୀନ ଇତିହାସଠାରୁ ଆରମ୍ଭ କରି ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ରାଜ୍ୟର ଭୂମି, ଭୂଗୋଳ, ଭୂତତ୍ତ୍ୱ, ଜଙ୍ଗଲ ଭଳି ପ୍ରାକୃତିକ ସମ୍ପଦ ତଥା ଲୋକ, ଧର୍ମ, ଜାତି, ସାଧାରଣ ଜୀବନ, ଶାସନ ପ୍ରଣାଳୀ, ଦୁର୍ଭିକ୍ଷ, କୃଷି, ଜଳସେଚନ, ଶିଳ୍ପ, ବାଣିଜ୍ୟ, ଅର୍ଥନୀତି, ପରିବହନ, ବିଭିନ୍ନ ସ୍ତରରେ ଶାସନ ବ୍ୟବସ୍ଥା ଓ ଏହାର ବିବର୍ତ୍ତନ, ସଂସ୍କୃତି ଓ ଦର୍ଶନୀୟ ସ୍ଥାନ ଇତ୍ୟାଦି ବିଷୟରେ ବିବରଣୀମାନ ଏହି ରାଜ୍ୟ ଗେଜେଟିଅର୍ସରେ ସନ୍ନିବେଶିତ ହୋଇଛି । ରାଜ୍ୟର ସାଂସ୍କୃତିକ ଇତିହାସ ଜଗନ୍ନାଥ ସଂସ୍କୃତି ଉପରେ ପର୍ଯ୍ୟବେସିତ । ସଂସ୍କୃତ ସାହିତ୍ୟ, କଳା, ସ୍ଥାପତ୍ୟ, ନୃତ୍ୟ ଏବଂ ସଙ୍ଗୀତ ଇତ୍ୟାଦି କ୍ଷେତ୍ରରେ ଭାରତୀୟ ସଂସ୍କୃତିକୁ ଓଡ଼ିଶାର ଦାନ ଉଲ୍ଲେଖଯୋଗ୍ୟ । ୩ ଅଧ୍ୟାୟ ବିଶିଷ୍ଟ ରାଜ୍ୟ ଗେଜେଟିଅର୍ସର ତିନୋଟି ଭାଗରେ ଏ ବିଷୟରେ ବର୍ଣ୍ଣିତ ହୋଇଛି । ଏହାର ଅନ୍ୟ ଦୁଇଟି ଭାଗ ଖୁବ୍ ଶୀଘ୍ର ପ୍ରକାଶ ପାଇବ ।

## ଗୁଦିପୁଟ ପ୍ରଦର୍ଶନ କେନ୍ଦ୍ରକୁ ଲାଭଜନକ ସଂସ୍ଥାରେ ପରିଣତ କରାଯାଉ

—କୃଷି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପାଙ୍ଗୀ

ଗଞ୍ଜାମ ଜିଲ୍ଲା ଗୁଦିପୁଟଠାରେ ଥିବା ମୃତ୍ତିକା ସଂରକ୍ଷଣ ବିଭାଗର ପ୍ରଦର୍ଶନ କେନ୍ଦ୍ରଟିକୁ ଏକ ଲାଭଜନକ ସଂସ୍ଥାରେ ପରିଣତ କରିବା ପାଇଁ ସକ୍ରିୟ ପଦକ୍ଷେପ ନେବାକୁ କୃଷି ଓ ସମବାୟ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜୟରାମ ପାଙ୍ଗୀ ବିଭାଗୀୟ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

ଅଗଷ୍ଟ ମାସ ୧୪ ତାରିଖରେ ଏହି କେନ୍ଦ୍ରଟିକୁ ଆକସ୍ମିକ ଭାବରେ ପରିଦର୍ଶନ କରି ଏହାର ବିଭିନ୍ନ କାର୍ଯ୍ୟ ଶ୍ରୀ ପାଙ୍ଗୀ ଅନୁଧ୍ୟାନ କରିଥିଲେ ଏବଂ ଆୟ ଅପେକ୍ଷା ପ୍ରତି ମାସରେ ଅଧିକ ବ୍ୟୟ ହେଉଥିବା ଯୋଗୁଁ ବାର୍ଷିକ ହାରାହାରି ଏକଲକ୍ଷ ଟଙ୍କା କେନ୍ଦ୍ରର କ୍ଷତି ହେଉଥିବା ଜାଣି ସେ ଉଦ୍‌ବେଗ ପ୍ରକାଶ କରିଥିଲେ । ଏହି କେନ୍ଦ୍ରର ଆୟ ବ୍ୟୟ ହିସାବ ତନଖି କରି ହିସାବ ରକ୍ଷାରେ ଅନିୟମିତତା ଓ ତ୍ରୁଟି ସେ ଲକ୍ଷ କରିଥିଲେ । ରସିଦ୍ ବହି ସରିଯାଇଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଏ ପର୍ଯ୍ୟନ୍ତ ତାହା ଯୋଗାଇ ଦିଆଯାଇ ନଥିବା ଜାଣି ସେ ଅସନ୍ତୋଷ ପ୍ରକାଶ କରିଥିଲେ ।

ରାଜ୍ୟର ସମସ୍ତ ଫାର୍ମର ଗତ ୩ ବର୍ଷର ଆୟ ଓ ବ୍ୟୟ ବିବରଣୀ ରାଷ୍ଟ୍ରମନ୍ତ୍ରୀଙ୍କ ଅନୁଧ୍ୟାନ ପାଇଁ ପ୍ରଦାନ କରିବାକୁ ଶ୍ରୀ ପାଙ୍ଗୀ ସମ୍ପୃକ୍ତ ବିଭାଗୀୟ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଉପରିସ୍ଥ କର୍ମଚାରୀଙ୍କ ପରିଦର୍ଶନ ବିବରଣୀ ସମ୍ପୃକ୍ତ ସଂସ୍ଥାମାନଙ୍କୁ ଠିକ୍ ସମୟରେ ଆସୁ ନଥିବା ଯୋଗୁଁ ସେ ଏହା ଏକ ଗୁରୁତର ଅବହେଳା ବୋଲି ମତ ପ୍ରକାଶ କରିଛନ୍ତି ।

୧୫୦ ଏକରରୁ ଊର୍ଦ୍ଧ୍ୱ ଜମି ଉପରେ ଗଢ଼ି ଉଠିଥିବା ଏହି ବିରାଟ ଫାର୍ମରେ ମୁଖ୍ୟତଃ ଗୋଲମରିଚ ଓ କଫି ପରି ଅର୍ଥକରୀ ଫସଲ ଚାଷୀମାନଙ୍କ ପ୍ରଦର୍ଶନ ପାଇଁ ଚାଷ କରାଯାଇଥାଏ । ଏହା ବ୍ୟତୀତ ଆମ୍ବ ଓ ପିଜୁଳି ଆଦି ଫଳ, ମକା ଓ ବିଭିନ୍ନ ପନିପରିବା ମଧ୍ୟ ଚାଷ କରାଯାଇଥାଏ । ୫ ଏକରରୁ ଊର୍ଦ୍ଧ୍ୱ ଜମି ପରିମିତ ଏକ ପୋଖରୀରେ ମାଛ ଚାଷ କରାଯାଇଛି । ୧୭ ଏକରରୁ ସାମାନ୍ୟ ଅଧିକ ଜମି କେବଳ ଟସର୍ ଚାଷ ପାଇଁ ସମ୍ପୃକ୍ତ ବିଭାଗକୁ ଦିଆଯାଇଛି । ରାଷ୍ଟ୍ରମନ୍ତ୍ରୀଙ୍କ ପରିଦର୍ଶନ ସମୟରେ କେନ୍ଦ୍ର ଦାୟିତ୍ୱରେ ଥିବା କନିଷ୍ଠ ମୃତ୍ତିକା ସଂରକ୍ଷଣ ଅଧିକାରୀ, ୬ ଜଣ ସ୍ଥାୟୀ କର୍ମଚାରୀ ଏବଂ ୧୯ ଜଣ ଅସ୍ଥାୟୀ ଶ୍ରମିକ ଉପସ୍ଥିତ ଥିଲେ । ସ୍ଥାୟୀ କର୍ମଚାରୀଙ୍କ ଉପସ୍ଥାନ ବହି ଓ ଅସ୍ଥାୟୀ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ "ମଷ୍ଟର୍ ରୋଲ୍" ଉପଯୁକ୍ତ ଭାବେ ବ୍ୟବହୃତ ହେଉନଥିବା ଜାଣି ଅନ୍ୟାନ୍ୟ ଫାର୍ମ ଭଳି ଏଠାରେ ମଧ୍ୟ ଉପସ୍ଥାନ ବହି ଏବଂ ଅସ୍ଥାୟୀ ଶ୍ରମିକ ହାଜିରା ଖାତା କଡ଼ାକଡ଼ି ଭାବରେ ପ୍ରଚଳନ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ସହିତ ସରଳ ଦେବ୍

ପଶ୍ଚିମ ବଙ୍ଗର ଗ୍ରନ୍ଥାଗାର ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସରଳ ଦେବ ଅଗଷ୍ଟ ମାସ ୧୮ ତାରିଖ ଦିନ ପୂର୍ବାହ୍ନରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ସହ ତାଙ୍କ ସଚିବାଳୟସ୍ଥ ପ୍ରକୋଷ୍ଠରେ ସାକ୍ଷାତ କରିଥିଲେ । ଆଲୋଚନା ପ୍ରସଙ୍ଗରେ ଶ୍ରୀ ଦେବ ନେତାଜୀ ସୁବାଷଚନ୍ଦ୍ର ବୋଷଙ୍କର କଟକ ଓଡ଼ିଆ ବଜାରରେ ଥିବା ବାସଗୃହକୁ କେନ୍ଦ୍ର ସରକାର ହାତକୁ ନେଇ ଏକ ଜାତୀୟ ସ୍ମୃତିପୀଠରେ ପରିଣତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ସହଯୋଗ କାମନା କରିଥିଲେ । ସମ୍ପ୍ରତି ନେତାଜୀଙ୍କ ବାସଗୃହ ଏକ ଟ୍ରଷ୍ଟ ଦ୍ୱାରା ପରିଚାଳିତ ହେଉଛି ଏବଂ ନେତାଜୀଙ୍କର ଭାଇ ସ୍ୱର୍ଗୀୟ ଶରତଚନ୍ଦ୍ର ବସୁ ତାଙ୍କ ମୃତ୍ୟୁ ପୂର୍ବରୁ ଏହି ବାସଗୃହଟିକୁ ସମ୍ପୃକ୍ତ ଟ୍ରଷ୍ଟକୁ ହସ୍ତାନ୍ତରୀତ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏହି ପ୍ରସ୍ତାବ ଅନୁଯାୟୀ ଯଥୋଚିତ ପଦକ୍ଷେପ ନେବା ପାଇଁ ଶ୍ରୀ ଦେବଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।

ଚଳିତ ବର୍ଷ ଶହୀଦ କ୍ଷୁଦିରାମ ବସୁଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ଶହୀଦ କ୍ଷୁଦିରାମଙ୍କ ଏକ ଜାତୀୟ ସେମିନାରର ଆୟୋଜନ କରିବା ପାଇଁ ଶ୍ରୀ ଦେବ ପ୍ରସ୍ତାବ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଏହା ନଭେମ୍ବର ମାସ ଶେଷ ଆଡ଼କୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ କରାଯାଇପାରେ ବୋଲି ମତ ପ୍ରକାଶ କରିଥିଲେ ।

ସଭାରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସହରାଇ ଓରାମ ବଡବିଲ ଅଞ୍ଚଳରେ ଖଣି ଖାଦାନ୍ ଓ କାରଖାନାର ବିକାଶ ଦିଗରେ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଭୂମିକା ସମ୍ପର୍କରେ ସୂଚନା ଦେଇଥିଲେ ଏବଂ ବିପୁଳ ପ୍ରାକୃତିକ ବିଭବର ଅଧିକାରୀ କେନ୍ଦୁଝର ଜିଲ୍ଲାର ଅଧିବାସୀମାନଙ୍କ ସାମାଜିକ ଓ ଅର୍ଥନୈତିକ ପ୍ରଗତି ପାଇଁ ସରକାର ସଂକଳ୍ପବଦ୍ଧ ବୋଲି କହିଥିଲେ ।

ଶ୍ରୀ ବସନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ କଳିଙ୍ଗ ଆଇରନ୍ ୱାର୍କସ୍‌ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ରମେଶ ଦାସ ସ୍ୱାଗତ ଭାଷଣ ଦେଇ କଳିଙ୍ଗ ଆଇରନ୍ ୱାର୍କସ୍‌ର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଥିଲେ ।

## ସମୂହ ଟୀକାଦାନ ଓ ପରିବାର କଲ୍ୟାଣ

ସମୂହ ଟୀକାଦାନ ଓ ପରିବାର କଲ୍ୟାଣ କାର୍ଯ୍ୟକ୍ରମ ରାଜ୍ୟରେ କାର୍ଯ୍ୟକାରୀ କରାଯାଉଥିବା ବିଂଶସୂତ୍ରୀ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ । ଗତ ଜୁଲାଇ ମାସରେ ଏହି କାର୍ଯ୍ୟକ୍ରମରେ ୫୫ ହଜାର ଶିଶୁଙ୍କୁ ଡି: ପି: ଟି:, ୬୬ ହଜାର ଶିଶୁଙ୍କୁ ଯକ୍ଷ୍ମା ପ୍ରତିଷେଧକ ଓ ୫୫ ହଜାର ଶିଶୁଙ୍କୁ ପୋଲିଓ ପ୍ରତିଷେଧକ ଟୀକା ଦିଆଯାଇଛି । ଏହାକୁ ମିଶାଇ ଚଳିତ ଆର୍ଥିକ ବର୍ଷର (୧୯୯୦–୯୧) ପ୍ରଥମ ଚାରି ମାସ ମଧ୍ୟରେ ମୋଟ ୧ ଲକ୍ଷ ୪୭ ହଜାର ଜଣଙ୍କୁ ଡି: ପି: ଟି:, ୧ ଲକ୍ଷ ୪୬ ହଜାର ଜଣଙ୍କୁ ପୋଲିଓ ଏବଂ ୧ ଲକ୍ଷ ୯୭ ହଜାର ଶିଶୁଙ୍କୁ ଯକ୍ଷ୍ମା ପ୍ରତିଷେଧକ ଟୀକା ଦିଆଯାଇଛି ବୋଲି ଗତ ଜୁଲାଇ ମାସ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅଗ୍ରଗତି ସମ୍ପର୍କୀୟ ବିବରଣୀରୁ ଜଣାପଡ଼ିଛି । ଏ କ୍ଷେତ୍ରରେ ବର୍ତ୍ତମାନ ସୁଦ୍ଧା ଚଳିତ ବର୍ଷ ପାଇଁ ଥିବା ଧାର୍ଯ୍ୟ ଲକ୍ଷ୍ୟର ଯଥାକ୍ରମେ ଶତକଡ଼ା ୨୮·୫୩ ଭାଗ, ୨୮·୪୯ ଭାଗ ଓ ୨୪·୯୨ ଭାଗ ପୂରଣ ହୋଇଛି ।

ଏହି ବିବରଣୀରୁ ଆହୁରି ମଧ୍ୟ ପ୍ରକାଶ ଯେ ପରିବାର କଲ୍ୟାଣ କାର୍ଯ୍ୟକ୍ରମରେ ଚଳିତ ଆର୍ଥିକ ବର୍ଷର ପ୍ରଥମ ଚାରି ମାସରେ ୨୧,୬୮୫ ଜଣଙ୍କୁ ଜନ୍ମନିରୋଧ ଅସ୍ତ୍ରୋପଚାର କରାଯାଇଛି । ତନ୍ମଧ୍ୟରେ କେବଳ ଗତ ଜୁଲାଇ ମାସରେ ଅସ୍ତ୍ରୋପଚାର କରାଯାଇଥିବା ୮,୪୧୯ ଜଣ ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ଗତ ଏପ୍ରିଲ୍ ମାସଠାରୁ ଜୁଲାଇ ପର୍ଯ୍ୟନ୍ତ ଚାରି ମାସ ମଧ୍ୟରେ ୩୨ ହଜାର ମହିଳା ଆଇ: ୟୁ: ଡି: ବ୍ୟବହାର କରିଛନ୍ତି । କେବଳ ଗତ ମାସରେ ଆଇ: ୟୁ: ଡି: ବ୍ୟବହାର କରିଥିବା ମହିଳାଙ୍କ ସଂଖ୍ୟା ହେଉଛି ୧୨,୬୬୨ ।

ରାଜ୍ୟରେ ୧୦୫ଟି ବ୍ଲକରେ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବା ସଙ୍ଗେ ସଙ୍ଗେ ୮,୮୦୪ଟି ଅଙ୍ଗନବାଡ଼ି କେନ୍ଦ୍ର କାର୍ଯ୍ୟ କରୁଛି ବୋଲି ଉକ୍ତ ବିବରଣୀରୁ ପ୍ରକାଶ ।

## ପର୍ଯ୍ୟଟନ କେନ୍ଦ୍ର ପାଇଁ ଦାରିଙ୍ଗିବାଡି ଅନୁକୂଳ

—ଉପମନ୍ତ୍ରୀ ଶ୍ରୀ ବେହେରା

ଘନ ଜଙ୍ଗଲରେ ଆଚ୍ଛାଦିତ ଫୁଲବାଣୀ ଜିଲ୍ଲା ଦାରିଙ୍ଗିବାଡିର ମନୋରମ ପ୍ରାକୃତିକ ପରିବେଶ ଏବଂ ଅନୁକୂଳ ଜଳବାୟୁ ଦୃଷ୍ଟିରୁ ଏହା ପର୍ଯ୍ୟଟନ କେନ୍ଦ୍ର ନିମନ୍ତେ ବିଶେଷ ଅନୁକୂଳ ବୋଲି ରାଜ୍ୟ କ୍ରୀଡ଼ା, ସଂସ୍କୃତି ଓ ପର୍ଯ୍ୟଟନ ଉପମନ୍ତ୍ରୀ ଶ୍ରୀ ପଦ୍ମନାଭ ବେହେରା କହିଛନ୍ତି ।

ଅଗଷ୍ଟ ମାସ ୧୩ ତାରିଖରେ ଶ୍ରୀ ବେହେରାଙ୍କ ଫୁଲବାଣୀ ଜିଲ୍ଲାର ଦାରିଙ୍ଗିବାଡି ଅଞ୍ଚଳ ପରିଦର୍ଶନ କାଳରେ ସ୍ଥାନୀୟ ଜନସାଧାରଣ ଏକ ପର୍ଯ୍ୟଟନ କେନ୍ଦ୍ର ରୂପେ ଦାରିଙ୍ଗିବାଡିର ଉନ୍ନତି ବିଧାନ କରିବା ପାଇଁ ଦାବୀ କରିଥିଲେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଦାରିଙ୍ଗିବାଡି ଉଚ୍ଚତମ ସ୍ଥାନରେ ଥିବାରୁ ଏହାର ଜଳବାୟୁ ଅତ୍ୟନ୍ତ ଥଣ୍ଡା ଏବଂ ଶୀତଋତୁରେ ଏଠାରେ ତୁଷାରପାତ ହୋଇଥାଏ । ତେଣୁ ଦାରିଙ୍ଗିବାଡି ଓଡ଼ିଶାର କାଶ୍ମୀର ରୂପେ ପରିଚିତ । ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ମନୋରମ ପରିବେଶ ଉପଭୋଗ କରିବା ନିମନ୍ତେ ବହୁ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି । କିନ୍ତୁ ଏଠାରେ ସାମୟିକ ରହଣି ଅଥବା ରାତି ଯାପନ ନିମନ୍ତେ ସରକାରୀ କିମ୍ବା ବେସରକାରୀ ବିଶ୍ରାମାଗାର କିମ୍ବା ଉତ୍ତମ ହୋଟେଲ ନଥିବାରୁ ପର୍ଯ୍ୟଟକମାନେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ତେଣୁ, ସରକାରୀ ଉଦ୍ୟମରେ ଦାରିଙ୍ଗିବାଡିର ବିକାଶ ଘଟାଇ ଏଠାରେ ଏକ ପର୍ଯ୍ୟଟନ କେନ୍ଦ୍ର ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ଗୋଟିଏ ଉତ୍ତମ ପାନ୍ଥ ନିବାସ ନିର୍ମାଣ କରିବାକୁ ଜନସାଧାରଣ ଦାବୀ କରିଆସୁଛନ୍ତି ।

ଏହି ଅବସରରେ ଉପମନ୍ତ୍ରୀ ଶ୍ରୀ ବେହେରା ଦାରିଙ୍ଗିବାଡିଠାରେ ଆୟୋଜିତ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବା ସଙ୍ଗେ ସଙ୍ଗେ ୧୭ ଜଣଙ୍କୁ ବାର୍ଦ୍ଧକ୍ୟଭତ୍ତା ଓ ୨୭ ଜଣଙ୍କୁ ଜମିପଟ୍ଟା ବଣ୍ଟନ କରିଥିଲେ । ଶ୍ରୀ ବେହେରା ସ୍ଥାନୀୟ ଆଶ୍ରମ ସ୍କୁଲ ମଧ୍ୟ ପରିଦର୍ଶନ କରି ଅଧିକ ଶିକ୍ଷକ ଆବଶ୍ୟକ ଥିବା ଉପଲବ୍ଧି କରିଥିଲେ । ବିଶେଷ କରି ଷଷ୍ଠ, ଅଷ୍ଟମ ଓ ନବମ ଶ୍ରେଣୀ ନିମନ୍ତେ ଜଣେ ଲେଖାଏଁ ବି: ଏ:, ବି: ଇଡି:, ବି: ଏସ୍‌ସି:, ବି: ଇଡି: ଓ ମାଟ୍ରିକ୍ ସି: ଟି: ଶିକ୍ଷକ ଆବଶ୍ୟକ ହେଉଥିବା ଏବଂ ଶିକ୍ଷକ ଅଭାବରୁ ପରୀକ୍ଷା ଫଳାଫଳ ସନ୍ତୋଷଜନକ ହେଉ ନଥିବା ସେ ଉପଲବ୍ଧି କରିଥିଲେ । ଏହା ବ୍ୟତୀତ ସ୍କୁଲ ଗୃହର ବିଦ୍ୟୁତିକରଣ ଓ ଖେଳପଡିଆ ଅଭାବ ସମ୍ପର୍କରେ ଅଭିଯୋଗ ହୋଇଥିଲା । ଶ୍ରୀ ବେହେରା ଏସବୁ ଅଭାବ ଅସୁବିଧାର ପ୍ରତିକାର ନିମନ୍ତେ କାର୍ଯ୍ୟାନୁଷ୍ଠାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ।

## ନୂତନ ଗୋ–ପ୍ରଜନନ ନୀତି

କଟକସ୍ଥ ପଶୁ ପାଳନ ଓ ପଶୁ ଚିକିତ୍ସା ନିର୍ଦ୍ଦେଶାଳୟଠାରେ ବିଭାଗୀୟ ନିର୍ଦ୍ଦେଶକ ଡଃ ଜୀବନାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ରାଜ୍ୟରେ ନୂତନ ଗୋ ପ୍ରଜନନ ନୀତି ନିର୍ଦ୍ଧାରଣ କରିବା ନିମନ୍ତେ ଏକ ସମ୍ମେଳନ ଗତ ୨୦ ତାରିଖ ଦିନ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭାଗୀୟ ପଦସ୍ଥ ଅଧିକାରୀଙ୍କ ସମେତ ପଶୁ ଚିକିତ୍ସା ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ନୃସିଂହ ଚରଣ ପଣ୍ଡା ଓ ଅଧ୍ୟାପକମାନେ ଯୋଗ ଦେଇଥିଲେ । ୧୯୮୨ ମସିହାରେ ସ୍ଥିର ହୋଇଥିବା ଗୋ ପ୍ରଜନନ ନୀତି ଉପରେ ପର୍ଯ୍ୟାଲୋଚନା କରାଯାଇଥିଲା । ବିଭିନ୍ନ ରାଜ୍ୟର ଦୁଗ୍ଧ ଉତ୍ପାଦନ ତୁଳନାରେ ଓଡ଼ିଶାରେ ଦୁଗ୍ଧ ଉତ୍ପାଦନ ବହୁତ କମ୍ । ତେଣୁ ରାଜ୍ୟର ଲୋକେ ବିଶେଷତଃ ଶିଶୁମାନେ ଦୈନିକ ଅଳ୍ପ ପରିମାଣର ଦୁଗ୍ଧ ପାଉଛନ୍ତି । ଏହା ଫଳରେ ସେମାନଙ୍କର ଶାରୀରିକ ତଥା ମାନସିକ ଅଭିବୃଦ୍ଧି

ବ୍ୟାହତ ହେଉଛି । ଏହି ପରିପ୍ରେକ୍ଷୀରେ ରାଜ୍ୟରେ ଦୁଗ୍ଧର ଚାହିଦାକୁ ଦୃଷ୍ଟିରେ ରଖି ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ଉଦ୍ଦେଶ୍ୟରେ ରାଜ୍ୟର ସମସ୍ତ ସ୍ଥାନରେ ଜର୍ସି, ଗିର୍ଣ୍ଣି ଶୁକ୍ର ସାହାଯ୍ୟରେ ସଙ୍କର ଗୋ ପ୍ରଜନନ ନୀତିକୁ ଗ୍ରହଣ କରିବା ପାଇଁ ସର୍ବସମ୍ମତ ଭାବେ ସ୍ଥିର ହେଲା । ଏହାଛଡା ସଙ୍କର ଜର୍ସି ଅଣ୍ଡିରା ବାଛୁରୀମାନେ ପୋଡ଼ମାନଙ୍କ ପରି କୃଷି କାର୍ଯ୍ୟ ପାଇଁ ଉପଯୁକ୍ତ ବିବେଚିତ ହେଉଥିବାରୁ ଉଲ୍ଲିଖିତ ଗୋ ପ୍ରଜନନ ନୀତିରେ କୌଣସି ପ୍ରତିବନ୍ଧକ ସୃଷ୍ଟି ହେଉନାହିଁ ବୋଲି ସମସ୍ତେ ଏକମତ ହୋଇଥିଲେ । ମଇଁଷି ପ୍ରଜନନ କ୍ଷେତ୍ରରେ ଉନ୍ନତ ଜାତୀୟ ଅଣ୍ଡିରା ମଇଁଷିମାନଙ୍କ ଦ୍ଵାରା ପ୍ରଜନନ କରାଯିବାର ମଧ୍ୟ ସଭାରେ ସ୍ଥିର ହେଲା ।

## ରାଜ୍ୟ ଗେଜେଟିଅର୍ସ ଉନ୍ମୋଚନ

ଶ୍ରୀ ନୃସିଂହ ଚରଣ ବେହୁରିଆଙ୍କ ମୁଖ୍ୟ ସମ୍ପାଦନାରେ ପ୍ରକାଶିତ ଓଡ଼ିଶା ରାଜ୍ୟ ଗେଜେଟିଅର୍ସକୁ ଅଗଷ୍ଟ ମାସ ୨୯ ତାରିଖରେ ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମା ଉନ୍ମୋଚନ କରିଛନ୍ତି । ଏହା ପୂର୍ବରୁ ବିଭିନ୍ନ ୧୦ ଗୋଟି ଜିଲାମାନଙ୍କର ଗେଜେଟିଅର୍ସ ପ୍ରକାଶ ପାଇଥିଲା । ରାଜ୍ୟ ଗେଜେଟିଅର୍ସ ପ୍ରକାଶ କରିବା ଏକ ଅଭିନବ ପ୍ରଚେଷ୍ଟା ଓ ଖୁବ୍ କମ୍ ରାଜ୍ୟରେ ଏହା ପ୍ରକାଶିତ ହୋଇଛି । ରାଜ୍ୟ ପ୍ରାଚୀନ ଇତିହାସଠାରୁ ଆରମ୍ଭ କରି ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ରାଜ୍ୟର ଭୂମି, ଭୂଗୋଳ, ଭୂତତ୍ତ୍ୱ, ଜଙ୍ଗଲ ଭଳି ପ୍ରାକୃତିକ ସମ୍ପଦ ତଥା ଲୋକ, ଧର୍ମ, ଜାତି, ସାଧାରଣ ଜୀବନ, ଶାସନ ପ୍ରଣାଳୀ, ଦୁଷ୍ଟିପାତ, କୃଷି, ଜଳସେଚନ, ଶିଳ୍ପ, ବାଣିଜ୍ୟ, ଅର୍ଥନୀତି, ପରିବହନ, ବିଭିନ୍ନ ସ୍ତରରେ ଶାସନ ବ୍ୟବସ୍ଥା ଓ ଏହାର ବିବର୍ତ୍ତନ, ସଂସ୍କୃତି ଓ ଦର୍ଶନୀୟ ସ୍ଥାନ ଇତ୍ୟାଦି ବିଷୟରେ ବିବରଣୀମାନ ଏହି ରାଜ୍ୟ ଗେଜେଟିଅର୍ସରେ ସନ୍ନିବେଶିତ ହୋଇଛି । ରାଜ୍ୟର ସାଂସ୍କୃତିକ ଇତିହାସ ଜଗନ୍ନାଥ ସଂସ୍କୃତି ଉପରେ ପର୍ଯ୍ୟବେସିତ । ସଂସ୍କୃତ ସାହିତ୍ୟ, କଳା, ସ୍ଥାପତ୍ୟ, ନୃତ୍ୟ ଏବଂ ସଙ୍ଗୀତ ଇତ୍ୟାଦି କ୍ଷେତ୍ରରେ ଭାରତୀୟ ସଂସ୍କୃତିକୁ ଓଡ଼ିଶାର ଦାନ ଉଲ୍ଲେଖଯୋଗ୍ୟ । ୧୭ ଅଧ୍ୟାୟ ବିଶିଷ୍ଟ ରାଜ୍ୟ ଗେଜେଟିଅର୍ସର ତିନୋଟି ଭାଗରେ ଏ ବିଷୟରେ ବର୍ଣ୍ଣିତ ହୋଇଛି । ଏହାର ଅନ୍ୟ ଦୁଇଟି ଭାଗ ଖୁବ୍ ଶୀଘ୍ର ପ୍ରକାଶ ପାଇବ ।

## ଗୁଡିପୁଟ ପ୍ରଦର୍ଶନ କେନ୍ଦ୍ରକୁ ଲାଭଜନକ ସଂସ୍ଥାରେ ପରିଣତ କରାଯାଉ

—କୃଷି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପାଙ୍ଗୀ

ଗଞ୍ଜାମ ଜିଲ୍ଲା ଗୁଡିପୁଟଠାରେ ଥିବା ମୃତ୍ତିକା ସଂରକ୍ଷଣ ବିଭାଗର ପ୍ରଦର୍ଶନ କେନ୍ଦ୍ରଟିକୁ ଏକ ଲାଭଜନକ ସଂସ୍ଥାରେ ପରିଣତ କରିବା ପାଇଁ ସକ୍ରିୟ ପଦକ୍ଷେପ ନେବାକୁ କୃଷି ଓ ସମବାୟ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜୟରାମ ପାଙ୍ଗୀ ବିଭାଗୀୟ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

ଅଗଷ୍ଟ ମାସ ୨୪ ତାରିଖରେ ଏହି କେନ୍ଦ୍ରଟିକୁ ଅଘୋଷିତ ଭାବରେ ପରିଦର୍ଶନ କରି ଏହାର ବିଭିନ୍ନ କାର୍ଯ୍ୟ ଶ୍ରୀ ପାଙ୍ଗୀ ଅନୁଧ୍ୟାନ କରିଥିଲେ ଏବଂ ଆୟ ଅପେକ୍ଷା ପ୍ରତି ମାସରେ ଅଧିକ ବ୍ୟୟ ହେଉଥିବା ଯୋଗୁଁ ବାର୍ଷିକ ହାରାହାରି ଏକଲକ୍ଷ ଟଙ୍କା କେନ୍ଦ୍ରର କ୍ଷତି ହେଉଥିବା ଜାଣି ସେ ଉଦ୍‌ବେଗ ପ୍ରକାଶ କରିଥିଲେ । ଏହି କେନ୍ଦ୍ରର ଆୟ ବ୍ୟୟ ହିସାବ ତନଖି କରି ହିସାବ ରକ୍ଷାରେ ଅନିୟମିତତା ଓ ତ୍ରୁଟି ସେ ଲକ୍ଷ୍ୟ କରିଥିଲେ । ରସିଦ୍ ବହି ସରିଯାଇଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଏ ପର୍ଯ୍ୟନ୍ତ ତାହା ଯୋଗାଇ ଦିଆଯାଇ ନଥିବା ଜାଣି ସେ ଅସନ୍ତୋଷ ପ୍ରକାଶ କରିଥିଲେ ।

ରାଜ୍ୟର ସମସ୍ତ ଫାର୍ମର ଗତ ୩ ବର୍ଷର ଆୟ ଓ ବ୍ୟୟ ବିବରଣୀ ରାଷ୍ଟ୍ରମନ୍ତ୍ରୀଙ୍କ ଅନୁଧ୍ୟାନ ପାଇଁ ପ୍ରଦାନ କରିବାକୁ ଶ୍ରୀ ପାଙ୍ଗୀ ସମ୍ପୃକ୍ତ ବିଭାଗୀୟ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଉଚ୍ଚପଦସ୍ଥ କର୍ମଚାରୀଙ୍କ ପରିଦର୍ଶନ ବିବରଣୀ ସମ୍ପୃକ୍ତ ସଂସ୍ଥାମାନଙ୍କୁ ଠିକ୍ ସମୟରେ ଆସୁ ନଥିବା ଯୋଗୁଁ ସେ ଏହା ଏକ ଗୁରୁତର ଅବହେଳା ବୋଲି ମତ ପ୍ରକାଶ କରିଛନ୍ତି ।

୧୪୦ ଏକରରୁ ଊର୍ଦ୍ଧ୍ୱ ଜମି ଉପରେ ଗଢ଼ି ଉଠିଥିବା ଏହି ବିରାଟ ଫାର୍ମରେ ମୁଖ୍ୟତଃ ଗୋଲମରିଚ ଓ କଫି ପରି ଅର୍ଥକରୀ ଫସଲ ଗୁଡ଼ିମାନଙ୍କ ପ୍ରଦର୍ଶନ ପାଇଁ ଚାଷ କରାଯାଇଥାଏ । ଏହା ବ୍ୟତୀତ ଆମ୍ବ ଓ ଲିଚୁଳି ଆଦି ଫଳ, ମକା ଓ ବିଭିନ୍ନ ପନିପରିବା ମଧ୍ୟ ଚାଷ କରାଯାଇଥାଏ । ୫ ଏକରରୁ ଊର୍ଦ୍ଧ୍ୱ ଜମି ପରିମିତ ଏକ ପୋଖରୀରେ ମାଛ ଚାଷ କରାଯାଇଛି । ୧୭ ଏକରରୁ ସାମାନ୍ୟ ଅଧିକ ଜମି କେବଳ ଟସର୍ ଚାଷ ପାଇଁ ସମ୍ପୃକ୍ତ ବିଭାଗକୁ ଦିଆଯାଇଛି । ରାଷ୍ଟ୍ରମନ୍ତ୍ରୀଙ୍କ ପରିଦର୍ଶନ ସମୟରେ କେନ୍ଦ୍ର ଦାୟିତ୍ୱରେ ଥିବା କନିଷ୍ଠ ମୃତ୍ତିକା ସଂରକ୍ଷଣ ଅଧିକାରୀ, ୬ ଜଣ ସ୍ଥାୟୀ କର୍ମଚାରୀ ଏବଂ ୧୨ ଜଣ ଅସ୍ଥାୟୀ ଶ୍ରମିକ ଉପସ୍ଥିତ ଥିଲେ । ସ୍ଥାୟୀ କର୍ମଚାରୀଙ୍କ ଉପସ୍ଥାନ ବହି ଓ ଅସ୍ଥାୟୀ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ "ମଷ୍ଟର୍ ରୋଲ୍" ଉପଯୁକ୍ତ ଭାବେ ବ୍ୟବହୃତ ହେଉନଥିବା ଜାଣି ଅନ୍ୟାନ୍ୟ ଫାର୍ମ ଭଳି ଏଠାରେ ମଧ୍ୟ ଉପସ୍ଥାନ ବହି ଏବଂ ଅସ୍ଥାୟୀ ଶ୍ରମିକ ହାଜିରା ଖାତା କଡ଼ାକଡ଼ି ଭାବରେ ପ୍ରଚଳନ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ସହିତ ସରଳ ଦେବ୍

ପଶ୍ଚିମ ବଙ୍ଗର ଗ୍ରନ୍ଥାଗାର ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସରଳ ଦେବ ଅଗଷ୍ଟ ମାସ ୧୮ ତାରିଖ ଦିନ ଭୁବନେଶ୍ୱରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ସହ ତାଙ୍କ ସଚିବାଳୟସ୍ଥ ପ୍ରକୋଷ୍ଠରେ ସାକ୍ଷାତ କରିଥିଲେ । ଆଲୋଚନା ପ୍ରସଙ୍ଗରେ ଶ୍ରୀ ଦେବ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କର କଟକ ଓଡ଼ିଆ ବଜାରରେ ଥିବା ବାସଗୃହକୁ କେନ୍ଦ୍ର ସରକାର ହାତକୁ ନେଇ ଏକ ଜାତୀୟ ସ୍ମୃତିପୀଠରେ ପରିଣତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ସହଯୋଗ କାମନା କରିଥିଲେ । ସମ୍ପ୍ରତି ନେତାଜୀଙ୍କ ବାସଗୃହ ଏକ ଟ୍ରଷ୍ଟ ଦ୍ୱାରା ପରିଚାଳିତ ହେଉଛି ଏବଂ ନେତାଜୀଙ୍କର ଭାଇ ସ୍ୱର୍ଗୀୟ ଶରତଚନ୍ଦ୍ର ବସୁ ତାଙ୍କ ମୃତ୍ୟୁ ପୂର୍ବରୁ ଏହି ବାସଗୃହଟିକୁ ସମ୍ପୃକ୍ତ ଟ୍ରଷ୍ଟକୁ ହସ୍ତାନ୍ତରିତ କରିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏହି ପ୍ରସ୍ତାବ ଅନୁଯାୟୀ ଯଥୋଚିତ ପଦକ୍ଷେପ ନେବା ପାଇଁ ଶ୍ରୀ ଦେବଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।

ଚଳିତ ବର୍ଷ ଶହୀଦ କ୍ଷୁଦିରାମ ବସୁଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ଶହୀଦ କ୍ଷୁଦିରାମଙ୍କ ଏକ ଜାତୀୟ ସେମିନାରର ଆୟୋଜନ କରିବା ପାଇଁ ଶ୍ରୀ ଦେବ ପ୍ରସ୍ତାବ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଏହା ନଭେମ୍ବର ମାସ ଶେଷ ଆଡକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ କରାଯାଇପାରେ ବୋଲି ମତ ପ୍ରକାଶ କରିଥିଲେ ।

ଆଲୋଚନା ପ୍ରସଙ୍ଗରେ ଶ୍ରୀ ସରଳ ଦେବ ମୁଖ୍ୟମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ ଯେ ସ୍ୱର୍ଗତ ବିନୋଦ କାନୁନ୍‌ଗୋଙ୍କ ପ୍ରେରଣା ଓ ତତ୍ତ୍ୱାବଧାନରେ ବଙ୍ଗଳା ଭାଷାରେ ଜ୍ଞାନ ମଣ୍ଡଳର ମୁଦ୍ରଣ କାର୍ଯ୍ୟ ଆରମ୍ଭ ହୋଇଥିଲା ଓ ଅଦ୍ୟାବଧି ଏହାର ୨୯ ଶହ ବହି ପ୍ରକାଶିତ ହୋଇସାରିଲାଣି । ଓଡ଼ିଶା ସରକାର ଏହି ବହିଗୁଡ଼ିକ ପାଠାଗାରମାନଙ୍କ ପାଇଁ କିଣିବାକୁ ସେ ଅନୁରୋଧ କରିଥିଲେ । ଶ୍ରୀ ସରଳ ଦେବ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କୁ ଶହୀଦ କ୍ଷୁଦିରାମ ବସୁଙ୍କ ଜୀବନୀ ସମ୍ପର୍କୀୟ ଏକ ବହି ଉପହାର ଦେଇଥିଲେ ।

ଆଲୋଚନା ସମୟରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ରମାକାନ୍ତ ମିଶ୍ର ଉପସ୍ଥିତ ଥିଲେ ।

ପରେ ମନ୍ତ୍ରୀ ଶ୍ରୀ ସରଳ ଦେବ ଓଡ଼ିଶାର ସୂଚନା ଓ ଲୋକ ସମ୍ପର୍କ ଏବଂ ସଂସ୍କୃତି, ପର୍ଯ୍ୟଟନ ଓ କ୍ରୀଡ଼ା ମନ୍ତ୍ରୀ ଶ୍ରୀ ଶରତ କୁମାର କରଙ୍କ ସହିତ ସାକ୍ଷାତ କରି ପଶ୍ଚିମ ବଙ୍ଗରେ ଗ୍ରନ୍ଥାଗାର ଆନ୍ଦୋଳନର ପ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ । ଶ୍ରୀ ଦେବ କହିଥିଲେ ଯେ ସମ୍ପ୍ରତି ପଶ୍ଚିମ ବଙ୍ଗର ୨,୫୦୦ଟି ପାଠାଗାରକୁ ବହି ଓ ଅନୁଦାନ ବାବଦରେ ରାଜ୍ୟ ସରକାର ବର୍ଷକୁ ୨୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ଏବଂ ୨୩ଟି ଜିଲ୍ଲା ଲାଇବ୍ରେରୀକୁ ହାତକୁ ନେବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଶ୍ରୀ ଦେବ କଟକରେ ଥିବା ନେତାଜୀଙ୍କ ବାସ ସ୍ଥାନକୁ ଜାତୀୟ ସ୍ମାରକୀରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ମଧ୍ୟ ପ୍ରକାଶ କରିଥିଲେ । ମନ୍ତ୍ରୀ ଶ୍ରୀ କର କହିଥିଲେ ଯେ ନେତାଜୀ ସୁବାଷଚନ୍ଦ୍ର ବୋଷଙ୍କ ବାସ ସ୍ଥାନକୁ ରାଷ୍ଟ୍ରୀୟ ସ୍ମାରକୀରେ ପରିଣତ କରିବା ପାଇଁ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇଛି ଏବଂ ଏଥିପାଇଁ ରାଜ୍ୟ ସରକାର ବିହିତ ପଦକ୍ଷେପ ଗ୍ରହଣ କରିବେ । ଏହି ଆଲୋଚନା ସମୟରେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଶ୍ରୀ ଅନନ୍ତ ନାରାୟଣ ଦାସ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ଗମର ବିକାସ ପଟ୍ଟନାୟକ ଉପସ୍ଥିତ ଥିଲେ ।

## ଅର୍ଥ ନିଗମର ପରିସ୍ଥିତି ସୁଧାରିବା ଦିଗରେ

ଓଡ଼ିଶାର ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଦିଲ୍ଲୀପ ରାୟ ସମ୍ପ୍ରତି ତାଙ୍କର ବମ୍ବେ ଗସ୍ତ ସମୟରେ ଭାରତୀୟ ଶିଳ୍ପ ଉନ୍ନୟନ ବ୍ୟାଙ୍କର ଉଚ୍ଚ କର୍ମକର୍ତ୍ତାମାନଙ୍କ ସହ ଓଡ଼ିଶା ରାଜ୍ୟ ଅର୍ଥ ନିଗମର ଆର୍ଥିକ ପରିସ୍ଥିତି ସୁଧାରିବା ପାଇଁ ବିଶଦ ଆଲୋଚନା କରିଛନ୍ତି ।

ରାଜ୍ୟ ଅର୍ଥ ନିଗମର ସମୁଦାୟ କ୍ଷତିର ପରିମାଣ ଗତବର୍ଷ ସୁଦ୍ଧା ୨୬.୮୮ କୋଟି ଟଙ୍କାକୁ ବୃଦ୍ଧି ପାଇଥିବା ଯୋଗୁ ଶିଳ୍ପ ଉନ୍ନୟନ ବ୍ୟାଙ୍କର ଅଂଶ ଧନକୁ ଯଥାଶୀଘ୍ର ପଠାଇ କରିବା ପାଇଁ ଶ୍ରୀ ରାୟ ଶିଳ୍ପ ଉନ୍ନୟନ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ । ରାଜ୍ୟ ସରକାର ମୂଳଧନ ଅଂଶ ବାବଦରେ ୨୭୫ ଲକ୍ଷ ଟଙ୍କା ଅର୍ଥ ନିଗମକୁ ଦେଇଥିବାରୁ ଶିଳ୍ପ ଉନ୍ନୟନ ବ୍ୟାଙ୍କ୍ ସମ ପରିମାଣ ଅର୍ଥ ଯଥାଶୀଘ୍ର ଏହି ବାବଦରେ ମଞ୍ଜୁର କରିବା ପାଇଁ ଶ୍ରୀ ରାୟ ଅନୁରୋଧ କରିଥିଲେ । ଏହା ବ୍ୟତୀତ ଅଂଶ ମୂଳଧନ ପରିବର୍ତ୍ତେ ୨ କୋଟି ଟଙ୍କାର ଅତିରିକ୍ତ ଅର୍ଥ ଲଗାଣ ଦ୍ୱାରା ରାଜ୍ୟ ଅର୍ଥ ନିଗମର ଆର୍ଥିକ ପରିସ୍ଥିତି ସୁଧୁରି ପାରିବ ବୋଲି ସେ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି । ଗତ ୧୯୮୨ରୁ ୧୯୮୭ ମଧ୍ୟରେ ଋଣ ଆକାରରେ ମିଳିଥିବା ୨୨ କୋଟି ୭୭ ଲକ୍ଷ ଟଙ୍କାକୁ ଅଂଶ ମୂଳଧନରେ ପରିଣତ କରିବା ପାଇଁ ଉନ୍ନୟନ ବ୍ୟାଙ୍କକୁ ଅନୁରୋଧ କରାଯାଇଛି । ବ୍ୟାଙ୍କ୍ କର୍ତ୍ତୃପକ୍ଷ ଏହି ସମସ୍ତ ବିଷୟ ଗୁରୁତର ସହ ବିଚାର କରି ରାଜ୍ୟ ଅର୍ଥ ନିଗମର ଆର୍ଥିକ ଅବସ୍ଥା ସୁଧାରିବା ଦିଗରେ ଯଥାଶୀଘ୍ର ବହିତ ପଦକ୍ଷେପ ନେବା ପାଇଁ ଏକ ପ୍ରତିନିଧି ଦଳ ଓଡ଼ିଶାକୁ ପଠାଇବାକୁ ଶ୍ରୀ ରାୟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ।

ବମ୍ବେ ଗସ୍ତ ସମୟରେ ଶ୍ରୀ ରାୟ ବମ୍ବେ ଚଳଚ୍ଚିତ୍ର ଶିଳ୍ପର ବହୁ ବିଶିଷ୍ଟ ଚିତ୍ର ନିର୍ମାତାଙ୍କ ସହ ଚଳଚ୍ଚିତ୍ର ନିର୍ମାଣ କ୍ଷେତ୍ରରେ ଓଡ଼ିଶାରେ ରହିଥିବା ସମ୍ଭାବ୍ୟତା ଦୃଷ୍ଟିରୁ ରାଜ୍ୟ ଚଳଚ୍ଚିତ୍ର ଶିଳ୍ପର ବିକାଶ ନିମନ୍ତେ ସ୍ଥାନୀୟ ନିର୍ମାତାମାନଙ୍କ ସହଯୋଗରେ ବମ୍ବେ ଚିତ୍ର ନିର୍ମାତାମାନେ ଓଡ଼ିଶାରେ ଚିତ୍ର ନିର୍ମାଣ କରିବା ସମ୍ପର୍କରେ ଆଲୋଚନା କରିଥିଲେ । ଚଳଚ୍ଚିତ୍ର ନିର୍ମାଣ ପାଇଁ ଏକ ଅତ୍ୟାଧୁନିକ ପୂର୍ଣ୍ଣାଙ୍ଗ ଷ୍ଟୁଡିଓ ଭୁବନେଶ୍ୱରଠାରେ ଥିବା ଶ୍ରୀ ରାୟ ଦର୍ଶାଇ ମାନ୍ଦ୍ରାଜର ପ୍ରସାଦ ପ୍ରଡକ୍ସନ୍ ପ୍ରାଇଭେଟ୍ ଲିମିଟେଡ୍ ସହଯୋଗିତାରେ ଭୁବନେଶ୍ୱରଠାରେ ନିର୍ମାଣାଧୀନ "କଲର ପ୍ରସେସିଂ ଲାବରେଟୋରୀ" ଖୁବ୍ ଶୀଘ୍ର ଦେଉଥିବା ସେ ପ୍ରକାଶ କରିଥିଲେ । ପ୍ରକୃତିର ସୌନ୍ଦର୍ଯ୍ୟରେ ଭରପୂର ଓଡ଼ିଶାର ବିଭିନ୍ନ ରମଣୀୟ ସ୍ଥାନ ସମ୍ପର୍କରେ ସୂଚନା ଦେଇ ଶ୍ରୀ ରାୟ ଚଳଚ୍ଚିତ୍ର ସୁଟିଂ ପାଇଁ ଶିମିଳିପାଳ ଜଙ୍ଗଲ, ଚିଲିକା ହ୍ରଦ, କୋଣାର୍କ ଓ ପୁରୀ ପ୍ରଭୃତି ମନୋରମ ସ୍ଥାନଗୁଡ଼ିକୁ ଉପଯୋଗ କରିବା ନିମନ୍ତେ ନିର୍ମାତାମାନଙ୍କୁ ଅନୁରୋଧ କରିଥିଲେ । ରାଜ୍ୟରେ ଚଳଚ୍ଚିତ୍ର ବିକାଶ ଲକ୍ଷ୍ୟ ନେଇ ଓଡ଼ିଶା ସରକାର ଦେଶରେ ପ୍ରଥମ କରି ଚିତ୍ର ନିର୍ମାଣ ଓ ପ୍ରେକ୍ଷାଳୟ ନିର୍ମାଣକୁ ଶିଳ୍ପ ଭାବରେ ଘୋଷଣା କରିଥିବାରୁ ଚିତ୍ର ନିର୍ମାତାମାନେ ସରକାରଙ୍କ ଏ ପ୍ରକାର ପଦକ୍ଷେପକୁ ପ୍ରଶଂସା କରିଥିଲେ ଏବଂ ଓଡ଼ିଶାରେ ଅନ୍ୟାନ୍ୟ ଭାଷାରେ ଚିତ୍ର ନିର୍ମାଣ ପାଇଁ ଆଗ୍ରହୀ ନିର୍ମାତାମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଆନ୍ଧ୍ର ପ୍ରଦେଶ ଓ ଗୁଜୁରାଟ ଭଳି ପ୍ରୋତ୍ସାହନ ଦିଆଯିବା ପାଇଁ ସେମାନେ ଶ୍ରୀ ରାୟଙ୍କୁ ପ୍ରସ୍ତାବ ଦେଇଥିଲେ । ଓଡ଼ିଆ ଭାଷାର ଚିତ୍ର ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ଦିଆଯାଉଥିବା ବିଷୟ ଶ୍ରୀ ରାୟ ପ୍ରକାଶ କରି ସେ ସମ୍ପର୍କରେ ବିଶଦ ବିବରଣୀ ଉପସ୍ଥାପନ କରାଗଲେ ସରକାର ବିଚାର କରିପାରନ୍ତି ବୋଲି କହିଥିଲେ । ବଲାଙ୍ଗୀର, କଳାହାଣ୍ଡି, ବାଲେଶ୍ୱର ଓ ଢେଙ୍କାନାଳ ଆଦି ଜିଲ୍ଲାମାନଙ୍କରେ ଚିତ୍ର ନିର୍ମାଣ ପାଇଁ ନିର୍ମାତାମାନେ ଆଗ୍ରହ ପ୍ରକାଶ କରିଛନ୍ତି ।

## ଶ୍ରମ ସମସ୍ୟା ସମ୍ପର୍କରେ ଆଲୋଚନା

ଶ୍ରମ ଓ ନିଯୋଜନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ସାମଲଙ୍କ ଆହ୍ୱାନକ୍ରମେ ସୁନ୍ଦରଗଡ ଜିଲ୍ଲା ରାଜଗାଙ୍ଗପୁର ସ୍ଥିତ ଓଡ଼ିଶା ସିମେଣ୍ଟ କାରଖାନାର ବିଭିନ୍ନ ସମସ୍ୟା ଆଲୋଚନା ନିମନ୍ତେ ଉକ୍ତ କାରଖାନାର କର୍ମକର୍ତ୍ତା ଏବଂ ଶ୍ରମିକ ସଙ୍ଗଠନ କର୍ମକର୍ତ୍ତାଙ୍କର ଏକ ବୈଠକ ଅଗଷ୍ଟ ମାସ ୨୮ ତାରିଖ ଦିନ ପୂର୍ବାହ୍ନରେ ରାଜ୍ୟ ସଚିବାଳୟରେ ଅନୁଷ୍ଠିତ ହୋଇଥିଲା । ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଦିଲ୍ଲୀପ ରାୟ, ପରିବହନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମଙ୍ଗଳା କିଶାନ, ଶ୍ରମ ଓ ନିଯୋଜନ ବିଭାଗ ଶାସନ ସଚିବ ଶ୍ରୀ ମୃଣାଳକାନ୍ତି ପୃଷ୍ଟିକାୟସ୍ଥ, ଶ୍ରମ କମିଶନର ଶ୍ରୀ ଉମାକାନ୍ତ ମହାନ୍ତି ଓ ଶ୍ରମ ବିଭାଗର ଉଚ୍ଚ କର୍ମକର୍ତ୍ତା ଏହି ବୈଠକରେ ଯୋଗଦାନ କରିଥିଲେ ।

ଏହି ବୈଠକରେ ଉଭୟ ଏଚ୍: ଏମ୍: ଏସ୍: ଓ ସି: ଆଇ: ଟି: ୟୁ: ଶ୍ରମ ସଂସ୍ଥାର କର୍ମକର୍ତ୍ତାମାନେ ଶ୍ରମିକମାନଙ୍କର ଅଭାବ ଅସୁବିଧା ଓ ଭିନ୍ନ ଦାବୀ ଉପସ୍ଥାପନ କରିଥିଲେ । ଓଡିଶା ସିମେଣ୍ଟ ଲିମିଟେଡ୍ ପକ୍ଷରୁ ଶ୍ରୀ ସୁଦ୍ ଶିଳ୍ପ କ୍ଷେତ୍ରରେ ସାଂପ୍ରତିକ ପରିସ୍ଥିତି ସଂପର୍କରେ ଉଲ୍ଲେଖ କରିଥିଲେ ।

ପରିଶେଷରେ ଶ୍ରମ ଓ ନିଯୋଜନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସାମଲ ଶିଳ୍ପ ତଥା ଶ୍ରମିକମାନଙ୍କର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଶିଳ୍ପ ସଂସ୍ଥା ଏବଂ ଉଭୟ ଶ୍ରମିକ ସଂଗଠନ ମଧ୍ୟରେ ଏକ ଦୀର୍ଘ ମିଆଦୀ ମିଳିତ ଚୁକ୍ତି ହେବା ଆବଶ୍ୟକ ବୋଲି ମତ ଦେଇଥିଲେ । ବିଶେଷ କରି ଶ୍ରମ ବିଭାଗର କର୍ମକର୍ତ୍ତାଙ୍କ ଉଦ୍ୟମରେ ଏହି ଚୁକ୍ତି ସଂପାଦନ ହେବା ଉଚିତ ବୋଲି ସେ କହିଥିଲେ । ମନ୍ତ୍ରୀଙ୍କ ସହିତ ଉଭୟ ଶ୍ରମ ସଂଗଠନ ଓ ଶିଳ୍ପ ସଂସ୍ଥାର କର୍ମକର୍ତ୍ତାମାନେ ସହମତ ହୋଇଥିଲେ । ଏହି ଚୁକ୍ତି ସଂପାଦନରେ ଅଧିକ କାଳ ବିଳମ୍ବ ନକରି ଆସନ୍ତା ଗାନ୍ଧୀ ଜୟନ୍ତୀ, ଅର୍ଥାତ୍ ୨-୧୦-୧୯୯୦ ସୁଦ୍ଧା ଏହାକୁ ଚୂଡ଼ାନ୍ତ କରିବା ପାଇଁ ସଂପୃକ୍ତ ପକ୍ଷ ସମ୍ମତ ହୋଇଥିଲେ ।

## ୧୦,୨୫୮ ବାସହୀନଙ୍କୁ ଘରଡିହ ଯୋଗାଣ

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ "ଜନସାଧାରଣଙ୍କ ପାଇଁ ଗୃହ ନିର୍ମାଣ" ପରିକଳ୍ପନା ଅନୁଯାୟୀ ୧୯୯୦-୯୧ର ପ୍ରଥମ ତ୍ରୈମାସରେ ୧୦,୨୫୮ ବାସହୀନ ବ୍ୟକ୍ତିଙ୍କୁ ଘରଡିହ ଯୋଗାଇ ଦିଆଯାଇଛି । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମରେ ମୋଟ୍ ୧୫ ହଜାର ଘରଡିହ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ବର୍ତ୍ତମାନ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟର ଶତକଡା ୬୮.୩୬ ଭାଗ ସଫଳତା ହାସଲ କରାଯାଇଛି ବୋଲି ଗତ ଜୁଲାଇ ମାସ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅଗ୍ରଗତି ସଂପର୍କୀୟ ବିବରଣୀରୁ ପ୍ରକାଶ ।

ଗତ ଜୁଲାଇ ମାସରେ ନିଜ ନିଜର ବାସଗୃହ ତିଆରି ନିମନ୍ତେ ୨୮ ଜଣଙ୍କୁ ସହାୟତା ପ୍ରଦାନ କରା ଯାଇଛି । ଏହାକୁ ମିଶାଇ ୧୯୯୦-୯୧ ବର୍ଷର ବର୍ତ୍ତମାନ ସୁଦ୍ଧା ୧୬୮ ଜଣ ଏଥିରେ ଉପକୃତ ହୋଇଛନ୍ତି । ସେହିପରି "ଇନ୍ଦିରା ଆବାସ" ଯୋଜନାରେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ତଫସିଲଭୁକ୍ତ ଜାତି ଓ ଉପଜାତିର ମୋଟ୍ ୪୨୮ ଜଣ ବ୍ୟକ୍ତି ବାସଗୃହ ପାଇଛନ୍ତି ।

ଆଲୋଚ୍ୟ ସମୟ ମଧ୍ୟରେ ରାଜ୍ୟର ଅର୍ଥନୈତିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ୧୨୩ଟି ବାସଗୃହ ଯୋଗାଇ ଦିଆଯିବା ସଙ୍ଗେ ସଙ୍ଗେ ନିମ୍ନ ଆୟକାରୀ ବ୍ୟକ୍ତିଙ୍କୁ ୬୦ଟି ବାସଗୃହ ଯୋଗାଇ ଦିଆଯାଇଛି ବୋଲି ଗତ ଜୁଲାଇ ମାସ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅଗ୍ରଗତି ସଂପର୍କୀୟ ବିବରଣୀରୁ ପ୍ରକାଶ ।

## ବ୍ୟାଙ୍କ ରାଜଭାଷା ଅଧୀକାରୀ ସମ୍ମେଳନ

ସ୍ଥାନୀୟ କଳିଙ୍ଗ ଅଶୋକ ହୋଟେଲ ଠାରେ ତା ୦-୮-୯୦ରେ ଆହ୍ଲାବାଦ ବ୍ୟାଙ୍କ ରାଜଭାଷା ଅଧୀକାରୀମାନଙ୍କର ଏକ ସମ୍ମିଳନୀକୁ ରାଜ୍ୟପାଳ ଶ୍ରୀ ଯଜ୍ଞଦ ଶର୍ମା ଉଦ୍‌ଘାଟନ କରିଛନ୍ତି । ରାଜ୍ୟପାଳ ତାଙ୍କର ଅଭିଭାଷଣରେ ବ୍ୟାଙ୍କମାନଙ୍କରେ ଇଂରାଜୀ ପରିବର୍ତ୍ତେ ହିନ୍ଦୀ ଭାଷାର ପ୍ରଚଳନ ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଥିବାରୁ ଆନନ୍ଦ ପ୍ରକାଶ କରିଥିଲେ । ରାଜ୍ୟପାଳ ଶ୍ରୀ ଶର୍ମା କହିଥିଲେ ଯେ, ବ୍ୟାଙ୍କମାନଙ୍କୁ ଗ୍ରାମାଞ୍ଚଳରୁ ଆସୁଥିବା ବ୍ୟକ୍ତିମାନେ ସାଧାରଣତଃ ସ୍ୱଳ୍ପ ଶିକ୍ଷିତ ବ୍ୟକ୍ତି । ସେମାନଙ୍କ ଭିତରୁ ଅଧିକାଂଶ ଇଂରାଜୀ ଆଦୌ ଜାଣି ନଥାନ୍ତି । ସେମାନଙ୍କୁ ବ୍ୟାଙ୍କ ଲୋକେ ଇଂରାଜୀରେ ବୁଝାଇବାକୁ ଚେଷ୍ଟାକଲେ ସେମାନେ ଆଦୌ ଉପକୃତ ହେବେ ନାହିଁ । ଭାଷା ଭାବର ବାହନ । ଦୁର୍ଭାଗ୍ୟକୁ ଏହି ଭାଷା ନାଁରେ ଦେଶରେ ଅନେକ ବିବାଦ ଉପୁଜୁଛି । ହିନ୍ଦୀର ପ୍ରସାରର ଅର୍ଥ ଇଂରାଜୀ ପ୍ରତି କିମ୍ବା ଅନ୍ୟ କୌଣସି ଭାଷା ପ୍ରତି ଅନାଦର ନୁହେଁ ବୋଲି ରାଜ୍ୟପାଳ ପ୍ରକାଶ କରିଥିଲେ । ତେବେ କାଶ୍ମୀର ଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବିସ୍ତୃତ ଏହି ବିଶାଳ ଦେଶକୁ ଏକ କରି ରଖିବା ଲାଗି କୌଣସି ଏକ ଭାଷାର ମାଧ୍ୟମ ନିତାନ୍ତ ଆବଶ୍ୟକ । ଆମର ସମ୍ବିଧାନ ନିର୍ମାତାମାନେ ବୋଧ ହୁଏ ହିନ୍ଦୀ ଭାଷାକୁ ଏଥିପାଇଁ ବାଛିଥିଲେ ।

ରାଜ୍ୟପାଳ ଏହି ପରିପ୍ରେକ୍ଷୀରେ ୧୯୭୬ ମସିହାରେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଭାଷା ଉପରେ ନେଇଥିବା ନୀତିର ପ୍ରଶଂସା କରିଥିଲେ । କୌଣସି ଭାଷା କାହାରି ଉପରେ ଲଦି ଦିଆଯିବ ନାହିଁ ଏବଂ ହିନ୍ଦୀ ରାଜଭାଷାର ମର୍ଯ୍ୟାଦା ଲାଭ କରିବ ବୋଲି ୧୯୭୬ରେ ନିଷ୍ପତ୍ତି ନିଆଯାଇଥିଲା । ପ୍ରତ୍ୟେକ ଭାଷା ସେହି ଅଞ୍ଚଳର ସଂସ୍କୃତି ସହିତ ଜଡ଼ିତ । ବିଶ୍ୱର ଅନେକ ଅଣ-ଇଂରାଜୀ ରାଷ୍ଟ୍ର ଇଂରାଜୀ ଭାଷାର ସାହାଯ୍ୟ ନ ନେଇ ମଧ୍ୟ ବେଶ୍ ସମୃଦ୍ଧ ବୋଲି ରାଜ୍ୟପାଳ ସୂଚନା ଦେଇଥିଲେ । ଆମ ଦେଶର ମହାନ କବି ବ୍ୟାସଦେବ, ବାଲ୍ମିକୀ ଓ କାଳିଦାସ ଇତ୍ୟାଦିଙ୍କ ମହାନ କାବ୍ୟାବଳୀର ଭୂୟସୀ ପ୍ରଶଂସା କରି ରାଜ୍ୟପାଳ ଉଲ୍ଲେଖ କରିଥିଲେ ଯେ ସେମାନଙ୍କର ମହାନ ରଚନା ଆଜି ସାରା ବିଶ୍ୱରେ ଆଦୃତ । ସଂସ୍କୃତ ସାହିତ୍ୟ ପ୍ରତି ଆମ ଦେଶରେ ଆଗ୍ରହ କମିଯାଉଥିବା ବେଳେ ବିଦେଶରେ ଏହା ଉପରେ ବିଶେଷ ଧ୍ୟାନ ଦିଆଯାଉଥିବା ଏ ଦେଶ ପ୍ରତି ଗର୍ବର ବିଷୟ । ରାଜ୍ୟପାଳ ଶ୍ରୀ ଶର୍ମା ହିନ୍ଦୀ ଭାଷାର ସମୃଦ୍ଧି ଓ ପ୍ରସାର ପ୍ରତି ବ୍ୟବସାୟ ପ୍ରତିଷ୍ଠାନମାନେ ବିଶେଷ ଧ୍ୟାନ ଦେଉଥିବାରୁ ଏହା ଜନସାଧାରଣଙ୍କର ଅଶେଷ ଉପକାର ସାଧନ କରିବ ବୋଲି ଆଶା ପ୍ରକାଶ କରିଥିଲେ ।

ରାଜ୍ୟପାଳ ଏ ଦିଗରେ କୃତିତ୍ୱ ହାସଲ କରିଥିବା ବ୍ୟାଙ୍କମାନଙ୍କୁ ସିଲ୍ଡ, କପ୍ ଏବଂ ମାନପତ୍ରମାନ ପ୍ରଦାନ କରିଥିଲେ । ଆହ୍ଲାବାଦ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଉଦ୍‌ଘାଟନୀ ଉତ୍ସବରେ ସଭାପତିତ୍ୱ କରିଥିଲେ । ଶେଷରେ ରାଜ୍ୟପାଳ ଶ୍ରୀ ଶର୍ମା ଏହି ସମ୍ମିଳନୀ ଉପଲକ୍ଷେ ଆୟୋଜିତ ହୋଇଥିବା ଏକ ପ୍ରଦର୍ଶନୀ ଉଦ୍‌ଘାଟନ କରି ବୁଲି ଦେଖିଥିଲେ ।

# ଗଣତନ୍ତ୍ର ଜୀବନ ଯାପନର ରୁଚିକର ମାର୍ଗ

ଦେବକାନ୍ତ ମିଶ୍ର

ଗଣତନ୍ତ୍ର କେବଳ ରାଷ୍ଟ୍ର ଶାସନ ଚଳାଇବାର ଅନ୍ୟତମ ଉପାୟ ନୁହେଁ, ଏହା ମୁଖ୍ୟତଃ ଜୀବନ ଯାପନ କରିବାର ଗୋଟିଏ ରୁଚିକର ମାର୍ଗ । ଜନସାଧାରଣ ସାମାଜିକ ନ୍ୟାୟ ପର୍ଯ୍ୟବେସିତ କତିପୟ ଆଇନ୍ ଓ ଶୃଙ୍ଖଳାର ପବିତ୍ରତା ପ୍ରତି ସମ୍ମାନ ପ୍ରଦର୍ଶନ କରିବା ଦ୍ୱାରା ହିଁ ଗଣତାନ୍ତ୍ରିକ ଶାସନ ପଦ୍ଧତିର ମର୍ଯ୍ୟାଦା ସୁରକ୍ଷିତ ହେବା ସଙ୍ଗେ ସଙ୍ଗେ ଜନମାନସରେ ଦେଶାତ୍ମବୋଧ ଜାଗ୍ରତ ହୁଏ । ଅବଶ୍ୟ ସବୁ କାଳରେ ବା ସର୍ବଥା କତିପୟ ଆଇନ୍ ବା ଶୃଙ୍ଖଳାର ନୈତିକ ମୂଲ୍ୟବୋଧ ପ୍ରତି ସମାନ ଗୁରୁତ୍ୱ ଆରୋପ କରାଯିବା ସମ୍ଭବ ହୁଏ ନାହିଁ । କାଳ ବା ସ୍ଥଳ ବିଶେଷରେ ଏହାର ବ୍ୟତିକ୍ରମ ଘଟିପାରେ । ମାତ୍ର ସୁସ୍ଥ ଆନୁଷ୍ଠାନିକ ପରମ୍ପରାର ପ୍ରଭାବ ହିଁ କେବଳ ଏପରି ବ୍ୟତିକ୍ରମ ବିରୋଧରେ କ୍ରିୟାଶୀଳ ହେବା ଯୋଗୁଁ ଗଣତନ୍ତ୍ରର ନିରାପତ୍ତା ବ୍ୟାହତ ହୁଏ ନାହିଁ । ବର୍ଣ୍ଣ ବୈଷମ୍ୟ, ଦାସତ୍ୱ ପ୍ରଥା, ଛୁଆଁ ଅଛୁଆଁ ଭେଦଭାବ ପ୍ରଭୃତି ସାମାଜିକ କଳଙ୍କଗୁଡ଼ିକୁ ବ୍ୟତିକ୍ରମ ରୂପେ ବିଚାର କରିବା ପରିବର୍ତ୍ତେ ଏଗୁଡ଼ିକର ବିଲୋପ ସାଧନ ଉଦ୍ଦେଶ୍ୟରେ ନିରବଚ୍ଛିନ୍ନ ଆନୁଷ୍ଠାନିକ ଉଦ୍ୟମ ଚଳାଇବା ଦ୍ୱାରା ହିଁ ଗଣତନ୍ତ୍ରର ଉଜ୍ଜ୍ୱଳ ଭବିଷ୍ୟତ ପ୍ରତି ଆଶଙ୍କା ଉପୁଜେ ନାହିଁ ।

ନିଜ ଦାୟାଦମାନଙ୍କର ଶୁଭ ମନାସୁଥିବା ବିବେକୀ ତଥା ଚିନ୍ତାଶୀଳ ମନୁଷ୍ୟ ଧରଣୀ ବକ୍ଷରେ ନୈସର୍ଗିକ ପରିବେଶ ସୃଷ୍ଟି କରିବାକୁ ସମର୍ଥ ହୋଇନାହିଁ । ଆନ୍ତରିକ ବୁଝାମଣା ଭିତ୍ତିରେ ବିଶ୍ୱ ଭାତୃତ୍ୱର ସର୍ଜନା ପାଇଁ ଅଦ୍ୟାବଧି କୌଣସି ସୁସ୍ଥ ଆନୁଷ୍ଠାନିକ ଉଦ୍ୟମ ଫଳପ୍ରଦ ହୋଇନାହିଁ । ଗଣତାନ୍ତ୍ରିକ ଶାସନ ପଦ୍ଧତି ଅନୁସୃତ ଦୁଇଟି ରାଷ୍ଟ୍ର ମଧ୍ୟରେ କିମ୍ବା ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ର ଓ ଆଉ ଗୋଟିଏ ସାମନ୍ତବାଦୀ ରାଷ୍ଟ୍ର ମଧ୍ୟରେ ମତଭେଦର ମାତ୍ରା ଦୁଇଟି ଏକଛତ୍ରବାଦୀ ରାଷ୍ଟ୍ର ମଧ୍ୟରେ ଥିବା ମତାନୈକ୍ୟ ତୁଳନାରେ କିଛି କମ୍ ହୋଇନାହିଁ । ମୁକ୍ତ ସମାଜ ପ୍ରତିଷ୍ଠାର ଆଭିମୁଖ୍ୟ ଯେଉଁ ଗଣତାନ୍ତ୍ରିକ ଶାସନ ପଦ୍ଧତିର ଆଶ୍ରୟ ନେଇଥିବା କୌଣସି ରାଷ୍ଟ୍ର ଏ ପର୍ଯ୍ୟନ୍ତ ଆଞ୍ଚଳିକ ଭେଦଭାବ ଓ ଜାଗତିକ ବୈଷମ୍ୟର ବିଲୋପ ସାଧନ କରିବାକୁ ସମର୍ଥ ହୋଇନାହିଁ । କିମ୍ବା କୌଣସି ଗଣତାନ୍ତ୍ରିକ ରାଷ୍ଟ୍ର ସଂକୀର୍ଣ୍ଣ ଜାତୀୟତାବୋଧକୁ ଅତିକ୍ରମ କରି ବିଶ୍ୱ ଭ୍ରାତୃତ୍ୱ ପ୍ରତିଷ୍ଠା ଦିଗରେ ଅଭିନବ ଚେତନା ଜାଗ୍ରତ କରାଇବାକୁ ସମର୍ଥ ହୋଇନାହିଁ । ମାତ୍ର ସବୁ ରାଷ୍ଟ୍ରର ମହାନୁଭବ ବୁଦ୍ଧିଜୀବୀମାନେ ଧରଣୀ ବକ୍ଷରେ ଭ୍ରାତୃଭାବର ସର୍ଜନା ପାଇଁ ଯତ୍ନଶୀଳ ହେଉଛନ୍ତି । ଏହି ମହାମତ ଚିନ୍ତାନାୟକମାନେ ଜାଗତିକ ଭୋଗ ବିଳାସରେ ନିମଗ୍ନ ଜନସାଧାରଣଙ୍କୁ ଚେତାବନୀ ଶୁଣାଇଲେଣି ଯେ ଉତ୍ତମ ଆନ୍ତଃ ରାଷ୍ଟ୍ରୀୟ ବୁଝାମଣା ସୃଷ୍ଟି କରିବା ପାଇଁ ଗଣତାନ୍ତ୍ରିକ ଶାସନ ବିନିମୟରେ ଅଭିନବ ଉପାୟ ନିର୍ଦ୍ଧାରଣ କରିବାର ପ୍ରକୃଷ୍ଟ ସମୟ ଉପନୀତ ହେଲାଣି । ମନୁଷ୍ୟ ଜାତି ଯଦି ପୁନର୍ବାର ଆଦିମ ମାନବତୁଲ୍ୟ ବର୍ବର ତଥା ପଶୁତୁଲ୍ୟ ଜୀବନ ଯାପନ କରିବାକୁ ଚାହୁଁ ନଥାଏ, ତାହାହେଲେ ଗଣତାନ୍ତ୍ରିକ ଶାସନ ପଦ୍ଧତି ବଳରେ ପୃଥିବୀ ବକ୍ଷରେ 'ରାମ ରାଜ୍ୟ' ସୃଷ୍ଟି କରିବା ପାଇଁ ଅଭିନବ ଚେତନାର ଜାଗରଣ ଘଟାଇବା ହିଁ ଅନିବାର୍ଯ୍ୟ ବୋଧ ହେଉଛି ।

ଶୋଷଣବିହୀନ ମୁକ୍ତ ସମାଜରେ ସର୍ଜନା ମନୁଷ୍ୟର ଗୋଟିଏ ଅନନ୍ୟ ସାଧାରଣ ପରିକଳ୍ପନା । ମନୁଷ୍ୟ ବ୍ୟକ୍ତିଗତ ଜୀବନର ନିରାପତ୍ତା ବଜାୟ ରଖିବା ପାଇଁ ତଥା ମାନବିକ ଅଧିକାରଗୁଡ଼ିକୁ ଉପଭୋଗ କରିବା ସଙ୍ଗେ ସଙ୍ଗେ ସ୍ୱୀୟ ପ୍ରତିଭାର ସୁସଙ୍ଗତ ବିକାଶକଳ୍ପେ ତାହାକୁ ସୁସ୍ଥ ପରିବେଶ ଯୋଗାଇଦେବା ପାଇଁ ଧରଣୀ ବକ୍ଷରେ ସର୍ବପ୍ର ସୁସ୍ଥ ପରମ୍ପରା ସୃଷ୍ଟି କରିବା ହିଁ ଏପରି ପରିକଳ୍ପନାର ବିଶେଷତ୍ୱ । ଏହି ଶୁଭଙ୍କରୀ ପରିକଳ୍ପନାର ରୂପାୟନ ପାଇଁ ଆନୁଷ୍ଠାନିକ ଉଦ୍ୟମ କରାଯିବାବେଳେ ମନୁଷ୍ୟକୁ ହିଁ ମୁଖ୍ୟ ବା କେନ୍ଦ୍ର ସ୍ଥାନରେ ପ୍ରତିଷ୍ଠିତ କରାଯିବା ବିଧିସଙ୍ଗତ ବୋଧ ହେଉଛି । ସମାଜର ଦାୟିତ୍ୱ ପାଇଁ ମନୁଷ୍ୟକୁ ଯନ୍ତ୍ରବତ୍ ବ୍ୟବହାର କରିବାର ଚିନ୍ତାଧାରାର ବିଲୋପ ଘଟାଇବା ହିଁ ଏପରି ମାନବଧର୍ମୀ ପ୍ରୟାସର ତାତ୍ପର୍ଯ୍ୟ ରୂପେ ଉପଲବ୍ଧି ହେଉଛି । ଗୋଟିଏ ରାଷ୍ଟ୍ରକୁ ସ୍ୱାବଲମ୍ବନଶୀଳ କରାଇବା ପାଇଁ ବା ତାହାର ଦ୍ରାଘିମ୍ବିତ ଚିନ୍ତା

ସାଧନ ପାଇଁ କିମ୍ବା ରାଜନୈତିକ ଅସ୍ଥିରତାର ବିଲୋପ ସାଧନ ପାଇଁ ମନୁଷ୍ୟର ନାଯ୍ୟ ନାଗରିକ ଅଧିକାର ଉପରେ ନିୟନ୍ତ୍ରଣ ଜାରି କରିବା ଦ୍ୱାରା ଅଥବା ରାଷ୍ଟ୍ରୀୟ ବା ସାମାଜିକ ଶୃଙ୍ଖଳା ଅନୁଯାୟୀ କର୍ମତତ୍ପର ହେବା ପାଇଁ ତାକୁ ବାଧ୍ୟ କରିବା ଦ୍ୱାରା ଗଣତନ୍ତ୍ରର ଭବିଷ୍ୟତ ବିପଦାପନ୍ନ ହୋଇଥାଏ ।

ଆମେ ଉପଲବ୍ଧି କରୁଛୁ ଯେ ଏ ସଂସାରିକ ଜଞ୍ଜାଳ ଅନିତ୍ୟ । ଭୋଗବିଳାସ ବା ଧନ ସମ୍ପତ୍ତି ବଳରେ ସୁଖମୟ ଜୀବନ ଯାପନ କରିବାର ସ୍ୱାର୍ଥାନ୍ୱେଷୀ ପ୍ରୟାସ ମନୁଷ୍ୟକୁ ଚିରନ୍ତନ ଶାନ୍ତି ବା ଆତ୍ମିକ ସନ୍ତୋଷ ଯୋଗାଇ ପାରିବ ନାହିଁ । ମାତ୍ର ମନୁଷ୍ୟ ବରାବର ନିରବଚ୍ଛିନ୍ନ ଭାବରେ ସୁଖ ସମ୍ଭୋଗ ଉପଭୋଗ କରିବା ପାଇଁ ଲାଳସୀ ହୋଇଛି । ସେ ସବୁ କଥା ଜାଣି ମଧ୍ୟ ଅନିତ୍ୟ ସଂସାରରେ ଚିରନ୍ତନ ଭାବରେ ଆଧିପତ୍ୟ ବିସ୍ତାର କରିବା ପାଇଁ ବାତୁଳ ପ୍ରାୟ କର୍ମ ପ୍ରବଣ ହେଉଛି । ସୁଖ ଓ ଦୁଃଖ ଉଭୟ ତା'ର ସହଚର ହୋଇ ଥିଲେ ମଧ୍ୟ ସେ ସର୍ବଦା ସୁଖ ଉପଭୋଗ କରିବାର ଉପାୟ ଅନ୍ୱେଷଣ କରୁଛି । ବିଜ୍ଞାନ ଓ ତଦାଶ୍ରୟୀ ଟେକ୍‌ନୋଲୋଜିର ଉପଯୋଗ ବଳରେ ସେ ପରିବେଶକୁ ନିଜ ଆୟତ୍ତାଧିନ କରିବା ସଙ୍ଗେ ସଙ୍ଗେ ବିଳାସମୟ ଜୀବନ ଯାପନ କରିବାକୁ ଉଦ୍ୟମୀ ହୋଇଛି । ଏହାର ଏକମାତ୍ର କାରଣ ହେଉଛି ଯେ ସେ ବିବର୍ତ୍ତନଭିତ୍ତିକ କାରଣ ଯୋଗୁଁ ଦାୟାଦିକ ସୂତ୍ରରେ ଯେଉଁ ପ୍ରବୃତ୍ତିର ଅଧିକାରୀ ହୋଇଛି, ସେହି ପ୍ରବୃତ୍ତିର ତାଡ଼ନା ହିଁ ତାକୁ ଏପରି ଭାବରେ କର୍ମ ଚଞ୍ଚଳ ହେବାକୁ ପ୍ରବର୍ତ୍ତାଉଛି । ମନୁଷ୍ୟର ବ୍ୟକ୍ତିଗତ କର୍ମପ୍ରବଣତାର ସମଷ୍ଟିଗତ ପରିପ୍ରକାଶ ହିଁ ସାମାଜିକ ଜୀବନ ଯାପନର ପ୍ରତିଫଳକ ହୋଇଥିବାରୁ ସଂପ୍ରତି ପୃଥିବୀରେ ସର୍ବଥା ଜନସମାଜ କେବଳ ଜଡ଼ବସ୍ତୁର ବନ୍ଦନାଗାନ କରିବା ସଙ୍ଗେ ସଙ୍ଗେ ବସ୍ତୁ ସର୍ବସ୍ୱ ସଭ୍ୟତାର ବିକାଶ ସାଧନ ପାଇଁ କର୍ମମୁଖର ହୋଇଛନ୍ତି ।

ଭୌତିକ ବିଜ୍ଞାନ ଓ ତଦାଶ୍ରୟୀ ପ୍ରଯୁକ୍ତି ବିଦ୍ୟା ଏପରି ବସ୍ତୁ ସର୍ବସ୍ୱ ସଭ୍ୟତାର ତ୍ୱରାନ୍ୱିତ ବିକାଶ ପାଇଁ ଇନ୍ଧନ ଯୋଗାଇ ଦେଉଛି । ପ୍ରତ୍ୟେକ ରାଷ୍ଟ୍ର ବିଜ୍ଞାନ ବଳରେ ନିଜ ଦେଶକୁ ଶିଳ୍ପୋନ୍ନତ ତଥା ଶକ୍ତିଶାଳୀ କରିବା ପାଇଁ ପ୍ରଚୁର ପୁଞ୍ଜି ବିନିମୟରେ ଯେପରି ଭାବରେ କର୍ମତତ୍ପର ହୋଇଛି, ବିଶେଷ ଭାବରେ ଦ୍ୱିତୀୟ ମହାଯୁଦ୍ଧର ଅବସାନ ଘଟିବା ପରେ ବିଜ୍ଞାନାଶ୍ରୟୀ ବହୁ ବ୍ୟୟସାପେକ୍ଷ ସ୍ୱାର୍ଥାନ୍ୱେଷୀ ପରିକଳ୍ପନାଗୁଡ଼ିକର ସଫଳ ରୂପାୟନ ପ୍ରତି ଯେପରି ଗୁରୁତ୍ୱ ଆରୋପ କରାଯାଉଛି ତତ୍‌ସମ୍ପର୍କୀୟ ବିଶଦ ବ୍ୟାଖ୍ୟା ପ୍ରଦାନ କରିବାର ଆବଶ୍ୟକତା ନାହିଁ । ପୃଥିବୀର ପ୍ରତ୍ୟେକ ରାଷ୍ଟ୍ରର ନାଗରିକ ଏ ସମ୍ପର୍କୀୟ ଅଭିଜ୍ଞତା ଅର୍ଜନ କରୁଛନ୍ତି । ପାର୍ଥିବ ପରିବେଶକୁ ବଦଳାଇ ତଥା ପ୍ରକୃତିକୁ ନିଜର ଆୟତ୍ତାଧୀନ କରି ଅର୍ଥପ୍ରସୂ ପରିକଳ୍ପନାଗୁଡ଼ିକୁ ସଫଳ କରିବା ଉଦ୍ଦେଶ୍ୟରେ ତଥା ବିଳାସୀ ଜୀବନର ମାଦକତା ଅଭିବୃଦ୍ଧି କରାଇବା ନିମନ୍ତେ ମନୁଷ୍ୟ ଦିନକୁ ଦିନ ଅଭିନବ ବିଜ୍ଞାନାଶ୍ରୟୀ ପନ୍ଥାଗୁଡ଼ିକର ଆଶ୍ରୟ ନେଉଛି । ମାତ୍ର ଏହାର ଅନ୍ତିମ ପରିଣତି ସ୍ୱରୂପ କ'ଣ ଧରଣୀ ବକ୍ଷରେ 'ରାମ ରାଜ୍ୟ'ର ପ୍ରତିଷ୍ଠା ସମ୍ଭବ ହୋଇଛି ବା ଏହା କ'ଣ ମାନବ ଜାତିର ସୁଖମୟ ଭବିଷ୍ୟତ ସମ୍ପର୍କରେ ଶୁଭ ସୂଚନା ଯୋଗାଇ ପାରିଛି ? ମନୁଷ୍ୟ ବିଜ୍ଞାନ ବଳରେ ପ୍ରକୃତିର ରହସ୍ୟ ଉଦ୍‌ଘାଟନ କରିବାକୁ ସମର୍ଥ ହୋଇଥିଲେ ମଧ୍ୟ ତାର ସ୍ୱାର୍ଥାନ୍ୱେଷୀ ପ୍ରବୃତ୍ତି ବଳରେ ସେ ପୃଥିବୀ ଗୃହୀ ମହାକାଶ ଯାନର ସୀମିତ ପରିବେଶକୁ କଳୁଷିତ କ ପକାଉଛି, ବସ୍ତୁ ସର୍ବସ୍ୱ ସଭ୍ୟତାର କ୍ରମବିକାଶ ଘଟୁଥିଲେ ମଧ୍ୟ ତା ସାମାଜିକ ଜୀବନ ବ୍ୟାଧିଗ୍ରସ୍ତ ହୋଇଯାଉଛି । ଭ୍ରୁ ପରଶ୍ରୀକାତରତା, ହିଂସା ଓ ବିଜାତୀୟତା ସାମାଜିକ ପରିବେଶକୁ ଦୁର୍ବିସହ କରି ପକାଉଛି, ପ୍ରଳୟଙ୍କରୀ ମାରଣାସ୍ତ୍ରଗୁଡ଼ିକର ଗଚ୍ଛିତାବରଣ ମନୁଷ୍ୟକୁ ସୁଖ ନିଦ୍ରାରୁ ବଞ୍ଚିତ କରିଛି ; ବେଗଗାମୀ ଯାନଗୁଡ଼ିକର ଉଦ୍ଭାବନ ଯୋଗୁଁ ପୃଥିବୀର ଆକାର ସଙ୍କୁଚିତ ହୋଇଛି ସତ୍ୟ — ମାତ୍ର ଏହି ଗତିଶୀଳତାର ପରିବେଶ ମଧ୍ୟରେ ଥାଇ ମଧ୍ୟ ମନୁଷ୍ୟର ହୃଦୟ ଛାଣୁ ପାଲଟି ଯାଉଛି, ତାର ଆତ୍ମକେନ୍ଦ୍ରିକ କ୍ରିୟାଶୀଳତା ଯୋଗୁ ସେ ପ୍ରତିବେଶୀଠାରୁ ମଧ୍ୟ ଦୂରେଇ ଯାଉଛି, ସାମାନ୍ୟ ପ୍ରତିଘାତରେ ସମ୍ମୁଖୀନ ହେବାବେଳେ ମନୁଷ୍ୟ ଏକାନ୍ତ ନିଃସହାୟ ଅନୁଭବ କରିବାରୁ ତାର ମାନସିକ ବିକୃତି ଘଟୁଛି । ଏପରି ବିଲକ୍ଷଣଗୁଡ଼ିକୁ ଅନୁଧ୍ୟାନ କରିବା ପରେ ବୁଦ୍ଧିଜୀବୀମାନେ ହୃଦୟଙ୍ଗମ କଲେଣି ଯେ ଭୌତିକ ବିଜ୍ଞାନର ଅଗ୍ରଗତି ସହ ତାଳ ମିଳାଇ ସମାଜ ବିଜ୍ଞାନର ଅଗ୍ରଗତି ସାଧିତ ହୋଇ ନଥିବାରୁ ମନୁଷ୍ୟର ଏପରି ନୈତିକ ଅଧଃପତନ ଘଟିଛି । ସମାଜ ବିଜ୍ଞାନର ଯତ୍‌କିଞ୍ଚିତ୍ ସମୃଦ୍ଧି ସାଧିତ ହୋଇଛି, ଉଭୟ ଗଣତାନ୍ତ୍ରିକ ରାଷ୍ଟ୍ର ସମୂହ ଓ କମ୍ୟୁନିଷ୍ଟ ରାଷ୍ଟ୍ରଗୁଡ଼ିକର ତାହାର ଅସଦୁପଯୋଗ କରାଯାଇଥିବା ଯୋଗୁ ହିଁ କୌଣସି ରାଜନୈତିକ ଆଦର୍ଶ ମନୁଷ୍ୟର ଭବିଷ୍ୟତକୁ ଉଜ୍ଜ୍ୱଳ କରାଇ ପାରିଥିବାର ଶୁଭ ସଙ୍କେତ ଅଦ୍ୟାବଧି ପରିଲକ୍ଷିତ ହୋଇନାହିଁ । ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକରେ ମନସ୍ତାତ୍ତ୍ୱିକ ଗବେଷଣାଶ୍ରୟୀ ଜ୍ଞାନକୁ ମନୁଷ୍ୟର ସ୍ପୃହିଦା ବଢ଼ାଇବା ଦିଗରେ ପ୍ରୟୋଗ କରାଯାଉଛି । ବିଜ୍ଞାପନ ସର୍ବସ୍ୱ ପାଶ୍ଚାତ୍ୟ ସଭ୍ୟତାର ଅଭିବୃଦ୍ଧି ଯୋଗୁ ମନୁଷ୍ୟର କ୍ରମବର୍ଦ୍ଧମାନ ସ୍ପୃହିଦା ତାକୁ ସ୍ୱାର୍ଥାନ୍ୱେଷୀ ଉଦ୍ୟମ ଚଳାଇବାକୁ ବାଧ୍ୟ କରୁଛି । କମ୍ୟୁନିଷ୍ଟ ରାଷ୍ଟ୍ରଗୁଡ଼ିକରେ ମନସ୍ତାତ୍ତ୍ୱିକ ଗବେଷଣାର ଫଳକୁ ରାଜନୈତିକ ଆଦର୍ଶର ପ୍ରସାର ପାଇଁ ଏପରି ବିଚକ୍ଷଣ ଭାବରେ ପ୍ରୟୋଗ କରାଯାଉଛି ଯେ ଜନସାଧାରଣ ସରକାରୀ ମତବାଦର ଅନୁଗାମୀ ହେବାକୁ ବାଧ୍ୟ ହେଉଛନ୍ତି । ଉଭୟ ଗଣତାନ୍ତ୍ରିକ ଶାସନ ଓ କମ୍ୟୁନିଷ୍ଟ ଶାସନ ଏପରି ଭାବରେ ସୁସ୍ଥ ସମାଜ ପ୍ରତିଷ୍ଠା କରିବାକୁ ଅସମର୍ଥ ହୋଇ ଥିବାର ସୁସ୍ପଷ୍ଟ ପ୍ରମାଣ ପାଇବା ପରେ ଏପରି ମହତ୍ ପରିକଳ୍ପନାର ବାସ୍ତବ ରୂପାୟନ ପାଇଁ ଅଭିନବ ଆନୁଷ୍ଠାନିକ ଉଦ୍ୟମ ଚଳାଇବାକୁ ଚିନ୍ତାନାୟକମାନେ ଯେଉଁ ଆହ୍ୱାନ ଦେଇଛନ୍ତି ଶିକ୍ଷିତ ବ୍ୟକ୍ତିମାନେ ପରିସ୍ଥିତିର ତାଡ଼ନାରେ ସେଥିପ୍ରତି କର୍ଣ୍ଣପାତ କରିବାକୁ ଉଚିତ ମଣିଲେଣି ।

ବୁଦ୍ଧିଜୀବୀମାନେ ହୃଦୟଙ୍ଗମ କଲେଣି ଯେ ସ୍ୱାର୍ଥ ସାଧନ କଳ୍ପେ ଅହର୍ନିଶ କର୍ମ ପାଗଳ ମନୁଷ୍ୟ ଆତ୍ମିକ ଶାନ୍ତି ଉପଭୋଗ କରିବା ପାଇଁ ଧର୍ମକୁ ଗୋଟିଏ ଯାଦୁକରୀ ବିଦ୍ୟା ରୂପେ ବିଶ୍ୱାସ କରୁଛି । ସମ୍ପତ୍ତି ଠୁଳ କରିବାର ପ୍ରତିଯୋଗିତାରେ କୌଣସି କାରଣ ଯୋଗୁ ପରାସ୍ତ ହୋଇଯିବା ପରେ ଅଥବା ପାରିବାରିକ ଜୀବନରେ କୌଣସି ପ୍ରତିଘାତର ସମ୍ମୁଖୀନ ହେବା ପରେ କିମ୍ବା ନିଜ ଉଚ୍ଚାଭିଳାଷର ପରିପୂରଣ ପାଇଁ ବିହିତ କର୍ମ ପନ୍ଥାର ଆଶ୍ରୟ ନେବାକୁ ଅପାରଗ ହେବା ପରେ ସେ ଦୟନୀୟ ଭାବରେ ଧର୍ମଗୁରୁମାନଙ୍କ କୃପାଭିକ୍ଷୁ ହେଉଛି । ଏପରି ଚିତ୍ତ ବିଭ୍ରାନ୍ତ ମନୁଷ୍ୟକୁ କୌଣସିମତେ ଭଣ୍ଡାଇ ନିଜର ଶିଷ୍ୟ ରୂପେ ବରଣ କରୁଥିବା ଭଣ୍ଡ ଗୁରୁମାନଙ୍କ ସଂଖ୍ୟା ମଧ୍ୟ ଦିନକୁ ଦିନ ବଢ଼ିବାରେ

ଲାଗିଛି । ତେଣୁ ଧର୍ମ ବଳରେ ତଥା ଧନଲୋଭୀ ଧର୍ମଗୁରୁମାନଙ୍କ ସହାୟତାରେ ମନୁଷ୍ୟର ନୈତିକ ଜୀବନର ମାନ ବର୍ଦ୍ଧିତ କରାଇବା ସମ୍ଭବ ନୁହେଁ । ଏପରି ବିଚିତ୍ର ସାମାଜିକ ପରିବେଶର ସୁବିଧା ନେଇ ନିକ୍ସନ୍, ଇନ୍ଦିରା ଗାନ୍ଧୀ, ଷ୍ଟାଲିନ୍ ଓ ମାଓ-ସେତୁଙ୍ଗଙ୍କ ଭଳି ଚତୁର ରାଜନୀତିଜ୍ଞଗଣ ମୁକ୍ତ ସମାଜର ପ୍ରତିଷ୍ଠା ପଥରେ ଅନ୍ତରାୟ ସୃଷ୍ଟିକରି ପାରୁଛନ୍ତି । ଜନତାକୁ ଗୋଳିପାଣି ଠିକ୍ ସୁହାଉଛି । ସାମ୍ପ୍ରତିକ ବୌଦ୍ଧିକ ତଥା ସାମାଜିକ ପରିବେଶ ଏପରି ରାଜନୀତିଜ୍ଞ ଓ ଜନନାୟକମାନଙ୍କ ଆବିର୍ଭାବ ପାଇଁ ପଥ ସୁଗମ୍ୟ କରିଛି । ଏଠାରେ ମୁକ୍ତ ସମାଜର ପ୍ରତିଷ୍ଠା ପଥରେ ଅନ୍ତରାୟ ସୃଷ୍ଟି କରିଥିବା ଜନନାୟକମାନଙ୍କ ନାମ ଉଚ୍ଚାର କରିବା ପ୍ରତି ଗୁରୁତ୍ୱ ଆରୋପ କରାଯାଉ ନାହିଁ । ପ୍ରବୀଣ ବୁଦ୍ଧିଜୀବୀମାନେ ପୂର୍ବରୁ ଦେଲେଣି ଯେ ମାନବୀୟ ଇତିହାସର ଗତିପଥକୁ ଭିନ୍ନ ମାର୍ଗରେ ଧାବିତ କରାନଗଲେ ପୃଥିବୀର ସବୁ ରାଷ୍ଟ୍ରରେ ମୁକ୍ତ ସମାଜର ପରିପନ୍ଥୀ ଜନନାୟକମାନେ ହିଁ ସ୍ୱାଭାବିକ ରୀତିରେ ଆବିର୍ଭୂତ ହେବେ । ତେଣୁ, ଯେଉଁ ବିଜ୍ଞାନ ଓ ଟେକ୍‌ନୋଲୋଜି ବଳରେ ବସ୍ତୁ ସର୍ବସ୍ୱ ସଭ୍ୟତାର ଚରମ ବିକାଶ ଘଟାଯାଉଛି, ସେହି ହାତବାରିସୀ ବଳରେ ହିଁ ମନୁଷ୍ୟ ଜାତି ନିଜର ବଂଶ ଉଚ୍ଛେଦ କରିବାକୁ ବାଧ୍ୟ ହେବ । ମାନବୀୟ ଇତିହାସର ଏପରି ସନ୍ଧିକ୍ଷଣରେ ଚିନ୍ତାନାୟକମାନଙ୍କ ଆହ୍ୱାନ ପ୍ରତି କର୍ଣ୍ଣପାତ କରିବା ସଙ୍ଗେ ସଙ୍ଗେ ବିହିତ ଆନୁଷ୍ଠାନିକ ପଦକ୍ଷେପ ଗ୍ରହଣ କରିବାର ଏ ଯେଉଁ ପ୍ରହୃଷ୍ଟ ସମୟ ଉପନୀତ ହୋଇଛି, ତାହାର ଯଥାର୍ଥ ମୁକାବିଲା କରିବା ଦିଗରେ ସ୍ୱୀୟ ଚିନ୍ତାପ୍ରସୂତ ଅବଦାନ ଯୋଗାଇଦେବା ଆମର ପରମ କର୍ତ୍ତବ୍ୟ ନୁହେଁ କି ?

ଉପାଧ୍ୟକ୍ଷ,
ରେଭେନ୍‌ସା କଲେଜ,
କଟକ-୩ ।

"ମାନବିକ କ୍ରମବିକାଶର ଉଚ୍ଚ ସୋପାନକୁ ଉଠିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ସମସ୍ତ ମନ୍ଦ ପ୍ରକୃତିକୁ ଜୟ କରିବ । ପ୍ରେମ ଓ ଅହିଂସା ମାଧ୍ୟମରେ ସତ୍ୟର ସନ୍ଧାନ କରିବ ଏବଂ ସତ୍ୟ ଉପରେ ଆଧାରିତ ଜୀବନ ଯାପନ କରିବ । ପ୍ରେମ, ସେବା, ତ୍ୟାଗ ଓ ଗଠନମୂଳକ କାର୍ଯ୍ୟରେ ଅର୍ପିତ ଜୀବନ ହିଁ ବାଞ୍ଛନୀୟ । ଆପଣ ଯେଉଁ ସତ୍ୟକୁ ଦେଖି ପାରୁଛନ୍ତି, କାଳେ ଅନ୍ୟ ଲୋକ ସେହି ସତ୍ୟକୁ ଦେଖିପାରୁ ନଥିବେ, ସେଥିପାଇଁ ଆପଣ ପ୍ରେମ, ସେବା ଓ ତ୍ୟାଗ ଦ୍ୱାରା ତାଙ୍କ ମନରେ ଆପଣଙ୍କର ସତ୍ୟକୁ ସାବ୍ୟସ୍ତ କରାଇ ତାଙ୍କୁ ନିଜ ମତକୁ ଆଣିବେ । ତାଙ୍କ ଉପରେ ଚାପ ବା ହିଂସା ପ୍ରୟୋଗ କରି ଆପଣଙ୍କ ସତ୍ୟକୁ ତାଙ୍କ ଉପରେ ଲଦି ଦେବେ ନାହିଁ ।"

—ଗାନ୍ଧିଜୀ

# ନବାନ୍ନର ଅନ୍ତରୀଣ ତାତ୍ପର୍ଯ୍ୟ

କାଶୀନାଥ ପ୍ରଧାନ

ଅର୍ଣ୍ଣ ଓ ଅନ୍ନକୁ ନେଇ ଜୀବନ । ଏ ଦୁଇଟି ବିଭୁଦତ୍ତ ଉପାଦାନ ବିନା ଧରାପୃଷ୍ଠରେ କୌଣସି ଜୀବନ କଥା କଳ୍ପନା କରାଯାଇ ନପାରେ । ସୁଜଳା ସୁଫଳା ଧରିତ୍ରୀ ହିଁ ଏ ଦୁଇଟି ମୌଳିକ ଉପାଦାନର ଆଧାର । ପହିଲି 'ଅର୍ଣ୍ଣ' ସମ୍ପୂର୍ଣ୍ଣ ରୂପେ ଈଶ୍ୱର ଦତ୍ତ । ମାତ୍ର ଦ୍ୱିତୀୟ 'ଅନ୍ନ' ଯଦିଓ ଭଗବାନଙ୍କ ଏକ ଭୌତିକ ସୃଷ୍ଟି, ତଥାପି ମଣିଷର ଶ୍ରମ ଓ ଧରିତ୍ରୀର ସୃଜନଶୀଳ ପ୍ରକ୍ରିୟା ବିନା ତାହା ସାକାର ରୂପ ଲାଭ କରିବା ସମ୍ଭବ ନୁହେଁ । ମଣିଷେତର ଜୀବ ସକଳ ଧରିତ୍ରୀ ବକ୍ଷରୁ ସାଧାରଣତଃ ବିନା ପରିଶ୍ରମରେ ସେମାନଙ୍କର ଆହାର ସଂଗ୍ରହ କରନ୍ତି । ଅର୍ଥାତ୍ ସେମାନେ ନିଜେ ନିଜର ଆହାର ଉତ୍ପାଦନ କରନ୍ତି ନାହିଁ ଓ ପରସ୍ପର ପରସ୍ପରର ଆହାର୍ଯ୍ୟ ହୁଅନ୍ତି । ମାତ୍ର ମଣିଷ ଈଶ୍ୱରଙ୍କର ଏକ ସ୍ୱତନ୍ତ୍ର ତଥା ବୈଶିଷ୍ଟ୍ୟପୂର୍ଣ୍ଣ ସୃଷ୍ଟି । ପ୍ରକୃତି କୋଳରେ ଆତଯାତ ହୋଇ ପ୍ରକୃତି ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ନହୋଇ ଆତ୍ମଚେଷ୍ଟା ବଳରେ ସେ ନିଜର ସ୍ୱକୀୟ ସମସ୍ୟାର ସମାଧାନ ନିମିତ୍ତ ଯୁଗେ ଯୁଗେ ଚେଷ୍ଟା କରିଆସିଛି ଓ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ବାଟ ଭାଙ୍ଗି ନୂତନ ପଥର ଯାତ୍ରୀ ହେବାରେ ବ୍ରତୀ ହୋଇ ଆସିଛି ।

ଏହି ଅନୁସନ୍ଧିତ୍ସା ଓ ପ୍ରଚେଷ୍ଟାର ପ୍ରାଥମିକ ଫଳଶ୍ରୁତି ଅଗ୍ନିର ବ୍ୟବହାର ଓ କୃଷି କର୍ମର ଅଭ୍ୟୁତ୍ଥାନ କହିଲେ ଅତ୍ୟୁକ୍ତି ହେବନାହିଁ । ତେବେ ମଣିଷ ନିଜ ପାଇଁ ଗ୍ରାସାଚ୍ଛାଦନର ସକଳ ବ୍ୟବସ୍ଥା କେତେକାଂଶରେ କରିବାରେ ସଫଳ ହେଲେ ହେଁ ସେ ପ୍ରକୃତି, ଧରିତ୍ରୀ, ସର୍ବୋପରି ଈଶ୍ୱରଙ୍କ ଅପାର କୃପାକୁ ହେୟ ମନେ କରେନାହିଁ କିମ୍ବା କୃତଘ୍ନତା ଦେଖାଏ ନାହିଁ..... । ବ୍ୟକ୍ତିଗତ ସ୍ତରରେ ଯିଏ ଯେତେବେଳେ ଦେଖାଇଛି ସେ କାଳ ଗର୍ଭରେ ଲୀନ ତ ହୋଇଛି, କଳଙ୍କିତ ବି ହୋଇଛି ସବୁ ଦିନ ପାଇଁ । ଧରାକୁ ସରା ମନେ କରି କେହି କେବେ ସୁନାମ ଅର୍ଜନ କରିନାହିଁ । ସାମଗ୍ରିକ ଭାବେ ପ୍ରକୃତି ବା ଧରିତ୍ରୀଠାରେ ବଶମ୍ବଦ ହୋଇ ସ୍ୱଇଚ୍ଛାରେ ନିଜର ମୁଣ୍ଡ ନୁଆଁଇ ଆଜି ମଣିଷ ଅନ୍ତରରେ ସନ୍ଧାନୀ ହେବାକୁ ସମର୍ଥ ହୋଇଛି ।

ଏହି ଦାନ ସ୍ୱୀକାରର ସଚେତନତା ବା କୃତଜ୍ଞତା ଜ୍ଞାପନର ସ୍ୱତଃସ୍ଫୂର୍ତ୍ତତା ହିଁ ନବାନ୍ନ ଭକ୍ଷଣ ପର୍ବର ଅନ୍ତରୀଣ ଲକ୍ଷ୍ୟ ବା ମୌଳିକ ଚେତନାର ପରିପ୍ରକାଶ । ଯାହାକି ଭାରତୀୟ ସଂସ୍କୃତିର ଏକ ବିଶିଷ୍ଟ ବିଭାବ ।

ଜଗନ୍ନାଥ ସଂସ୍କୃତିରେ ବା ଓଡ଼ିଆ ସଂସ୍କୃତିରେ ନୂତନ ପଦାର୍ଥ ବା ଈଶ୍ୱର ପ୍ରେରିତ ଅଭିଜ୍ଞ ଲାଭକୁ ପ୍ରଥମେ ସେହି ଈଶ୍ୱରଙ୍କ ପ୍ରତିପାଦନ କରି ବା 'ଲାଗି କରାଇବା'ରେ ଓଡ଼ିଆ ପ୍ରାଣର ଏକ ସ୍ୱତନ୍ତ୍ର ଆବେଗ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ସ୍ୱତଃସ୍ଫୂର୍ତ୍ତ ଆବେଗ ପ୍ରବଣତା ହିଁ ଓଡ଼ିଶାରେ ବିଶେଷ କରି ଶ୍ରୀକ୍ଷେତ୍ରରେ ବାର ମାସକୁ ତେର ଯାତର ଉତ୍ସବ ହୋଇଛି । ତନ୍ମଧ୍ୟରୁ ନବାନ୍ନ ଭକ୍ଷଣ ଉତ୍ସବ ଅନ୍ୟତମ ।

ପୁଣି ଓଡ଼ିଶାରେ ଅନେକ ପର୍ବପର୍ବାଣୀ ସାମଗ୍ରିକ ତଥା ସାର୍ବଜନୀନ ହେଲେ ହେଁ, କେତେକ ସ୍ଥାନରେ ନିର୍ଦ୍ଦିଷ୍ଟ ଦେବାଦେବୀ ବା ପର୍ବ ପ୍ରତି ସ୍ୱାତନ୍ତ୍ର୍ୟ ପ୍ରଦାନ ବା ଆବେଗ ପ୍ରବଣତା ପରିଲକ୍ଷିତ ହୁଏ, ଯଥା–ପୁରୀରେ ଶ୍ରୀଜଗନ୍ନାଥ ଓ ରଥଯାତ୍ରା, କଟକରେ କଟକ ଚଣ୍ଡୀ ଓ ଦଶହରା ପର୍ବ, ସମ୍ବଲପୁରରେ ଶ୍ରୀସମଲେଶ୍ୱରୀ ଓ ନବାନ୍ନ ଭକ୍ଷଣ ତଥା ଶୀତଳ ଷଷ୍ଠୀ ପର୍ବ । ବାଲେଶ୍ୱର–ମୟୂରଭଞ୍ଜରେ ଝାମୁ ଯାତ୍ରା ଓ ଚୈତ୍ର ପର୍ବ ଇତ୍ୟାଦି ।

ପଶ୍ଚିମ ଓଡ଼ିଶାରେ ପ୍ରାୟ ସର୍ବତ୍ର ଅର୍ଥାତ୍ ସମ୍ବଲପୁର, ବଲାଙ୍ଗୀର, କଳାହାଣ୍ଡି ଓ ସୁନ୍ଦରଗଡ଼ରେ ନବାନ୍ନ ଭକ୍ଷଣ ଏକ ସ୍ୱତନ୍ତ୍ର ଆବେଗଧର୍ମୀ ପର୍ବ ରୂପେ ପାଳିତ ହୁଏ । ସାଧାରଣତଃ, ଏ ପର୍ବ ଗଣଦେବତା ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ପୂଜା ପରେ ପଣ୍ଡିତ ତଥା ଗଣକମାନଙ୍କ ପଞ୍ଜିକା ଅନୁମୋଦିତ ନିଷ୍ପତ୍ତି ଉପରେ ନବାନ୍ନ ଭକ୍ଷଣର ତିଥି ଓ ସମୟ ନିର୍ଦ୍ଧାରଣ ହୁଏ । ନିର୍ଦ୍ଦିଷ୍ଟ ଦିବସରେ ଶୁଭଲଗ୍ନ ଦେଖି ନବାନ୍ନ ବା ନୂଆଁ ଧାନରେ (ଚାଉଳ) ପ୍ରସ୍ତୁତ କ୍ଷୀରି ଭୋଗ ଅଧିଷ୍ଠାତ୍ରୀ ଦେବଦେବୀଙ୍କୁ ଅର୍ପଣ ବା 'ଲାଗି' କରାଇ ପରିବାରର

ସମସ୍ତେ ଏକତ୍ର ଶୁଦ୍ଧପୂତ ମନରେ ପରସ୍ପରର ଶୁଭକାମନା କରି ନବାନ୍ନ କ୍ଷୀରି ଭୋଗ ପ୍ରସାଦ ରୂପେ ଗ୍ରହଣ କରନ୍ତି । ସାଧାରଣତଃ, ସମ୍ବଲପୁରରେ ସେଠିକାର ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀଙ୍କଠାରେ ଏହି ଦିନ ସାମୂହିକ ନବାନ୍ନ ଭୋଗ ଲାଗି କରାଯାଏ । ଅନୁରୂପ ଭାବରେ ବଲାଙ୍ଗୀରର ମା' ପାଟଣେଶ୍ୱରୀଙ୍କଠାରେ ଓ ଅନ୍ୟାନ୍ୟ ଅଞ୍ଚଳରେ ସେହି ସେହି ସ୍ଥାନରେ ଅଧିଷ୍ଠାତ୍ରୀ ଦେବାଦେବୀଙ୍କଠାରେ ନବାନ୍ନ ଲାଗି କରାଯାଏ । ଏଠାରେ କହି ରଖିବା ଉଚିତ ହେବ ଯେ, ସମ୍ବଲପୁରରେ ଯେଉଁ ଦିନ ନବାନ୍ନ ଭକ୍ଷଣ ତିଥି ନିର୍ଣ୍ଣିତ ହେବ, ସେ ଦିନଟି ଯେ ବଲାଙ୍ଗୀର ବା ସୁନ୍ଦରଗଡ଼ ପାଇଁ ଅବଶ୍ୟ ପ୍ରଯୁଜ୍ୟ ତାହା ନୁହେଁ । ସାଧାରଣତଃ, ନିଜ ନିଜ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀଙ୍କ ପ୍ରାଧାନ୍ୟ ସ୍ୱୀକାର କରି ଓ ସ୍ଥାନୀୟ ସୁବିଧା ସୁଯୋଗକୁ ବିଚାରକୁ ନେଇ ଏହି ତିଥି ନିର୍ଣ୍ଣିତ ହୋଇଥାଏ । ମାତ୍ର ନବାନ୍ନ ଭକ୍ଷଣର ସମସ୍ତ ଐତିହ୍ୟ ଓ ଗରିମା ଉଣା ଅଧିକେ ପଶ୍ଚିମ ଓଡ଼ିଶାରେ ପ୍ରାୟ ସର୍ବତ୍ର ସମାନ କହିଲେ ଚଳେ । ତେଣୁ କେତେକ ଅଗ୍ରଗାମୀ ବ୍ୟକ୍ତିବିଶେଷ ଓ ସଂସ୍ଥା ସମଗ୍ର ପଶ୍ଚିମ ଓଡ଼ିଶାରେ ଏକ ଦିବସରେ ଏ ପର୍ବ ପାଳନ କରି ଏହି ପର୍ବର ମହିମା ଓ ସାଂସ୍କୃତିକ ଭାବ ସଂହତିର ବିକାଶ ଓ ଅଭିବୃଦ୍ଧି ନିମିତ୍ତ ପ୍ରୟାସୀ ଅଛନ୍ତି । ହୁଏତ ଦିନେ ଏହା ସାକାର ରୂପ ନେଇପାରେ ।

ନବାନ୍ନ ଭକ୍ଷଣ ପର୍ବର ମାମିକ ବିଭାବ ହେଲା, ଏହା ମୌଳିକତଃ ପରିବାରର ସମସ୍ତ ସଦସ୍ୟମାନଙ୍କ ମଧ୍ୟରେ ଗଭୀର ଆବେଗ ମିଶ୍ରିତ ସହୃଦୟତା ସ୍ଥାପନ କରି ବଂଶ ମର୍ଯ୍ୟାଦାର ପୁନଃନବୀକରଣ କରାଇ ସଦ୍ଭାବ ଉଦ୍‌ଜୀବିତ କରେ । ଦ୍ୱିତୀୟତଃ, ପରିବାର ପରିବାର ମଧ୍ୟରେ ଗ୍ରାମ ବା ପଡ଼ାର ଅଧିବାସୀଙ୍କ ମଧ୍ୟରେ ଭାବ–ମୈତ୍ରୀ ଓ ସହଯୋଗ–ସହାନୁଭୂତି ଘଟାଇବା ଅଭିପ୍ରାୟରେ ଶୁଭେଚ୍ଛା ବିନିମୟ ଘଟାଇ ସହଯାତ୍ରୀତ୍ୱ ମନୋଭାବ ସୃଷ୍ଟି ପାଇଁ କ୍ଷେତ୍ର ପ୍ରସ୍ତୁତ କରିବା । ତୃତୀୟତଃ, ଭିନ୍ନ ଭିନ୍ନ ଅଞ୍ଚଳର ସାଂସ୍କୃତିକ ଜୀବନକୁ ଉଦ୍‌ଜୀବିତ କରାଇ ସେହି ସେହି ଅଞ୍ଚଳର ଅଧିଷ୍ଠାତ୍ରୀ ଦେବାଦେବୀଙ୍କ ପ୍ରତି ନିଜ ନିଜର ଆଧ୍ୟାତ୍ମିକ ଆନୁଗତ୍ୟ ପ୍ରକାଶ କରିବାର ସୁଯୋଗ ସୃଷ୍ଟି କରିବା ।

ବିଶେଷ କରି ମା' ଧରିତ୍ରୀର ମହତ୍ ଦାନ ଏକ ବର୍ଷର ନୂଆ ଧାନରୁ ଉତ୍ପନ୍ନ ଅନ୍ନ ପ୍ରଥମେ ଅଧିଷ୍ଠାତ୍ରୀ ଦେବୀଙ୍କୁ ମାତୃ ସ୍ଥାନରେ ଅର୍ପଣ କରି ସେହି ଅଗ୍ରମାନ୍ୟା ଦେବୀଙ୍କ ଉଦ୍ଦେଶ୍ୟରେ ଅର୍ପିତ ଅନ୍ନକୁ ପରେ ପ୍ରସାଦ ରୂପେ ସାନନ୍ଦରେ ଗ୍ରହଣ କରି ଅନ୍ନ ବ୍ରହ୍ମର ସକଳ ମହାତ୍ମ୍ୟ ଓ ମାଧୁର୍ଯ୍ୟ ଉପଲବ୍ଧି କରିବା ନବାନ୍ନ ଉତ୍ସବ ପର୍ବର ସର୍ବଶ୍ରେଷ୍ଠ ଉଦ୍ଦେଶ୍ୟ ଓ ବିଭାବ ।

ପ୍ରସଙ୍ଗକ୍ରମେ ଏଠାରେ ଉଲ୍ଲେଖଯୋଗ୍ୟ ଯେ ଅପର ପକ୍ଷରେ ନବାନ୍ନ ଭକ୍ଷଣର ଅନ୍ତରୀଣ ତାତ୍ପର୍ଯ୍ୟ ବା ମହତ୍ତ୍ୱ ଶ୍ରୀମଦ୍‌ଭଗବଦ୍ ଗୀତାର ତୃତୀୟ ଅଧ୍ୟାୟରେ ଦ୍ୱାଦଶତମ ଶ୍ଳୋକର ଅନୁବର୍ତ୍ତୀ :

"ଇଷ୍ଟାନ୍ ଭୋଗାନ ହି ବୋଦେବା ଦାସ୍ୟନ୍ତେ ଯଜ୍ଞ ଭାବିତାଃ
ତୈର୍ଦତ୍ତାନ ପ୍ରଦାୟୈଭ୍ୟୋ ଯୋଭୁଂକ୍ତେ ସ୍ତେନ ଏବ ସଃ ।"

ଅର୍ଥାତ୍, ଦେବତାମାନେ ଯଜ୍ଞରେ ତୁଷ୍ଟ ହୋଇ ତୁମମାନଙ୍କୁ ବାଞ୍ଛିତ ସୁଖ ଭୋଗ ପ୍ରଦାନ କରିବେ । ସେହି ଦେବତା ଦତ୍ତ ଅନ୍ନାଦି ସେମାନଙ୍କୁ ନଦେଇ ଯେ ଭୋଗ କରେ ସେ ଚୋର ଅଥବା କୃତଘ୍ନ ।

ଏଥିରୁ ପଶ୍ଚିମ ଓଡ଼ିଶାରେ ଆଡ଼ମ୍ବର ସହ ପାଳିତ ହେଉଥିବା ନବାନ୍ନ ଭକ୍ଷଣ ବା "ନୂଆଁ ଖାଇ" ପର୍ବର ମହତ୍ତ୍ୱ ସ୍ୱତଃ ପ୍ରତିପାଦ୍ୟ ।

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ । କେବଳ ପଶ୍ଚିମ ଓଡ଼ିଶାରେ କାହିଁକି, ସମଗ୍ର ଓଡ଼ିଶାରେ ଏଇ ମହାନ୍ ପର୍ବକୁ ଏକ ଦିନରେ ପାଳନ କରି ଗୀତା ଶାସ୍ତ୍ରର ସ୍ପଷ୍ଟ ନିର୍ଦ୍ଦେଶକୁ ଅଙ୍ଗୀକାର କରିବା ଓ ଓଡ଼ିଶାର ସାଂସ୍କୃତିକ ଜୀବନକୁ ଏକତା ସୂତ୍ରରେ ବାନ୍ଧି ରଖିବା ପାଇଁ ଏଇ ପର୍ବ ଏକ ଅଭିନବ ପ୍ରସ୍ଥ ସୃଷ୍ଟି କରିବ ।

ସରକାରୀ ଉଚ୍ଚ ବିଦ୍ୟାଳୟ,
ବୁର୍ଲା, ସମ୍ବଲପୁର–୭୬୮ ୦୧୭ ।

"ମୁଁ ଏପରି ଏକ ଭାରତ ପାଇଁ କାର୍ଯ୍ୟ କରିବି ଯେଉଁଠାରେ କି ଦରିଦ୍ରତମ ବ୍ୟକ୍ତି ମଧ୍ୟ ଏ ଦେଶକୁ ନିଜର ବୋଲି ଉପଲବ୍ଧି କରିବେ ଓ ଦେଶ ଗଠନରେ ତାଙ୍କ ମତର ମୂଲ୍ୟ ରହିଛି ବୋଲି ଅନୁଭବ କରିବେ । ଭାରତ ଏଭଳି ଗୋଟିଏ ରାଷ୍ଟ୍ର ହେବ ଯେଉଁଠାରେ କି ଉଚ୍ଚ ନୀଚ ଭେଦ ଭାବ ରହିବ ନାହିଁ । ଭାରତରେ ସବୁ ସମ୍ପ୍ରଦାୟର ଲୋକମାନେ ପୁରାପୁରି ସୁଖ ସ୍ୱାଚ୍ଛନ୍ଦ୍ୟରେ ବସବାସ କରି ପାରିବେ । ଭାରତରେ ଅସ୍ପୃଶ୍ୟତାର ନାମଗନ୍ଧ ରହିବ ନାହିଁ କି ନିଶାଦ୍ରବ୍ୟାଦି ସେବନ କରାଯିବ ନାହିଁ । ଏଠାରେ ସ୍ତ୍ରୀମାନେ ମଧ୍ୟ ପୁରୁଷମାନଙ୍କ ସହ ସମାନ ଅଧିକାର ଉପଭୋଗ କରି ପାରିବେ ।"

—ଗାନ୍ଧିଜୀ



OGP-PTS-VI (I&PR) 31-6,000-22-9-1990




ଢେଙ୍କାନାଳ ଟାଉନ୍ ହଲ୍‌ଠାରେ ସ୍ୱର୍ଗତ ସାରଙ୍ଗଧର ଦାସଙ୍କ
୩୩ତମ ଶ୍ରାଦ୍ଧ ଦିବସ ପାଳନ ଅବସରରେ କେନ୍ଦ୍ର ଅର୍ଥ ମନ୍ତ୍ରୀ
ପ୍ରଃ ମଧୁ ଦଣ୍ଡବତେଙ୍କ ଉଦ୍‌ବୋଧନ ।
(ତା ୨୭-୯-୧୯୯୦ରିଖ)

VOL. XLVII No.3 UTKAL PRASANGA Regd. No. O-05/90
Licence No. C.R.N.P. 5—Licensed to post without Pre-Payment.



ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ
ବିଧାନସଭା ପରିସରରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ
ମାଲ୍ୟାର୍ପଣ ।
(ଭୁବନେଶ୍ୱର ୦୨-୧୦-୧୯୯୦ରିଖ)

PRINTED AT ORISSA GOVERNMENT PRESS, CUTTACK-10


ଉତ୍କଳ
ପ୍ରସଙ୍ଗ